Digitized by PPRACHIN, SOA

ମୟୂର-ମୟୂରୀ
ଚରିତ

ପ୍ରଥମ-ଚନ୍ଦ୍ରିକା

ନୂତନ ମୁଦ୍ରଣ

ଲେଖକ—ଶ୍ରୀ ବୀରକିଶୋର ରାୟ

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର
ପରିଚାଳକ—ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର, କଟକ-୨
ଫୋନ୍ ନଂ-୨୪୭୯୬
ମୂଲ୍ୟ—ପନ୍ଦର ଟଙ୍କା ମାତ୍ର

Digitized by PPRACHIN, SOA

ମୟୂର ମୟୂରୀ ପ୍ରଥମ ଚନ୍ଦ୍ରିକାର

ସୂଚିପତ୍ର

ବିଷୟ	ପୃଷ୍ଠାଙ୍କ
୧—ବାହ୍ନାଡ଼ାସୁର କାହାଣୀ	୬
୨—ଗୋଦଡ଼ା ଶୟୂତାନ କାହାଣୀ	୭୯
୩—ଥୋବଡ଼ା ସନ୍ତରଂ କଥା	୧୪୦

Digitized by PPRACHIN, SOA

ସାନ ଭଉଣୀମାନଙ୍କ ପ୍ରତି

କଥା ଦି' ପଦ

କଥା କୁହା ମୟୂର ମୟୂରୀ ଛେଉଁଦନ ଦେବ ଭୁବନରୁ ଋଷି ମର୍ତ୍ତ୍ୟ ଭୁବନରେ ପଦାର୍ପଣ କଲେ, ସେ ଦିନଟା ଥିଲା ଗୋଟିଏ ମଧୁମୟ ଦିନ। ଆକାଶର ନକ୍ଷତ୍ରମାଳିମା ମଧ୍ୟରେ ଚନ୍ଦ୍ର ଓ ତାରା ହସୁଥାନ୍ତି। ନଦ, ନଦୀ, ସାଗର ବହି ଯାଉଥାନ୍ତି, କଳ କଲ୍ଲୋଳ ତାନରେ। କମ୍ର ସବୁଜ ଘାସର ଗାଲିଚା ଉପରେ କେତେ ଜୀବଜନ୍ତୁ ଚରିବୁଲି ଡେଇଁ ଖେଳ ଉତ୍ସବରେ ନିଜ ନିଜକୁ ହଜାଇ ଦେଇ-ଥାନ୍ତି। ଏମିତିବେଳେ ମୟୂର ତା କାହାଣୀ ପେଡ଼ି ଖୋଲି ଦେଲା ମୁକ୍ତ କଣ୍ଠରେ।

ସେହି କାହାଣୀକୁ ଲେଖକ ତା ତୂଳୀକାଠିରେ ରୂପାୟନ କରି ପାଠକ ପାଠିକାମାନଙ୍କ ଚିତ୍ତ ବିନୋଦ ନିମନ୍ତେ ପ୍ରୟାସ କରିଛି। ଏ ପ୍ରୟାସ କେବେ ଯେ ସଫଳତାରେ ପର୍ଯ୍ୟବସିତ ହେବ, ଏକଥା କେବେହେଲେ ମାନବ କ୍ଷେତ୍ରର ସୀମାରେଖା ସ୍ପର୍ଶ କରିନା କି କରିବନି ମଧ୍ୟ।

ଜଗତର ଜୀବ, ଜନ୍ତୁ, ଗଛ, ଲତା ସମସ୍ତେ ଗୋଟିଏ ଗୋଟିଏ କାହାଣୀର ଆଧାର। ଯୋଗଜନ୍ମା ମନୀଷୀମାନେ କାହାଣୀ ମାଧ୍ୟମରେ ଜଗତକୁ ନାନାପ୍ରକାର ନୀତି ଉପଦେଶ ଦାନ କରି ଯାଇଥିଲେ ଏବଂ ଯାଇଛନ୍ତି। ମୁଁ ବି ଚେଷ୍ଟା କରିଛି କାହାଣୀ ମାଧ୍ୟମରେ କେତେକ ସାତ କଥା ରସଗ୍ରାହୀ ପାଠକ ପାଠିକା-ବର୍ଗଙ୍କୁ ଶୁଣାଇବାପାଇଁ।

ମୟୂର ମୟୂରୀ ଚରିତ ପ୍ରଥମ ଚନ୍ଦ୍ରିକାରେ ଯେଉଁ ତିନିଗୋଟି କାହାଣୀର ଅବତାରଣା କରାଯାଇଛି, ତାହା ନିଶ୍ଚୟ ପାଠକ ପାଠିକାମାନଙ୍କୁ ଆନନ୍ଦ ପ୍ରଦାନ କରିବ ବୋଲି ମୋର ବିଶ୍ୱାସ। ଏଣୁ ଅନୁରୋଧ ଏହାର ପରିପଠନରେ ଶ୍ରମ ସାଫଲ୍ୟ କରନ୍ତୁ।

ଇତି
ମୁ। ଅନ୍ତର୍ଗଡ଼
ତା ୧୮-୧୦-୭୪

ବିନୀତ
ଶ୍ରୀ ବୀରକିଶୋର ରାୟ

Digitized by PPRACHIN, SOA

ବିଜ୍ଞାପନ

ମୟୂର ମୟୂରୀ ସେଟ୍	ଟ ୩୦-୦୦
ଦଶ ଅପସରା କାହାଣୀ ସେଟ୍	ଟ ୩୦-୦୦
ପାରସ୍ୟ ଉପନ୍ୟାସ କାହାଣୀ ସେଟ	ଟ ୧୨-୦୦
ବଗ ବଗୁଲି କାହାଣୀ ସେଟ୍	ଟ ୪୫-୦୦
ବଂଶ କୁମାର କୁମାରୀ	ଟ ୪୦
କାହାଣୀ ଝରେ ଝୁରି	ଟ ୧୦-୦୦
ଦେଶ ବିଦେଶର ମଜାକଥା	ଟ ୧୦-୦୦
ବୋଲକର କାହାଣୀ ସେଟ୍	ଟ ୧୨-୦୦
ସପ୍ତ ପାଖୁଡ଼ା କାହାଣୀ	ଟ ୬-୦୦
ଅଦ୍ଭୁତ ଭୂତ କାହାଣୀ	ଟ ୭-୦୦
ଗୁଣି ମାଲ୍ଖାଣୀ କାହାଣୀ	ଟ ୧୨-୦୦
ଦ୍ୱାଦଶ କୁମାର କୁମାରୀ ସେଟ୍	ଟ ୩୦-୦୦
ବୃହତ୍ ପାରାଶରହୋରା	ଟ ୧୫୦-୦୦
ଶାଙ୍କର ଭାଷ୍ୟ ବ୍ରହ୍ମ ସୂତ୍ର	ଟ ୧୬୦-୦୦

Digitized by PPRACHIN, SOA

ମୟୂର-ମୟୂରୀ ଚରିତ

ପ୍ରଥମ ଚନ୍ଦ୍ରିକା

"ଧର୍ମ, ସତ୍ୟ ଏବଂ ନ୍ୟାୟ ଏ ତିନିଗୋଟି ମହତ୍ ଗୁଣ ମାନବ ଜଗତର ପ୍ରଧାନ ଅବଲମ୍ବନ। ଏ ଯୁଗରେ ଏହା ପୂର୍ଣ୍ଣ ମାତ୍ରାରେ ବ୍ୟବହାର ନହେଉ ଥିଲେ ବି ଆଂଶିକ ବ୍ୟବହାରରେ ଆସୁଅଛି। ତା ନହେଉ ଥିଲେ ଘୋର ସ୍ୱାର୍ଥ ମୂଳକ ତାହାର ନ୍ୟାୟରେ ଲୋକମାନେ ମାନବତ୍ୱ ଛାଡ଼ି ପଶୁତ୍ୱକୁ ବରଣ କରନ୍ତେ। ଏଣୁ ଲେଖକ ପ୍ରଥମେ ଧର୍ମ, ନ୍ୟାୟ ଏବଂ ସତ୍ୟକୁ ସ୍ୱାଗତ ଜଣାଇ କାହାଣୀ ଲେଖାରେ ମନୋନିବେଶ କଲି।"

ଯୁଗ ପରେ ଯୁଗ କଟି ଯାଉଛି। ନୂଆ କ୍ରମେ ପୁରୁଣା ହେଉଛି। ଚିନ୍ତାଧାରା ବଦଳୁଛି। ମଣିଷ ସମାଜ ପ୍ରକୃତି ବକ୍ଷରେ ନାନାବିଧ ସତ୍ୟର ସନ୍ଧାନ ଆହରଣ କରି ବାସ୍ତବତାର ପ୍ରତିଷ୍ଠା କରୁଛି। ଜୀବ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଆକାଶ ବିଜ୍ଞାନ ଓ ଭେଷଜ ବିଜ୍ଞାନ ଇତ୍ୟାଦି ବହୁତ ଆଗେଇ ଯାଇଥିଲେବି ପୁରାଣ ଯୁଗ ବୋଲି ଗୋଟିଏ ଯୁଗକୁ କେହି ଭୁଲି ନାହାନ୍ତି।

ଭୁଲିବା ମଧ୍ୟ ସହଜ କଥା ନୁହେଁ। କାରଣ ସେ ଯୁଗର ନାନା କିମ୍ବଦନ୍ତୀରୁ ଯେଉଁ ଲୋମହର୍ଷକ ବିଷୟଗୁଡ଼ିକ ଦେଖିବାକୁ ମିଳୁଛି, ଏ ଯୁଗର ବିଜ୍ଞାନ ସେଥିରୁ ଅନେକ କଥା ଆବିଷ୍କାର କଲାଣି, କରୁଛି ଏବଂ କରୁଥିବ। ତେଣୁ ପୁରାଣ ଯୁଗର ଆଖ୍ୟାୟିକା ଗୁଡ଼ିକ ଅନ୍ତରଞ୍ଜିତ କିମ୍ବା କପୋଳ କଳ୍ପିତ ବୋଲି କହି ଦେବନା।

Digitized by PPRACHIN, SOA

ବନଥିଲା, ଏବଂ ମଣିଷ ପଶୁପକ୍ଷୀମାନଙ୍କୁ ବଶରେ ରଖି କଥା କୁହାଇ ପାରୁଥିଲେ । ସେମାନଙ୍କୁ ବାର୍ତ୍ତାବହ କାର୍ଯ୍ୟରେ ନିଯୁକ୍ତ କରି ବାର୍ତ୍ତା ଆଦାନ ପ୍ରଦାନ କରାଇ ପାରୁଥିଲେ । ସେମାନଙ୍କ ଶବ୍ଦରୁ ସେମାନେ ଯେପରି ଭାବ ଓ ଭାଷା ବୁଝି ପାରୁଥିଲେ, ମଣିଷ ବି ସେମିତି ବୁଝି ନେଉଥିଲା ।

ଅପ୍ରମାଣର କୌଣସି କାରଣ ନାହିଁ । ଏଯୁଗରେ ପାରା ଡାକ ନିଆ ଆଣ କରୁଛି, କୁକୁର ଚୋର ଧରୁଛି, ମାଙ୍କଡ଼ ଶୂନ୍ୟ-ଗାଡ଼ି ଚଳାଉଛି । ଘୋଡ଼ା, ହାତୀ, ବାଘ, ଭାଲୁ, ଶୁଆ, ପାରା ସମସ୍ତେ ମଣିଷର ଆଦେଶ ମାନି ମଣିଷଠାରୁ ଶିକ୍ଷା ପାଇ ନାନାବି ଆଶ୍ଚର୍ଯ୍ୟ କାର୍ଯ୍ୟ କରୁଛନ୍ତି । ନହୋଇ ପାରୁଛି କଣ ? ଧୀରେ ଧୀରେ ମଣିଷ ଜାତି ଆଗେଇ ଚାଲିଛି ପୁରାଣଯୁଗର ଆଦର୍ଶକୁ ଆଖି ସମ୍ମୁଖରେ ରଖି ।

ଅସମ୍ଭବ ହୋଇ ଜଗତରେ କୌଣସି କଥା ନାହିଁ । ଏହା ପୂର୍ବରୁ ଲୋକେ ଯାହାକୁ ଅସମ୍ଭବ ବୋଲି ବିଚାରୁ ଥିଲେ, ତାହା ଆଜି ସମ୍ଭବ ହୋଇ ଆସୁଛି, ଆଉ ବା ଯାହା ବର୍ତ୍ତମାନ ଅସମ୍ଭବ ଅବସ୍ଥାରେ ଅଛି, ତାହା ଧୀରେ ଧୀରେ ସମ୍ଭବକୁ ଆସିବ । ଅନ୍ତତଃ ଏ ବିଶ୍ୱାସ ଲୋକଙ୍କର ଆସିଲାଣି ।

ଏ ଯୁଗର କାହାଣୀ ନୁହେଁ । ବହୁ ପୁରୁଣା ଯୁଗର । ସେତେ-ବେଳେ ମନୁଷ୍ୟସମାଜ ତିନି ଶ୍ରେଣୀରେ ବିଭକ୍ତ ହୋଇଥାନ୍ତି । ଦେବତା, ରାକ୍ଷସ ଓ ମନୁଷ୍ୟ । ଏମାନଙ୍କ ମଧ୍ୟରେ ବାଦ ବିବାଦ, ବିସମ୍ବାଦ ବରାବର ଲାଗି ରହିଥାଏ । ଅଭାବର ଅଭାବ ନଥାଏ ।

ଦେବତାମାନେ ଅଦ୍ଭୁତକର୍ମା, ରାକ୍ଷସମାନେ କ୍ରୂରକର୍ମା ଓ ମନୁଷ୍ୟମାନେ କ୍ଷୁଦ୍ରକର୍ମା ଭାବରେ କାଳ କଟାଉଥାନ୍ତି ।

Digitized by PPRACHIN, SOA

ଦିନକର କଥା । ମେରୁ ମେଖଳରେ ଦେବତାମାନେ ବସି ସେଦିନ ଗଳ୍ପ କରୁଥାନ୍ତି । ନାଚ ଗୀତ ଇତ୍ୟାଦି ଖୁବ୍ ସମାରୋହରେ ଚାଲିଥାଏ । ଏମିତି ବେଳେ ଜଣେ ପୁରୁଷ ଓ ଜଣେ ସ୍ତ୍ରୀ କୌଣସି କାରଣରୁ ହସି ଉଠିଲେ । ସେମାନଙ୍କର ଏଭଳି ବିଶୃଙ୍ଖଳତା ଦେଖି ଧର୍ମ ନିରଞ୍ଜନ ରାଗ ହୋଇ କହିଲେ—"ଏଭଳି ମହା-ସଭାରେ ତୁମ୍ଭେମାନେ ଅତି ନିର୍ଲଜ ବ୍ୟବହାର କରିଥିବାରୁ, ତାର ଉପଯୁକ୍ତ ଦଣ୍ଡ ଭୋଗ କରିବାକୁ ପଡ଼ିବ ।

ଏକଥା ଶୁଣି ସେ ନାରୀ ପୁରୁଷ ଦିହେଁ ହାତ ଯୋଡ଼ି ଠିଆ ହୋଇଗଲେ । ପୁରୁଷର ନାମଥିଲା ମୟୂରସେନ, ସ୍ତ୍ରୀର ନାମ ମୟୂର-କୁମାରୀ । ଧର୍ମ ନିରଞ୍ଜନ ସେ ଦିହିଁଙ୍କି ନିଜ ବିଦ୍ୟା ବଳରେ ଯୋଡ଼ିଏ ମୟୂର ମୟୂରୀ କରି ଦେଇ କହିଲେ—"ଯାଅ ଶହେବର୍ଷ ମର୍ତ୍ତ୍ୟ ଲୋକରେ ବିଚରଣ କରି ସାରିଲା ପରେ ଦଣ୍ଡ ଭୋଗ ଶେଷ ହେବ ଓ ତାପରେ ତୁମେ ଆସିବ ମେରୁ ମେଖଳକୁ ।

ମୟୂର ସେନର ବାପା ନାଁ ଗରୁଡ଼ଧ୍ୱଜ । ସେ ସବୁବେଳେ ଗୋଟିଏ ଚଟେଇ ଉପରେ ବସି କପିଳାସ କନ୍ଦରରେ ତପସ୍ୟା କରୁଥାଏ । ଗନ୍ଧର୍ବ ସଂସାର ସଙ୍ଗେ ତାର କୌଣସି ସମ୍ବନ୍ଧ ସମ୍ପର୍କ ନାହିଁ । ଏକମାତ୍ର ପରଂବ୍ରହ୍ମଙ୍କୁ ଧ୍ୟାନ କରି ସେ ତାର ଆତ୍ମା ଶୁଦ୍ଧ କରିଛି । ତେଣୁ ପରମେଶ୍ୱର ତା ପ୍ରତି ସବୁବେଳେ ସଦୟ ହୋଇଥାନ୍ତି । ତାଙ୍କ ଦୟାରୁ ତ୍ରିକାଳର କଥା ଜାଣିପାରେ ସେ ।

ଆଜି କେତେବେଳେ ପୁଅ ତାର ଅଭିଶାପ ପାଇ ମର୍ତ୍ତ୍ୟ ଲୋକକୁ ଖସି ଆସିଲା, ସେତେବେଳେ ଜାଣି ପାରିଲା ସେ । ତେଣୁ ନିଜ ପୁଣ୍ୟରୁ ଗୋଟିଏ କଣିକା ଦେଇ କହିଲା—"ହେ ପୁଣ୍ୟ

Digitized by PPRACHIN, SOA

ଦେବତା ! ତୁମେ ମୋ' ସୃଅକୁ ସହାୟ ହୋଇ ଗ୍ରାଇମରି ଘା ପଟେ ପଟେ ଥିବ । ମର୍ତ୍ତ୍ୟ ବନଟା ବଡ଼ ଦୁର୍ଗମ ସ୍ଥାନ । ପ୍ରାଣୀ ମାନକେ ସାବଧାନ ଭାବେ ଧୀରେ ଚଳାଚଳ ନହେଲେ ବେଳକୁ ବେଳ ଖସି ପଡ଼ିବେ ଆହୁରି ତଳକୁ । ତେଣୁ ମୋର ନିବେଦନ, ତୁମେ ତା ଦୃଷ୍ଟି ରଖି ସର୍ବଦା ନ୍ୟାୟ ଓ ସତ୍ୟର ଉପାସକ କରାଇବ । ନିଷ୍ପାପ ହୋଇ ନିରଳସ ଜୀବନ ଯାପନ କରିବାକୁ ପ୍ରେରଣା ଯୋଗାଇବ । ଭୂତ, ଭବିଷ୍ୟତ ଓ ବର୍ତ୍ତମାନ କାଳର ଚେତନା ଦେଉଥିବ ।

ପୁଣ୍ୟ ଛୁଟିଲେ ମହାଜ୍ୟୋତିରୂପ ଧରି । ଗରୁଡ଼ ସେନ ଦୁଇ ଆଖିରୁ ଦୁଇଟି ଆଲୋକ ସ୍ରୋତ ଯାଇ ପଡ଼ିଲା ମୟୂର ମୟୂଖଙ୍କ ଉପରେ । ପୁଣ୍ୟଦେବତା ଖସୁଥିଲେ ତେଜସ୍ୱାନ୍ ଗୋଲକ ରୂପରେ ।

× × × ×

ମନୋରମ ମର୍ତ୍ତ୍ୟମଣ୍ଡଳ । ଫଳ ଫୁଲ ଶସ୍ୟର ଦୁନିଆଁ । କେଉଁଠାରେ ନଦୀଟିଏ ବହି ଯାଉଛି । ନିର୍ମଳ ଜଳ; ଦେଖିବାକୁ କାଚ କେନ୍ଦୁପରି । କୁଳୁ କୁଳୁ ରବ କରି ହିମ ଶୃଙ୍ଗରୁ ଛୁଟି ଆସୁଛି ଅସଂଖ୍ୟ ଝରଣା । ଜାଲି ଜାଲିକା ସୁନ୍ଦର ଚଢ଼େଇ ଦଳ ଦଳ ହୋଇ କ୍ରୀଡ଼ା କରୁଛନ୍ତି ସେହି ଝରଣାର ଶରେ ଶରେ । ନଦୀର ଧାରେ ମାଛ କଇଁଛ ସୁଅ କାଟି ଛୁଟି ଯାଉଛନ୍ତି । ପବନ ବହୁଛି । ଗଛ ଦୋହଲୁଛି, ସର ସର ଶବ୍ଦ କରୁଛି । ପ୍ରକୃତିଦେବୀ କ୍ରୀଡ଼ା କରୁଛନ୍ତି ଲୀଳାୟିତ ଛନ୍ଦରେ ।

ମୟୂର ମୟୂଖଙ୍କୁ ଭାରି ଖୁସି ଲାଗିଲା । ମନ ଭିତରେ ଉନ୍ମାଦନା ଦେଖାଗଲା । ମର୍ତ୍ତ୍ୟପୁରର ପାଣି ପବନ ଆନନ୍ଦରେ ବାଜି ସ୍ୱର୍ଗପୁରର କଥା ପାଶୋରି ପକାଇଲେ ।

Digitized by PPRACHIN, SOA

ବଣ ମଝିରେ ମଉଳା ଗୋଟିଏ ଝୁଙ୍କା ବରଗଛ । ମୟୂରୀର ମନ ହେଲା ତା ଡାଳରେ ବସିବାକୁ । ତେଣୁ ସେ ମୟୂରକୁ କହିଲା ମୋ' ଡେଣା ଦୋହଲେଇ ହେଲାଣି, ଏହି ଝୁଙ୍କାଳିଆ ଗଛ ଉପରେ ଟିକଏ ବସିବା ।

ମୟୂର ହସି ଦେଇ କହିଲା—"ଆଲୋ ଓଜାମି ? ଏ ଗଛ ଭିତରେ ଅନନ୍ତ କାଳରୁ ବାହାଡ଼ାସୁର ବସା ବାନ୍ଧି ରହିଛି । ଯେତେ ଅନ୍ୟାୟ ଅନୀତି ଖାଲି ତାର ପେଶା । ତେଣୁ ଅନ୍ୟାୟ ଅତ୍ୟାଚାରର ଗନ୍ଧଟା ଅପବିତ୍ର ହୋଇଗଲାଣି । ଏଭଳି ଗୋଟିଏ ଧର୍ମ କର୍ମହୀନ ଜାଗାରେ ବସି, ଆଗରେ ଯୋଡ଼ ହୁଡ଼ ଖଣ୍ଡିକ ଦିଶୁଛି—ଚାଲ, ତାରି ଉପରେ ବସିବା ।

ପଚାରିଲା—"ବାହାଡ଼ାସୁର କିଏ ?

କହିଲା—"ସେତ ଗୋଟାଏ ପୁରାଣ କଥା । ତୋର ଯେବେ ଶୁଣିବାକୁ ମନ ହେଉଛି, ତେବେ ଚାଲ, ସେହି ହୁଡ଼ ଉପରେ ଧୀର ସୁସ୍ଥରେ ବସିବା । ମୁଁ ବାହାଡ଼ାସୁର କାହାଣୀ କହିବି, ତୁ ହୁଁ, ହୁଁ ମାରି ଶୁଣିବୁ । ମନ ମାନସିବ, ପ୍ରାଣ ହସି ଉଠିବ । ତାପରେ ତୁ କହିବୁ ।

ଏ କଥାରେ ରାଜି ହୋଇ ମୟୂରୀ ସ୍ୱୀକାର କରିବାରୁ ଦିହେଁ-ଯାକ ଯାଇ ବସିଲେ ସେହି ହୁଡ଼ ଉପରେ ।

ମୟୂରୀ କହିଲା—"କହ ।"

ମୟୂର ଆରମ୍ଭ କଲା—

କଳା ମାଣିକ ବୁଲି ବଣିକ ସୁନାର ଛଡା ଧରି
ସୁନା କୁମ୍ଭାର ଚକରେ ଦେଲା ରୂପାର ହଣ୍ଡା ଭରି ।
ଖଣ୍ଡିଆ ଭୂତ, ଚକରମାଁରି କୁଟିଲା ନଈବନ୍ଧେ
ସଇତାନଟା ବସିଲା ଯାଇ ତାହାରି ଶୂନ୍ୟସ୍କନ୍ଧେ ॥

Digitized by PPRACHIN, SOA

ବାଘ ବକରି ମାରି ଚକରି ଖେଳିଲେ ଲୁଚକାଳି
ମାଗୁର ମାଛ, ବାବାଙ୍କ ହେଲା ନାହିଁ ରୁଦ୍ରାକ୍ଷ ମାଳି ।।

ବିଲେଇ ଯାଏ, ରାବିରାବିକା ମିଆଉଁ, ମ୍ୟାଉଁ ମ୍ୟାଉଁ
କଏ ଅଛରେ, ଘରଣୀ ଆମେ ଦୁଧ ଭାତଟି ଖାଉଁ ।।

ମହାବାତଲେ ମାହାରା ଛୁଟେ ଟହ୍ଳିର ନୁହେଁ ବେଶୀ
ବହ୍ନିରା କହେ ଖାଇବା ଭାଇ ତୁ କଲିକତି ନାଁ ଦେଶୀ

ଝୁମୁକା ପାରା
ଝୁମୁ ଝୁମୁ ଖେଳେ ପାହାନ୍ତି ତାରା
ଗୁମୁ ଗୁମା ଗୁମୁ ଗୁମା
ଘୋଡ଼ା ପିଠିରେ ହୁଡ଼ା ଗୋଧାଇଁ ବସାଇଲା ଦୁମୁ ଦୁମା ।

କାହାଣୀ କହୁଁ ଲୋ କହୁଁ କାହାଣୀ
ମକ୍କା ଲେଉଟାଇଲା ନୂଆ ଡାଆଣୀ
ବକା ବସିଥିଲା ଅଖା ପକାଇ
ଅକ୍କା ମାରି ହେଉଥିଲା ଧକାଇ
କକା ଦେଖାଇଲା ଠାଣି
ଶଙ୍କା ତେଜି ଏବେ ଶୁଣିଲେ ମୟୂଖ ବାହାଡ଼ା-ସୁର-କାହାଣୀ ।

(ବାହାଡ଼ା-ସୁର-କାହାଣୀ)

ଗୋଟିଏ ରାଇଜ । ଯାହାର ନାଁ ସୁବର୍ଣ୍ଣପୁର ବୋଲି ସମସ୍ତେ ଜାଣନ୍ତି । ସେଠି ଅଛନ୍ତି ସୁବର୍ଣ୍ଣେଶ୍ୱର ମହାଦେବ । ତାଙ୍କ ମୁଣ୍ଡ-ଉପରେ କୋଉ ଅନନ୍ତ ଯୁଗରେ ଦିନରାତି ଆଠ ପହର ସୁନା ବରଷା ହୁଏ, ପାଖରେ ସିଏ ଭକ୍ତ ମନରେ ପଦାର୍ପିବ, ଫଳ ତାର ହାତେ ଥୁଆ । ତେଣୁ ସମସ୍ତେ ଠାକୁରଙ୍କୁ ଖୁବ୍ ଭକ୍ତି କରନ୍ତି । ତାଙ୍କର ନାମ ଅନୁସାରେ ସେ ରାଜ୍ୟର ନାମ ସୁବର୍ଣ୍ଣପୁର ବୋଲି

Digitized by PPRACHIN, SOA

ଆଜି ପର୍ଯ୍ୟନ୍ତ ରହିଅଛି । ସେ କାଳରେ ଜଣେ ରଜା ସେଠି ରାଜପଣ କରୁଥିଲେ । ତାଙ୍କ ନାଁ ଜମ୍ନିକା କଶୋରୀ ବଳବନ୍ତରାୟ ।

ଖୁବ୍ ସାହସୀ ସେ । ପ୍ରଚଣ୍ଡ ବୀର । ଧନୁଶର ଧରିଲେ ଶତ୍ରୁ-ମାନଙ୍କ ମଧ୍ୟରେ ଛନକା ଲାଗେ । ଖଣ୍ଡା ଧରିଲେ ଯାତ୍ରାଦନ ସାତ-ଘାଟି ଖେଳ ଦେଖାଇ ଦେବେ । ମାଲ କୁସ୍ତି ବି ଜାଣନ୍ତି । ଅସ୍ତ୍ର ପ୍ରତିଯୋଗିତା କରିବାକୁ ସେକାଳରେ ତାଙ୍କ ସମାନ ବୀର କେହି ନଥିଲେ ବୋଲି କହିବାକୁ ଗଲେ ଅତ୍ୟୁକ୍ତି ହେବନି ।

ତାଙ୍କର ଥାଆନ୍ତି ତିନିରାଣୀ । ବଡ଼ରାଣୀଙ୍କ ନାଁ ମଧୁ ମଞ୍ଜରୀ, ମଝିଆଣୀ ନାଁ ରତ୍ନ ମଞ୍ଜରୀ ଓ ସାନ ନାଁ ପୁଷ୍ପ ମଞ୍ଜରୀ ।

ରଜା ଏମାନଙ୍କ ମଧ୍ୟରେ ପୁଷ୍ପ ମଞ୍ଜରୀକୁ ବେଶୀ ଭଲ ପାଉଥିଲେ । ସମସ୍ତଙ୍କ ଅପେକ୍ଷା ପୁଷ୍ପ ମଞ୍ଜରୀ ଥିଲି ଖୁବ୍ ସୁନ୍ଦରୀ, ଚତୁରୀ, ବୁଦ୍ଧିମତୀ ଓ ଗୁଣବତୀ । ସମସ୍ତେ ତାକୁ ପ୍ରଶଂସା କରୁଥିଲେ । ଶତ ମୁଖରେ ଜଦା ପିମ୍ପୁଡ଼ିଙ୍କ ପେଟକଥା ଜାଣି ପାରୁଥିଲି ସେ । ଯୋଗୀ ଭିକାରୀଙ୍କୁ ଥାଳ ପୂରାଇ ଦେଉଥିଲା । ଅତିଥି ଅଭ୍ୟାଗତ ତା ଦୃଷ୍ଟିରେ ପଡ଼ିଲେ ନିରାଶରେ ଲେଉଟୁ ନଥିଲେ । ଅନ୍ୟ ଦୁ'ରାଣୀ ଏକଥା'କୁ ପସନ୍ଦ କରୁ ନଥିଲେ ମଧ୍ୟ ମନେ ମନେ ଘୃଣ ଖାଉଥାନ୍ତି । ପୁଷ୍ପ ମଞ୍ଜରୀ ଉପରେ ଖୁବ୍ ରାଗଦ୍ବେଷ । ଗୁପ୍ତରେ ବସି ବିଚାର କରନ୍ତି, କେମିତି ତାକୁ ମାରି ଦେବେ । ମାତ୍ର ଉପାୟ ଖୋଜି ପାଆନ୍ତିନାହିଁ କି ସାହସ ବି ଖଟେନି ।

ରଜା ଏସବୁ କଥାର ଟେର୍ ପାଇ ନଥାନ୍ତି । ତେଣୁ ରୋଜ ଗୃଳଥାନ୍ତି ତାଙ୍କ ବାଟରେ । ଦିନେ ଦୈବାତ୍ ଜଣେ ସାଧୁ ପୁରୁଷ ଆସି ରାଜବାଟୀରେ ଅତିଥି ହେଲେ । ଦେଖିବାକୁ ସୌମ୍ୟ ମୂର୍ତ୍ତି । ଲମ୍ବା ଲମ୍ବା ଦାଡ଼ୀନିଶ, ଗଳାରେ ରୁଦ୍ରାକ୍ଷ ମାଳା । ମସ୍ତକରେ ହାତେ ମଧରି ଜଟା । ନାମାବଳିର ଉତ୍ତରୀ, ଆଶାବାଡ଼ି, ମନ ପବନ

Digitized by PPRACHIN, SOA

କଠାଉ ଇତ୍ୟାଦି ସାମ୍ଗ୍ରିକ ଉପକରଣ । ତାଙ୍କୁ ଦେଖି ରାଜବାଟୀର ଦାସ ଦାସୀ ମାନେ ଖୁବ୍ ଭକ୍ତିକଲେ । ସାଧୁସନ୍ନ୍ୟାସୀ ମାନଙ୍କପାଇଁ ହୋଇଥିବା ଘରେ ନେଇ ସ୍ଥାନ ଦେଲେ ।

ରଜା ଆସିଲେ ସାକ୍ଷାତ କରିବାକୁ । ତାପରେ ଜଣ ଜଣ ହୋଇ ରାଣୀମାନେ ବି ଆସିଲେ । ସାକ୍ଷାତ କରି ଭେଟି ଦର୍ଶନୀ ଦେଲେ । ପାଦଧୋଇ ପାଣି ପାଇଲେ । ଅର୍ଘ୍ୟ ଦେଇ ବନ୍ଦାପନା କଲେ ।

ସାଧୁ ଖୁବ୍ ସନ୍ତୋଷ ହୋଇ କହିଲେ—"ପ୍ରଭୁ ସଦ୍‌ବୁଦ୍ଧି ଦିଅନ୍ତୁ । ତାପରେ ପାଞ୍ଚ ଛଅଦିନ କାଳ ସାଧୁ ମହାରାଜା ସେଠାରେ ଅବସ୍ଥାନ କରି ବାହାରିଲେ ଅନ୍ୟସ୍ଥାନକୁ ଯିବାପାଇଁ । ରଜା ତାଙ୍କୁ ଯଥା ସମ୍ମାନ ସହକାରେ ବିଦାୟ ଦେଲାବେଳେ ସନ୍ନ୍ୟାସୀ କହିଲେ ମହାରାଜ !

ସମତାରେ ଯଦି ନଥାଏ ମମତା
ଶେଷଫଳ ଅଟେ ତାର ବିଷମତା ॥
ଧରମ ଧରିଛି ସାରା ଧରଣୀକୁ
କରମରେ ଫଳ ଦେଇ ପରାଣୀଙ୍କୁ ॥

ରଜା ପଚାରିଲେ—"ଏହାର ଅର୍ଥ ?

ସନ୍ନ୍ୟାସୀ କହିଲେ—"ଅର୍ଥାତ୍ ହାତେ ହାତେ ଥୁଆ, ଆଉ କହିବି କଣ ? ତୁମ୍ଭେ ମନ ଦମ୍ଭ କରି ଦେଖୁଥାଅ, ସବୁ କଥା ଆପେ ଆପେ ଆସି ଆପେ ଆପେ ଖୋଲିଯିବ ।

ସନ୍ନ୍ୟାସୀ ଚାଲିଗଲେ । ରଜା ବି କଥାଟା ଭଲ ରୂପେ ବୁଝି ନପାରି ମନେ ମନେ ଟିକିଏ ଘୂରି ହେଲେ । ତାପରେ ତୁମ ତାନ ରହିଲେ ।

× × × ×

Digitized by PPRACHIN, SOA

ସେଦିନର କାଳରାତ୍ରି ଘୋଟି ଆସିଲା ଅତି ବିକଟାଳ ବେଶଧରି । ଆକାଶରେ ଚନ୍ଦ୍ର ନଥିଲା । ଥିଲେ ଅଶେଷ କୋଟି ନକ୍ଷତ୍ର । ମେଘ କି ବାଦଲ'ର ଛାୟା ନାହିଁ । ପବନର ବେଗ ଖୁବ୍ ପ୍ରବଳ । ବେଳକୁ ବେଳ ଅନ୍ଧକାର ଜମାଟ ବାନ୍ଧି ଆସିଲା । ଚତୁର୍ଦ୍ଦଶୀ ରାତି । ଘରବାହର ଅନ୍ଧକାର'ର ପ୍ରଚଣ୍ଡ କାଳିମାରେ ଭୟଙ୍କର ଦେଖା ଯାଉଥାଏ । ଏମିତିବେଳେ କଳା ପୋଷାକରେ ସର୍ବାଙ୍ଗ ଆବୃତ୍ତ କରି ଦେଖା ଦେଲେ ଖର୍ବକାୟ ଦୁଇଟି ବ୍ୟକ୍ତି । ଯାହାଙ୍କ ଜୀବନକୁ ସଂସାରର ମାୟା ମମତା କି ଦୟା ଧର୍ମର ଲେଶ ପର୍ଯ୍ୟନ୍ତ ସ୍ପର୍ଶ କରି ନାହିଁ ।

ବ୍ୟକ୍ତି ଦୁଇଟି ବଡ଼ରାଣୀ ଓ ମଝିଆଣୀ ରାଣୀଙ୍କଠାରୁ ଉତ୍କୋଚ ଖାଇ ଆସିଛନ୍ତି ସାନରାଣୀ ପୁଷ୍ପ ମଞ୍ଜରୀର ସର୍ବନାଶ କରିବାକୁ ।

ଜଣକ ନାଁ ଗଣ୍ଡା ଆଉ ଜଣେ ନାଁ ଗେଣ୍ଡୁଲ । ଏହେଁ ଆଦିବାସୀ ଭୂୟାଁ ଜାତିର ଲୋକ । ଭୟଙ୍କର ରୂପ ଯେମିତି ଦୁର୍ଦ୍ଧର୍ଷ ବି ସେମିତି । ମଣିଷର ଜୀବନ ଯେନ ଖେଳ ଖେଳିବାକୁ ସେମାନଙ୍କୁ ଖୁବ ଭଲ ଲାଗେ । ମଣିଷ ରକ୍ତରେ ହାତ ନ' ରଙ୍ଗାଇଲେ ତାଙ୍କୁ ଶାନ୍ତି ଲାଗେ ନାହିଁ । ଏହିପରି ନର. ରାକ୍ଷସ ଯୋଡ଼ିଏ ଆସିଛନ୍ତି ପୁଷ୍ପ ମଞ୍ଜରୀର ଭାଗ୍ୟ ବିଧାତା ରୂପେ ।

ବଡ଼ରାଣୀ ଓ ମଝିଆଣୀ ରାଣୀଙ୍କର ଭୃତ୍ୟ ସେ ।

× × × ×

ନିଘୋଡ଼ ରାତି । ଗୁରଆଡ଼େ ସାଇଁ ସାଇଁ ଗର୍ଜନ କରୁଛି । ଦେଶ ଦୁନିଆ ଶାନ୍ତିରେ ଶୋଇ ପଡ଼ିଛନ୍ତି ସାଂସାରିକ ଦୁଃଖ ଦୁଶ୍ଚିନ୍ତା ଭୁଲି । କାହାରି ସୁଖ ଦୁଃଖରେ ସାଥୀ ହେବାକୁ କେହି ବି ନାହାନ୍ତି ।

Digitized by PPRACHIN, SOA

ପୁଷ୍ପ ମଞ୍ଜରୀ ପଲଙ୍କ ଉପରେ ଶୋଇଛନ୍ତି ଏକାକିନୀ ହୋଇ । ଦାସ ଦାସୀମାନେ ବଛଣାପତ୍ର ବିଛାଇ ଦେଇ ଚାଲିଯାଇଛନ୍ତି ନିଜ ନିଜ କକ୍ଷକୁ । କାହାର ଚେତା ଚଇତନ୍ ନାହିଁ । ସମସ୍ତେ ନିଦ୍ରା-ଦେବୀଙ୍କ କୋମଳ ଅଙ୍କରେ ଶୋଇ ଚେତନା ହରାଇ ଦେଇଛନ୍ତି । ଏମିତି ବେଳେ ଗଣ୍ଡା ଓ ଚମ୍ପୂଲ ଖୁବ୍ ସାବଧାନ ଭାବେ ସାହସର ତା କବାଟ ଡାଡ଼ି ପଶିଲେ ପୁଷ୍ପ ମଞ୍ଜରୀ କକ୍ଷରେ ।

କୁ'ମନ୍ତ୍ରୀ ଜଗନ୍ନା । ନିଦମାଟି ଜାଣନ୍ତି । ମନ୍ତ୍ର ପ୍ରଭାବରେ ନିଦମାଟି ପକାଇ ପ୍ରଥମେ ତାଙ୍କୁ ଅଚେତନ କରାଇ ଦେଇ ହାତ-ଗୋଡ଼ ବାନ୍ଧି ପକାଇଲେ ଓ ଶୂନ୍ୟେ ଶୂନ୍ୟେ ଟେକିନେଲେ ଦୂର ଦୂରାନ୍ତକୁ । ଘଟଣାଟା ଏତେଶୀଘ୍ର ଘଟିଗଲା ଯେ, ତାର ଶଠ ସମ୍ବନ୍ଧ କେହି ଜାଣି ପାରିଲେ ନାହିଁ ।

\+ \+ \+ \+

ଘନ ଘୋର ଜଙ୍ଗଲ ମଝିରେ ଗୋଟିଏ ନଦୀର ଉତ୍ପତ୍ତି ସ୍ଥଳ । ପର୍ବତଟାଏ ଠିଆ ହୋଇଛି ରଙ୍ଗ ବେରଙ୍ଗ ଛବିରେ ଭରପୂର ହୋଇ । ସୌନ୍ଦର୍ଯ୍ୟ ଅପେକ୍ଷା ତାର ଭୀଷଣତା ବହୁତ ବେଶୀ । ନଦୀଟି ଉତ୍ପତ୍ତି ହୋଇଛି ତା'ର ପାଦ ଦେଶରୁ । କିଛିଦୂର ଯାଏ ଗୋଟିଏ ଧାର ପ୍ରବାହିତ ହେଲାପରେ ହୋଇ ଯାଇଛି ଦୁଇଟି ଧାର । ପଶାପାଲି କାଟିଲା ପରି ବହି ଯାଇଛି ଦୁଇଦିଗକୁ । ସେହି ନଦୀ ତୀରେ ତୀରେ ଅଛି ଖଣ୍ଡିଏ ମନୋରମ ବଣ । ଶାଳ ହରିଡ଼ା, ବାହାଡ଼ା, ଅଁଳା ଗଛରେ ଭରା । ମହୁଲ ଓ କରଞ୍ଜ ଗଛ ବି ଅଛି । ହେଲେ ଅତି ଅଳ୍ପ । ମୋଟ ଉପରେ କହିବାକୁ ଗଲେ ବଣଟି ଘଞ୍ଚ ଯେମିତି, ସୁନ୍ଦର ବି ସେମିତି । ନାମ ତାର ହରିଡ଼ା ବଣ ।

ସେହି ବଣରେ ବାହାଡ଼ାସୁରର ବସା । ଅପାର କାଳର ବୁଢ଼ା ଅସୁର ସେ । ବଳ ବିକ୍ରମରେ କମ ନୁହେଁ । ସାହସରେ ତାଙ୍କୁ

Digitized by PPRACHIN, SOA

ଟପି ଯିବାପାଇଁ ସେ ଯୁଗରେ କେହି ନଥିଲେ । ବିଶୁରୀର ପୁଅ, ଭାରିଯା ନାହାନ୍ତି କି ବଂଶ କୁଟୁମ୍ବ ନାହାନ୍ତି । ସଂସାରକୁ ଏକା ଆସିଛନ୍ତି ଏକାକେ ଯିବ । ଯେତେଦିନ ପାପ ଜୀବନ ଧରି ରହିଛନ୍ତି, ସେତେଦିନ ଗୁହରିବାହା ପିଠି ଖାଇବ । ଆହୁରି ଖାତକ ହେବ ନା କା ରଜାର ପ୍ରଜା ହେବନି । କାହାରି ପାଖରେ ମୁଣ୍ଡ ନୁଆଁଇ ଠିଆ ହେବନି । ଚୋର କର୍ମ କରି ଅଭାବ ନଟେଚୁ ମାରିବ । ଖିରୁ ପଣତେ ଓହଳ ପଡ଼ିବ ନାହିଁ । ଏଣୁ ଦିନେ କଥା ପ୍ରସଙ୍ଗରେ କହିଥିଲି ସେ—

"ବିଶ୍ୱେ ଯେତେଦିନ ଥିବ ଦେହ ଧରି
ସତ୍ୟ ରଖୁଥିବ ଚୋର କର୍ମ କରି ॥
ଖୁରୁତାରେ କେବେ ନ ହୋଇବ ବନ୍ଦୀ
ସଂସାର ମାୟାରେ ହାତ ପାଦ ଛନ୍ଦି ॥
ଶକତି ଖଟାଇ କରୁଥିବ କର୍ମ
ଉଦର ପୋଷଣ ଲାଗି ଯାହା ଧର୍ମ ॥
ଦୁଷ୍ଟ ପଥେ ଯେବେ ପଡ଼ିଇ ବିପନ୍ନ
ସାହା ହେବ ତାକୁ ଦେଇ ଏ ଜୀବନ ॥

ଅସୁର ଜୀବନେ ସୁର କର୍ମ କରି
ଜନମିବ ପୁଣି ନର ଦେହ ଧରି ॥
ମହାଜ୍ଞାନୀ ମହାବିବେକୀ ପ୍ରବର
ଏ ମର ଜଗତ ଅଟେ ଯେଉଁ ନର ॥

ସେହି ନର କୁଳେ ହୋଇଣ ଜନମ
କରୁଥିବ ବିଶ୍ୱେ ପବିତ୍ର କରମ ॥

ଏହି ହେଲା ବାହାଡ଼ାଧୁରିର ଜୀବନୀ । ମାୟାବୀ, କାମରୂପୀ, ଯାଦୁକାର ସେ । ହେଲେ ଖୁବ୍ ଧୀର, ଶାନ୍ତ ଏବଂ ବିଚାରକ । ପେଟର ଜ୍ୱାଳା ନିବାରିବା ପାଇଁ ଶିକାର କରେ, ଗଛ ଲତା ଶାଗଙ୍ଗ,

Digitized by PPRACHIN, SOA

ଜଳ, ସ୍ଥଳ, ଅନଳ, ପବନ ଖେଳିଯାଏ । ଯିଏ ଶତ୍ରୁ ହୋଇ ଆଗକୁ ଆସେ ତାକୁ ଉଚିତ ଶାସ୍ତି ଦେଇ ମିତ୍ର ପକ୍ଷର ମଙ୍ଗଳ-କରେ । ଅଯଥା ଲୋକକ୍ଷୟ କି ଜୀବକ୍ଷୟ କରିବାକୁ ଭଲ ପାଏନା ସେ । ତେଣୁ ଜଙ୍ଗଲର ଜୀବଜନ୍ତୁମାନେ ବି ତାକୁ ଭକ୍ତି କରନ୍ତି । ସ୍ନେହ କରନ୍ତି । ଆଦର ଗୌରବ କରନ୍ତି । ତା ଦଳ ଭିତରେ ସୈନ୍ୟ ପରି ପାଆନ୍ତି ହଜାର ହଜାର ଭାଲୁ, ମାଙ୍କଡ଼, ସିଂହ, ବ୍ୟାଘ୍ର ଇତ୍ୟାଦି ବଣର ଜୀବ । ଇଶାରା ପାଇଲେ ମାତ୍ରେ ମାଡ଼ି ଆସନ୍ତି ପିମ୍ପୁଡ଼ି ଧାରି ପରି ।

ସେହି ବାହାଦୁର ସେଦିନ ସକାଳୁ ଉଠି ବସିଥାଏ ଗୋଟିଏ ମହୁଲ ଗଛ ଡାଳରେ । ପାଚିଲା ମହୁଲ ମୁଠିଏ ମୁଠିଏ ତୋଳି ଜଳଖିଆ କରୁଥାଏ । ଏମିତି ବେଳେ ଗଣ୍ଡା ଓ ଗୟୂଳ ବାନ୍ଧିସାରି ପୁଷ୍ପ ମଞ୍ଜରୀକୁ ଆଣି ବଣର ଗୋଟିଏ ଅଂଶରେ ପହଞ୍ଚିଲେ ।

ଏ ପର୍ଯ୍ୟନ୍ତ ବି ପୁଷ୍ପାର ନିଦ ଭାଙ୍ଗିନି । ନିଦ ମାତି ପ୍ରଭାବରେ ଅବଶ ହୋଇ ଖୁବ୍ ନିଘୋଡ଼ ନିଦରେ ଶୋଇଛି । ଦୁନିଆର ହାଲ କି ନିଜ ଦୁର୍ଦ୍ଦଶା କଥା ମୋଟେ ଜାଣିପାରୁନି ।"

ଆଦିବାସୀ ଦିହେଁ ତାକୁ ଗୋଟିଏ ଗଛ ମୂଳରେ ଶୁଆଇ ଦେଇ ବସିଲେ ବିଚାର କରିବାକୁ ।

ଗଣ୍ଡା ପଚାରିଲା—"ଏଟାକୁ ମାରିବା ନାଁ ରଖିବା ?"

ଗୟୂଳ କହିଲା—"ବାହାହୋଇ ପଡ଼ିବା ।"

ଗଣ୍ଡା କହିଲା—ଆରେ ଓଲୁକା ପଠା ! ସେ ଗୋଟାଏ ଏଡ଼େ ବଡ଼ ରଜାର ରାଣୀ, ସୁନ୍ଦରୀ, ସୁରୂପବତୀ, ଆହୁରି ପୁଣି ଦେଖ୍, ତା କଥାରୁ ଅମୃତ ଝରୁଛି ବୋଲି ରଜା ମନ୍ତ୍ରୀଙ୍କୁ ଛାଡ଼ି ତାକୁ ଭଲ ପାଇ ବସିଛି । ଏଭଳି ଜଣେ ଝିଅଲୋ ଆମ ଭଳିଆ କାଳିଆ, ଭୁଷଣ୍ଡା ଅସନା, ଅବର୍ଯ୍ୟା ମୂର୍ଖ ଜଙ୍ଗଲୀ ମଣିଷଙ୍କୁ ବାହା ହେବା-ପାଇଁ କେବେ ରାଜି ହେବ ନାଁ ?

Digitized by PPRACHIN, SOA

ଗପୂଳ କହିଲ—"ନହେଲେ ତାକୁ ହାଣିଦେବା ?

ଗଣ୍ଡା କହିଲ—"ସେଇ କଥାଟାକୁଁ ସାରକଥା।

ଗପୂଳ ଖଣ୍ଡା ବାହାର କରି ପଥର ଉପରେ ପଜାଇବାକୁ ଲଗିଲ । ଗଣ୍ଡାଗଲ ନଦୀକୁ ପାଣି ପିଇବାପାଇଁ ।

ବାହାଡ଼ାସୁରର ଦୃଷ୍ଟି ପଡ଼ିଲା ସେମାନଙ୍କ ଉପରେ । କଥାଟା ବୁଝି ନେବାକୁ ତାକୁ ବେଶୀ ସମୟ ଲଗିଲା ନାଁ । ତେଣୁ ସେ ବିଚାର କଲ ଏ ଦୁଷ୍ଟ ଦୁର୍ବୃତମାନଙ୍କ କବଳରୁ ରମଣୀଟିକୁ ଉଦ୍ଧାର କରିବାପାଇଁ ।

ପ୍ରଚଣ୍ଡ ମାୟାବୀ ସେ । ନାଁ ତାର ବାହାଡ଼ାସୁର । ଏ ଛାର କଥାଟା ଅବା କେତେ ମାତ୍ର ତାକୁ ? ଝୁଟବାଂ ଦେଖୁ ଦେଖୁ ବିସ୍ତାର କରିଦେଲ ପ୍ରବଳ ଯାଦୁ ମାୟା ।"

ଗୁମୁରି ଆସିଲ ଉତ୍ତର ଦିଗରୁ ହୁଁ ହୁଁ ଶବ୍ଦରେ ଖଣ୍ଡିଏ ଥଣ୍ଡାଟିଆ ପବନ । ସେଥିରେ ଖଣ୍ଡିଆଭୂତ ଧୂଳିବାଲି ଖେଳାଇଲା ପରି ଜଣା ପଡ଼ିଲ । ଗଣ୍ଡା ଓ ଗପୂଳ ସେ ପବନକୁ ଖାତିର ନ କରି ତାଙ୍କ କାମ ବଢ଼ାଇବାକୁ ବସିଲେ ।

ହଠାତ ମାରିଦେଲା ଗୋଟାଏ ଗୁଳି ଚଡ଼ଚଡ଼ । ଦେଖୁ ଦେଖୁ ପାଖରେ ଥିବା ପାହାଡ଼ଟା ଠୋ'ଠା ହୋଇ ଫାଟିଗଲା । ତା ଭିତରୁ ବାହାରିଲ ନିଆଁର ଯୋଡ଼ିଏ ଗଗନଚୁମ୍ବି ପ୍ରଚଣ୍ଡ ଶିଖା । ଦେଖୁ ଦେଖୁ ସେ ନିଆଁ ଶିଖା ଓହଳି ଆସିଲ ଗଣ୍ଡା ଓ ଗପୂଳ ପାଖକୁ ।

ଗଜା ଶାକୁଆ ଭଳି ଭେଣ୍ଡା ଯୋଡ଼ାକ । ମାଛ ପୋଡ଼ିଲ ପରି ପୋଡ଼ିଗଲେ । ହାତଖଣ୍ଡା ହାତରେ ଓ ମୁହଁ କଥା ମୁହଁରେ ଅନ୍ତ ଦରପୋଡ଼ା କାଠ ହଣ୍ଡଣ୍ଡିପରି ହେଙ୍ଗେଁପାକ ମରିପଡ଼ିଲେ ସେଇଠି ।"

Digitized by PPRACHIN, SOA

ସେ ପର୍ଯ୍ୟନ୍ତ ପୁଷ୍ପାର ଚେତନା ଆସିନାହିଁ । ନିଦମାଡି ବଳରେ ସେ ପଡ଼ିଛି ଜ୍ଞାନ ଶୂନ୍ୟହୋଇ । ଭିତରେ ଭିତରେ ଏତେ ଘଟଣା ଘଟିଲାଣି ଜାଣିବ ଅବା କାହୁଁ ? ସୁତରାଂ ସେ ବନ୍ଧନ ନିଦରେ ଶୋଇଛି । ବାହାଡ଼ାସୁର ମନେ ମନେ ସବୁ କଥା ଠଉରେ ନେଇ ବୁଢ଼ା ବ୍ରାହ୍ମଣ ରୂପରେ ତା' ପାଖକୁ ଗଲା । କଉତୁକ ମନ୍ତ୍ର ପ୍ରୟୋଗ କରି ନିଦମାଡି ମନ୍ତ୍ରକୁ କାଟି ପକାଇବାରୁ ନିଦ ଭାଙ୍ଗିଗଲା ତାର । ଆଖି କାନ ମଳ ଚାରିଆଡ଼କୁ ଅନାଇଲା । ପ୍ରବଳ ଜଙ୍ଗଲ ଚଉଦିଗରୁ ଶୁଣାଯାଉଛି ଜୀବ ଜନ୍ତୁମାନଙ୍କ ଚିତ୍କାର ଧ୍ୱନି । ଜନମାନଙ୍କର ସନ୍ଧ ପର୍ଯ୍ୟନ୍ତ ନାହିଁ ।

ଚମକି ପଡ଼ିଲା ସେ । ମୁଣ୍ଡ ଭିତରେ ବିଜୁଳୀର ସ୍ରୋତ ଖେଳିଲା । କିଛି ଭାବି ପାରିଲାନି । ଥିଲା କୋଉଠି, ଆସିଲା କୋଉଠି କି ? କିପରି, କିଏ, ଆଣିଲା ? କାହିଁକି ଆଣିଲା କାହାର ଅବା କି ଦୋଷ କରିଛି ପୁଷ୍ପା । ରଜାର ରାଣୀ, ରାଜ୍ୟ-ପ୍ରଜାଙ୍କର ପୂଜ୍ୟମାତା । ସ୍ୱାମୀଙ୍କର ପ୍ରିୟ ଭାଜନୀ । ଦାସ ଦାସୀମାନେ ତାକୁ ଭକ୍ତି କରନ୍ତି, ଶ୍ରଦ୍ଧା କରନ୍ତି । ଦଣ୍ଡେ ନ ଦେଖିଲେ ବାଉଳା ହୋଇଯା'ନ୍ତି । ଏଭଳି ଅବସ୍ଥାରେ ତାପ୍ରତି ଏଅବିଗୁର କାହିଁକି ?

ରାଜ ମହଲର ଅନ୍ତଃପୁର କକ୍ଷରେ ଶୋଇଥିଲା ସେ । ହାତୀଦାନ୍ତ ପଲଙ୍କ ଉପରେ ହଂସତୁଳୀ ଭୁଲି । ମାଣ୍ଡି ମୁଚୁଳା ଶୀତଳ ପାଟି । ତା ଉପରେ ବସ୍ତ୍ର ହୋଇଥିଲା କଥିର ଗୁଣ୍ଡି-କମଳା ଗୁଣ୍ଡି-ଅଗୁରୁର ବାସ ଜଳୁଥିଲା କାନ୍ଥମାନଙ୍କରେ । ତୋଫା ଆଲୁଅ ଜଳୁଥାଏ ସାରିରାତି ।

ଗଲା କୁଆଡ଼େ ? ଏ କଣ ମାୟା ନା ସତ୍ୟ ? ଦଣ୍ଡେକ ପାଏ ତା ମୁଣ୍ଡ ଗୋଳମାଳ ହୋଇଗଲା । ପୁଣି ଭାବିଲା—କିଛି ଗୋଟାଏ ସ୍ୱପ୍ନ ଦେଖୁ ନାହିଁତ

Digitized by PPRACHIN, SOA

ହଁ, ହଁ, ନିଶ୍ଚୟ ସ୍ୱପ୍ନ ଦେଖୁଛି । ଗୋଟାଏ ନବଶିଆ ସ୍ୱପ୍ନ । ଯୋଉ ସ୍ୱପ୍ନ ଦେଖିଲେ ମଣିଷର ଛାତି ଥରିଉଠେ ସେହି ସ୍ୱପ୍ନ ।

ପୁନର୍ବାର ଆଖି ବୁଜିଲା ପୁଷ୍ପା । ଉଠିବାକୁ ବଳ ପାଉ ନ ଥାଏ । ମୁଣ୍ଡ ବୁଲାଇ ଦେଉଥାଏ । ଏହିଭଳି ଏକ ଦାରୁଣ ପରିସ୍ଥିତିରେ ପଡ଼ି ପୁନର୍ବାର ଆଖି ଖୋଲିଲା ସେ । ଦେଖିଲା ଆଗରେ ଠିଆ ହୋଇଛି ବୁଢ଼ା ବ୍ରାହ୍ମଣ ଜଣେ ।

ପଚାରିଲା—"ତୁମେ କିଏ ?

ବୁଢ଼ା ହସିଲା ।

ତା ହସ ଦେଖି ପୁଷ୍ପା ମନରେ ସନ୍ଦେହ ଆସିଲା ଓ ଛାତିରେ ଛନକା ଲାଗିଲା । ସେ ତତ୍‌କ୍ଷଣାତ୍ ରାଗିଯାଇ କହିଲା—"ତୁମେ କଣ ଦସ୍ୟୁ ?

ବୁଢ଼ା କହିଲା—"ଆଲୋ ମା ! ମୁଁ ଦସ୍ୟୁ ନୁହେଁ । ତୋର ରକ୍ଷା କର୍ତ୍ତା । ଯେଉଁ ଦସ୍ୟୁମାନେ ତୋତେ ଆଣିଥିଲେ ଏ ବଣରେ ହତ୍ୟା କରିବାକୁ, ତାଙ୍କ କବଳରୁ ରକ୍ଷାକରି ସେମାନଙ୍କୁ ମାରି ପକାଇଛି । ଉଠିକରି ଦେଖ ସେ ଦୁହିଁଙ୍କ ମୃତଶବ ପଡ଼ି ତୋ ପାଖରେ ଗଡ଼ୁଛି ।

ଉଠି ବସିଲା ପୁଷ୍ପା । ଛାତି ଭିତରେ ତାର ଧୁମୁଁସ ଛେଚିଲା ଭଳି ଆଘାତ ଲାଗିଲା । ବୁଢ଼ା ବ୍ରାହ୍ମଣ ସତ କହୁଛି କି ମିଛ କହୁଛି କିଛି ବୁଝି ନପାରି ଚାରିଆଡ଼କୁ ଅନାଇଲା । ଦେଖିଲା, ତା' ପାଖରୁ ଅଳ୍ପ ଦୂର ଛାଡ଼ି ଗଡ଼ୁଛି ଯୋଡ଼ିଏ ଦରପୋଡ଼ା ମଣିଷର ଶବ । ପାଖରେ ପଡ଼ିଛି ଗୋଟାଏ ମସ୍ତବଡ଼ ଖଣ୍ଡା । ସେ ବି ଦରପୋଡ଼ା ହୋଇ କଳା ପଡ଼ି ଯାଇଛି ।

ପଚାରିଲା—ଘଟଣା କଣ ?

ବୁଢ଼ା କହିଲା—"ବୁଝିବୁ ?

Digitized by PPRACHIN, SOA

ପୁଷ୍ପା କହିଲା—ନ ଶୁଣିଲେ ସତ ମିଛ ଜାଣିବ କିପରି ?

ବୁଢ଼ା କହିଲା—"ଯଦି ବିଶ୍ୱାସ କରିବୁ ତେବେ ସବୁକଥା କହିବି । ଅବିଶ୍ୱାସ ହେଲେ ସାଙ୍ଗରେ ନେଇ ଦେଖାଇ ଦେବି ।

ପୁଷ୍ପା କହିଲା—କୁହ ।

ବୁଢ଼ା ସବୁକଥା କହିଗଲା । ଶୁଣି ଶୁଣି ପୁଷ୍ପା କହିଲା—ତୁମେ ମିଛ କହୁଚ । ମୋ ସଉତୁଣୀ ମାନଙ୍କର ମୋ ପ୍ରତି କିଛି ହିଂସା ନଥିଲା, ସେମାନେ ବୃଥାରେ କାହିଁକି ମୋତେ ମାରିବାକୁ ଷଡ଼ଯନ୍ତ୍ର କରନ୍ତେ ?

କଥାଶୁଣି ବୁଢ଼ା ବସିଲା । ସେ ହସ ଏଭଳି ତାଚ୍ଛଲ୍ୟ ପୂର୍ଣ୍ଣ ଥିଲା ଯେ ପୁଷ୍ପା ମନରେ ଘୋର ସନ୍ଦେହ ଆସିଲା । ତେଣୁ ସେ ପଚାରିଲା—"ତୁମେ ଏଭଳି ହସୁଛ କାହିଁକି ?"

ବୁଢ଼ା କହିଲା—"ତୋ କଥା ଶୁଣି ।"

ପଚାରିଲା—ଅର୍ଥାତ୍ ?

କହିଲା—ଅର୍ଥଟା କଣ ବୁଝିପାରୁ ନାହୁଁ ? ତୁ ଗୋଟିଏ ରଜାର ରାଣୀ ଶୁଣି ଅତି ଆଦରର । ରଜା ତୋତେ ନ ଦେଖିଲେ ତାଙ୍କୁ ଭାତ ପାଣି ରୁଚେ ନା । ତାପରେ ତୁ ଥିଲୁ ରାଜନଅରରେ । ଦେଖୁଛୁ ସାଙ୍ଗ ଅଧଟା । ଏତେବେଳେ ଏଠିକି ଆସିଲୁ କାହିଁକି ? କିଏ ଆଣିଲା ? ତାର ଉଦ୍ଦେଶ୍ୟ ଥିଲା କଣ ? ଏ କଥାତ ଠିକ୍‌ଏ ବିଚାର କଲୁ ନାହିଁ ।

ଏକଥା ଶୁଣି ପୁଷ୍ପା ମନରେ ଚୈତନ୍ୟ ପଶିଲା । ସେ ଭାବିଲା—"ସତେ'ତ, ମୁଁ ଏଠାକୁ କିପରି ଓ କାହାଦ୍ୱାରା ଆସିଲି ? ସ୍ୱପ୍ନତ ନୁହେଁ । ନିରାଟ ସତକଥା । ତେବେ ଏହା ଭିତରେ ନିଶ୍ଚୟ କିଛି ନାଁ କିଛି ଦୁର୍ଘଟଣା ଅଛି । ଏମିତି ନାନା କଥା ବିଚାରି କଥାଟା ଜାଣିବା ପାଇଁ ବୁଢ଼ାକୁ ପଚାରିଲା—"ମଉସା ! ଏଥିର ମର୍ମ କିଛି କହିପାରିବ ?"

Digitized by PPRACHIN, SOA

ବୁଢ଼ା କହିଲା—ମୋ ଗୁରୁଙ୍କ ଦୟାରୁ ପଶୁପକ୍ଷୀ ବଳରେ ମୁଁ ସବୁ କଥା କହି ପାରେ । ତା ନହେଲେ ତୁ ବଞ୍ଚିଥାନ୍ତୁ କିପରି ?

ପଚାରିଲା—ମୋତେ କେଉଁ କିଏ ମାରିବାକୁ ଆସିଥିଲେ ?

କହିଲା—ଏହି ଯୋଉ ଦେଖୁଛୁ ଗୋଡ଼ାକ ଏଠି ମରି ପଡ଼ିଛନ୍ତି, ଏହିମାନେ ଆଜି ତୋତେ ହାଣିଥାନ୍ତେ । ମୋ ଦୃଷ୍ଟି ପଡ଼ିଯିବାରୁ ମାନ୍ତ୍ରବିଦ୍ୟା ବଳରେ ତାଙ୍କୁ ମାରି ତୋତେ ବଞ୍ଚାଇ ପାରିଛି ।

ପଚାରିଲା ସେମାନଙ୍କରତ ମୁଁ କିଛି ଦୋଷ କରି ନାହିଁ । ସେମାନେ ବୃଥାରେ ମୋତେ ମାରୁଥିଲେ କାହିଁକି ?

ବୁଢ଼ା କହିଲା—ଆରେ ପାଗଳ ! କଥାରେ ଅଛି—

ଅର୍ଥପ୍ରତି ଯାର   ଲୋଭଅଛି ତାର

ଧର୍ମପ୍ରତି ନାହିଁ ଭୟ ।

ପଡ଼ି ଲାଳସାରେ   ହୀନ କାର୍ଯ୍ୟ କରେ

ନୁହେଁ ତା ବିବେକେ ଥୟ ।

ଦୋଷ କଥା ପୁଣି ପଚାରୁଛୁ କଣ ? ଲୋଭ ଓ ହିଂସାର ବଶବର୍ତ୍ତୀ ହୋଇ ମଣିଷ ଦୋଷ କରିବାକୁ ବାଧ୍ୟ ହୁଏ । ଆଜି ସଉତୁଣୀମାନେ ତୋ ପ୍ରତି ଯାହା କରିଛନ୍ତି ତାହା କେବଳ ହିଂସା ଓ ଲୋଭ ହେତୁ । ତେଣୁ ତୋତେ ସାବଧାନ ହେବାକୁ ପଡ଼ିବ ।

ପଚାରିଲା—ସଉତୁଣୀମାନେ କଣ କରିଛନ୍ତି ?

କହିଲା—ପ୍ରଭୁ ଓ ମୋର ଗୁରୁଦେବଙ୍କ ଦୟାରୁ ତୋ ପ୍ରତି ସେମାନେ ଯାହା ଅନ୍ୟାୟ କରିଛନ୍ତି ସେକଥା ଅବଶ୍ୟ କହିଦେଇ ପାରିବି । ମାତ୍ର ତୁ ଯେବେ ବିଶ୍ୱାସ ନ କରିବୁ ?

ମୟୂରୀ କହିଲା—ଦେଖ ମଉସା ! କଥାଟା ଯଦି ବିଶ୍ୱାସଯୋଗ୍ୟ ହୋଇଥିବ, ତେବେ ମୁଁ ବିଶ୍ୱାସ ନ କରିବି କାହିଁକି ?

Digitized by PPRACHIN, SOA

ବାନାନ୍ଦା କହିଲା—"ଏଥର ତେବେ ମନଦେଇ ଶୁଣ ମୁଁ କହୁଛି । ରଜାର ଥିଲେ ତୁମେ ତିନୋଟି ରାଣୀ । ତୁ ହେଲୁ ଅନ୍ୟ ଦୁଇଜଣଙ୍କ ଅପେକ୍ଷା ସାନ । ରଜା ବେଶୀ ଭଲ ପାଉଥିଲେ ତୋତେ । ଏହି ଭଲ ପାଇବାଟି ହେବା ତୋ ଜୀବନକୁ କାଳ । ଅନ୍ୟ ସଉତୁଣୀମାନେ ଏଥିପାଇଁ ତୋତେ ଦେଖି ସହି ପାରିଲେନି । ଭାବିଲେ ପାଖରୁ ହଟାଇ ଦେବାକୁ । ତେଣୁ ଏହି ଭେଣ୍ଡା ଦୁହିଁଙ୍କୁ କିଛି ଟଙ୍କା ପଇସା ଦେଇ ହାତ କଲେ । ସେକଥା ତୁ ଜାଣି ପାରିଲୁ ନି । ଆଜି ଚଢ଼ିଲା ଠିକଣା ପାଳି । ସେମାନେ ପ୍ରଥମେ ନିଦମାନ୍ତି ଦେଇ ତୋତେ ଅଚେତା କରି ରଖିଲେ । ତାପରେ ହାତଗୋଡ଼ ବାନ୍ଧି ନେଇ ଆସିଲେ ଏହି ବଣକୁ । ଜଣେ ବସି ଖଣ୍ଡା ପକାଉଥାଏ । ଦୈବାତ୍ ମୋ ଦୃଷ୍ଟି ପଡ଼ିଗଲା । ବିଦ୍ୟା-ବଳରେ କଥାଟା ଅଛପାରନ୍ତି ପାରିଲା ନି ମୋ' ପାଖରେ । ସେଥିପାଇଁ ମୁଁ ଯାଦୁ ପ୍ରୟୋଗ କରି ତାଙ୍କୁ ପୋଡ଼ି ଦେଲି ପରେ ତୋର ହୋଷ ଆସିବାକୁ ଚେଷ୍ଟା କଲି । ଏବେତ ତୁ ସେମାନଙ୍କ କବଳରୁ ରକ୍ଷା ପାଇଛୁ । ଯାହା ତୋତେ ଭଲ ଲାଗୁଛି, ସେକଥା କର ।"

ଟିକିଏ ଗୁମ୍ ଖାଇଗଲା ପୁଷ୍ପା । ମନଭିତରେ ଏଣୁ ତେଣୁ ଅନେକ କଥା ଭାବିଲା । ତାପରେ ଚିତ୍ତବୃତ୍ତିକୁ ଦୃଢ଼ କରି କହିଲା—ମାଉସୀ ! ଯେତେ ଯାହା ହେଲେ ବି ମୁଁ ମାଇପୀ ଲୋକ । ଯାର ଜୀବନ ଘର କୋଣରେ ପଡ଼ିପଡ଼ି ଜୀବନ ବିତାଏ । ବାହାରର ଅବହାଓ୍ୱା ଭିତରେ ବଢ଼ିବାକୁ ସୁବିଧା ପାଇନି । ମୋର ବା କି ବୁଦ୍ଧି ବିଦ୍ୟା ଅଛି ଯେ ମୁଁ ଭବିଷ୍ୟତ କଥା ବିଚାର କରିବି ?

ତୁମେ ଯେତେବେଳେ ଜୀବନ ବଞ୍ଚାଇଛ, ସେତେବେଳେ ମୋର ସବୁ ନିର୍ଭର ତୁମରି ଉପରେ । ବୟୋସାଧିକ୍ୟ ହେତୁ ମୋର ପିତୃସ୍ଥାନୀୟ । ତେଣୁ ମୁଁ ଧର୍ମରେ ତୁମକୁ ବାପା ବୋଲି ମାନିଲି ।

Digitized by PPRACHIN, SOA

ଏଣିକି ତୁମେ ଯାହା ଉପଦେଶ ଦେବ, ମୁଁ ତାହା ମାନି ନେବାକୁ ପ୍ରସ୍ତୁତ ଅଛି ।

ବାହାଜ୍ଞା କହିଲା—ଆଲୋ ଝିଅ ! ମୁଁ ଗୋଟିଏ ଅସୁର । ସାରା ଜୀବନ ଅନ୍ୟାୟ ଅକାର୍ଯ୍ୟ କରି କରି ଜୀବନ ବିତାଇଛି । କେତେ ଯେ ଜୀବହତ୍ୟା କରିଛି, ତାର ଠିକଣାନାହିଁ କି ସଂଖ୍ୟାକରି କହି ହେବ ନି । ମତ କହୁଛୁ ଝିଅ, ଭାରି ପାପୀ ମୁଁ । ମୋ'ପାପର ପ୍ରାୟଶ୍ଚିତ କରିବାକୁ ବାଟ ନାହିଁ । ହେଲେ ମୋ ଜାତିର ବେଉସା ହୋଇଥିବାରୁ ସେଥିପାଇଁ କୌଣସି ଭୟ ନାହିଁ । ଯାହା ହବାର ହୋଇ ଯାଇଛି । ଏଣିକି ଆଉ ମୋଟେ ହେବନି ।

ଭାବୁଛି, ଏ ବୁଢ଼ା ବୟସଟା କଟାଇବି ଦରିଦ୍ର ନାରାୟଣ ସେବାରେ । ବୁଦ୍ଧି ବିଦ୍ୟା ଅକଲ ପସନ୍ଦ ସବୁ ଅଛି । ଜାରଣ, ମାରଣ, ତାରଣ ଇତ୍ୟାଦି ଜାଣେ । ସହଜରେ ଯେ ମୋତେ କେହି ଭୁଲାଇ ଦେବ କି ହଟାଇ ଦେବ, ଏ କଥା ବି ନୁହଁ । ଦରିଦ୍ର ନାରାୟଣ ସେବା କରିବାକୁ ଗଲେ ଖୁବ୍ ପାରିବି । ବଣର ଜୀବଜନ୍ତୁ ଗୁଡ଼ିକ ମୋର ଅନୁଗତ । ସେମାନଙ୍କୁ ନେଇ ମୁଁ ବହୁତ କିଛି ଅସାଧ ସାଧନ କରିବି ଏହିହେଲା ମୋର ଜୀବନର ପଣ । ତୋର ଯେବେ ଏକଥାରେ ବିଶ୍ବାସ ହୁଏତ ମୋର ଝିଅହୋଇ ରହ । ତା ନହେଲେ ନିଜ ବାଟ ଧରି ଯାହା କରିବାକୁ ଭାବୁଥିବୁ, ସେ କଥା କର । ତୋ ଭାବନାରେ ମୁଁ ତିଳେମାତ୍ର ବାଧା ଦେବାକୁ ଚାହୁଁନି ।

କଥାଯୁଣି ପୁଷ୍ପାର ମନ ଟିକିଏ ଦବିଗଲା । ହେଲେ ବି ବିଚଳିତ ହେଲାନି । ଭାବିଲା-ଜଣେ ଲୋକ, ସେ ମଣିଷ ହେଉକି ଅସୁର ହେଉ, ବସ୍ଥାରେ ବିଚଳିତ ହୋଇବ ମୋ ଜୀବନ ବଞ୍ଚାଇଛି, ପୁଣି ସାଧ ମାଡ ଖାଇବାକୁ ଇଚ୍ଛା କରିବି, କରୁ । ସେଥିପାଇଁ ଡରିଗା ଭଲ ନୁହେଁ । ଶେଷ ଜୀବନ ପର୍ଯ୍ୟନ୍ତ ତାର

Digitized by PPRACHIN, SOA

ଉପରେ ଭରଷା ରଖି ତାର କଥାରେ ଚଳିବ । ନାରୀଧର୍ମ ରକ୍ଷା-କରି ଯେ କୌଣସି ଲୋକ ପାଖରେ ଜୀବନ କଟାଇଲେ ବି ଅପରାଧ ହେବନି । ଏହିକଥା ଭାବି ବାହାଡ଼ାକୁ କହିଲା—ମହାତ୍ମା ! ତୁମେ ଆଜିଠାରୁ ମୋର ବାପା ହେଲ । ମୁଁ ତୁମରି ପାଖରେ ରହି କାଳ କଟାଇବି । କେବଳ ମୋର ଗୋଟିଏ ମାତ୍ର ଅନୁରୋଧ ଅଛି ।

ପଚାରିଲା—କି ଅନୁରୋଧ ?

କହିଲା—ବାପା ମୋର ଆଉ କୌଣସି କଥାକୁ ଭୟ ନାହିଁ । କେବଳ ଭୟ ସତୀଧର୍ମକୁ । ମୁଁ ସ୍ୱାମୀ ଛଡ଼ା କେବେହେଲେ ଅନ୍ୟ ପୁରୁଷକୁ ସ୍ୱୀକାର କରିବିନି । ତୁମେ ମୋତେ ଏତିକି ବଚନ ଦିଅ, ଯଦି କେହି କେବେ ଭୁଲରେ ମୋ ପ୍ରତି ବଳାତ୍କାର କରିବାକୁ ପ୍ରସ୍ତୁତ ହୁଏ—

ତାର ଏହି କଥାରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇ ବାହାଡ଼ା କହିଲା—"ତେବେ ତା' ମୁଣ୍ଡଟାକୁ ହାତର ଠୁକର ଦେଇ ଗୁଣ୍ଡ-କରି ଦେବି ଝିଅ ? ସେଥିପାଇଁ ତୁ କିଛି ଭାବନା କର ନା । ଆଜିଠାରୁ ଏ ବନପୁରର ରାଣୀ ତୁ ।"

ଯେତେ ଜୀବଜନ୍ତୁ ଅଛନ୍ତି ସମସ୍ତେ ତୋର ପ୍ରଜା ।"

ବାପ ଝିଅଙ୍କର ଏତିକି କଥାବାର୍ତ୍ତା ପରେ ହଠାତ୍ ପର୍ବତ ଶିଖରରେ ଦେଖାଗଲା ଗୋଟିଏ ସୁନ୍ଦର ମହଲ । ହୀରା, ନୀଳା, ମୋତି, ମାଣିକ୍ୟରେ ମଣ୍ଡିତ ହୋଇ ଝଲମଲ ଦେଖା ଯାଉଥାଏ । ଆଲୋକ ମାଳା ଜଳୁଥାଏ ଦପଦପ ହୋଇ । ଶୁଆ, ଶାରୀ, କାକତୁଆ ଇତ୍ୟାଦି ସୌଖୀନ ଚଢ଼େଇ ସବୁ ସୁନା ପିଞ୍ଜରାରେ ଝୁଲୁଥାନ୍ତି, ହରିନାମ କୀର୍ତ୍ତନ କରୁଥାନ୍ତି । ଚଉଁରି ଘରେ ଚଉଁରି ଆପଣା ମନକୁ ଦୋଳି ଖେଳୁଥାଇ । ବାହାଡ଼ା କହିଲା—"ଝିଅ, ଏ କୋଠାର ନାମ 'ଯାଦୁମହଲ ।' ତୋର ବାସଗୃହ ହେବ ଏହି

Digitized by PPRACHIN, SOA

ମହଲଟି । ତୁ' ନଜେ ଜଙ୍ଗଲ—ରାଣୀ ନାମ ଧରି ଏହି ମହଲରେ ରହିବୁ । ଦାସ, ଦାସୀଙ୍କର ଅଭାବ ନାହିଁ । ଧନରତ୍ନ ଖୁବ୍ ଅଛି । ଯା, ସେଥିରେ ବସବାସ କରି ରହ । ଅନ୍ୟାନ୍ୟ କଥା ପରେ ବୁଝିବା ।

ପୁଷ୍ପା ଯାଇ ସେହି କୋଠାରେ ରହିଲା ।

ଯାଦୁ ନଗରୀ ଯେ । ସେଠି ଖାଲି ମାୟାର ସୁଅ ଛୁଟିଛି । ବାସ୍ତବତାର ଅଭାବ ଅଛି ପୁଣି ନାହିଁ । ଯାହା ଦେଖିବ, ସବୁ ସତ୍ୟ । ଶହଶହ ପୋଇଲି ଆସି ପୁଷ୍ପାକୁ ପାଚ୍ଛୋଟି ନେଲେ । ସୁବାସ ତଇଳ ମର୍ଦ୍ଦନ କରାଇ ସ୍ନାନ କରାଇଲେ । ପାଟ ପଟମ୍ବ ପିନ୍ଧାଇ ମୁଣ୍ଡ କୁଣ୍ଡାଇ ଦେଲାପରେ ଆଣିଲେ ଖାଦ୍ୟ ସାମଗ୍ରୀ ।

ଅମୃତ ଭୋଜନ କି' ଛାର ? ଯାଦୁ ମହଲ ସୂପକାର ହାତର ପାକ ଖୁବ୍ ସ୍ୱାଦ ଲାଗିଲା ପୁଷ୍ପାକୁ । ପେଟହିଦ ଖାଇଲା ସେ । ଦାସୀମାନେ ଶଙ୍ଖୁଡ଼ି ବାସନ ଉଠାଇ ନେଲେ । ଜଣେ ପାନ ଭାଙ୍ଗି ଯୋଗାଇଲା । ଆଉ ଜଣେ ଗଜଦନ୍ତ ପଲଙ୍କରେ ମୋଏଲାମ ଶେଯ ବିଛାଇ ଡାକିଲା ପହଡ଼ କରିବାକୁ । ପୁଷ୍ପା ଯାଇ ଗଡ଼ପଡ଼ ହେବାରୁ ଦି'ଜଣ ପାଦ ମଞ୍ଚାଳଲେ । ଦି'ଜଣ ବ୍ୟଜନ କଲେ । ଏମିତି ଏମିତି ଛତିଶା ନିଯୋଗରେ ଖଟିଲେ ଅନେକ ଦାସୀ ।

ସବୁ ଆଶ୍ଚର୍ଯ୍ୟ ଲାଗୁଥାଏ ପୁଷ୍ପାକୁ । ହେଲେ ବିଚଳିତ ହୁଏନି ସେ । ଭାବେ ସବୁ ତା ଧର୍ମ ବାପର ମାୟା । ଯାହାହେଉ ପୁଷ୍ପା ଖୁବ୍ ଆନନ୍ଦରେ ରହିଲା ।

କଥାରେ ଅଛି—

ଯାହା ଭାଗ୍ୟେ ଅଛି ଭୋଗିବାକୁ ଯାହା
ତାହା ନ ହୁଅଇ ଆନ
ସାତ ସମୁଦ୍ରର ସେପାରେ ଥିଲେବି
ଈଶ୍ୱର କରନ୍ତି ଦାନ ।

Digitized by PPRACHIN, SOA

ଈଶ୍ୱର ଇଚ୍ଛାରେ ବାଧା ଦେବାପାଇଁ
ଶକତି ନାହିଁ କାହାର
ତାଙ୍କର ଇଚ୍ଛାରେ ଭୂମି କମ୍ପେପୁଣି
ଶୁଖି ଯାଏ ପାରାବାର ।

ମନୁଷ୍ୟର ଭାଗ୍ୟ ଲେଖା ଅନ୍ୟଥା କରିବା ଶକ୍ତି ଜଗତରେ କାହାର ନଥାଏ । ତେଣୁ ପୁଷ୍ପାର ମନ ନଥିଲେ ବି ଈଶ୍ୱରଙ୍କ ପରି ପ୍ରେରଣା ହେତୁ କଷ୍ଟେକଷ୍ଟ ହୋଇ ଖୁସୀରେ ରହିବାକୁ ବାଧହେଲା ।

× × × ×

ରାତି ପାହିଲା । କୋଇଲ କୁମ୍ଭାଟୁଆ ଓ କାଉ ବୋବାଇ ଜଗତ ଜନଙ୍କ ସ୍ୱପ୍ନ ଜୀବନରେ ଚେତନା ଜଣାଇଦେଲେ । ରଜାଘର ଦେବ ଦେବୀଙ୍କ ମନ୍ଦିରମାନଙ୍କରେ ଆରତ୍ରିଘଣ୍ଟ ଓ କାହାଳୀ ବାଜିଲା । ଶୁଭ ଶଙ୍ଖର ଐକ୍ୟତାନ ଶୁଣି ଲୋକେସମୂହ ଶଯ୍ୟା ଛାଡ଼ିଲାବେଳକୁ ଦାସୀ ପରିବାରୀମାନେ ବାସୀ ଆରମ୍ଭ ଶେଷ କରି ମହାରାଜା ଓ ମହାରାଣୀମାନଙ୍କ ପାଇଁ ବାସଜଳ ଓ ଦାନ୍ତକାଠି ଇତ୍ୟାଦି ସଜାଇ ଦେଇଥାନ୍ତି । କୁକୁଡ଼ା ଘନ ଘନ କରି ଡାକୁଥାଏ—'ଚନ୍ଦ୍ରଧର ରକ୍ଷାକର ।

ପୁଣି ବିରହ-ବିଧୁର କପୋତ ପକ୍ଷୀ କୋଉ ଦୂର ବନାନ୍ତର ସବୁଜିମା ଭିତରେ ନିଜର ସାଥୀ ହଜାଇ ଦୁଃଖ ମନରେ ବିଳାପ କରୁଥାଏ—"ଘେର ପୂରିଲା, ମାଣ ପୂରିଲା, ଉଠୁରେ ପୋଷ୍ୟ ଉଠୁ, ଉଠୁ, ଉଠୁ ।"

ମହାରାଜା ଶଯ୍ୟା ତ୍ୟାଗ କରି କାଠିପାଣି ଲାଗି ହେଲେ । ବଡ଼ରାଣୀ ଓ ସାନ୍ଧିଆଣୀ ବି ଉଠିଲେ । ଆଖି ଚଗଚଗ ହୋଇ ବସିଲେ କାଠିପାଣି କରିବାକୁ । ମନଟା ଏକ ପ୍ରକାର ଖୁସୀ ଥିଲେ

Digitized by PPRACHIN, SOA

ମଧ ଚିତ୍ତବୃତ୍ତି ସ୍ଥିର ନଥାଏ । ଏମିତିବେଳେ ବୁଢ଼ୀଦାସୀ ଜଣେ ଦଉଡ଼ି ଆସି କହିଲା, "ଆଗୋ, ରାଜ ମଣିମାଙ୍କର କାହିଁକି ଦେଖା ଦରଶନ ନାହିଁ । ଶୋଇବା ଘର ମେଲା । ପଲଙ୍କ ଖାଲି ପଡ଼ିଛି । କୁଆଡ଼େ ଆଉ ଗଲେକି ସେ ?"

ହଠାତ୍ ଗୋଟାଏ ଚହଳ ସୃଷ୍ଟି ହେଲା ତ' କଥାରେ ଖୋଜା ଲୋଡ଼ା ଚାଲିଲା । ଧା ଧପଡ଼, ବଣ ଜଙ୍ଗଲ, ପିଟା ତର୍ଜନ ଗର୍ଜନ ସବୁ । ରଜା ଖାଲି ପାଗଳଙ୍କ ପରି ହେଲେ । କାହାକୁ ଗାଳି, କାହାକୁ ମାଡ଼, କାହାକୁ ବଣକୁ ପଠାନ୍ତି; କାହାକୁ ନଗରକୁ ପଠାନ୍ତି । ଗମ୍ଭିଶ ଖୋଜ, ଅମାର ଖୋଜ, ଜଳ ପାତାଳ ଦରାଣ୍ଡି, ମାତ୍ର କାହିଁ ? ରାଜରାଣୀଙ୍କ ଧ୍ୱଜ ପର୍ଯ୍ୟନ୍ତ ମିଳାଲାନ ?

କଣ ହେଲା, କୁଆଡ଼େ ଗଲେ ତେବେ ସେ ? ରାଜବାଟୀରେ ହାଲହୋଳ ପଡ଼ିଲା । ପ୍ରଜା ପାଠକ ଜାଣିଲେ । ମନ ଦୁଃଖ କଲେ । ମାତ୍ର ଚାରା କଣ ?

ଧାଁ ଧପଡ଼, ଖୋଜା ଲୋଡ଼ା ଚାଲିଥାଏ । ପାଞ୍ଚ ଚାରିଦିନ ଚାରିରାତି ଖୋଜା ଲୋଡ଼ା ସରିଲା ପରେ, ଆସିଲା ଗୋଟିଏ ବୁଢ଼ା ଜ୍ୟୋତିଷ । ମୁଣ୍ଡରେ ବାଳ ଖୋଠ ପରି ଦିଶୁଛି । ଦେହର ଚମ ଧୋକଡ଼ ଗଲାଣି । ଆଖି ଯୋଡ଼ାକ କୋରଡ଼ ଭଳି । ପାଟିରେ ଗୋଟିଏ ବୋଲି ଗୋଟିଏ ଦାନ୍ତ ନାହିଁ । ବାଡ଼ି ଖଣ୍ଡିଏ ଧରି ନଇଁ ନଇଁ ଚାଲୁଛି । କହିଲା—"ଯାହାକିଛି ଘଟଣା ଘଟିଥିବ ସବୁ କହିଦେବ ।"

ତା କଥା ଶୁଣି ରଜା ତାକୁ ଡକାଇ ନେଲେ । ଖଡ଼ି ପାଠ ହେଲା । ତାପରେ ବୁଢ଼ା ବାହାର କଲା ଯୋଡ଼ାଏ ତମ୍ବା ଝଆର ନାଶପାଟ । ଫୁଲ ତୁଳସୀ ଦେଇ ପୂଜାକଲା । ଅଗୁରୁବତୀର ଧୂପ ଦେଲା । ତା'ପରେ କହିଲା—"ଆପଣଙ୍କ ନଅରରେ ଯେତେ ଲୋକ ଅଛନ୍ତି—ସ୍ତ୍ରୀ, ପୁରୁଷ ସମସ୍ତେ ଆସନ୍ତୁ ।"

Digitized by PPRACHIN, SOA

ସମସ୍ତେ ଆସି ଠୁଳ ହେଲାରୁ ବୁଢ଼ା କହିଲା—“ସ୍ୱାମୀ ! ଆପଣଙ୍କ ରାଣୀମାନେ ଆସିଛନ୍ତି ନା ?”

ରଜା କହିଲେ—“ହଁ ।”

ବୁଢ଼ା କହିଲା—“ସେମାନେ ନ ଆସିଲେ ହେବ କିପରି ? ପାଠ ପରା ଗୋଠମାଳ ହୋଇଯିବ ।”

ରାଣୀ ଦୁହେଁ ଆସି ଆସନରେ ବସିଲେ । ବୁଢ଼ା କହିଲା—“ସମସ୍ତେ ମନଦେଇ ଶୁଣ । ତୁମମାନଙ୍କ ଭିତରେ ଦୋଷୀ ଲୁଚିକରି ଅଛନ୍ତି । ହେଲେ ବି ସେମାନେ ମୋ’ ଆଖିକୁ ଫାଙ୍କି ପାରିବେନି । ବର୍ତ୍ତମାନ କଥା ହେଉଛି ସମସ୍ତେ ଜଣ ଜଣ ହୋଇ ଆସି ମୋର ଏ ତମ୍ବା କାଠିଆ ନାଗ ମୁହଁରେ ହାତଦେଇ କହ, ସାନରାଣୀ କଥା ଆମେ କିଛି ଜାଣି ନାହୁଁ । ସତ କହିବା ଲୋକର କିଛି ହେବନି । ମିଛ କହିବା ଲୋକ ବଡ଼ ଅଡୁଆରେ ପଡ଼ିବ ।”

ରଜା ପଚାରିଲେ – ଅଡୁଆ କଣ ?

ବୁଢ଼ା କହିଲା—“ଯେ ମିଛ କହିବ, ସାପ ଜୀବନ୍ୟାସ ପାଇ ତା ଗଳାକୁ ଏଭଳିଭାବେ ଛନ୍ଦି ଧରିବ ଯେ, ସେ ଆଉ ହଲ ଚଲ ହୋଇ ପାରିବନି ।”

ଶୁଣି ସାରିଲା ପରେ ପାତ୍ର ମନ୍ତ୍ରୀ, କଟୁଆଳ, ଦାସୀ, ପରିବାରୀ ସମସ୍ତେ ଆସି ସାପ ମୁହଁରେ ହାତଦେଇ ଦୋଷୀ ନୋହୁ ବୋଲି କହିଗଲେ । ରାଣୀମାନଙ୍କ ପାଳି ପଡ଼ିବାରୁ ସେମାନେ ଆସିବାକୁ ମୋଟେ ରାଜି ହେଲେ ନି ।

ବୁଢ଼ା କହିଲା—“ମହାରାଜ ! ଏଥିରେ ମୋର ଟିକେ ଦୋଷ ହେବନି । ଠିକ ଦୋଷୀ ଧରା ପଡ଼ିଛନ୍ତି ।”

ରଜା ପଚାରିଲେ—“କିଏ ଦୋଷୀ” ?

ବୁଢ଼ା କହିଲା—ଆପଣଙ୍କ ରାଣୀ ଦୁହେଁଯାକ ଦୋଷୀ ।

Digitized by PPRACHIN, SOA

ଏକଥା ଶୁଣି ଦୁ' ରାଣୀଯାକ ନାଗୁଣୀ ପରି ରାଗରେ ଗର୍ଜି ଉଠିଲେ । ସାଙ୍ଗେ ସାଙ୍ଗେ ଯାହା ଆସିଲା ଜ୍ୟୋତିଷକୁ ଗାଳି ଗୁଲଜ କଲେ । କହିଲେ—"ଭଲ ଦଶା ଅଦ୍ଭୁତ ଏଠୁ ପଳା । ତା ନୋହିଲେ ମୁଣ୍ଡକାଟ ଶାସ୍ତି ପାଇବୁ ।"

ବୁଢ଼ା ହସିଲା ଓ କହିଲା—

ଆରେ ସାପ ସଙ୍ଗେର ଯାଉ ଜୀବନ ପାଇଁ ଯିବୁ । ଦୋଷୀ ଯିଏ ତାକୁ ଚିହ୍ନି ଚିହ୍ନିକା ବେକରେ ଓହଳିବୁ ।

ସାପ ଯୋଡ଼ିକ ଜୀବନ ପାଇଁ ଆଖି ପିଞ୍ଚୁଳାକେ ପହଞ୍ଚି ଗଲେ ଦୁ' ରାଣୀଙ୍କ ପାଖରେ । ସେମାନେ ମା'ଲେ ବୋଯାଲ ପାଟି କାନ୍ଦୁଥିଲେ ବ ଶୁଣୁଛି କିଏ ? ଦେଖୁ ଦେଖୁ ହାର ଭଳିଆ ଦୁହିଙ୍କ ଗଳାରେ ଛନ୍ଦହୋଇ ଅଳ୍ପ ଯୋରରେ ଭିଡ଼ି ହୋଇଯିବା ମାତ୍ରେ ରାଣୀମାନେ ଚିତ୍କାର କରି କହିଲେ—"ପ୍ରକୃତରେ ଆମେ ଦୁହେଁ ଦୋଷୀ । ଆମକୁ ବଞ୍ଚାଅ । ସବୁ ସତକଥା ମାନିଯିବୁ ।"

ରଜା ସେତେବେଳେକୁ କାବାକାଠ ହୋଇ ଅନାଇ ଥାଆନ୍ତି । ବୁଢ଼ା କହିଲା—"ସତକଥା ମାନିଗଲେ ସାପ ଫିଟି ଆସିବେ ।"

ସେମାନେ କହିଲେ—"ହଁ, ଆମେ ମାନିଲୁ, ସାନରାଣୀକ ମରାଇ ଦେଇଛୁ ।"

ବୁଢ଼ା କହିଲା—"ଆରେ ସାପ ଆନକୁ ତୋର
କାମ ହାସଲ ହୋଇଛୁ ମୋର ।"

ଏତିକି କହିବାମାତ୍ରେ ସାପ ଦୁହେଁ ଖୁନାପିଲା କରି ଆସି ନିଜ ନିଜ ଜାଗାରେ ରହିଲେ । ଯୋଡ଼ି ତମ୍ବା ସାପକୁ ସେହି ତମ୍ବା ସାପ । ରାଣୀ ଦୁହେଁ ଏକମୁହାଁ ପଳାଇଗଲେ ରାଣୀହଂସପୁରକୁ ।

Digitized by PPRACHIN, SOA

ରଜା ରାଗରେ ରକ୍ତ ଗୁଞ୍ଜଳ ଫେଣ୍ଟାଉଥାନ୍ତି । ମାରିବେ କି ମରିବେ କିଛି ଠିକ୍ କରି ପାରୁ ନଥାନ୍ତି । ଏମିତିବେଳେ ବୁଢ଼ା କହିଲା—"ମହାରାଜ ! ଦୋଷୀକି ଧରାଇ ଦେଲି, ଏଣିକି ଯାଇ ପାରିବି ?"

ରଜା କହିଲେ—"ଯାଅ, କାଲି ଆସି ପୁରସ୍କାର ନେଇଯିବ ।"

ଆଖି ପିଛୁଳା ପଡ଼ିବା ପୂର୍ବରୁ ବୁଢ଼ାଟି ତା ସାପକୁ ନେଇ ଖସି ଯାଇଥିଲା । ରଜା ହାତରେ ଖଣ୍ଡା ଧରି ଖଣ୍ଡିଆଭୂତ ଭଳିଆ ଦଉଡ଼ିଲେ ରାଣୀହଂସପୁରକୁ ।

× × × ×

ସେହି ରାଜ୍ୟରେ ଗୋଟିଏ ମାଙ୍ଖାଣୀ ଥାଏ । ନାମ ତାର ହୀରା । ସାମାନ୍ୟ ମଣିଷ ନଥିଲା ସେ । ଗୁଣୀ, ଗାରଡ଼ି ବିଦ୍ୟାରେ ଖୁବ୍ ଧୁରନ୍ଧର । ଭଲ ମଣିଷ ଆଖିରେ ଜୁକୁଣା ଓ ଗୁଣ୍ଡରେ ଭେଲକି ଲଗାଇ ଦେଇପାରେ ସେ । ତାକୁ ବଳି ଜଡ଼ିମନ୍ତ୍ରବାଲୀ ସେ ରାଜ୍ୟରେ କେହି ନଥାନ୍ତି ।

ରାଣୀହଂସେ ରଜାଙ୍କ ରାଗ ଓ ମତିଗତି ଦେଖି ପ୍ରମାଦ ଗଣିଲେ । ତେଣୁ ଆଉ ଦଣ୍ଡେ ବିଳମ୍ବ ନକରି ଦଉଡ଼ିଲେ ତାରି ପାଖକୁ ।

ହୀରା ସେଦିନ ଗୋଟିଏ କୁଆଁରି କନ୍ୟାର ମୁଣ୍ଡ ଆଣି, ସିନ୍ଦୂର କଜ୍ଜଳ ଦେଇ କିଛି ଗୋଟାଏ କାମିଆ କରୁଥାଏ । ଏମିତି-ବେଳେ ରାଣୀମାନେ ପହଞ୍ଚି କହିଲେ—"ହୀରା ! ତୋତେ ନେହୁରା ହୋଇ କହୁଛୁ, ଆମ ଦିହିଁଙ୍କ ରକ୍ଷା କର । ତା ନହେଲେ ଏ ଶିର-କମଳ ରହି ପାରିବନି ।"

ହୀରା ପଚାରିଲା—"କଣ ହୋଇଛି ତୁମର

Digitized by PPRACHIN, SOA

ରାଣୀମାନେ ତର ତର ହୋଇ ସବୁକଥା ସଂକ୍ଷେପରେ କହି ପକାଇଲେ ।

ପଚାରିଲା—"ରଜାଙ୍କୁ ପଥର କରିବି ନା ବୋକା ବନାଇବି ।"

କହିଲେ—"ବୋକା ବନାଇ ଦେ ।"

ପଚାରିଲା—"ଆମେ ଶାସନ କରିବୁ ।"

ପଚାରିଲା—"ମୋତେ କଣ ପୁରସ୍କାର ମିଳିବ ?"

କହିଲେ—"ତୁ ସବୁବେଳେ ଆମ ପାଖେ ପାଖେ ରହିବୁ । ସାରା ରାଜ୍ୟରେ ତୋର ଅଖଣ୍ଡ ଆଧିପତ୍ୟ ରହିବ । ତାପରେ ଟଙ୍କା ପାଇସା ସୁନା ରୁପା ଯେତେ ଚାହିଁବୁ, ସେତେ ପାଇବୁ ।"

ସାବି ଖଣ୍ଡେ ନାଲି ଫୁଲିଆ ହସ ହସିଦେଇ କହିଲା—"ତୁମେ ନିଶ୍ଚିନ୍ତ ହୁଅ । ରଜା ତୁମର କିଛି କରି ପାରିବେନି । ମୁଁ ମୋ ବିଦ୍ୟାବଳରେ ତାଙ୍କୁ ଏଭଳି କରି ଦେବି ଯେ, ସବୁବେଳେ ତୁମ ଆଙ୍କୁଳାଇ ରହିବେ ।"

ପଚାରିଲେ—"କେମିତି ।"

କହିଲା—କୁକୁଡ଼ାଟିର ପର ।"

ରାଣୀମାନଙ୍କ ମନକୁ କଥା ଖୁବ୍ ସୁହାଇଲା । ସେମାନେ ହସ ହସ ମୁହଁରେ କହିଲେ—"ଯାହା କରିବାର ଚଞ୍ଚଳ କର ସାବି ?"

ସାବି ତା' କୁଆଁରୀ କନ୍ୟା ମୁଣ୍ଡରୁ ଗୋଟିଏ ରୁମ ଉପାଡ଼ି ପବନରେ ଉଡ଼ାଇ ଦେଇ କହିଲା—

'କୁଆଁରୀ କନ୍ୟା ଚୁଟି ଭୁଟି ଯିବୁ ଚାରି ତରେ
ରାଇଜ ରଜା ମୁଣ୍ଡେ ଲାଗିବୁ ଅତି ଗୋପନରେ
ରାଜ ସାଜ ଛାଡ଼ିଦେଇ ହିବ ବନିଯିବେ ବୋକା
ରାଣୀଙ୍କ ପଛେ ଗୋଡ଼ାଇଥିବେ ଆଉ ନଥିବ ଧୋକା ।

Digitized by PPRACHIN, SOA

ଜଡ଼ ମନ୍ତ୍ରର ବଳକୁ ମଣିଷ ବଳ ବା କ'ଣ କରିବ ? ଲୁମଟି ଉଡ଼ି ଉଡ଼ି ଯାଇ ରଜାଙ୍କ ମୁଣ୍ଡରେ ଲାଗିଲା । ରଜା ସେତେବେଳକୁ ଜଳଘଟ ଦଣ୍ଡୁ ଥାଆନ୍ତି । ହାତରେ ଖଣ୍ଡା ଚକ୍ ଚକ୍ କରୁଥାଏ । ରାଗରେ ଫଁ ଫଁ ହୋଇ କେବଳ ଖୋଜୁଥାନ୍ତି ରାଣୀମାନଙ୍କୁ । ଆଗରେ ପଡ଼ିଲା ମାନେ ହାଣି କାଟି ସଫା କରି-ଦେବେ । ଏହା ହେଲା ପଣ ।

କଥାରେ ଅଛି—

ସତ୍ୟ ନ୍ୟାୟ ଲାଗି ଅଗ୍ରସର ଯେହୁ
ତାକୁ ନେବାକୁ ଅବାଟେ
ଚକ୍ରୀ ଝୁଞ୍ଜୁଥାଏ ତା ଚକ୍ରାନ୍ତ ଜାଲ
ଅନ୍ୟାୟକୁ ପେଶି ଆଣେ ॥
ମାୟାବୀ ମାୟାରେ ସାଧୁ ସୁଜ୍ଜନର
ଅକାଳରେ ହୁଏ ବଣା
ଧର୍ମକୁ ନ ଗୁହାଁ ଅଧର୍ମୀ ବାନ୍ଧଇ
ସତ୍ୟକୁ କରିଣ କଣା ॥
ନାରିକେଳ ରସ ସାବଧାନେ ଥାଏ
ତନପୃଷ୍ଠ ତଳେ ଛପି
ହୀନବୁଦ୍ଧି ତାକୁ ଖାଏ ଲୁଚି ଲୁଚି
କତା ସଡ଼ାଇକୁ ଚପି ॥
ଦେବ ଭୋଗ୍ୟ ସୁଧା ଖାଇବାକୁ ରାହୁ
ନ୍ୟାୟ ଓ କୁଟୁମ୍ବ ଛାଡ଼ି
ମାୟା ରୂପ ଧରି ବସିଲାତ ହଟନେ
ଦେବତା ଆସ୍ଥାନ ମାଡ଼ି ॥

---፨---

Digitized by PPRACHIN, SOA

ଯେ ଅନ୍ୟାୟ ଓ ଅସତ୍ୟ ବାଟରେ ନିଜର ସ୍ୱାର୍ଥସିଦ୍ଧି ଲାଗି ଚାଲିବାକୁ ଇଚ୍ଛାକରେ, ତା ପାଖରେ ଯୁଟେ ସବୁ ପ୍ରକାର ମାୟା, ସବୁ ପ୍ରକାର ଜାଲ ଯୁଆଚୋର । ଚୋର ପାଇଁ ଚୋର କାନ୍ଦେ, ସାଧୁ ପାଇଁ ସାଧୁ କାନ୍ଦେ । ରାଣୀମାନେ ଯୋଉ ବାଟ ଦେଇ ଯାଉଛନ୍ତି ହୀରା ଠିକ୍ ସେହି ବାଟର ମଣିଷ । ସେମାନଙ୍କୁ ସାହାଯ୍ୟ ନ କରନ୍ତା କାହିଁକି ?

ହୀରା ମାଲୁଣୀ ପ୍ରସାଦରୁ ରଜା ନଙ୍ଗା ବନିଗଲେ । ମନ୍ତ୍ରିଙ୍କ ବୁଦ୍ଧି ଯାଇ ଯେମିତି ମୁଣ୍ଡରେ ଲାଗିଛି, ସେମିତି ଏତେ ରାଗ, ଏତେ କଥା କୁଆଡ଼େ ପାଣି ଫାଟିଗଲା । ସେ ଗୋଟିଏ ଶବ ପ୍ରତିମା ପରି ଦାରୁଭୂତମୁରାରି ବନିଗଲେ । ଖଣ୍ଡା ଗୁଏଁ ଖଣ୍ଡା ହାତରୁ ଖସି ତଳେ ପଡ଼ିଲା । ସୁନାପିଲାଟି ପରି ସେ ଟୁଙ୍ଗୁ ଟୁଙ୍ଗୁ ଯାଇ ଶୋଇଲେ ବଡ଼ରାଣୀ ଖଟ ଉପରେ । ଦାସ ଦାସୀ ଓ ପାତ୍ର ମନ୍ତ୍ରୀମାନଙ୍କୁ ଡକାଇ କହିଦେଲେ—"ଦେଖ ଯାହା ହେବାର ହୋଇ ଗଲାଣି । ଆଉ ସେ ବିଷୟରେ ଚେଷ୍ଟା କରିବା କୌଣସି ଦର୍କାର ନାହିଁ । ସାନରାଣୀଟା ଭଲ ଲୋକ ନଥିଲା । ଯାଇଛି, ପାପ ଯାଇଛି ।"

କଥା ଶୁଣି ସମସ୍ତେ କାବା କାଠ ବନିଗଲେ । ରଜାଙ୍କର ଏଭଳି ଅଦ୍ଭୁତ ପରିବର୍ତ୍ତନ ଯେ କାହିଁକି ହେଲା, କେହି କିଛି ଠିକ୍ କରି ପାରିଲେନି । ଯାହାହେଉ ରଜା ହୁକୁମ୍ ଯେତେବେଳେ ମାନିବାକୁହିଁ ପଡ଼ିବ । ଏହିକଥା ଭାବି ସମସ୍ତେ କଇଁଛବେକା ନୀତି ଧରିଲେ ।

ବୁଢ଼ା ସେନାପତିଙ୍କ ନାମ—ଟଙ୍କଧର ଜେନା । ଖୁବ୍ ଖାଣ୍ଟି ମଣିଷ । ନ୍ୟାୟପରାୟଣ ଓ ଏକଜିଦିଆ । ରଜାଙ୍କର ଏଭଳି ମାଇଚିଆ ନୀତି ତାଙ୍କ ମନକୁ ମୋଟେ ପାଇଲାନି । ତେଣୁ ସେ ପାଚିଲା ପାଚିଲା ନିଶଟାକୁ ଟିକିଏ ମୋଡ଼ି ଦେଇ କହିଲେ—

Digitized by PPRACHIN, SOA

ନ୍ୟାୟ ଲାଗି ଯେବେ ଯାଏ ଜୀବନ
ତଥାପି ମୁଁ ତାଙ୍କୁ ନୋହିବ ବାମନ ॥
ସତ୍ୟର ସନ୍ଧାନେ ଅଭିଯାତ୍ରୀ ହୋଇ
କାଳ କାଳ ପାଇଁ ଯଶ ଯିବ ଥୋଇ ॥
ଦୋଷୀ ପାଇଁ ପ୍ରଭୁ ବାନ୍ଧିଛନ୍ତି ଦଣ୍ଡ
ମାନବ ବଳେ କି ହୋଇ ପାରେ ପଣ୍ଡ ?
ରଜା ଯେବେ ନ କରିବ ରାଜ କର୍ମ
ତାଙ୍କୁ କେଉଁପରି ସାହା ହେବ ଧର୍ମ ?
ପ୍ରକୃତ ଧର୍ମର ଥାଏ ଯେବେ ବଳ
ତେବେ ସ୍ୱଚ୍ଛ ନେତ୍ରେ ଦେଖିବ ଶମ୍ଭୁଳ ॥

—ঃ✳ঃ—

ଏହି ଭାବନା ସ୍ଥିର କରି ଠକ୍କଧର ନିଜ କାର୍ଯ୍ୟରୁ ଅବ୍ୟାହତି ଗ୍ରହଣ କଲେ । ରଜା ବି କିଛି ପ୍ରତିବାଦ ନକରି ଖୁସିରେ ତାଙ୍କ ଅବ୍ୟାହତିପତ୍ର ଗ୍ରହଣ କରିନେଲେ ।

ଠକ୍କଧର ନିଜ ଘରୁ ପୁଅ ଘରଜାଙ୍କ ପାଖରୁ ବିଦାୟ ନେଇ ବାହାରି ପଡ଼ିଲେ ସନ୍ନ୍ୟାସୀ ବେଶରେ ।

ଦିନ ନାହିଁ ରାତି ନାହିଁ, ଖିଆ କାକର ମାନିବା ନାହିଁ, ଚାଲିଛନ୍ତି ଯେ ଚାଲିଛନ୍ତି । ଦୁଇଦିନ ଦୁଇରାତି ଚାଲିବାପରେ ପଡ଼ିଲା ମିବିଡ଼ ବନସ୍ତ । ଗୋଟିଏ ଚଉମୁହାଣୀ ଛକରେ ପଶାପାଲି କାଟିଲା ଭଳି ବାଟ ପଡ଼ିଛି । ଠକ୍କଧର ସେଠି ଦଣ୍ଡେ ଠିଆ ହୋଇ କୋଉ ଆଡ଼କୁ ଯିବେ ବୋଲି ବିଚାରୁଛନ୍ତି, ଏମିତିବେଳେ ହଠାତ୍ ଦେଖା ହେଲା ସେହି ବୁଢ଼ା ଜ୍ୟୋତିଷ ।

ପଚାରିଲା—"କି" ଭାଇ ! କୁଆଡ଼େ ଯିବ ?

କହିଲେ—"ସତ୍ୟ"ର ସନ୍ଧାନ ନିମନ୍ତେ ।

Digitized by PPRACHIN, SOA

ପଗ୍ଚରିଲ—"ମୋତେ ସଙ୍ଗରେ ନେବେକ ?"

କହିଲେ—"କାହିଁକ ଯିବ ତୁମେ ?"

ବୁଢ଼ା କହିଲ—"ମୁଁ ବ ତୁମର ପର ଜଣେ ସତ୍ୟର ସନ୍ଧାନୀ । ହେଲେ ବାଟ ବଡ଼ ଦୁର୍ଗମ । ତେଣୁ ଏକୁଟିଆ ଯିବାପାଇଁ ସାହସ ପାଉନ ।

ଠଙ୍କଧର କହିଲେ—"ଭଲ ହେଲ ଭାଇ, ତୁମେ ବୁଢ଼ାକୁ ମୁଁ ବ ବୁଢ଼ା । ସାଙ୍ଗହୋଇ ଗଲେ ମନ୍ଦ କ'ଣ ?"

ବୁଢ଼ା କହିଲ—"ବାଃ, ବଡ଼ିଆ ମଣିଷ ତୁମେ । ଯାହା ପାର ତା' ହେଉ ପଛକେ ମୁଁ ତୁମର ସଙ୍ଗରେ ଯିବ ।

ପଗ୍ଚରିଲେ—"ତୁମେ ତ ଜଣେ ଭଲ ଜ୍ୟୋତିଷ ?

କହିଲ—"ହିଁ । ମୁଁ ତୁମ ସଙ୍ଗରେ ଥିଲେ ଖୁବ୍ ଭଲ ହେବ । ଯଦ କୋଉଠି କିଛି ଅଦ୍ଭୁତ କଥା ଦେଖିବ, ମୋତେ ପଗ୍ଚରିଲେ ମୁଁ ସବୁ କହି ପାରିବ ।"

ଠଙ୍କଧର କହିଲେ—"ଭାରି ବଡ଼ିଆ ହେଲ । ତୁମେ ଭଳିଆ ଜଣେ ସଙ୍ଗୀ ପାଇ ମୁଁ ନିଜକୁ ଭାଗ୍ୟବାନ୍ ମନେ କରୁଛି । ଏଥର ଗ୍ଚଲ, ଇଚ୍ଛା ଅନୁସାରେ ବାଟ ଗ୍ଚଲିବା ।"

ଦି' ବୁଢ଼ାଙ୍କ ଭିତରେ ଖୁବ୍ ଯୋର ଆଳାପ ଜମିଗଲ । ଏକ ମା' ପେଟର ଭାଇଭଳି ଆଗେଇ ଗ୍ଚଲିଗଲେ ଦୂର ଦୂରାନ୍ତକୁ । କଥା କଥାରେ ପ୍ରତିବାଦ ନାହିଁ, ବିବାଦ ନାହିଁ କି କେହି କାହାକୁ ଅବିଶ୍ୱାସ କରୁ ନଥାନ୍ତି । ଜଙ୍ଗଲରୁ ଫଳମୂଳ ତୋଳି ମଜାରେ ଖାଉଥାଆନ୍ତି । ଗପ ସପ, ହସ ଖେଳ ଭିତର ଦେଇ ଆଗେଇ ଗ୍ଚଲିଥାନ୍ତି ନିର୍ଲକ୍ଷ୍ୟ ଭାବେ ।

× × × ×

କାହାଣୀ ପାଠକମାନଙ୍କୁ ଉପନ୍ୟାସ ଭଳି ଧନ୍ଦାରେ

Digitized by PPRACHIN, SOA

ନପକାଇ କଥାଟାକୁ ପରିଷ୍କାର କରାଇ ଦେଉଥିବା ଭଲ । ତେଣୁ ଜ୍ୟୋତିଷ ବୁଢ଼ାର ପରିଚୟଟା ଏଠାରୁ ଜଣାଇ ଦେବା ଉଚିତ ।

ଜ୍ୟୋତିଷ ବୁଢ଼ା ସ୍ୱୟଂ ବାହାଡ଼ାସୁର । ରଜାଙ୍କ ପାଖରେ ମାୟା ବେଶ ଧରି ପଦ୍ମଞ୍ଜଲି ଓ ସାନରାଣୀଙ୍କି ମରାଇ ଦେବାପାଇଁ ଅନ୍ୟ ରାଣୀମାନେ ଯେଉଁ ଚକ୍ରାନ୍ତ କରିଥିଲେ ସେ କଥାଟି ଧରା ପକାଇ ଦେଲାପରେ ପୁଣି ଆସି ସାଥୀ ହୋଇଛି ଟଙ୍କଧର ଜେନା ସଙ୍ଗେ ।

ପ୍ରଥମେ ରଜାଘର ଲୋକ ବୋଲି ଟଙ୍କଧର ପ୍ରତି ତା'ର ଅବିଶ୍ୱାସ ହେଲା । ତେଣୁ ତାକୁ ପରୀକ୍ଷା କରିବାପାଇଁ ଆପ୍ରାଣ ଚେଷ୍ଟା କରୁଥାଏ ।

କିଛି ଦୂର ଗଲାପରେ ପଡ଼ିଲା ଗୋଟିଏ ଏକ ତପ୍ତ କୁଣ୍ଡ । ଦିନ ରାତି ସବୁବେଳେ ପାଣିଟା ଟକ୍ ଟକ୍ ହୋଇ ଫୁଟୁଥାଏ । ବହୁକାଳରୁ ଲୋକେ ସେଠାକୁ ଯିବା ଆସିବା କରିବା ବନ୍ଦ କରି ଦେଇଥାନ୍ତି ।

ସେ ସ୍ଥାନର ଗୋଟିଏ ଅଦ୍ଭୁତ ମହିମା ଅଛି । କୌଣସି ବ୍ୟକ୍ତି ଯଦି ନିରାଟ ସତ୍ୟ କଥା କହି ସେ ପାଣିରେ ଗାଧୁଏ, ତେବେ ତାକୁ ମିଳେ ଗୋଟିଏ ସୁନାର ପଦ୍ମ ।

ସାମାନ୍ୟ ମିଛ କହି ସେ ପାଣିରେ ପଶିଲେ ଦେହସାରା ଫୋଟକା ହୁଏ ଓ ହଳଦିଆ ମାଗୁର ନାମକ ଗୋଟିଏ ମାରାତ୍ମକ ପ୍ରାଣୀ ଆସି ନାକଟାକୁ କାମୁଡ଼ି ଛିଣ୍ଡାଇ ଦିଏ ।

ସ୍ଥାନଟି ଖୁବ୍ ମନୋରମ । ବିବିଧ ସ୍ୱାଦୁ ଫଳର ବହୁତ ବୃକ୍ଷ ଅଛି । ମଲ୍ଲୀ, ନାଗେଶ୍ୱର, ତରାଟ, ଟଗର ଇତ୍ୟାଦି ଫୁଲର ବଗିଚ୍ଚ ଅଛି । ଗୋଟିଏ ଜୀର୍ଣ୍ଣକାୟ ଶିବମନ୍ଦିର ବି ଅଛି ।

ଶିବଙ୍କ ନାମ ଉହ୍ନକେଶ୍ୱର । ଯୁଗ ଯୁଗ ଧରି ସେ ଅପୂଜା ଥାଆନ୍ତି । ସ୍ୱପ୍ନରେ ସୁଦ୍ଧା କେହି ତାଙ୍କୁ ପାଣି ମୁନ୍ଦାଏ ଦିଅନ୍ତିନି । ଭୋଗ ରାଗ ତ ଦୂରର କଥା ।

Digitized by PPRACHIN, SOA

ଶ୍ରୀମଦ୍ ଭାଗବତରେ ଅଛି—

"ଦେବା ଆଦି ମୁନି ଜେତେ
କର୍ମେ ବନ୍ଧନ ଏ ସମସ୍ତେ।"

ଦେବତାଙ୍କଠାରୁ ଆରମ୍ଭ କରି ଯକ୍ଷ, ରକ୍ଷ; ଗନ୍ଧର୍ବ, କିନ୍ନର ଓ ନର ଅର୍ଥାତ୍ ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତେ କର୍ମଡୋରିରେ ବନ୍ଧା। ଭାଗ୍ୟକୁ ଏଠାରେ କର୍ମ ଅର୍ଥରେ ବ୍ୟବହାର କରି ଯାଇଅଛି।

ଭାଗ୍ୟ ପ୍ରାଣୀକୁ ଘୋଡ଼ା ଚଢ଼ାଏ; ଭିକ ମଗାଏ, ଘାସ କଟାଏ ଇତ୍ୟାଦି। ଏହି ମନୁଷ୍ୟ ଭାଗ୍ୟବଳରେ ରାଜା ହୋଇ ବିଳାସର ଚରମ ସୀମାରେ ପହଞ୍ଚୁଛି, ଏହି ମଣିଷକୁ ଦାନା କନା ବି ମିଳୁନି।

ସେହିପରି ଦେବତାଙ୍କ କଥା। କାଶୀ ବିଶ୍ୱନାଥ ଶିବ ମୂର୍ତ୍ତି, ଉଦ୍‌ହକେଶ୍ୱର ବି ଶିବ ମୂର୍ତ୍ତି, ଲୋକନାଥ ବି ଶିବ ମୂର୍ତ୍ତି, ଧବଳେଶ୍ୱର ବି ଶିବ ମୂର୍ତ୍ତି। ହେଲେ କାହାର ଭାଗ୍ୟ କାହାରି ସଙ୍ଗେ ସମାନ ନୁହେଁ।

କୌଣସି ଶିବଙ୍କର ଭିନଧୂପ ପାଞ୍ଚ ଅବକାଶ କରିବାକୁ ସମୟ ମିଳୁନି। କୌଣସି ଶିବ ଫୁଲ, ବେଲପତ୍ରୀ, ଲହୁଣୀ ନବାତରେ ବୁଡ଼ି ରହିଛନ୍ତି। କୌଣସି ଶିବ ବାରବର୍ଷରେ ପାଣି ଢାଳେ ବି ପାଇବା କଷ୍ଟ।

ଉଦ୍‌ହକେଶ୍ୱର ଶିବ ଏହିମାନଙ୍କ ସମାନସ୍କନ୍ଧ ହେଲେ ବି ହତଭାଗା। ତେଣୁ କାଳ କାଳ ଧରି ଅପୂଜା ଅଛନ୍ତି। ମନ୍ଦିରର କଳେବର ଗ୍ରେଟ ଗ୍ରେଟ ଲତା ଗୁଳ୍ମରେ ପୂର୍ଣ୍ଣ। ସ୍ଥାନେ ସ୍ଥାନେ ଶୈବାଳ ବି ପୂରି ରହିଛି। ଭିତରେ ଅସଂଖ୍ୟ ଚେମିଣୀ ଚଟେଇ ବହୁକାଳରୁ ବସ ବାସ କରି ରହିଗଲେଣି। ସେମାନଙ୍କ ମଇଳାରେ ଶିବ ଲିଙ୍ଗ ପୋତି ହୋଇ ରହିଥାନ୍ତି। ଭିତରେ ପଶିବାକୁ ଭୟ ବି ଲାଗେ। ଗନ୍ଧରେ ନାକ କଥା ଦୂରେ ଥାଉ, ମୁଣ୍ଡରୁଣ୍ଡ ହୋଇଆସେ।

Digitized by PPRACHIN, SOA

ଚେମିଣୀ ଚଟେଇ ଶିକାର କରିବାପାଇଁ ସମୟେ ସମୟେ ପାଦଂଶରୁ ସର୍ପ, କଇଁଚ ଓ ନେଉଳ ଇତ୍ୟାଦି ଶିକାରୀ ଜୀବମାନେ ସେଥିରେ ପ୍ରବେଶ କରନ୍ତି ।

ଟଙ୍କଧର ଏଭଳି ଗୋଟିଏ ସ୍ଥାନ ପାଇ ରହିବାକୁ ଇଚ୍ଛାକରେ । ମାୟା-ଜ୍ୟୋତିଷ ବି ସମ୍ମତି ଜଣାଇଲା ।

ଦିନେ ଆସି ଗାଧୁଆବେଳ ଅତିକ୍ରମ କଲାଣି । ବାଟ ଚଲା ଓ ଖରା ତାପରେ ଅସ୍ତ ବ୍ୟସ୍ତ ହୋଇ ମନ ହେଉଥାଏ ଗାଧୋଇବାକୁ । ତପ୍ତକୁଣ୍ଡ ଛଡ଼ା ପାଖ ଆଖରେ ଜଳର ଅଭାବ । ତେଣୁ ଟଙ୍କଧର ପଚାରିଲେ—"କଣ କରିବା ?"

ଜ୍ୟୋତିଷ କହିଲା—"ସତ୍ୟବନ୍ତ ଲୋକ ଏହି ଫୁଟନ୍ତା କୁଣ୍ଡରେ ଗାଧୋଇଲେ ଜଳ ଶୀତଳ ଲାଗିବ ଏବଂ ସୁନାପଦ୍ମଟିଏ ପୁରସ୍କାର ମିଳିବ ?"

ଟଙ୍କଧର ପଚାରିଲେ—ମିଥ୍ୟାବାଦୀ ?

କହିଲା—"ପାଣିରେ ପଶିଲାମାତ୍ରେ ଦେହସାରା ଫୋଟକା ହୋଇଯିବ ଓ ହଳଦିଆ-ମାଗୁରି ନାମକ ଜୀବ ନାକଟାକୁ ଛିଣ୍ଡାଇ ଖାଇଯିବ ।"

ଟଙ୍କଧର କହିଲେ—ମୁଁ ନିଶ୍ଚୟ ଗାଧୋଇ ପାରିବି ।

ଜ୍ୟୋତିଷ କହିଲା—"ତୁମେ ଗାଧୋଇଲେ ମୁଁ କଣ ଶୁଉଛି । ଏହାପରେ ଗମାଡ କରି ଦ'ସାଙ୍ଗପାକ ତପ୍ତକୁଣ୍ଡ ଭିତରକୁ ଡେଇଁ ପଡ଼ିଲେ । ଏତିକିବେଳେ ଜ୍ୟୋତିଷ ପଚାରିଲା—ହେ ହେ ସାଙ୍ଗ ! କାହିଁକି ଦୁଃଖ କଷ୍ଟ ସହି ତୁମେ ଏ ବଣ ବୁଦାରେ ବୁଲୁଛ, ସତ କହିଲ ?"

ଟଙ୍କଧର କହିଲେ—ବୁଝିଲ ସାଙ୍ଗ । ଆମ ରଜାଙ୍କର ଥିଲେ ତିନୋଟି ରାଣୀ । ବଡ଼ ଦୁଇରାଣୀ ଚକ୍ରାନ୍ତ କରି ସାନରାଣୀଙ୍କ ମରାଇ

Digitized by PPRACHIN, SOA

ଦେଲେ । କଥାଟା ବି ପ୍ରମାଣ ହୋଇଗଲା । ରଜା ରାଣୀମାନଙ୍କୁ ଅପରାଧି ବୋଲି ସାବ୍ୟସ୍ତ କରି ପ୍ରାଣଦଣ୍ଡ ଦେବାକୁ ସ୍ଥିର କଲେ । ପୁଣି କଣ ହେଲା ଚେଜାଣି, ଯୋକ ମୁହଁରେ ଲୁଣ ଦେଲା ପରି ତୁମ ପଡ଼ିଗଲେ । ଅପରାଧିନୀ ରାଣୀମାନେ ରାଜ୍ୟରେ ହେଲେ ସର୍ବେସର୍ବା । ରଜା ତାଙ୍କର ଦାସ ପରି ରହିଲେ । ଏ ଘଟଣା ଦେଖି ମୋ ପ୍ରାଣରେ ଆଘାତ ଲାଗିଲା । ତେଣୁ ମୁଁ ରାଜକାର୍ଯ୍ୟସହ ରାଜ୍ୟର ମାୟା ତୁଟାଇ ପଳାଇ ଆସିଲି ଜଙ୍ଗଲକୁ ।

ଭାବିଲି ଯଦି ସତ୍ୟ, ଧର୍ମ ଏବଂ ନ୍ୟାୟ ଯୁଗେ ଯୁଗେ ଉଜ୍ଜ୍ୱଳ ଥିବ, ତା'ହେଲେ ଘଟଣାର ସନ୍ଧାନ ମିଳିବ । ଅପରାଧିମାମାନେ ଅନ୍ୟାୟର ପ୍ରତିଫଳ ଭୋଗ କରିବେ, ତେବେତ ଭଲ । ତା' ନ ହେଲେ ଈଶ୍ୱରଙ୍କ ନାମରେ କଳଙ୍କ ବୋଳି, ମିଥ୍ୟାମାୟା ସଂସାରରୁ ବିଦାୟ ନେବି ।

ହଠାତ୍ ଜଳ ମଧ୍ୟରୁ ଉଠିଲା ଗୋଟିଏ ସୁନାର ପଦ୍ମ । ଭାସି ଭାସି ପହଞ୍ଚିଲା ଟଙ୍କଧର ହାତ ପାଖରେ । ଟଙ୍କଧର ତାକୁ ନେବାକୁ ଶ୍ରଦ୍ଧା ନ କରିବାରୁ ମନ୍ଦିର ମଧ୍ୟରେ ଥିବା ଚେମୁଣି ଚଢ଼େଇଙ୍କ ମଧ୍ୟରୁ ଗୋଟିଏ ଡାକପକାଇ କହିଲା—"ହେ ସତ୍ୟବାଦୀ ଟଙ୍କଧର ! ପଦ୍ମଟିକୁ ନିଅ । ନ'ନେଲେ ତୁମେ ସତ୍ୟ ପ୍ରତିଷ୍ଠାକାରୀ ମହାରାଜ ଶଙ୍ଖକେତୁଙ୍କର ଅବମାନନା କରିବ ।

ଟଙ୍କଧର ଆଶ୍ଚର୍ଯ୍ୟ ହେଲେ ଓ ଜ୍ୟୋତିଷ ବୁଢ଼ାଙ୍କୁ ପଚାରିଲେ—ଏ କଥାର କାରଣ କ'ଣ ଗଣକ ?

ଜ୍ୟୋତିଷ ବୁଢ଼ା କହିଲା—ପଦ୍ମଟି ନେଇ ଉପରକୁ ଚାଲ । ଲୁଗା ପାଲଟି ଆରାମରେ ବସିବା, ତାପରେ କଥାବାର୍ତ୍ତା ହେବା । ଅନନ୍ତର ଦୁଇବନ୍ଧୁ ଗାଧୁଆପାଧୁଆ କରି ଉପରକୁ ଆସିଲେ । ପୂଜା ପାଠ ସାରି ଲୁଗାପଟା ବଦଳା ବଦଳି କରିବା ପରେ ଟଙ୍କଧରଙ୍କ

Digitized by PPRACHIN, SOA

ମନ୍ଦେଇଲ୍—"ଉଦ୍ଧକେଶ୍ୱର"ଙ୍କ ମନ୍ଦିରଟି ପରିଷ୍କାର କରିବାପାଇଁ । ଜ୍ୟୋତିଷ କହିଲ୍—ଯଦି ମନ ହେଉଛି ତେବେ ପରିଷ୍କାର କର । ଏକଥା ଶୁଣି ଟଙ୍କଧର ଯାଇ ଚେମିଣୀ ମଇଳା କଡ଼ା କଡ଼ି କରି ପକାଇଲେ । ଉଦ୍ଧକ କୁଣ୍ଡରୁ ଢାଳ ଢାଳ କରି ପାଣି ଆଣି ଧୂଆ ପୋଛ କଲପରେ, ପାଇଥିବା ସୁନାପଞ୍ଜୁଟିକୁ ଲିଙ୍ଗ ମସ୍ତକରେ ଚଢ଼ାଇ ଦେଲେ ।

ଉପରେଥିବା ଚେମିଣୀରୁ ଗୋଟିଏ କହିଲ୍—

"ତୁମର ଜୟ ହେବ ।"

ଟଙ୍କଧର ଆଶ୍ଚର୍ଯ୍ୟ ହୋଇ ପଚ୍ଚରିଲେ—"ତୁମେ କଏ ?"

ଚେମିଣୀ କହିଲ୍—"ମୁଁ ଗୋଟିଏ ହତଭାଗିନୀ ରଜାଝିଅ । ମୋକଥା ଜାଣିବା ପାଇଁ ଇଚ୍ଛା କରି ନାଁ । ପାରି ଯଦି ଉଦ୍ଧକେ-ଶ୍ୱରଙ୍କର କିଛି ବନ୍ଦୋବସ୍ତ କର । ନିଶ୍ଚୟ ମଙ୍ଗଳ ହେବ ।

ଟଙ୍କଧର ବାହାରକୁ ଆସି ଗଣକକୁ ପଚ୍ଚରିଲେ । ଗଣକ କଣେଇ କରି ଟିକଏ ହସିଲ୍ । ତା'ପରେ କହିଲ୍—ବୁଝିଲ ସଙ୍ଗୀ ! ତୀର୍ଥ ସ୍ଥାନରେ ତୁମକୁ ଭୁଲରେ ପକାଇ ଠକିବା ମୋର ଇଚ୍ଛା ନୁହେଁ । ତେଣୁ ମୁଁ ବି ସତ୍ୟକଥା କହୁଛି ଶୁଣ ।"

ଟଙ୍କଧର ଆଶ୍ଚର୍ଯ୍ୟ ହୋଇ କାନ ପାତିଲେ ।

ଗଣକ କହିଲ୍—"ତୁମେ ଯେଉଁ ପଥର ଯାତ୍ରୀ ମୁଁ ବି ସେହି ପଥର ଯାତ୍ରୀ । ସାନରାଣୀ ମରି ନାହାନ୍ତି ।

ଟଙ୍କଧରଙ୍କ ଦେହରୁ ନିଆଁ ଖସିଲ୍ । ସେ ଅବାକ୍ ହୋଇ କହି ଉଠିଲେ—"ମରି ନାହାନ୍ତି ? ତେବେ କାହାନ୍ତି ସେ ?"

କହିଲ୍—ମୁଁ ତାଙ୍କୁ ଖୁବ୍ ସାବଧାନରେ ରଖାଇଛି ।

ପଚ୍ଚରିଲେ—"ତୁମେ କିଏ ?"

Digitized by PPRACHIN, SOA

କହିଲା—ମୋ' ନାଁ ବାହାଡ଼ାସୁର । ଏ ବଣରେ ଯୁଗ ଯୁଗ ଧରି ବସା ବାନ୍ଧି ରହିଛି । ତୁମେ ପ୍ରକୃତରେ ରାଜରାଣୀଙ୍କ ସପକ୍ଷ ଲୋକ କି ବିପକ୍ଷ ଲୋକ ଜାଣିବା ପାଇଁ ପରୀକ୍ଷା କରୁଥିଲି । ଏଠାରେ ଯାହା ସବୁ ଦେଖୁଛ ସେ ସବୁ ମାୟା । ତୁମକୁ ନାନା ଛନ୍ଦ କପଟରେ ଭୁଲାଇ ପ୍ରକୃତ କଥାର ସନ୍ଧାନ ପାଇ ସାରିଛି । ଆଉ ମୋର କିଛି ଜାଣିବା ଦରକାର ନାହିଁ । ଏଣିକି ଆସ, ରାଣୀଙ୍କ ସଙ୍ଗେ ଦେଖା କରିବ ।

ପଚାରିଲେ—ତୁମେ ରାଣୀଙ୍କୁ କିପରି ପାଇଲ ?

ବାହାଡ଼ାସୁର ଏଥର ପୂର୍ବାପର ସମସ୍ତ କଥା ପ୍ରକାଶ କଲା ।

ଶୁଣିସାରି ଟଙ୍କଧର ବହୁତ କିଛି ଆଶ୍ଚର୍ଯ୍ୟ ହୋଇ ବାହାଡ଼ାସୁରକୁ, ତା' ବୁଦ୍ଧିକୁ ଓ କାର୍ଯ୍ୟକଳାପକୁ ବହୁତ କିଛି ତାରିଫ୍ କଲେ । ତାପରେ କିଞ୍ଚିତ୍ ଫଳାହାରପୂର୍ବକ ବାହାରିଲେ ରାଣୀଙ୍କୁ ସାକ୍ଷାତ କରିବାପାଇଁ ।

ବାହାଡ଼ା କହିଲା—ତୁମେ ଟିକିଏ ବିଶ୍ରାମ କର, ମୁଁ ବି ଟିକେ ବିଶ୍ରାମ କରୁଛି । ରାତି ପାହିଲେ ଧୀରେ ସୁସ୍ଥେ ଯିବା ।

ଗୋଟିଏ ଗଛ ମୂଳେ ଦୁହିଁଙ୍କ ଦୁହେଁ ଅଗଣ୍ଡି ଗୁଡ଼ାଇ ଦେଇ ଶୋଇ ପଡ଼ିଲେ । କଠିନ୍ ନିଦ୍ରା ବି ଆସିଗଲା ।

ବାହାଡ଼ାସୁର କଥାକୁ ବାଦ୍ ଦେଲେ ଟଙ୍କଧରଙ୍କ ମରଣ ନିଦ୍ରାପରି ଘୋର ନିଦ୍ରା ହୋଇଥାଏ । ବାହାର ଦୁନିଆର ଜ୍ଞାନ ଲୋପରୁ ସେ ଏକବାରେ ବହୁ ଦୂରରେ ଥାଆନ୍ତି । ଶୀତଳ ସନ୍ଧ୍ୟାର ସୁଲୁସୁଲିଆ ବାୟୁ ତାଙ୍କ ମୁଣ୍ଡର ପକ୍ୱକେଶ କେତେକ ଫୁରୁ ଫୁରୁ କରି ଉଡ଼ାଉଥାଏ । ବୃକ୍ଷ ଲତା ଓ ପର୍ବତର ଶୀର୍ଷ ଦେଶରେ ବିଛାଇ ହୋଇ ଯାଉଥାଏ ଶୁଦ୍ଧମା ରାତିର ଜ୍ୟୋତ୍ସ୍ନାବନ୍ୟା । ଶୁଣାଗଲା ଗୋଟିଏ ଶଙ୍ଖର ଗମ୍ଭୀର ଶବ୍ଦ ।

Digitized by PPRACHIN, SOA

ଟଙ୍କଧରଙ୍କ ନିଦ୍ରାରେ ବାଧା ପଡ଼ିଲା । ତେଣୁ ସେ ଅଳସ ଭାଙ୍ଗି ଉଠି ବସିଲେ । ପାଖରେ ଗଣକବେଶୀ ବାହାଡ଼ାସୁର କପଟ ନିଦ୍ରାରେ ଶୋଇଛି ।

ଏ କ'ଣ ! ଚମକି ଉଠିଲେ ଟଙ୍କଧର । ତାଙ୍କ ମନ-ରାଜ୍ୟରେ ଭାବାନ୍ତର ଦେଖାଗଲା । ହଠାତ୍ କିଛି ବୁଝି ପାରିଲେନି । ସ୍ୱପ୍ନରୁ ଉଠି ବଳବଳେଇଲା ପରି ଗୁଣୁ ଗୁଣୁ କହିବାକୁ ଲାଗିଲେ—ଏ'ଟା କେଉଁସ୍ଥାନ ? ସେ ବୃକ୍ଷର ଗୁମ୍ଫା କାହିଁ, ଉଦକ-କୁଣ୍ଡ ଓ ଉଦକେଶ୍ୱର ଶିବ କାହାନ୍ତି ?

ମୋତେ ଏଠାକୁ କିଏ ଆଣିଲା ? ଏ ତ ଗୋଟାଏ କୌଣସି ରାଜା କି ବାଦସାହଙ୍କ ମହଲ ପରି ଜଣା ପଡ଼ୁଛି ।

ବାହାଡ଼ାସୁର ସେହିପରି ଶୋଇବା ଅବସ୍ଥାରେ ଥାଇ କହିଲା—ଆଶ୍ଚର୍ଯ୍ୟ ହୁଅନା ସାଙ୍ଗ । ଏ ଖଣ୍ଡିକ ତୁମ ନୂଆରାଣୀଙ୍କ ମହଲ ।

ପଚାରିଲା—ନୂଆରାଣୀ କାହାନ୍ତି ?

ଠିକ୍ ସମୟରେ ରାଣୀ ପୁଷ୍ପମଞ୍ଜରୀ ଗୋଟିଏ ଖାଦ୍ୟପାତ୍ରରେ କିଛି ଖାଦ୍ୟ ଓ ପାନୀୟ ନେଇ ଦେଖାଦେଲେ । ଟଙ୍କଧର ପ୍ରଣାମ ଜଣାଇ ଜଣାଇ କହିଲେ—ମା ! ସତେ ତୁମର ଦେଖା ପାଇବି ବୋଲି ବିଶ୍ୱାସ କରି ନଥିଲି ।

ରାଣୀ ବି କାନ୍ଦିଲେ । ରଜା ରାଣୀମାନଙ୍କ କଥା ପଚାରି ବୁଝିଲେ । ମନରେ ଆହୁରି ଦୁଃଖ ଆସିଲା । ହେଲେବା ଆଉ କ'ଣ କରି ପାରନ୍ତେ ? କେବଳ ମନକଥା ମନରେ ମାରି ରହିବାକୁ ପଡ଼ିଲା ।

ଟଙ୍କଧରଙ୍କ ମନ ଗଗନରେ ଉଠିଲା ଏକ ସନ୍ଦେହର ଅଗ୍ନିକ ଝଡ଼ । ସେ ସ୍ୱପ୍ନ-ରାଜ୍ୟରେ କି ବାସ୍ତବରାଜ୍ୟରେ ଅଛନ୍ତି

Digitized by PPRACHIN, SOA

କିଛି ସ୍ଥିର କରି ପାରିଲେନି । ରାଣୀ ଆଣି ଖାଦ୍ୟ ସାମଗ୍ରୀ ଯୋଗାଇଲେ ବି ଖାଇବାକୁ ଇଚ୍ଛା ହେଉ ନଥାଏ । ସେ ଖାଲି ଭାବନାର ସହସ୍ର ବାଦଲ ଭିତରେ ପଥଭ୍ରଷ୍ଟା ତାରକା ପରି ଜୁଳୁ ଜୁଳୁ ଅନାଇ ଥାଆନ୍ତି ।

ମୁଖରେ କଥା ନାହିଁ କି ମନରେ ସ୍ପନ୍ଦନ ନାହିଁ । ଶରୀରର ଧୃତି କମି ଆସୁଥାଏ । ହଠାତ୍ ତାଙ୍କର ଏଭଳି ଭାବାନ୍ତର ଲକ୍ଷ୍ୟ-କରି ବାହାଡ଼ାସୁର ଟିକିଏ ହସି ଦେଲା ।

ପଚାରିଲା—କାହିଁକି ହସିଲ ସାଙ୍ଗ ?

କହିଲା—ତୁମ ଅବସ୍ଥା ଓ ମନର ଭାବନାକୁ ଲକ୍ଷ୍ୟକରି

ପଚାରିଲା—ତା'ର ମାନେ ?

କହିଲା—ତୁମେ ବର୍ତ୍ତମାନ ବଡ଼ ଅଡ଼ୁଆରେ ପଡ଼ି ଯାଇଛ । ଭାବୁଛ ଏ ସବୁ ମାୟା ବୋଲି ।

ପଚାରିଲେ—ଘଟଣାଟା ମୋ ମୁଣ୍ଡରେ ମୋଟେ ପଶି ପାରୁନି ସାଙ୍ଗ । ସବୁ ଅସମ୍ଭବ ଲାଗୁଛି ।

ବାହାଡ଼ା କହିଲା—ମନଟାକୁ ଦମ୍ଭକର ସାଙ୍ଗ । ସବୁ ଅସମ୍ଭବ ସମ୍ଭବକୁ ଆସିବ । ତୁମେ ଆଗେ ଖିଆପିଆ କର । ଥଣ୍ଡା ପବନରେ ବସି ସବୁକଥାଯାକ ଶୁଣିବ, ମୁଁ କହିବି । ଅନନ୍ତର ଠଙ୍କଧର ଏକଥା ଶୁଣି ଖିଆ ପିଆ କଲେ ।

ଶୀତଳ ମଧ୍ୟାହ୍ନ ଆସିବାମାତ୍ରେ ବାହାଡ଼ା ଓ ଠଙ୍କଧର ଯାଇ ଗହଳିଆ ତୋଟା ଗଛଇଲେ ବସିଲେ । ଖୁବ୍ ନରେଲା ଲାଗିଲା ଓ ସୁଲୁସୁଲିଆ ବାସପବନ ଦୂର କୁଞ୍ଜବନ ଲୁଟ୍‌କରି ବହି ଆସୁଥାଏ । ଠଙ୍କଧର କହିଲେ—ଏଥର ମୋତେ ସବୁକଥାତକ ଶୁଣାଅ ବନ୍ଧୁ ।

ବାହାଡ଼ାସୁର ଏଥର ସମସ୍ତ କଥା ଗୋଟି ଗୋଟି କରି ଶୁଣାଇ ଦେଲା ।

Digitized by PPRACHIN, SOA

ଶୁଣି ସାରି ଟଙ୍କଧର ଜଡ଼ ପ୍ରାଲଟି ଗଲା ପରି ଦଣ୍ଡେ ପର୍ଯ୍ୟନ୍ତ ମୂକ ହୋଇ ରହିଲେ । ପାଟିରୁ ତାଙ୍କର ପଦେ ହୋଇ କଥାବି ବାହାରିଲା ନାହିଁ । ବାହାଡ଼ାସୁର ମଣିଷ କି ଅସୁର କି ଦେବତା ? ଏହି କଥା ତାଙ୍କ ମନ ଭିତରେ ଆନ୍ଦୋଳିତ ହେବାକୁ ଲାଗିଲା ।

କିଛି ସମୟ ପରେ ପ୍ରକୃତିସ୍ଥ ହୋଇ ବାହାଡ଼ାସୁର ପ୍ରତି ଧନ୍ୟବାଦ ଅର୍ପଣ କରି କହିଲେ—ସାଙ୍ଗ ! ପ୍ରକୃତରେ ତୁମେ ଗୋଟିଏ ଦେବତା । ତୁମକୁ ଅସୁର ବୋଲି ବିଚାରିବା ଲୋକ ଜଗତରେ ନିତାନ୍ତ ଅଧମ ବୋଲି ଧରିନେବାକୁ ହେବ । ଯାହା କରିବାର ଖୁବ୍ କରିଛ । ଗୋଟିଏ ନିସହାୟ ଅବଳାର ଜୀବନ ରଖିଛ ଯେବେ, ତେବେ ତାର ସୁରକ୍ଷାର ବନ୍ଦୋବସ୍ତ କର । ପ୍ରଭୁ ନିଶ୍ଚୟ ମଙ୍ଗଳ କରିବେ ।

ବାହାଡ଼ା କହିଲା—ପ୍ରଭୁଙ୍କ ଦୟାରୁ ତୁମକୁ ଯେତେବେଳେ ସାଙ୍ଗ ରୂପେ ପାଇଛି, ସେତେବେଳେ ସବୁ ଉପାୟ ଆପେ ଆପେ ହାତକୁ ଆସି ଯାଇଛି । ତୁମେ ଧୈର୍ଯ୍ୟହରା ହୁଅନା । ମନରେ ସାହସ ବାନ୍ଧ । ମୁଁ ଯାହା କରିବାକୁ ବିଚାର କରିଛି, ସେ କାର୍ଯ୍ୟରେ ମୋତେ ସାହାଯ୍ୟ ଦିଅ ।

ଟଙ୍କଧର କହିଲେ—ମୋତେ ଯାହା କିଛି କରିବାକୁ କହିବ, ମୁଁ ସେ କାମ କରିବାକୁ ପ୍ରସ୍ତୁତ ହେବି ।

ପଚାରିଲା—ଡରିବ ନାହିଁ ତ ?

କହିଲେ—ନାଁ ।

ବାହାଡ଼ା କହିଲା—ମୁଁ ତୁମକୁ ଅଖଣ୍ଡ-ଜ୍ଞାନ-ମଞ୍ଜୁଷା ମୁଦ୍ରିକା ଦେଇ ଗୋଟିଏ ଶୁଆ ଚଢ଼େଇ କରିଦେବି । ଯେଣେ ପାରି ତେଣେ ଗଲେ ବି ତୁମର ଜ୍ଞାନ ଲୋପ ହେବନି । ଦୁନିଆର ସମସ୍ତ କଥା ଜାଣି ପାରୁଥିବ ।

Digitized by PPRACHIN, SOA

ପଗୃରିଲ୍ଲି—ତା'ପରେ ?

କହିଲ୍—ଫଳଟିଏ ଦେବ ! ସେ'ଫଳର ନାମ ବ୍ରହ୍ମଫଳ । ତାକୁ ନେଇ ରଜାଙ୍କର ପାଖରେ ବସିବ । ମୋଟେ ଡରିବନି । ରଜା ତୁମକୁ ତାଙ୍କ ପାଖରେ ବସିବାର ଦେଖିଲେ ଶ୍ରଦ୍ଧା କରିବେ । କିଛି ପଗୃରିଲେ ତୁମେ ବ ମଣିଷ ପରି କଥାବାର୍ତ୍ତା କରିବ ।

ପଗୃରିଲେ—ଫଳଟି କ'ଣ ହେବ ?

କହିଲେ—ରଜାଙ୍କୁ କହିବ—ମହାରାଜ, ଫଳଟିର ବହୁତ ଭଲଗୁଣ ଥିବାରୁ ଆଣିଛୁ ଭେଟି ଦେବାକୁ । ରଜା ପଗୃରିଲେ କ' ଗୁଣ ? ତୁମେ କହିବ—ଏହାକୁ ଖାଇଲେ ମଣିଷର ସିଦ୍ଧି ଲାଭ ହୁଏ ।

ପଗୃରିଲେ—ତା'ପରେ ?

କହିଲ୍—ତା'ପରେ ଫଳଟି ଖାଇବା ପାଇଁ ତୁମେ ରଜାଙ୍କୁ ବାଧ୍ୟ କରାଇବ ।

ପଗୃରିଲେ—ଧର, ଫଳଟି ସେ ଖାଇବେ । ତା' ପରେ କ'ଣ ହେବ ?

କହିଲ୍—ତାହା କହିବାପାଇଁ ଗୁରୁଙ୍କର ମନା ଅଛି । ତେଣୁ କହି ପାରିବନି । ଯାହାକିଛି ଘଟଣା ଘଟିବ, ସେକଥା ତୁମେ ନିଜ ଆଖିରେ ଦେଖିବ, କାନରେ ଶୁଣିବ, ବ୍ୟସ୍ତ କାହିଁକି ?

ଚକ୍ରଧର ନୀରବ ହେଲେ । ବାହାଡ଼ା ତାଙ୍କର ନୀରବ ସମ୍ମତି ଲକ୍ଷ୍ୟକରି ଜ୍ଞାନମଞ୍ଜରୀ ମୁଦ୍ରିକାଟିଏ ଦେଲେ ଏବଂ ଅଦ୍ଭୁତ ପ୍ରକାରର ଶୁଆଟିଏ କରିଦେଲେ ।

ବଡ଼ିଆ ଶୁଆ । ଦେଖିଲେ ଆଖି ଅମାନିଆ ହୋଇ ଉଠିବ । ରଙ୍ଗବର୍ଣ୍ଣ ଓ ସବୁଜବର୍ଣ୍ଣ ମିଶି ତା'ର ଶରୀରଟି ଗଠନ ହୋଇଛି । ଚଞ୍ଚୁଟି ଆହୁରି ସୁନ୍ଦର । ରବ କଲେ ବୀଣା ବାଜିଲାପରି ଶୁଭୁଥାଏ । ଗୋଡ଼ରେ ସୁନାବାଳା, ମୁଣ୍ଡରେ ସୁନାଚୂଳ । ଏଭଳି

Digitized by PPRACHIN, SOA

ଅପୂର୍ବ ଶୁଆ କେବେ କାହାରି ଦୃଷ୍ଟିଗୋଚର ହୋଇନ ।

ସେହି ଝଙ୍କଧର—ଶୁଆ ଚଞ୍ଚୁରେ ବ୍ରହ୍ମଫଳଟିଏ ନେଇ ବାହାଡ଼ାସୁର ବଙ୍କୁର ନିର୍ଦ୍ଦେଶ ମତେ ପହଞ୍ଚିଗଲା ରଜାଙ୍କ ପାଖରେ ।

ରଜା ସେତେବେଳେ ଫୁଲ ବଗିଚ୍ଚ ଭିତରେ ବୁଲବୁଲ କରସାରି ଖଣ୍ଡିଏ ଆସ୍ଥାନ ଉପରେ ବସିଥିଲେ । ସମୟଟା ବି ନିରୋଳା ହୋଇଥିଲା । ଏହିପରି ଏକ ମାହେନ୍ଦ୍ର ମୁହୂର୍ତ୍ତରେ ଶୁଆ ଯାଇ ବସିଲା ତାଙ୍କ ଜଙ୍ଘ ଉପରେ ।

ରଜା କାବା ହୋଇଗଲେ । ଶୁଆପ୍ରତି ତାଙ୍କର ସ୍ନେହ ବି ଆସିଲା । ସେ ତା ମୋଳାଏମ ପିଠି ଉପରେ ହାତ ବୁଲାଉ ବୁଲାଉ ପଚାରିଲେ—

ହେ ଅପୂର୍ବ ଶୁକ ଥାଅ କେଉଁ ବନେ ?
କି କରମ କରି ନେଇଛ ଜୀବନେ ?
କିବା ଅଭିଳାଷେ ଆସିଛ ଏଠାକୁ ?
ପୋଷା ମନାଇଛୁ କେ ଅବା ତୁମ୍ଭଙ୍କୁ ?

ଶୁଆ କହିଲା—ମହାରାଜ ମୁହିଁ ବନର ଚଢ଼େଇ
ପୋଷା ନୁହଇ କାହାରି,
ପର ଉପକାର ବ୍ରତେ ଏ ଜୀବନ
ଗଢ଼ି, ହେଲି ଦେହଧାରି ।
ଶୁଣିଲି ତୁମ୍ଭଙ୍କ ଅଖଣ୍ଡ କୀରତି
ମନ ହେଲା ଛନ୍ନ ଛନ୍ନ
ବ୍ରହ୍ମଫଳ ଭେଟି ଦେବାକୁ ତେଣୁ ମୁଁ
ଆସିଛି ହୋଇ ଉଛନ୍ନ ॥

ରଜା ପଚାରିଲେ—ବ୍ରହ୍ମଫଳର ଗୁଣ ?

ଶୁଆ କହିଲା—ବ୍ରହ୍ମଫଳ ଭକ୍ଷଣ କଲେ ସର୍ବସିଦ୍ଧି ଲାଭହୁଏ ।

Digitized by PPRACHIN, SOA

ରଜା କହିଲେ—ଫଳଟି ଦିଅ ।

ଶୁଆ କହିଲା—ଦେବାକୁ ତ ଆଣିଛି, ମାତ୍ର ଗୋଟିଏ କଥା ।

ରଜା ପଚାରିଲେ—କ' କଥା ?

କହିଲା—ପ୍ରାପ୍ତି ମାତ୍ରେଣ ଭୁକ୍ତବ୍ୟଂ । ଆପଣ ଫଳଟି ପାଇବା ମାତ୍ରେ ଭକ୍ଷଣ କରିବେ ।

ରଜା ସେ କଥାରେ ସମ୍ମତ ହେବାରୁ ଶୁଆ ଫଳଟି ତାଙ୍କ ହାତକୁ ବଢ଼ାଇ ଦେଲା ।

ବଡ଼ିଆ ଫଳ । ରୂପ ଯେପରି ମନୋହର ବାସନା ମଧ୍ଯ ସେହିପରି । ଦେଖୁ ଦେଖୁ ରଜାଙ୍କର ଲୋଭବି ଆସିଗଲା । ସୁତରାଂ ସେ ଆଉ କୌଣସି ବାଛ ବିଚାର ନ କରି ଖାଇଦେଲେ ।

ଠଙ୍କଧର ଶୁଆ ଅନାଇଥାଏ । ରଜା ବି ଶୁଆଟିଏ ହୋଇଗଲେ । ତାଙ୍କର ସମସ୍ତ ଜ୍ଞାନ ଲୋପ ହୋଇଗଲା । ତେଣିକି ଠଙ୍କଧର ଶୁଆ ଯୁଆଡ଼େ, ରଜାଶୁଆ ଚାଲିଲେ ସିଆଡ଼େ । ଭୁଲରେ ଦଣ୍ଡକ ପାଇଁ ବି ତା ପିଛା ଛାଡ଼ିଲେନି ।

× × × ×

ବାହାଡ଼ାସୁର ଆଡ୍ଡା ନଦଘୋଡ଼ ବନସ୍ତ ମଝିରେ ଗୋଟିଏ ପର୍ବତ କନ୍ଦରରେ । ବାରମାସୀ ସେଠି ପାଚିଲା ଫଳ ମିଳେ । ଖାଇବାକୁ ସ୍ୱାଦୁ ଯେମିତି ଦେଖିବାକୁ ସୁନ୍ଦର ସେମିତି । ପର୍ବତ ଶୀର୍ଷ ଦେଶରୁ ସ୍ୱଚ୍ଛ ସଲିଳା ଝରଣା ଯୋଡ଼ିଏ ଅଙ୍କାବଙ୍କା ହୋଇ ବହି ଆସିଛି ନିମ୍ନଦେଶକୁ । ପିଇବାକୁ ଖୁବ୍ ମଧୁର । ତା'ର ଶାଖରେ ଶାଖରେ ପ୍ରକାର ପ୍ରକାର ଚଢ଼େଇବସି ପୋକଯୋକ ଖାଇବାରେ ଲାଗିଥାନ୍ତି । ଶ୍ରେଷ୍ଠ ଶ୍ରେଷ୍ଠ ମାଛ ସବୁ ତଳୁ ଚେଷ୍ଟା କରୁଥାନ୍ତି ଉପରକୁ ଉଠିବା ପାଇଁ । ତାଙ୍କର ସାରା ଦେହଟା ପାଣି ଭିତରେ । କେବଳ ମୁଣ୍ଡଟି ଥାଏ ଉପରକୁ ।

Digitized by PPRACHIN, SOA

ଏମିତିବେଳେ ଠଙ୍କଧର ଶୁଆ ଆସି ପାଖରେ ବସିଲେ ।

ବାହାଡ଼ା କହିଲା— ହସି ହସିକା—

ଆସିଲ ସାଙ୍ଗ ହାସଲ କରି

ଅସଲ କାମଟାକୁ ।

ଏଥର ପାଅ ଆପଣା ଦେହ

କାହିଁକି-ଆକୁ ପାକୁ ॥

ଟିକଏ ଆଉଁଷି ଦେବାରୁ ଠଙ୍କଧର ଶୁଆରୂପ ଛାଡ଼ି ମଣିଷ ହୋଇଗଲେ । ରଜା ଶୁଆ ତାଙ୍କ ପାଖ ଛାଡ଼ି କୁଆଡ଼େ ଗଲାନି । ବାହାଡ଼ା ଓ ଠଙ୍କଧର ଦିହେଁ ଭୂମିଡାକ ହୋଇ କିଛି ପରାମର୍ଶ କଲା ପରେ ରଜାଶୁଆକୁ ନେଇ ଗୋଟିଏ ପଞ୍ଜରାରେ ରଖିଲେ ଓ ସୁସ୍ୱାଦୁ ପକ୍ୱଫଳ କିଛି ଖାଇବାକୁ ଦେଲେ ।

ତା'ପରେ ଚାଲିଲା ଯାଦୁଖେଳରେ ମହାତ୍ମ୍ୟ । ମନ୍ତ୍ର ବଳରେ ରାଣୀ ପୁଷ୍ପମଞ୍ଜରୀଙ୍କୁ ଶୁଆଟିଏ କରିଦେଇ ରଜା ଶୁଆ ସାଙ୍ଗରେ ଛାଡ଼ି ଦେଲେ ।

ଶୁଆ ଯୋଡ଼ିକ ଏକାଠି ହେଲାମାତ୍ରେ ମନେ ମନେ ଆନନ୍ଦ ହେଲେ ଯେମିତି, ପରସ୍ପରକୁ ଭଲ ବି ପାଇଲେ ସେମିତି । ଯାଦୁମନ୍ତ୍ର ପ୍ରଭାବରେ ନିଜ ଜୀବନ କଥା କି ଜନ୍ମକଥା କିଛି ଜାଣି ପାରିଲେନି । ବନ୍ଧୁକାଳରୁ ପୋଷାମାନିଲା ପରି ବାହାଡ଼ା ଓ ଠଙ୍କଧର ଦିହିଁଙ୍କ ପାଖରେ କୃତଜ୍ଞତା ଦେଖାଇବାକୁ ଲାଗିଲେ ।

ରାତି ପାହିଲେ ବାହାଡ଼ା ସେ ଦୁହିଁଙ୍କୁ ଛାଡ଼ିଦିଏ । ସେମାନେ ମନଖୁସିରେ ଖେଳକୁଦ ଚରିବୁଲା କରି ଏ ବଣ ସେ ବଣ, ନଦୀ ନାଠକୂଳେ ବୁଲି ପୁଣି ସନ୍ଧ୍ୟାକୁ ଫେରନ୍ତି । ପଞ୍ଜରା ଭିତରେ ଏକାଠି ରହନ୍ତି । ଏମିତି ଦିନାକେତେ ଗଲା ପରେ ରାଣୀ-ଶୁଆ ଗର୍ଭବାସ ହେଲା ।

Digitized by PPRACHIN, SOA

ବାହାଡ଼ା ଦେଖିଲା ରଜାଶୁଆକୁ ଆଉ ଏପରି ଭାବେ ନ ରଖି ନିଜରୂପରେ ପଠାଇ ଦେବା ତା ରାଇଜକୁ । କେବଳ ଗୋଟିଏ ସନ୍ତକ ରଖିବାକୁ ହେବ ।

ସେହି ସନ୍ତକଟି କ'ଣ ?

ରଜା ଯେତେବେଳେ ଯାଦୁମନ୍ତ୍ର ପ୍ରଭାବରେ ଶୁଆ ହୋଇ ଉଡ଼ିଆସିଲେ, ସେତେବେଳେ ତାଙ୍କ ହାତରେ ଥିଲା ଗୋଟିଏ ନିଜ ନାମାଙ୍କିତ ମୁଦି । ସେ ମୁଦିଟି ସେହିପରି ଭାବେ ଶୁଆ ଗୋଡ଼ରେ ଲଟକିଥାଏ । ବାହାଡ଼ା ନିଜ କଳ କୌଶଳରେ ସେ ମୁଦିଟିକୁ କାଢ଼ି ଆଣି ନିଜ ପାଖରେ ରଖିଲା । ଏକଥା ରାଣୀ, ଝଙ୍କଧର କେହି କିଛୁ ଜାଣି ପାରିଲେ ନାହିଁ । ତା'ପରେ ଦିନେ ରାତ୍ରିରେ ପୁଣି ମନ୍ତ୍ର ପ୍ରଭାବରେ ରଜା ଯାଇ ପହଞ୍ଚିଲେ ରାଜବାଟୀରେ ।

ରଜା ରାଜବାଟୀରୁ ହରଣଚାଲ ହେଲାପରେ ବଡ଼ରାଣୀ ଓ ମଝିଆଣୀ ରାଣୀଙ୍କୁ ପଡ଼ିଲା ବାଇ ପାଳକ । ଉପରେ ଉପରେ ସିନା ଟିକଏ ବ୍ୟସ୍ତ ହେଲେ, ମଣିଷ ଲଗାଇ ଖୋଜା ଖୋଜିକଲେ ଭିତରେ, କିନ୍ତୁ ଖୁସି ହେଲେ ବହୁତ ବେଶି ।

ଯାଦୁକାରୀ ମାଙ୍ଖାଣୀ ହୋଇଥାଏ ସେମାନଙ୍କ ପରାମର୍ଶଦାତା । ଯେତେବେଳେ ଯାହା କହେ, ତା କଥା ମୋଟେ ତଳେ ପଡ଼େ ନାହିଁ । ରାଜବାଟୀରେ ଚାଲିଥାଏ ତାର ଅଖଣ୍ଡ କ୍ଷମତା । ସେନାପତି ମୟୂର-ମହୀନ୍ଦ୍ର ସିଂହ ରାଜ୍ୟ ଶାସନ କରୁଥାନ୍ତି । ପୁରୁଣା ମନ୍ତ୍ରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇ ତାଙ୍କ ସ୍ଥାନରେ ମନ୍ତ୍ରୀ ହୋଇଥାନ୍ତି ମନୋହର ମହାର୍ଥୀ ।

ମନୋହର ମହାର୍ଥୀ ଥିଲେ ରାଜବାଟୀର ଘରୋଇ ମ୍ୟାନେଜର । ମଝିଆଣୀ ରାଣୀ ତାଙ୍କୁ ପ୍ରାଣପରି ଭଲ ପାଉଥିଲେ ।

Digitized by PPRACHIN, SOA

ବଡ଼ରାଣୀର ଭାବଥାଏ ମୟୂର ମହୀନ୍ଦ୍ର ସେନାପତିଙ୍କ ସଙ୍ଗେ । ଏ କଥା ରାଜବାଟୀର ଦାସଦାସୀମାନେ ଜାଣିଲେ ସୁଦ୍ଧା ଭୟରେ କିଛି କହି ପାରନ୍ତି ନାହିଁ । ଯାଦୁକାରୀ ମାଲ୍ୟାଣୀ ନିର୍ଦ୍ଦେଶରେ ରାଣୀମାନଙ୍କର ଚାଲିଥାଏ କେଳି କଉତୁକ-ଅଭିସାର ଇତ୍ୟାଦି ଖୁବ୍ ଯାକଯମକରେ ।

କଥାରେ ଅଛି—ଯେଉଁ ଘରେ ନାହିଁ ବାଘର ଆଟ ।
ସେ ଘରେ ମିରିଗ କରଇ ନାଟ ।

ବାଘ ନଥିବା ବଣ ଓ ମୁରବି ନଥିବା ଘରର ବିଶେଷତ୍ୱ ନଥାଏ । ସେଠି ମିରିଗ୍ ନାଟ ଚାଲେ, ଶୃଗାଳ ରାଜତ୍ୱ ଚାଲେ । ବେଙ୍ଗ କହେ ମୁଁ ଜଣେ, ଏଣ୍ଡୁଅ କହେ ମୁଁ ବି ଜଣେ । ବର୍ତ୍ତମାନ ରାଜବାଟୀର ଅବସ୍ଥା ଠିକ୍ ସେହିପରି । ରଜା ଗଲାଦିନୁ ରାଣୀ, ସେନାପତି, ମନୋହର, ମହାର୍ଥୀ ଓ ମାଲ୍ୟାଣୀ ମିଶି ଶାସକ ହୋଇ ଥାନ୍ତି ।

ଦାସଦାସୀମାନେ ବି କମ୍‌ରେ ନଥାନ୍ତି । ସେମାନେ ପୂରା ଉଚ୍ଛୃଙ୍ଖଳ ଅବସ୍ଥାରେ । ମନ ହେଲେ କାମକରନ୍ତି, ମନ ନହେଲେ ନାହିଁ । କେହି ଆକଟ କରି କହିଲେ ତା କଥାକୁ ହସରେ ଉଡ଼ାଇ ଦିଅନ୍ତି । ମୋଟେ ଖାତିର ପାସଙ୍ଗକୁ ଆଣନ୍ତିନି । ରାଣୀମାନେ ମନେ ମନେ ବିରକ୍ତ ହେଲେବି ଭରସି କରି କିଛି କହି ପାରୁ ନଥାନ୍ତି ।

କାରଣ ?

ଭିତରେ ଯାହାର ରହିଛି ଗୁଇଁ
ନପାରେ ସେ କେବେ ନିର୍ମାଳି ଛୁଇଁ ।

ନିଜଗୁଇଁ ନିଜମନକୁ ଖାଉଥାଏ । ପର ଆଗରେ ଗୁଡି ଫୁଲାଇ କଥା କହିବାକୁ ସୁ’ ନଥାଏ । ତେଣୁ ରାଜବାଟୀରେ ଚାଲିଥାଏ ଅନ୍ଧାରୀ ଶାସନ ।

Digitized by PPRACHIN, SOA

ସେଦିନ ଶୀତଳ ରଜନୀ ଧୀର ମନ୍ଥର ଗତିରେ ଆଗେଇ ଚାଲିଲା ନିଶୀଥର ନିର୍ଜ୍ଜନ ବୁକୁ ଉପରେ କ୍ରୀଡ଼ା କରିବାପାଇଁ । ମୃଦୁଳ ମନ୍ଦ ମଳୟ ଖୁବ୍ ମନ୍ଥର ଗତିରେ ବନ ଉପବନ ବିହରଣ କରି ସୁମନ କୁଞ୍ଜରୁ ବାସ ଅପହରଣ କରୁଥାଏ । ନୀଳର ଆକାଶ ବୁକୁ ଉପରେ ଅନନ୍ତ କୋଟି ନକ୍ଷତ୍ର ଆଖି ମିଟିକା ମାରି ନିର୍ଦ୍ଦେଶ କରୁଥାନ୍ତି-ଚୋର, ଚୋର, ଚୋର—ସୁବାସ ଚୋର, ମନ ଚୋର, ଚିତ୍ତ ଚୋର । ନଦୀ, ସମୁଦ୍ର, ତଡ଼ାଗ, ସରସୀ କୁଳୁ କୁଳୁ ଧ୍ୱନି କରି ଗାଉଥାନ୍ତି ଚିତ୍ତ ବିନୋଦନ ସଙ୍ଗୀତ । ସେହି ସଙ୍ଗୀତର ଅଖଣ୍ଡ ଲହରୀ ଦିଗନ୍ତ ମୁଖରିତ କରି ମିଳାଇ ଯାଉଥାଏ । ଅନନ୍ତ ବିତାନର ପ୍ରଶାନ୍ତ ବକ୍ଷ ଉପରେ ।

ସୁପ୍ତ ଜଗତ । ଜନ ମନୁଷ୍ୟର କୋଳାହଳ ଦୀର୍ଘସମୟ ପାଇଁ ବିଶ୍ରାମ ନେଇଛି । ଅଟ୍ଟାଳିମାନଙ୍କରୁ ଆଲୋକର ଶିଖା ପ୍ରଶମିତ ହେଉନି । କେବଳ ରାଜବାଟୀର ବହିର୍ଦ୍ୱାରରେ ଦେଖାଯାଉଛି ଗୋଟିଏ ମିଞ୍ଜିମିଞ୍ଜିଆ ଦୀପ ଶିଖା । ପ୍ରହରୀମାନେ ନିଦ୍ରିତ । ମଶାମାନଙ୍କ ଉପଦ୍ରବ ବଢ଼ିଛି । ବେଳେ ବେଳେ ଶ୍ୱାନଗଣ ମୁଖରି ହୋଇ ଉଠନ୍ତି କେବଳ ଗୋଟାଏ ଉନ୍ମାଦନାରେ ।

ପ୍ରହରି ଉଣ୍ଡି ଗୋମାୟୁଗଣ ସ୍ୱରଲହରି ତୋଳି ଖୁବ୍ ପ୍ରସ୍ତେ ଭୁକାଭୁକି କରି ପୁଣି ନୀରବ ହେଉଥାନ୍ତି । ପେଚା ଏ ଗଛ ସେ ଗଛ ବୁଲି ଡାକ ଛକାଉଥାଏ । ଏମିତିବେଳେ ଯାଦୁମନ୍ତ୍ର ପ୍ରଭାବରେ ପ୍ରଭାବିତ ହୋଇ ରଜା ପଶିଲେ ଘର ଭିତରକୁ ।

ମନ୍ତ୍ର ପ୍ରଭାବରେ ଷୋହଳ କବାଟ ବତିଶ କିଳଣୀ ମୁକୁଳା ହୋଇଗଲା; ମାତ୍ର କେହି ଜାଣି ପାରିଲେ ନାହିଁ । ରଜା ରାଜବାଟୀ ଭିତରକୁ ପଶିଯିବା ପରେ ପରେ କବାଟ କିଳଣୀ ସବୁ ଆପଣା ଛାଏଁ ଛାଏଁ ବନ୍ଦ ହୋଇଯାଉଥାଏ । ସେ ଅନ୍ୟ କୌଣସି ଆଡ଼େ ଦୃଷ୍ଟି ନଦେଇ ସିଧା ସିଧା ଚାଲିଲେ, ନିଜ ବିଳାସ-କକ୍ଷକୁ ।

Digitized by PPRACHIN, SOA

କକ୍ଷ ଦୁଆର ସେ ପର୍ଯ୍ୟନ୍ତ ଖୋଲିଥାଏ । ଚନ୍ଦ୍ରଉଦଆ ବତି ଜଳୁଥାଏ । ବଡ଼ରାଣୀ ଓ ମୟୂର-ମହୀନ୍ଦ୍ର ପଲଙ୍କ ଉପରେ ବସି ହସ ଖେଳ ଲଗାଇଥାନ୍ତି । ପାଖରେ ମଦ୍ୟପାତ୍ର ଓ ପାନପାତ୍ର ରଖା-ଯାଇଥାଏ । ଅଗୁରୁ, ଚନ୍ଦନ ଓ ଅତର ବାସରେ ଘରସାରା ମହକୁଥାଏ । ରାଣୀ ଖିଲ ପରେ ଖିଲେ ଲେଖାଏଁ ପାନ ନେଇ ମୟୂର-ମହୀନ୍ଦ୍ରଙ୍କୁ ଖୋଇ ଦେଉଥାନ୍ତି । ଏ ଘଟଣା ଦେଖି ବଡ଼ ବାବା ହେଲେ ସେ । କ୍ରୋଧ ଏବଂ ବିସ୍ମୟରେ ଆଖି ତାଙ୍କର କପାଳକୁ ଉଠିଲା । ସେ ବର୍ତ୍ତମାନ ସ୍ୱପ୍ନ ରାଜ୍ୟରେ କିମ୍ବା ବାସ୍ତବ ରାଜ୍ୟରେ ପହଞ୍ଚିଛନ୍ତି, କିଛି ସ୍ଥିର କରି ପାରିଲେନି । କାଷ୍ଠ ପ୍ରତିମା ପରି ଗୋଟିଏ ଖୁଣ୍ଟ କଡ଼ରେ ନିଜର ଶରୀର ଗୁପ୍ତ କରି ମୁହୂର୍ତ୍ତଟାଏ ସମସ୍ତ ରହସ୍ୟ ଦେଖିବାକୁ ଲାଗିଲେ । ତା'ପରେ ଗଲେ ମଝିଆଣୀ ରାଣୀ ଉଆସ ଆଡ଼େ ।

ଭାବୁଥିଲେ ମଝିଆଣୀ ରାଣୀ ଅବାଟକୁ ଯାଇ ନଥିବ । ମାତ୍ର ସେ ଆଶା ତାଙ୍କର ସଫଳ ହେଲାନାହିଁ । ବଡ଼ରାଣୀ କଥା ଠିକଏ ରକ୍ଷାରକ୍ଷଣ, ମଝିଆଣୀ କଥା କହିଲେ ସରିବାର ନୁହେଁ ।

ମନୋହର ମହାର୍ଥୀ ଜଣେ ଉଚ୍ଚଦରର କଳାକାର । ଗାଇବା, ବଜାଇବା, ନାଚିବା ସବୁକଥା ଜାଣନ୍ତି । ଶିକ୍ଷକ କାମ କରି ବାଳକ ବାଳିକାମାନଙ୍କୁ ନଚାଇ ପାରନ୍ତି । ଏଥିମଧ୍ୟରେ ମଝିଆଣୀ ରାଣୀକୁ କଳା ବିଦ୍ୟାରେ ଖୁବ୍ ଆଗେଇ ନେଇଛନ୍ତି ସେ । ଗାଇବା, ନାଚିବା ଇତ୍ୟାଦିରେ ସେ ଖୁବ୍ ଧୁରନ୍ଧର ହୋଇଛି । ମଝିଆଣୀ ରାଣୀ ନାଚ ଗୀତରେ ମାତି ସାରା ରାତି ପାହିଗଲେ ବି ମନ ତା'ର ଶାନ୍ତ ହୁଏନି ।

ଆଜି ରଜା ଯାଇ ତା ଉଆସ ପାଖରେ ପହଞ୍ଚିଲାବେଳକୁ ଚାଲିଛି ନାଚ ଗୀତର ଲହରୀ । ମନୋହର ନାଚୁଛି, ରାଣୀ ବି ନାଚୁଛି । ସେ ତା ଓଷ୍ଠ ସୁଧା ପାନକଲେ । ସେ ତା ଗଳାରେ ହାତଛନ୍ଦି ଓଲମିଚ ଖେଳୁଛି । ଦେହର ଲୁଗା ସଂଯତ ନାହିଁ । ଲଜ୍ଜା

Digitized by PPRACHIN, SOA

ମହାତ୍ରସମାଧି ନେଇଛନ୍ତି । ବାହେଁ ନାଚୁଛନ୍ତି ଅତି ନିର୍ଲଜ୍ଜ ଭାବରେ । ବେଳେ ବେଳେ ନୃତ୍ୟ ଛନ୍ଦରେ ଯାଇ ପଲଙ୍କରେ ଶୋଇ ପଡ଼ନ୍ତି । ଓଷ୍ଠରେ ଓଷ୍ଠ ମିଳାଇ ଆଲିଙ୍ଗନ କରନ୍ତି । ଜଣେ ଅଭିମାନ କଲେ ଜଣେ କ୍ଷମା ମାଗେ । ଜଣେ ଜଣଙ୍କ ଗଣ୍ଡ ଚୁମ୍ବନ କଲେ ଅନ୍ୟଜଣେ ତା' ଶରୀରଟି ଅଜାଡ଼ି ଦିଏ ତା' ଓଷ୍ଠ ଉପରେ । ଏହିଭଳି ନୃତ୍ୟ-ଗୀତରେ ବିଭୋର ହୋଇ ବାହାରର ଅବହାଓ୍ୱା ପ୍ରତି ସେମାନଙ୍କର ନଜର ନ ଥିଲା ।

ରଜା ଯାଇ ନୀରବରେ କ୍ଷଣଟାଏ ଠିଆହେଲେ । ଘର ଭିତରୁ ବିବିଧ ସୁବାସ ପଦାର୍ଥର ମହକ ଆସି ନାସା ରନ୍ଧ୍ରକୁ ପୁଲକ ଦେଲେ କଣ ହେବ, ରଜାଙ୍କୁ ଲାଗିଲା ବିଷପରି । ସେ ଆଉ ଦେଖି ପାରିଲେ ନା । ମୁଣ୍ଡ ଭିତରେ ସମୁଦ୍ରତାନ ଖେଳି ବୁଲିଲା । ନାସା ରନ୍ଧ୍ରଦେଇ ବହି ଆସିଲା କାଳସର୍ପର ଉତ୍କଟ ବିଷ ନିଃଶ୍ୱାସପରି ତତଲା ପବନ । ସତେ କି ସେହି ହଳାହଳ ବିଷ ବାଷ୍ପରେ ସସାଗରା ଜଗତ ଜଳି ପୋଡ଼ି ଛାରଖାର ହୋଇଯିବ । ସେ ମାରିବେ କି ମରିବେ କିଛି ସ୍ଥିର କରିବା ପୂର୍ବରୁ ଉନ୍ମତ୍ତ-କେଶରୀ ପରି କୁଦି ପଡ଼ିଲେ ମନୋହର ଉପରକୁ ।

ହାଁ, ହାଁ, ଚୋର ଚୋର ବୋଲି ରାଣୀ ଚିତ୍କାର କଲାବେଳକୁ ମନୋହର ଗଳାଟା ପଡ଼ି ସାରିଥିଲା ରଜାଙ୍କ ହାତ ମୁଠା ଭିତରେ ।

ମନୋହର ବି ଥିଲା ଏକ ପ୍ରକାର ପହିଲ୍‌ମାନ୍ । ରଜାଙ୍କ ଅପେକ୍ଷା ତାର ଶକ୍ତି ଯଥେଷ୍ଟ ବେଶି ଥିବାରୁ ସେ ତାଙ୍କ ଆକ୍ରମଣକୁ ପ୍ରତିହତ କରି ହଠାତ୍ ତାଙ୍କୁ କାବୁ କରି ପକାଇଲା ।

ରଜାଙ୍କ କମରରେ ଥିଲା ଗୋଟିଏ ଆତ୍ମରକ୍ଷୀ ଛୁରୀ । କଳ କୌଶଳରେ ସେ ଛୁରୀଟା ଖୋଲି ସେ ଦେଲେ ଗୋଟିଏ ଭୁଷି ମନୋହର ତଳ ପେଟରେ । ସେତିକିରେ ତା ଅନ୍ତବୁଜୁଳା ବାହାରି ପଡ଼ିଲା । ଘରସାରା ଛୁଟିଗଲା ତାଜା ରକ୍ତର ଅଫୁରନ୍ତ ବନ୍ୟା ।

Digitized by PPRACHIN, SOA

ରାଣୀ ଏ ଘଟଣା ଦେଖି ଗୋଟିଏ ଲୌହଦଣ୍ଡ ଯେନି ରଜାଙ୍କ ମସ୍ତକରେ ଆଘାତ କଲା । ସେହି ଆଘାତରେ ରଜା ଅଜ୍ଞାନ ହୋଇ ପଡ଼ିଲେ ।

ଏତକ ମାତ୍ର ଅବସର ପାଇ ମଣିଆଣୀ ରାଣୀ ମନୋହରକୁ ଗୋଟିଏ ଟୋକେଇରେ ପୂରାଇ ନେଇ ପଳାଇଗଲା ଆଉ ଭଲିଆ ପାଖକୁ ।

ଆଉ ଭଲିଆ ମନୋହରର ଅନ୍ତବୁଜୁଳାକୁ ଯଥା ସ୍ଥାନରେ ଖଞ୍ଜିଦେଇ ପେଟଟାକୁ ସିଲେଇ କଲା ଓ ଭଲ ଭଲ ଔଷଧ ବ୍ୟବସ୍ଥା କରି ବଞ୍ଚାଇ ରଖିଲା । ଶୀଘ୍ର ଆରୋଗ୍ୟ କରି ଦେବାକୁ ରାଣୀ ରହିଲା ତାରି ଶୁଶ୍ରୂଷାରେ ।

ଏଣେ ରଜାଙ୍କର ଯେତେବେଳେ ଚୈତନ୍ୟ ଆସେ, ସେତେ-ବେଳେ ସେଠାରେ କାହାକୁ ନଦେଖି, ଉନ୍ମତ୍ତ ପରି ଦଉଡ଼ିଲେ ବଡ଼ରାଣୀ ଉଆସଆଡ଼େ ।

ସେତେବେଳକୁ ବଡ଼ରାଣୀ ଓ ମୟୂର-ମହାରାଜ ଦୁହେଁ ମଉଜ ମଜଲସ୍ ସାରି ପଲଙ୍କରେ ଶୋଇ ଘୁଙ୍ଗୁଡ଼ି ମାରୁଥାନ୍ତି । କବାଟଟା ଭିତରୁ ବନ୍ଦ ହୋଇଥାଏ ।

ରଜା ଯାଇ ବାହାର ପଟୁ କବାଟରେ ଧକ୍କା ଉପରେ ଧକ୍କା ଲଗାଇଲେ ।

ଧଡ଼ ଧଡ଼ ଶବ୍ଦରେ ମାଙ୍ଖାଣୀର ନିଦ ଭାଙ୍ଗି ଯିବାରୁ ସେ ହଠାତ୍ ତା' ପ୍ରକୋଷ୍ଠରୁ ବାହାରକୁ ଆସି ପଚାରିଲା—କିଏରେ ତୁ ?

ରଜା ରହିଲେ—"ମୁଁ ଏ ରାଜ୍ୟର ରଜା ।"

ଅଟ୍ଟହାସ୍ୟ କରି ମାଙ୍ଖାଣୀ ଖଣ୍ଡମଣ୍ଡଳ କମ୍ପାଇ ଦେଲା ଓ କହିଲା—

Digitized by PPRACHIN, SOA

"ରଜା ଗୋଜା କୋଳଥ ଭଜା ମକ୍କା ମାରି ଖା ।
ଯୋଉ ମୁହଁରେ ଆସିଛ ରାଜା ସେହି ମୁହଁରେ ଯା ॥
ଫଟିବ ନାହିଁ ଖଞ୍ଜି ଏଠାଇଁ ହଟିବୁ ଦଣ୍ଡକରେ ।
ଫୁଟିବ ଆଖି, ରହିବୁଠାକ ବାହାର ତୋରଣରେ ॥
ଯାଦୁ ବଳରେ ମାଦୁ ହେବୁରେ ରହିବୁ ଜଗି ଦାଣ୍ଡ
ଜାଣିବେ ନାହିଁ ଜଗତେ କେହି ମାଲ୍ୟାଣୀ କଲା କାଣ୍ଡ ॥
ଯାଆରେ ଯା, ଉଡ଼ିବୁ ଯା, ଆଖି ତୋ ହେଉ କଣା
ପଥର ହୋଇ, ତୋରଣେ ଥାଇ ହାଇଥା ବାଟବଣା ।

ଏତକ କହି ଗୋଟିଏ ଫୁଲ ପକାଇ ଦେବାମାତ୍ରେ ରଜାଙ୍କ ଆଖି ଫୁଟିଗଲା ଓ ସେ ଗୋଟିଏ ପଥରପ୍ରତିମା ହୋଇ ଉଡ଼ିଗଲେ ତୋରଣଯାଏ ।

ସେହିଠାରେ ହେଲା ତାଙ୍କର ଚିରନ୍ତନ ପଥର ସମାଧି ।

ସକାଳୁ କଥାଟା ବଡ଼ରାଣୀଙ୍କ କର୍ଣ୍ଣଗୋଚର ହେବାରୁ ସେ ମାଲ୍ୟାଣୀକୁ ଅଜସ୍ର ପୁରସ୍କାର ଦେଇ ସନ୍ତୋଷ କରାଇଲେ । ମନ୍ତ୍ରି-ଆଣୀ ରାଣୀକୁ ଡକାଇ ସମସ୍ତ କଥା ବୁଝି ନେଲାପରେ ମନୋହର ଯେପରି ଶୀଘ୍ର ଆରୋଗ୍ୟ ଲାଭ କରିବ, ସେଥିପାଇଁ ସୁ ବ୍ୟବସ୍ଥା କରାଇଦେଇ ଖୁସିରେ ରହିଲା । ଏକଥା କେହି ଜାଣି ପାରିଲେନି ।

ରାତି ପାହିଲାରୁ ସମସ୍ତେ ଦେଖିଲେ ତୋରଣରେ ଗୋଟିଏ ପଥର ପ୍ରତିମା ବସିଛି । ତାର ହାତ ଗୋଡ଼ ଇତ୍ୟାଦି ସମସ୍ତ ଅବୟବ ଥିଲେ ମଧ୍ୟ ଆଖି ଯୋଡ଼ିକ ନାହିଁ । ଆଶ୍ଚର୍ଯ୍ୟ ଲାଗିଲା । ଦେଖିବା ପାଇଁ ଅନେକ ଲୋକ ଦଉଡ଼ିଲେ । ସାରାରାଜ୍ୟଯାକ କଥାଟା ପ୍ରଚାର ହେଉଥାଏ । ଲୋକମାନେ ଆସି ମୂର୍ତ୍ତିଟାକୁ ସେଠାରୁ ହଟାଇ ଦେବାକୁ ବହୁତ ପ୍ରୟାସ କରି ମଧ୍ୟ ପାରୁ ନଥାନ୍ତି । ସତେ ଯେପରି ପାତାଳ ଫୁଟା ଶିବ ଲିଙ୍ଗ !

Digitized by PPRACHIN, SOA

ମହିଷ, ବଳଦ, ହାତୀ ଇତ୍ୟାଦି ଲାଗି, ଅଜସ୍ର ଶକ୍ତି ଖଟାଇ ମୂର୍ତ୍ତିଟାକୁ ସେଠାରୁ ସ୍ଥାନାନ୍ତର କରି ପାରିଲେନି । କ୍ରମେ ଦିନ ପରେ ଦିନ ମାସ ବର୍ଷ କଟିବାକୁ ଲାଗିଲା । କଥାଟା ଧୀରେ ଧୀରେ ପୁରୁଣା ହୋଇ ଆସିବାରୁ ଲୋକମାନଙ୍କ ଉତ୍ସାହ ବି କମିଗଲା । କଥା ଆଉ କେହି ଆଲୋଚନା ବି କଲେନି । ଖରା, ବର୍ଷା, କୁହୁଡ଼ି, କାକର ଖାଇ ରଜା ପଥରପାଲଟି ସେହିଠାରେ ବସିରହିଲା । କାହାରି କେମିତି ଯାଦୁ ପ୍ରଭୃତି କୁଣ୍ଡାଇ ହେଲେ କି ଗୋଡ଼ରେ ପଙ୍କ, କାଦୁଅ, ଗୋବର ଲାଗିଲେ ମୂର୍ତ୍ତିକଥା ମନେପଡ଼େ ।

ଯାଦୁଆମାନେ ଯାଦୁ ଘଷି ଗଲୁ ଛଡ଼ାନ୍ତି । ଗୋଡ଼ ସଫା କରିବାକୁ ଲୋକମାନେ ପଙ୍କ କାଦୁଅ, ଗୋବର ପୋଛି ଦେଇ ଯାଆନ୍ତି ।

ପଥର ମୂର୍ତ୍ତି ତା ପାଷାଣ ବୁକୁରେ ସବୁକଥା ସହି ଲୁଚାଇ ଦେଉଥାଏ । କାହାରି ପ୍ରତି ତା'ର ମାନ ଅଭିମାନ ନଥାଏ କି ଆକ୍ରୋଶ ବି ନଥାଏ । ମିତ୍ରକୁ ତାର ଯେମିତି ଖାତିର, ଶତ୍ରୁକୁ ବି ସେତିକି ଖାତିର ଦେଖାଉଥାଏ ।

ସତକୁ ସତ ସେ ଗୋଟିଏ ହୋଇଥାଏ—

"ମହା ପାଷାଣ"

× × × ×

ସାନରାଣୀ ପୁଷ୍ପମଞ୍ଜରୀର ଭାଗ୍ୟ ବଦଳିଛି । ତା କୋଳରେ ଶଶୀକଳାପରି ଖେଳୁଛି ଗୋଟିଏ ଉଦୀୟମାନ ବାଳକ । ଯାହା କର, କପାଳ କୋଷ୍ଠୀ କହୁଛି—ସେ ହେବ ପୃଥିବୀରେ ସ୍ୱନାମ-ଧନ୍ୟ ଓ ଅଦ୍ଭୁତ କର୍ମା-ମହାମାନବ ।

ସେହି ଦେବୋପମ ବାଳକର ନାମ—ବାହାଡ଼ାସୁର ଶ୍ରଦ୍ଧାରେ ଦେଇଛି—"ବିଶ୍ୱ-ମଙ୍ଗଳ ।"

Digitized by PPRACHIN, SOA

ବିଶ୍ୱମଙ୍ଗଳଙ୍କୁ ମଣିଷକରି ଗଢ଼ିବା ଭାର ଅଛି ଝଙ୍କଧରଙ୍କ ଉପରେ । ବାହାଡ଼ାସୁରର ଇଚ୍ଛା ସେ ଜଣେ ମଣିଷ ପରି ମଣିଷ ହେଉ । ତା'ପରେ ଯାଇ ରଜା ରାଣୀଙ୍କ କଥା, ରାଜ୍ୟ କଥା ଓ ଆଉ ଅନ୍ୟାନ୍ୟ କଥାର ସୁ-ବ୍ୟବସ୍ଥା କରାଯିବ । ତେଣୁ ଏ ମଧ୍ୟରେ ସେ ଆଉ ରଜାଙ୍କର କୌଣସି ଖବର ବୁଝିନାହାଁନ୍ତି ।

ପ୍ରଭୁ ଭକ୍ତ ଝଙ୍କଧର । ପ୍ରଭୁ ପୁତ୍ରର ମଙ୍ଗଳ ଉଦ୍ଦେଶ୍ୟରେ ବୁକୁର ରକ୍ତଦାନ କରି ଲାଗିଥାନ୍ତି ପିଲାଟିକୁ ମଣିଷକରି ଗଢ଼ିବା-ପାଇଁ । ନିଅଳସ ପ୍ରାଣ, ମନ ତାଙ୍କର ନିୟୋଗ ହେଉଥାଏ ତା'ରି ସେବାରେ । ପାଠ ପଢ଼ାଇବା, ଧନୁର୍ବିଦ୍ୟା ଶିଖାଇବା, ମାଲକୁସ୍ତି ବିଦ୍ୟାଣରେ ଜଗର୍କ୍ତିତା କରାଇବା, ସମ୍ମୁଖ ଯୁଦ୍ଧ, ଗୁପ୍ତ-ଯୁଦ୍ଧ, ଛକା ପଞ୍ଝା ମାର୍ତ୍ତ, ଅତର୍କିତ ଆକ୍ରମଣ ଇତ୍ୟାଦି ନାନାପ୍ରକାର କୌଶଳ ଶିଖାଉଥାନ୍ତି । ବିଶ୍ୱମଙ୍ଗଳ ଝଙ୍କଧରଙ୍କୁ ଅଜା ବୋଲି ଡାକେ । ରାଣୀ ଡାକନ୍ତି ବାପା ।

ଦିନକର କଥା । ବିଶ୍ୱମଙ୍ଗଳକୁ ଆସି ବାର୍ବର୍ଷ ହୋଇ ଗଲାଣି । ପାଠ, ଶାଠ, ଯୁଦ୍ଧବିଦ୍ୟା ଇତ୍ୟାଦିରେ ତା' ଭଳି ସେ ହୋଇ ପାରିଛି । ଦିନେ ଦିନେ ଝଙ୍କଧର ଓ ଦିନେ ଦିନେ ବାହାଡ଼ା ସଙ୍ଗେ ଲଢ଼ି ସେମାନଙ୍କୁ ଚିତ୍‌ମାତ୍ କରି ତଳେ ପକାଇ ଦେଇଛି । କାଣ୍ଡମାରି ଉଡ଼ିଯିବା ଚଢ଼େଇର ଯୋଉ ପକ୍ଷୀଟି ଦର୍କାର ସେହି ପକ୍ଷୀଟିକୁ ଖସାଇ ପକାଇଛି । ବଡ଼ ବଡ଼ ଗଛରୁ ଝଙ୍କଧର ଯୋଉ ଫଳଟି ଖସାଇ ଦେବାକୁ କହିଛନ୍ତି, ଠିକ୍ ସେହି ଫଳଟିକୁ ଖସାଇ ଆଣିଛି । ଏମିତିବେଳେ ବାହାଡ଼ା ପରାମର୍ଶରେ ଝଙ୍କଧର ଦିନେ ତାକୁ କହିଲେ ପାରିଧିକୁ ଯିବାପାଇଁ ।

ବିଶ୍ୱମଙ୍ଗଳ ମୋଟେ କ୍ଷଣବିଳମ୍ବ ନକରି ଧନୁଶର ଘେନି ବାହାରି ପଡ଼ିଲା । ଝାଡ଼, ଜଙ୍ଗଲ, ପର୍ବତ, ଡ଼ଙ୍ଗର ବୁଲି ବୁଲି ସେମାନେ ଯେତେବେଳେ ଅଗମ୍ୟ ଅଗମ୍ୟ ବନସ୍ତ ଭିତରେ ପାଦ

Digitized by PPRACHIN, SOA

ରଖନ୍ତି, ଠିକ୍ ସେତିକବେଳେ ଚାଲପର ଛୁଟି ଆସିଲା ଗୋଟାଏ ସିଂହ । କଲା ଗୋଟାଏ ଗର୍ଜନ । ତା'ପରେ ବଣି ଝିଙ୍କିକା ଧରିଲା ପରି ଟଙ୍କଧରଙ୍କୁ ଧରି ନେଇଗଲା ।

ଟଙ୍କଧର ବିକଳ ହୋଇ ଡାକ ପକାଇଲେ—"ନାତି ! ରକ୍ଷା କର, ରକ୍ଷା କର ।"

ବିଶ୍ୱମଙ୍ଗଳର ଗ୍ରୁଡିରେ ଗୃଁଉଁ କରି ଖେଳିଗଲା ବିଜୁଳୀ । ଦେହସାରା ରକ୍ତ ଗରମ ହୋଇ ଉଠିଲା । ପ୍ରଚଣ୍ଡ କ୍ରୋଧ ଓ ଅଭିମାନର ବଶବର୍ତ୍ତୀ ହୋଇ ସେ ଚଳାଇଲା ଶର ପରେ ଶର । ଯୋଉ ଶର ଆଘାତରେ ସେ ବଡ଼ ବଡ଼ ଗଛ ତଳେ ଲୁଟାଇ ଦେଇଛି, ଉଚ୍ଚ ପର୍ବତରୁ ବଡ଼ ବଡ଼ ପଥର ଖସାଇ ତଳେ ପକାଇ ପାରିଛି, ସେହି ସେହି ଶର ସବୁ ସିଂହ ଦେହରେ ବାଜି ଉପୁଡ଼ି ପଡ଼ୁଥାଏ । ଗୋଟିଏ ବୋଲି ରୁମ ଟଳୁ ନଥାଏ ତା'ର । ଖଣ୍ଡିଆ ହେବାତ ଦୂରର କଥା ।

ସିଂହ ଗର୍ଜୁଛି । ଏ ଶର ଆଘାତକୁ ତା'ର ମୋଟେ ଖାତିର ନାହିଁ । ଟଙ୍କଧର ବିକଳ ହୋଇ ଡାକ ପକାଇଛନ୍ତି । ବିଶ୍ୱମଙ୍ଗଳ ହେମିତି ଶର ମାରି ମାରିକା ପଛରେ ଗୋଡ଼ାଇଛି । ମାତ୍ର ଫଳ ସବୁ ନିଷ୍ଫଳ ।

ବହୁତ ଗୁଡ଼ାଏ ଶର ମାରି ମାରି ସିଂହଟାକୁ ହଟାଇ ନ ପାରିବା ହେତୁ ବିଶ୍ୱମଙ୍ଗଳକୁ ଭାରି ଲାଜ ମାଡ଼ିଲା । ନିଜକୁ, ନିଜ ବାହୁବଳକୁ ଓ ଧନୁ ଶରକୁ ନିନ୍ଦା କରି ସେ ପ୍ରତିଜ୍ଞା କଲା—ଆଜି ନିଜେ ମରିବି ନଚେତ୍ ସିଂହକୁ ମାରି ଅଜାକୁ ଛଡ଼ାଇବି । ଏକଥା କରି ନପାରିଲେ ନିଆଁ ଜଳାଇ ସେହି ନିଆଁରେ ଜୀବନ୍ତ ଦଗ୍ଧ ହେବି । ଏହିକଥା ସ୍ଥିର କରି ଧନୁଶରକୁ ଫୋପାଡ଼ି ଦେଲା ଏବଂ ପବନ ପରି ଧାଇଁଗଲା ସିଂହ ପାଖକୁ ।

Digitized by PPRACHIN, SOA

ସିଂହ ଠିକ୍ ସେତିକବେଳେ ଗୋଟାଏ ଗୁମ୍ଫାରେ ପଶିବାକୁ ଯାଉଥିଲା । ବିଶ୍ୱମଙ୍ଗଳ ଦୁଇହାତରେ ଧରି ପକାଇଲା ତା' ଲାଙ୍ଗୁଡ଼-ଟାକୁ । ଆଣିଲା ଘୋଷାଡ଼ି । କହିଲା—ମୋ' ଅଜାକୁ ଛାଡ଼, ତା' ନହେଲେ ବୁଲାଇ ବୁଲାଇ ପିଟି ଦେବି ଗୋଟାଏ ପଥର ଉପରେ । ଏତିକି କହି ସିଂହକୁ ଉଠାଇଲା ବୁଲାଇବାପାଇଁ ।

ସିଂହ କହିଲା—ରହ ଭାଇ ରହ । ଅକାରଣ ମୋତେ ମାରି ପକାନା । ତୋ' ଅଜାର ମୁଁ କିଛି ଅନିଷ୍ଟ କରିବିନି । କେବଳ ଜାଣିବି, ତୁ' କି ଭଳିଆ ବୀର ।

ପଚାରିଲା—ଯ୍ୟାର ମାନେ ?

ସିଂହ କହିଲା—ମୋ' ଲାଙ୍ଗୁଡ଼ ଛାଡ଼, ସବୁ କଥା କହିବି ।

ବିଶ୍ୱମଙ୍ଗଳ କହିଲା—ମୋ' ଅଜାକୁ ନ ଛାଡ଼ିଲେ ମୁଁ ଲାଙ୍ଗୁଡ଼ ଛାଡ଼ିବିନି । କାହିଁକି, ନାଁ ତୁ କୁଦାମାରି ପଳାଇଯିବୁ ?

ସିଂହ କହିଲା—ଆରେ ପିଲା ! ବଣର ପଶୁ ହେଲେ ବି ମୁଁ ପଶୁମାନଙ୍କର ରାଜା । ମୋ' ନାମ ଶୁଣିଲେ ଲକ୍ଷ ଲକ୍ଷ ଜୀବଜନ୍ତୁ ସଲାମ ଉଠାନ୍ତି । ମୋ' ଭଳି ଜନ୍ତୁ ଛାର ଜୀବନ ଭୟରେ ମିଛ କହି ଗୋଟାଏ ତୋ ଭଳି ପିଲାକୁ ଠକିବା କ'ଣ ଲଜ୍ଜାର କଥା ନୁହେଁ ?

ବିଶ୍ୱମଙ୍ଗଳ କହିଲା—ଯାହା କିଛି ହେଉ ପଛକେ, ମୋ' ଅଜାକୁ ଛାଡ଼ି ପଛେ କଥାବାର୍ତ୍ତା କର ।

ସିଂହ ଆଉ ଦ୍ୱିରୁକ୍ତି ନକରି ଠକ୍କଧରଙ୍କୁ ଛାଡ଼ି ଦେବାରୁ ବିଶ୍ୱମଙ୍ଗଳ ତା' ଲାଙ୍ଗୁଡ଼ ଛାଡ଼ିଦେଇ ପଚାରିଲା—"କଣ କହିବାର ଅଛି କହ ।"

ସିଂହ କହିଲା—ତୋ' ଅଜା ଆଉ ମୁଁ ବିହେଁଯାକ ଏଇଠି ରହିଲୁ । ତୁ' ଯା, ଉତ୍ତରମୁଖା ହୋଇ । କିଛିଦୂର ଗଲା ପରେ ପଡ଼ିବ ଗୋଟିଏ ପୁଷ୍କରିଣୀ । ନାମ ତା'ର ରତ୍ନକୁଣ୍ଡ । ତା'ର ଭିତରେ ଅଛି ଗୋଟିଏ ମାଣିକ୍ୟ ସିଂହାସନ । ସେହି ସିଂହାସନଟି ଘେନି ଆସିବୁ ।

Digitized by PPRACHIN, SOA

ପଚାରିଲା—ସେଥିରେ ମୋର ଦର୍କାର କ'ଣ ?

ସିଂହ ହସି ଦେଇ କହିଲା—ତୋର ଦର୍କାର ନଥିଲେ ତ ମୋର ଅଛି, କି ଜଗତରେ ଆଉ କାହାର ଥିବ ?

ପଚାରିଲା—ଜଗତର ଦର୍କାର ଥିଲେ ମୋର ଯାଏ ଆସେ କ'ଣ ?

କହିଲା—ଆରେ ବାବୁ !

ଜୀବନ ଧରି କେ ପର ଉପକାରେ
ଯଦନେ ଚିତ୍ତ ଢାଳନାହିଁ
ତା' ପରି ମନୁଷ୍ୟ ବିଶ୍ୱ ବିଶାଳରେ
ଅର୍ଜିବ କି ଯଶ ଥାଇ ?
ଯେତେଦିନ ଯାଇ ବହୁଛି ଶରୀର
ତିଳେ ନହୋଇ ବିମୁଖ
ପ୍ରାଣ ଦେଇକରି ମହତ୍ କରମ
ଲଭିବ ପରମ ସୁଖ ॥

ବିଶ୍ୱମଙ୍ଗଳ କହିଲା—ଆଉ କହିବା ଦରକାର ନାହିଁ । ମୁଁ ନିଶ୍ଚୟ ଯିବି ମାଣିକ୍ୟ ସିଂହାସନ ଆଣିବାକୁ । ମାତ୍ର ଗୋଟିଏ କଥା ।

ସିଂହ ପଚାରିଲା—କି' କଥା ?

ବିଶ୍ୱମଙ୍ଗଳ କହିଲା—ତୁମେ ଯେତେ ବଡ଼, ଯେତେ ବିଶ୍ୱାସୀ ହେଲେ ମଧ୍ୟ ହିଂସ୍ରଜୀବ । ଖଳ ପ୍ରକୃତି ଯେଣି ଜୀବନ ଧରିଛ । ତେଣୁ ତୁମପ୍ରତି ମୋର ବିଶ୍ୱାସ ହେଉନି । କାହିଁକି ନାଁ କଥାରେ ଅଛି—

"ସର୍ପଃକ୍ରୂରଃ, ଖଳଃକ୍ରୂରଃ, ସର୍ପାତ୍ କ୍ରୂରତରଃଖଳଃ
ମନ୍ତ୍ରୌଷଧି ବଶଃ ସର୍ପଃ ଖଳଃ କେନ ନିବାର୍ଯ୍ୟତେ ?

Digitized by PPRACHIN, SOA

ଖଳ ଜୀବମାନେ ଯେତେ ବିଶ୍ୱାସ ଦେଖାଇଲେ ମଧ୍ୟ ସେମାନଙ୍କ ନିକଟରେ ସାବଧାନ ରହିବା ଦର୍କାର । ତେଣୁ ମୁଁ ଚାହେଁ, ତୁମକୁ ଗୋଟିଏ ଗଛରେ ବାନ୍ଧି ପକାଇ ଯିବି ।

ସିଂହ ଟିକିଏ ମୁରୁକି ହସା ହସି କହିଲା—"କୌଣସି ଆପତ୍ତି ନାହିଁ ମୋର । ନିତାନ୍ତ ଯଦି ତୋର ଇଚ୍ଛା ହେଉଛି, ବାନ୍ଧିପକାଇ ଯା ।"

ବିଶ୍ୱମଙ୍ଗଳ ଗୋଟିଏ କୋଳଥି ଲଟା ଆଣି ସିଂହକୁ ଦୃଢ଼ ଭାବରେ ବାନ୍ଧି ପକାଇଲା ଗୋଟିଏ ଗଛ ଗଣ୍ଡିରେ । ତା' ପରେ ଚାଲିଲା ଉତ୍ତରମୁଖୀ ହୋଇ ।

ଟଙ୍କଧର କାଠ ପ୍ରତିମା ପରି ବସିଥାନ୍ତି । ତାଙ୍କ ମୁହଁରେ ପଦେ ହୋଇ ଭାଷା ନଥାଏ କି ମନରେ ତିଳେହେଲେ ସ୍ପନ୍ଦନ ନଥାଏ । ମୁହଁ ଦେଖାଯାଉଥାଏ ଫିକା ପାହାନ୍ତିର ମଉଳା ଜହ୍ନପରି ଖୁବ୍ ସାଧା । ତଥାପି ବୁକୁ ପଞ୍ଜର ଭେଦି ଭଗବାନଙ୍କ ଉଦ୍ଦେଶ୍ୟରେ ଗୁମୁରି ଉଠୁଥାଏ ଥରେ ଥରେ କରୁଣା କଣିକାର ବିନମ୍ର ଭିକ୍ଷା ।

×   ×   ×   ×

ବିଶ୍ୱମଙ୍ଗଳ ଉତ୍ତରମୂଖୀ କିଛିଦୂର ଗଲାପରେ ଆଗରେ ଦେଖିବାକୁ ପାଇଲା ରତ୍ନକୁଣ୍ଡ ।

ଅପାର କାଳରୁ ପୁଷ୍କରିଣୀଟି ସେହିପରି ପଡ଼ିଛି । କେତେ ଖରା କାକର ତା ଗୁଣ୍ଡିରେ ବିତିଲାଣି, କେତେ ଜୀବଜନ୍ତୁଙ୍କ ଅନ୍ୟାୟ, ଅତ୍ୟାଚାର ସହ୍ୟ କଲାଣି, ତଥାପି ସେ କାହାପ୍ରତି ବିମୁଖ ହୋଇ ନାହିଁ । ଶକ୍ତି ଅନୁଯାରେ ଆଶ୍ରା ଦାନ ଓ ଜଳ ଦାନ କରି ଆସିଛି । ତା' ଚାରି ପାଖରେ ଥିବା କାନ୍ଥଟି ମଣି ଓ ପାରିଜାତଶ୍ରେଣୀ ମର୍ମର ପ୍ରସ୍ତରରେ ଗଢ଼ା । ସୂର୍ଯ୍ୟ କିରଣ ଲାଗିଲେ ଝଲମଲ ହୋଇ ଉଠେ । ଯୁଗ ଯୁଗଧରି ବନସ୍ତର ଜୀବଜନ୍ତୁମାନେ ତା' ଉପରେ କ୍ରୀଡ଼ାକୌତୁକ, ବିଶ୍ରାମ ଓ ମଳମୂତ୍ର ତ୍ୟାଗ କରୁଥିଲେ ମଧ୍ୟ ତା'ର

Digitized by PPRACHIN, SOA

ଦ୍ୟୁତି ଟିକିଏ ମାତ୍ର ମଉଳ ନାହିଁ । ବରଂ ପୂର୍ବ ଅପେକ୍ଷା ଆହୁରି ଢଳ ଢଳ, ଆହୁରି ଝଲମଲ ଦେଖାଯାଉଛି ।

ବିଶ୍ୱମଙ୍ଗଳ ଯାଇ ତା' କୂଳରେ ଦଣ୍ଡେ ବସିଲା । ପୁଷ୍କରଣୀର ସୌନ୍ଦର୍ଯ୍ୟ ନିରୀକ୍ଷଣ କରି ମୋହିତ ହେଲା । ମାତ୍ର ସିଂହ କହିଥିବା ରତ୍ନକୁଣ୍ଡ ଏହି କି ନାଁ ଜାଣିବାର କୌଣସି ଉପାୟ ନଥିବାରୁ ବଡ଼ ଅଡୁଆରେ ପଡ଼ି କହିଲା—"ହେ ପ୍ରଭୁ ଧର୍ମ ନିରଞ୍ଜନ ! ସସାଗରା ଧରଣୀର ତୁମେ ହିଁ ଉଜ୍ଜ୍ୱଳ ଆଲୋକ । ଜୀବଜନ୍ତୁମାନଙ୍କର ପଥ-ଦ୍ରଷ୍ଟା ହୋଇ ମୋତେ ଏ ସନ୍ଦେହ ଅନ୍ଧକାରରୁ ଉଦ୍ଧାର ନକଲେ ଆଉ ଉଦ୍ଧାର କରିବ କିଏ ?"

ପୁଷ୍କରଣୀ ଭିତରୁ ଉପରକୁ ଉଠିଲା ଖଣ୍ଡେ ବଂଶଦଣ୍ଡ । ତା' ଆଗରେ ଲାଗିଥାଏ ହାତେ ଲମ୍ବ ଓ ଚାରିଖଣ୍ଡେ ଓସାରର ସ୍ୱର୍ଣ୍ଣପଟ୍ଟା । ସେହି ପଟ୍ଟାରେ ନୀଳମଣି ଖଚିତ ଅକ୍ଷରେ ଲେଖା ହୋଇଛି—

"**ରତ୍ନକୁଣ୍ଡ**" ।

ବିଶ୍ୱମଙ୍ଗଳର ମନଟା ଆନନ୍ଦରେ ନାଚି ଉଠିଲା । ପ୍ରାଣ ବିହଙ୍ଗର ନୂତନ ପକ୍ଷ କଅଁଳି ମହାଶୂନ୍ୟରେ ସନ୍ତରଣ କରିବା ପାଇଁ ଖୋଲିଗଲା ଶକ୍ତିର ସହସ୍ରଉତ୍ସ । ସେ କ'ଣ କରିବ ନକରିବ ଆଗପଛ ବିଚାର ନକରି ଦେଲା ଗୋଟିଏ ଲମ୍ଫ ପୁଷ୍କରଣୀ ଭିତରକୁ ।

ହେମାଳ ହେତୁ ନଗାଧିରାଜର ନାମ ସିନା ହିମାଳୟ ବୋଲି ନାମିତ ହୋଇଛି, ମାତ୍ର ବୁଝିବାକୁ ଗଲେ ରତ୍ନକୁଣ୍ଡର ଜଳ ତା' ଅପେକ୍ଷା ଦୁଇଗୁଣ ହେମାଳ ।

ବିଶ୍ୱମଙ୍ଗଳ ସେ ପାଣିରେ ପଡ଼ିବାମାତ୍ରେ କାଠ ପାଲଟି ଗଲା । ସନ୍ତରଣ କରିବାକୁ ହସ୍ତ ପଦ ମୋଟେ ଚଳିଲା ନାହିଁ । ନିଃଶ୍ୱାସ ନେବାକୁ ମଧ୍ୟ କଷ୍ଟହେଲା ।

ମନେ ମନେ ଭାବିଲା ସେ ସିଂହ ମୋର ମୃତ୍ୟୁ କାମନାକରି କୌଶଳରେ ମୋତେ ଏଠାକୁ ପଠାଇ ଦେଇଛି । ଯାହାହେଉ,

Digitized by PPRACHIN, SOA

ମଲେ ମରିବ ପଛକେ, ପାତାଳରୁ ଉଠିଥିବା ବଂଶଦଣ୍ଡକୁ ଧରିବ । ଏହିପରି ବିଗୁରି କରି ଅତିକଷ୍ଟ ଓ ଅତିବିଚଳିତ ଭାବେ ସେ ପହଁରି ପହଁରି ଧରି ପକାଇଲା ବଂଶଦଣ୍ଡ ଖଣ୍ଡିକ ।

ବଂଶଦଣ୍ଡ ତତ୍‌କ୍ଷଣାତ୍ ବିଶ୍ୱମଙ୍ଗଳକୁ ଘେନି ଟପ୍ କରି ବୁଡ଼ିଗଲା । ବିଶ୍ୱମଙ୍ଗଳ ହାତ ଯାବମୁଠା ଆଉ ଫିଟିଲାନି କି ବଂଶଦଣ୍ଡକୁ ଛାଡ଼ି ସେ ରହି ପାରିଲାନି । ଶକ୍ତି ସାମର୍ଥ୍ୟହୀନ ଜଡ଼ ପ୍ରତିମା ପରି ଗୁଲିଗଲା ପାତାଳ ପ୍ରଦେଶକୁ ।

ଜଳ ଭଣ୍ଡାର ଶେଷ ହୋଇ ଆସିଲା । ହେମାଳ ବି କମି ଆସିଲା । ଶରୀର କ୍ରମେ କ୍ରମେ ଗରମ ହୋଇ ଆସିବାରୁ ଜ୍ଞାନେନ୍ଦ୍ରିୟ-ଗୁଡ଼ିକ ଜାଗି ଉଠିଲେ । ମନର ଗତି କ୍ରମେ କ୍ରମେ ବୃଦ୍ଧି ପାଇବାକୁ ଲାଗିଲା । ବର୍ତ୍ତମାନ ବୁଝି ପାରିଲା ସେ ଜଳଭଣ୍ଡାର ଅତିକ୍ରମ କରି ପହଞ୍ଚି ପାରିଛି ଗୋଟିଏ ରତ୍ନମୟ-ପ୍ରାସାଦରେ ।

ପ୍ରାସାଦଟି ବୃହତ୍ତର ନହେଲେ ମଧ୍ୟ ପରିପାଟୀ ଦୃଷ୍ଟିରୁ ଅତି ଉତ୍ତମ ଥିଲା । ତା'ର କମନୀୟ କଳା-କୌଶଳ ଯାହା ଆଖିରେ ପଡ଼ୁଥିଲା, ତା'ର ଆଖି ଆଉ ପଲକ ପଡ଼ୁ ନଥିଲା । ଅଗମ୍ୟ ଜଳ-ରାଜ୍ୟ ତଳେ କିପରି କେଉଁ ବିଜ୍ଞାନୀ ତାକୁ ଗଢ଼ିଛି, ସେ କଥା ଜାଣେ ମାତ୍ର ସେହି । ଯେଉଁମାନେ ସେ ପ୍ରାସାଦରେ ବସବାସ କରି ରହିଛନ୍ତି, ସେମାନେ କମ୍‌ଲୋକ ନୁହଁନ୍ତି । ସେମାନଙ୍କ ଅସାଧାରଣ ଶକ୍ତି ନିକଟରେ ମନୁଷ୍ୟର ଶକ୍ତି କିଛି ନୁହେଁ ।

ବିଶ୍ୱମଙ୍ଗଳ ପ୍ରାସାଦର ମସୃଣ ବାରଣ୍ଡାରେ ବୁଲି ମନୋରମ ଶିଳ୍ପକଳା ଗୁଡ଼ିକ ଦେଖିଲା । ତା'ର ପ୍ରଧାନ ଚେଷ୍ଟା ମାଣିକ୍ୟ ସିଂହାସନ ଖୋଜିବା । ଦେଖା ଦେଖି କରି ମନକୁ ଆନନ୍ଦ କରିବା ଯେତେ ଆବଶ୍ୟକ ନଥିଲା, ତା'ଠାରୁ ବେଶିଥିଲା ଦରକାର ମାଣିକ୍ୟ ସିଂହାସନରେ ।

Digitized by PPRACHIN, SOA

ପ୍ରାଣ ପଣେ ଲାଗି ପ୍ରାସାଦ ସାରା ଖୋଜା ଖୋଜି କରୁ କରୁ ତା' ଆଖିରେ ପଡ଼ିଲା ଗୋଟିଏ ନିଭୃତ କୋଠରୀ। ସେହି କଠୋରୀ ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣବେଦୀ। ସ୍ୱର୍ଣ୍ଣବେଦୀର ଚାରିପାଖଯାକ ଅଷ୍ଟରତ୍ନ ଜଡ଼ିତ ହୋଇଅଛି। ତାର ପାଖରେ ଚାରୋଟି ବୈଦୂର୍ଯ୍ୟର ଚାନ୍ଦୁଆ ଖୁଣ୍ଟ। ସେହି ଖୁଣ୍ଟରେ ଟଙ୍ଗା ହୋଇଛି ଗୋଟିଏ ହୀରା ଝରିଖଞ୍ଜା ରୁପା ପାଜର ଚାନ୍ଦୁଆ। ତା'ର ତଳେ ହାସ୍ୟମୟୀ ପ୍ରୌଢ଼ା ସ୍ତ୍ରୀ ଦୁଇଜଣ ବସି ପଶା ଖେଳୁଥାନ୍ତି। ସେମାନଙ୍କ ବର୍ଣ୍ଣ ଦେଖା ଯାଉଥାଏ ଆଉଟା କନକ ପରି। ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାପାଇଁ ଲେଖକ ଲେଖନୀର ଶକ୍ତି ଅଛିକି ନାହିଁ।

ବିଶ୍ୱମଙ୍ଗଳ ସେଠାରେ ପହଞ୍ଚିବା ମାତ୍ରେ ମନରେ କାହିଁକି ଭକ୍ତି ଆସିଲା ତାଙ୍କ ପ୍ରତି। ତେଣୁ ସେ ପ୍ରଣାମ ଜଣାଇ କାକୁସ୍ଥ ହୋଇ ଠିଆ ହେଲା !

ଖେଳୁ ଖେଳୁ ହଠାତ୍ ଗୋଟିଏ ପଶାକାଠି ଖସିଗଲା ବେଦୀ ତଳକୁ। ପ୍ରଥମ ରମଣୀ ହସି ଉଠିଲେ। ଦ୍ୱିତୀୟ ରମଣୀ ବିଶ୍ୱ-ମଙ୍ଗଳକୁ କହିଲେ—କାଠିଟା ଆଣି ଦେଇ ପାରିବ କି ?

ବିଶ୍ୱମଙ୍ଗଳ ସଙ୍ଗେ ସଙ୍ଗେ ତାଙ୍କ ଆଦେଶ ପାଳନ କଲା।

କାଠିଟି ହାତକୁ ନେଇ ପ୍ରଥମ ରମଣୀ ଖୁବ୍ ସନ୍ଦେହ ଦୃଷ୍ଟିରେ ବିଶ୍ୱମଙ୍ଗଳକୁ ଅନାଇଲେ ଓ ପଚାରିଲେ—ତୁମେ କିଏ ?

କହିଲା—ମୁଁ ବିଶ୍ୱମଙ୍ଗଳ।

ପଚାରିଲା—ବିଶ୍ୱମଙ୍ଗଳ ଏ ଅମଙ୍ଗଳ ଜଳରାଜ୍ୟକୁ ଆସିବାର କାରଣ କ'ଣ ?

କହିଲା—ମାଣିକ୍ୟ ସିଂହାସନ ପାଇଁ।

ପଚାରିଲେ—ମାଣିକ୍ୟ ସିଂହାସନ ନେଇ ବିଶ୍ୱମଙ୍ଗଳ କ'ଣ କରିବ ?

Digitized by PPRACHIN, SOA

କହିଲା—ପଶୁରାଜ ସିଂହ ତାହା ନେବାପାଇଁ ଆଦେଶ ଦେଇଛନ୍ତି ।

ରମଣୀ ଦୁହେଁ ଖୁବ୍ ପ୍ରସନ୍ନେ ହସିଲେ । ତା'ପରେ କହିଲେ—ଦଣ୍ଡେ ଅପେକ୍ଷା କର ଏହିଠାରେ ବସ । ଆମ ସ୍ୱାମୀ ଆସନ୍ତୁ । ତାଙ୍କ ସଙ୍ଗେ କଥାବାର୍ତ୍ତା ହୋଇ ସିଂହାସନଟି ନେଇଯିବ ।

ବିଶ୍ୱମଙ୍ଗଳ ବସିଲା । ରମଣୀ ଦୁହେଁ ସେଠାରୁ ଉଠିଗଲେ ଖାଦ୍ୟ ପାନୀୟର ଯୋଗାଡ଼ କରିବାକୁ ।

ଗୋଟିଏ ଅପୂର୍ବ ସ୍ଥାନ ସେ । ସେଠାରେ ଦିନ ନାହିଁ, ରାତି ନାହିଁ, ଅନ୍ଧାର ନାହିଁ କି ଆଲୁଅ ନାହିଁ । ଶୀତ, ବର୍ଷା, ଗ୍ରୀଷ୍ମ କୌଣସି ଋତୁର ଆବିର୍ଭାବ ନଥାଏ । ସମଶୀତଳ ସ୍ଥାନ । ସବୁବେଳେ ଗୋଟିଏ ନୂଆ ପ୍ରକାର ଆଲୋକରଶ୍ମିରେ ଉଦ୍ଭାସି ଉଠେ । ନୂଆ ନୂଆ ଜୀବଜନ୍ତୁଙ୍କର ନୂଆ ନୂଆ ଶବ୍ଦ ଶୁଣାଯାଏ । ଯୋଡ଼ିଏ ସ୍ତ୍ରୀଲୋକ ଛଡ଼ା ଦ୍ୱିତୀୟ ଲୋକ ଅଛି କି ନାହିଁ, କିଛି ବୁଝିପାରୁ ନଥାଏ ବିଶ୍ୱମଙ୍ଗଳ ।

ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପଥର ପ୍ରତିମାଟି ପରି ବସି ବସି ଭାବୁଥାଏ ସେହି ମାଣିକ୍ୟ ସିଂହାସନ କଥା । ଅଶାନ୍ତ ମନ ତା'ର ଶାନ୍ତ ହେଉ ନଥାଏ । ଗୋଟିଏ ପରେ ଗୋଟିଏ ନୂଆ ଭାବନା ଗୁମୁରି ଉଠୁଥାଏ ମନ ଭିତରେ । ଏମିତିବେଳେ ଜଣେ ସୌମ୍ୟ ସୁ-ଦର୍ଶନ ପ୍ରୌଢ଼ ବ୍ୟକ୍ତି ଆସି ତାକୁ ଦେଖା ଦେଲେ ।

ବିଶ୍ୱମଙ୍ଗଳକୁ ସେ କିଛି ପଚାରିବା ପୂର୍ବରୁ ହଠାତ୍ ବିଶ୍ୱମଙ୍ଗଳ ଉଠି ତାଙ୍କୁ ଭକ୍ତି ପ୍ରଣାମ କଲା ।

ପୁରୁଷ ଜଣକ ପଚାରିଲେ—ତୁମେ କିଏ ?

କହିଲା—ପୃଥିବୀବାସୀ ଜଣେ ରାଜପୁତ୍ର ମୁଁ ।

ପଚାରିଲେ—"ନାମ" ?

କହିଲା—"ବିଶ୍ୱମଙ୍ଗଳ" ।

Digitized by PPRACHIN, SOA

ପଚାରିଲେ—ଏଠାରେ ତୁମର କାମ କ'ଣ ?

କହିଲି—ଗୋଟିଏ ସିଂହ ପରାମର୍ଶରେ ଆସିଛି ମାଣିକ୍ୟ ସିଂହାସନ ନେବାକୁ ।

ପୁରୁଷ ଜଣକ ହସି ଉଠିଲେ ଉନ୍ମାଦଙ୍କ ପରି । ସେହି ହସର ଗହ ଗହ, ଠହ ଠହ ଶବ୍ଦରେ ସାରା ସ୍ଥାନଖଣ୍ଡିକ ମୁଖରିତ ହୋଇ ଉଠିଲା । ବିଶ୍ୱମଙ୍ଗଳ ଜଡ ପ୍ରତିମା ପରି ଅନାଇଥାଏ । ସେ ହସୁଥାନ୍ତି । କେତେ ଯେ ହସିଲେ, ତାର ସୀମା ରହିଲାନି । ସତେ ଯେମିତି ସେ ହସ ଶେଷ ହେବାର ନୁହେଁ । ଅସରନ୍ତି ଧାରା ତା'ର ବର୍ଷାଧାରା ପରି ତୁହାକୁ ତୁହା ଉଦୟ ହୋଇ ତୁହାକୁ ତୁହା ଶେଷ ହେଉଥାଏ ।

ଏଭଳି ଏକ ଅସାଧାରଣ ପରିସ୍ଥିତି ଦେଖି ବିଶ୍ୱମଙ୍ଗଳ ପଚାରିଲେ—ତୁମେ କ'ଣ ଉନ୍ମାଦ କି ?

ହଠାତ୍ ସେ ପୁରୁଷଙ୍କର ହସ ବନ୍ଦ ହୋଇଗଲା । ଆଖି ଯେ । ତାକ ଜଳି ଉଠିଲା ମଶାଲ ପରି । ନାସାରନ୍ଧ୍ର ଦେଇ ଏଭଳି ପ୍ରଖର ପବନ (ଗରମ ନିଃଶ୍ୱାସ) ବାହାରିଲା ଯେ, ବିଶ୍ୱମଙ୍ଗଳଙ୍କୁ ଜଣାଗଲା ସେହି ନିଃଶ୍ୱାସ ବାୟୁର ଉତ୍ତାପରେ ସାରା ଶରୀର ତା'ର ଫୋଟକା ହୋଇଯିବ ।

ଖୁବ୍ ଦବିଗଲା ସେ । ମନରେ ଭୟ ବ ଆସିଲା । ହେଲେ ନୀରବତା ଭଲ ଲାଗିଲାନି ତାକୁ । ତେଣୁ ମୁହଁ ଖୋଲି କହିଲା—ହେ, ମାୟାବୀ ! ତୁମେ ମନୁଷ୍ୟ ନାଁ ଦେବତା ?

ପୁରୁଷ ଜଣକ ହଠାତ୍ ଶାନ୍ତ ପଡ଼ିଗଲେ ଓ ନରମ ଗଳାରେ କହିଲେ—"ମୁଁ ମାୟାବୀ ନୁହେଁ, ଦେବତା ନୁହେଁ କି ମନୁଷ୍ୟ ନୁହେଁ ବାବୁ ! ଏ ଜଳର-ଯକ୍ଷ—**ଜଳଯକ୍ଷ** ।"

ବିଶ୍ୱମଙ୍ଗଳ କହିଲା—ଯାହା କିଛି ହେଲେ ବି ମୋ ଦୃଷ୍ଟିରେ ଦେବତା ତୁମେ । ତେଣୁ ପ୍ରାର୍ଥନା କରୁଛି, ମୋ'ପ୍ରତି ଦୟାକର ।

Digitized by PPRACHIN, SOA

ପଚାରିଲା—କ'ଣ ଲୋଡ଼ା ତୋର ?
କହିଲା—"ମାଣିକ୍ୟ ସିଂହାସନ" ।
ପଚାରିଲେ—ମାଣିକ୍ୟ ସିଂହାସନ ନେଇ ପାରିବୁ ତ ?
କହିଲା—ସେଇଥିପାଇଁ ତ ଆସିଛି ।
ପଚାରିଲେ—ତୁ କାହା ପୁଅ ?
କହିଲା—ମୋ ମା'ଙ୍କ ନାଁ ପୁଷ୍ପମଞ୍ଜରୀ ।
ପଚାରିଲେ—ବାପାଙ୍କ ନାଁ ?
କହିଲା—କହି ପାରିବନି ।

ପୁରୁଷ ଜଣକ ମୃଦୁହାସ୍ୟ କରି କହିଲେ—ବାପା ନାଁ ନ ଜାଣିଥିବା ଲୋକ ବେଶ୍ୟାପୁତ୍ର । ମୁଁ ଜାଣି ପାରୁଛି ତୋ ମାଆ ବେଶ୍ୟା ବୃତ୍ତି କରି ତୋତେ ଜନ୍ମ କରିଛି । ତେଣୁ ତୁ ମାଣିକ୍ୟ ସିଂହାସନ ନେଇ ପାରିବୁନି ।

ପଚାରିଲା—କ'ଣ କରିବ ତେବେ ?
କହିଲେ—ଯା, ମା'ଙ୍କୁ ପଚାରି ବାପାଙ୍କ ନାଁ ବୁଝି ଆସିବୁ ।
ପଚାରିଲା—ବୁଝି ଆସିଲେ ମାଣିକ୍ୟ ସିଂହାସନ ଦେବତ ?

କହିଲେ—ବାପା ଯଦି ଜୀବିତ ଥିବେ ଓ ଗୋଟିଏ ରାଜ୍ୟର ରାଜା ହୋଇ ରାଜ୍ୟଶାସନ କରୁଥିବେ, ତେବେଯାଇ ତୋତେ ମାଣିକ୍ୟ ସିଂହାସନ ଦିଆଯିବ । ତା ନହେଲେ ଦିଆଯାଇ ପାରିବନି ।

ପଚାରିଲା—ଏଠାରୁ ଶୀଘ୍ର କିପରି ଯାଇ ପାରିବ ?

ପୁରୁଷ ଜଣକ କହିଲେ—ଦଣ୍ଡେମାନ ଅପେକ୍ଷା କର । ହେମା, ରମା ଦିହେଁ ଆସନ୍ତୁ । ତୁ ଯେପରି ସହସା ବାହାରି ଯିବୁ, ସେମାନେ ତା'ର ବ୍ୟବସ୍ଥା କରିବେ ।

ଅଳ୍ପ ସମୟ ପରେ ପୂର୍ବୋକ୍ତ ସ୍ତ୍ରୀଲୋକ ଦୁହେଁ ଖାଦ୍ୟପାତ୍ର ଘେନି ପହଞ୍ଚିଲେ ଓ ବିଶ୍ୱମଙ୍ଗଳକୁ ଅନୁରୋଧକଲେ ଖାଇବାପାଇଁ ।

Digitized by PPRACHIN, SOA

ବିଶ୍ୱମଙ୍ଗଳ ମନା କରୁଥିଲା, ମାତ୍ର ସେମାନଙ୍କ ସ୍ନେହ ଅନୁରୋଧର ବଶବର୍ତ୍ତୀ ହୋଇ କିଞ୍ଚିତ୍ ଖାଦ୍ୟାହାର କଲାପରେ ତର ତର ହେଲା ଯିବାପାଇଁ ।

ହେମା ଏବଂ ରମା ଦେଲେ ଗୋଟିଏ ରୂପାର ଟୋପି । କହିଲେ—ଏହାକୁ ମୁଣ୍ଡରେ ଲଗାଇ ଶୀଘ୍ର ବାହାରିଯା ।

ବିଶ୍ୱମଙ୍ଗଳ ରୂପା ଟୋପି ପିନ୍ଧି ଆଖି ପିଛୁଳାମାତ୍ରେ ରତ୍ନ କୁଣ୍ଡରୁ ବାହାରିଗଲା ।

× × × ×

ସିଂହଟି ଅନ୍ତର୍ଦ୍ଧାନ ହୋଇ ଯାଇଛି । ଏକା ଟଙ୍କଧର ବସିଛନ୍ତି ବିଶ୍ୱମଙ୍ଗଳକୁ ଅନାଇ କରି । ମନରେ ତାଙ୍କର ଅସରନ୍ତି ଭାବନା । ଆଖିରେ ଭରି ଅଶ୍ରୁ । ବୁକୁରୁ ଧୈର୍ଯ୍ୟ ଓ ସାହସ କ୍ରମେ କମି ଆସୁଥାଏ ।

ବିଶ୍ୱମଙ୍ଗଳ ପହଞ୍ଚିଗଲା ।

ଟଙ୍କଧର ତାକୁ କାଖେଇ କୁଣ୍ଢାଇ ବିଳମ୍ବର କାରଣ ପଚାରିବାରୁ ସେ କିଛି ନକହି କେବଳ ତର ତର କଲା ମା' ପାଖକୁ ଯିବାପାଇଁ ।

ଗଲେ । ସେଦିନ ରାତି ନ ଆସିବା ଆଗରୁ ଯାଇ ମାୟୂା-ମହଲରେ ପହଞ୍ଚିଲେ ।

ବାହାଡ଼ାସୁର ଖାଲି ମୁରୁକେଇ ମୁରୁକେଇ ହସୁଥାଏ ।

ଦୀର୍ଘ ଛଅଦିନ ହେଲା ପୁଅ ଯାଇ ଲେଉଟି ଆସି ନଥିବାରୁ ପୁଷ୍ପା ମନରେ ଥିଲା ଗଭୀର ଦୁଃଖ । ବର୍ତ୍ତମାନ ପୁଅକୁ ପାଖରେ ପାଇ ସେ ଲାଗି ପଡ଼ିଲେ ତା ପରିଚର୍ଯ୍ୟାରେ ।

ବିଶ୍ୱମଙ୍ଗଳର କିନ୍ତୁ କୌଣସି କଥା ପ୍ରତି ଶ୍ରଦ୍ଧା ନଥାଏ । ମନରେ ଶାନ୍ତି ବି ନଥାଏ । ଦ୍ୱିବେକ ଶୋଷ ତା'ର ଶୂନ୍ୟ ହୋଇ ଯାଇଛି । ସେହି ଗୋଟିଏ ମାତ୍ର ତା'ର ଜନ୍ମ ରହସ୍ୟ । ପ୍ରକୃତ କଥାଟା ଉଦ୍‌ଘାଟନ ନ ହେବା ପର୍ଯ୍ୟନ୍ତ ତା'ର ବା ଶାନ୍ତି କାହିଁ ?

Digitized by PPRACHIN, SOA

ବେଳ ହେଲାରୁ ପୁଷ୍ପା ଡାକିଲା ଖାଇବାକୁ ।

ବିଶ୍ୱମଙ୍ଗଳ କହିଲା—ମୁଁ ଅନଶନ ବ୍ରତ ପାଳିବ ।

ପୁଷ୍ପା ମୁଣ୍ଡରେ ବଜ୍ରାଘାତର ଯନ୍ତ୍ରଣା ଅନୁଭବ କଲା । ହଠାତ୍ ପୁଅ ମନରେ ଏଭଳି ବିତୃଷ୍ଣା ଆସିଲା କାହିଁକି ? କିଛି ବୁଝି ନପାରି ଡରି ଡରି ହୋଇ ସେ ଥରେ ପଚାରିଦେଲା— "କହିବାବୁ ! ତୋର କ'ଣ ଅସୁବିଧା ହୋଇଛି" ?

ବିଶ୍ୱମଙ୍ଗଳ ପଚାରିଲା—ମୋର ବାପା କିଏ ?

ପୁଷ୍ପା କହିଲା—ତୋ ର ବାପା ଏ ରାଜ୍ୟର ରଜା । ହେଲେ କ'ଣ ହେଲା, ହୀନ କପାଳକୁ ତୋତେ ଘଟିଛି ବନବାସ ଦଣ୍ଡ ।

ବିଶ୍ୱମଙ୍ଗଳ ପଚାରିଲା—କ'ଣ ସେ ଘଟଣା ମୋତେ ସବୁ ଖୋଲି କରି କହ । ତା' ନ ହେଲେ ନିଶ୍ଚୟ ଆତ୍ମହତ୍ୟା କରିବି ।

ପୁଷ୍ପା କହିଲା—ସବୁ କଥା କହିବି । ମାତ୍ର ତୁ ଟିକିଏ ଅପେକ୍ଷା କର । ଅଜା ଫେରି ଆସନ୍ତୁ । ତାଙ୍କୁ ପଚାରି ଦେଲା ପରେ ନିଟେଳାରେ ବସାଇ ସବୁକଥା ଶୁଣାଇଦେବି ।

ଠିକ୍ ଏତିକିବେଳକୁ ବାହାଡ଼ାସୁର କୁଆଡ଼ୁ ଆସି ପହଞ୍ଚିଗଲା ଓ କହିଲା—ନାତି ! ପେଟ ପୂରାଇ ଖାଦ୍ୟ ଖାଇ ଦେ । ନିଟେଳା ରାତିରେ ତୁ, ମୁଁ, ତୋ ବୋଉ ଓ ଟଙ୍କଧର ଅଜା ବସିବା । ତୋ ଆଗରେ ତୋ ଜନ୍ମରହସ୍ୟଯାକ ଗୋଟି ଗୋଟି କରି ଶୁଣାଇଦେବା ।

ଏକଥା ଶୁଣି ବିଶ୍ୱମଙ୍ଗଳ ଗଲା ଖାଇବାକୁ । ଖାଇ ପିଇ ସାରି ନିଟେଳା ରାତିରେ ବସି ଚାରିଜଣଯାକ କଥାବାର୍ତ୍ତା ପକାଇଲେ ।

ବିଶ୍ୱମଙ୍ଗଳ ହସ, କାନ୍ଦ, ଶୋକ, ଦୁଃଖ ମଧ୍ୟରେ ରଜା କଥା, ରାଣୀମାନଙ୍କ କଥା, ହତ୍ୟା କଥା, ବାହାଡ଼ାସୁର ଓ ଟଙ୍କଧର କଥା, ନିଜ ଜନ୍ମ ରହସ୍ୟ କଥା ଶୁଣି ଦଣ୍ଡକଯାଏ ମୂକପାଲଟିଗଲା । ତା'ପରେ ରାତି ବେଶି ହେବାରୁ ସମସ୍ତେ ଯାଇ ନିଜ ନିଜ ସ୍ଥାନରେ ବିଶ୍ରାମ କଲେ ।

Digitized by PPRACHIN, SOA

ରାତ ପାହିଲା । କୁଆ କୋଇଲି ରାବିଲେ । ଫିକାଳିଆ ଖଣ୍ଡିଆ ଜହ୍ନଟି କ୍ରମେ କ୍ରମେ ସତ୍ତ୍ୱ ହଜାଇ ଆକାଶ କକ୍ଷରେ ମୁହଁ ଛପା ଦେଲାବେଳକୁ ପ୍ରାଚୀ ଗଗନରେ ହସି ଉଠିଲା ଅରୁଣ କରଣର ରକ୍ତିମା ଆଭା ।

ପୁଷ୍ପା ଉଠି ନିତ୍ୟକର୍ମ ସାରିଲା ବଢ଼ାଇବା ପାଇଁ ବିଶ୍ୱମଙ୍ଗଳକୁ ଖୋଜିଲା ବେଳକୁ ସେ ନାହିଁ । ତା' ଶୋଇଲା ଘର ଖାଲି ପଡ଼ିଛି ।

କୁଆଡ଼େ ଗଲା, କଣ ହେଲା ବୋଲି ଚିତ୍କାର କରିବା ଶୁଣି ଝଙ୍କଧର ଆସିଲେ । ବାହାଡ଼ାସୁର ବି ଆସିଲା । କଥାଟା କ'ଣ ବୁଝା ସୁଝା କରି ନେଲା ପରେ କହିଲା—ବ୍ୟସ୍ତ ହେବାର କୌଣସି କାରଣ ନାହିଁ । ବିଶ୍ୱମଙ୍ଗଳ ଯାଇଛି—ତା' ବାପର ସନ୍ଧାନ କରିବାକୁ । ତା' ପଛେ ପଛେ ଆମ୍ଭେ ବି ଯିବା ।

ପୁଷ୍ପାର ମନଟା ଦବିଗଲା । ସପତ୍ନୀମାନଙ୍କ ଅନ୍ୟାୟ, ଅତ୍ୟାଚାରର କଥା ମନେ ପଡ଼ି ବଡ଼ ଯାତନା ଲାଗିଲା ତାକୁ । ମନେ ମନେ ଭାବିଲା—ସେ ଷୋଡ଼ଶ ରାଣୀ ମାନବୀ ନୁହନ୍ତି ରାକ୍ଷସୀ । ସେମାନଙ୍କ ଅତ୍ୟାଚାରରେ ମୋ' ଦଶା ଆଜି ଯାହା ହୋଇଛି, ବିଶ୍ୱମଙ୍ଗଳର ଦଶା କାଳେ ସେଇଆ ହେବ ? ଏହିକଥା ଭାବି ଭାବି ମିୟମାଣ ହୋଇ ପଡ଼ିଲା ସେ ।

ମା' ମଙ୍ଗଳା ଆସି ମନେ ପଡ଼ିଲେ । ତେଣୁ ଗମ୍ଭୀର ଧ୍ୟାନ ଓ ଅଗାଧ ଭକ୍ତି ପ୍ରାଣରେ ତାଙ୍କୁ ଡାକିଲା । ମନର ବେଦନା ଜଣାଇ କହିଲା—

ମାଆଗୋ ମଙ୍ଗଳା ! ଏ ଦୁଃଖିନୀ ଭେଳା ଭାସୁଛି ଦୁଃଖ ନଦୀରେ,
କରୁଣା ପ୍ରସାରି କର ବାରେ ପାରି କୂଳରେ ଧରାଇ ଧୀରେ ।
ପଣା ପାଣି ଦେଇ ପୂଜିବି ପନ୍ଥାଇ ଭେଟି କରେ ଫୁଲ ଫଳ,
ସର୍ବ ସୌଭାଗ୍ୟରେ ଫେରି ଆସୁ ପୁରେ ମୋ'ପୁଅ ବିଶ୍ୱମଙ୍ଗଳ ।

Digitized by PPRACHIN, SOA

ସେତେବେଳକୁ ବାହାଡ଼ା ଓ ଟଙ୍କଧର ଯିବାପାଇଁ ସଜବାଜ ହୋଇ ସାରିଥିଲେ । ବିଶାଳ ଗୋଟିଏ ପିଆଶାଳ ଗଛରେ ଲାଲ ପତାକା ଉଡ଼ୁଥିଲା । ଅନନ୍ତ ଶୂନ୍ୟ ପ୍ରଦେଶ କମ୍ପମାନ କରି ବାଜି ଉଠୁଥିଲା ବିଜୟକାଳୀନ ଶୁଭଶଙ୍ଖ ।

ମା’ ପୁଷ୍ପା ! ତୋର ନିତ୍ୟକର୍ମ ଶେଷକରି ଶୀଘ୍ର ପ୍ରସ୍ତୁତ ହୋଇ ଯା । ଆଜି କର୍ମ ଭୂମିରେ ପାଦ ଦେବାକୁ ପଡ଼ିବ । ବହୁକାଳର ପୁରୁଣା କିମ୍ବଦନ୍ତୀରେ ଅଛି—

"ବଳା ପାରିଲେ କଳା ଛୁଟେ ।"

ତୋର ବଳା ଅର୍ଥାତ୍ ପୁଅ ପାରି ଗଲାଣି । ଏଣିକି କୌଣସି ଦୁଃଖ ରହିବନି । କାଳିମା ଦୂର ହୋଇଯିବ ମା ! ସୌଭାଗ୍ୟ ପଥରେ ଆଲୋକ ଜଳିବ । ଏହି କଥା କହି କହି ସାମନାରେ ଆସି ଠିଆହେଲା ବାହାଡ଼ାସୁର ।

ସତେ ବାବା ! ତୁମ ତୁଣ୍ଡ ସୁତୁଣ୍ଡ ହେଉ ? ବଂଶମଙ୍ଗଳ ମୋ ଅସରନ୍ତି ଦୁଃଖ ହଟାଇ ବାପର ନାଁ ରଖି ପାରିବ ?

ନିଶ୍ଚେ ପାରିବ ମା ! ସବୁ କିଛି କରି ପାରିବ ସେ । ତା’ ଯୋଗେ ତୋ ଭାଗ୍ୟାକାଶରୁ ଅମା ଅନ୍ଧକାର ବିଦୂରିତ ହୋଇ ନୂତନ ଆଲୋକ ଜଳି ଉଠିବ ।

ମୋ ବାପ ତାକୁ ଚିହ୍ନି ପାରିବ ତ ?

ନିଶ୍ଚେ ଚିହ୍ନିବ ପୁଷ୍ପା । ସେ ପରି ସନ୍ଦେହ ଛାଡ଼ ଯାଇଛି । ଏତେ ଡରୁଛୁ କାହିଁକି ? ସବୁକଥା ମୁଁ ହାତେ ହାତେ ପ୍ରମାଣ କରାଇ ଦେବି ।

ମଞ୍ଜରୀ ଏବଂ ବାହାଡ଼ାସୁର ଦୁହେଁ ଏହିପରି କଥାବାର୍ତ୍ତା ହୋଇ ବାହାରି ପଡ଼ିଲେ ଯିବାପାଇଁ ।

Digitized by PPRACHIN, SOA

ଟଙ୍କଧର ଯୁଦ୍ଧ ହତିଆର ସବୁ କୌଶଳରେ ନିଜ ପାଖରେ ରଖି ରଖି କରି ବାହାଡ଼ା ଇଙ୍ଗିତରେ ଚଢ଼ିଗଲେ ସେହି ପିଆଶାଳ ଗଛ ଉପରେ । ପୁଷ୍ପା ଚଢ଼ିଲା, ବାହାଡ଼ା ବି ଚଢ଼ିଲା ।

ଆହୁରି ଥରେ ଶୂନ୍ୟ ଭୁବନରୁ ଶୁଣାଗଲା ମଙ୍ଗଳ ଶଙ୍ଖ । ବାହାଡ଼ା ମାୟା ବିସ୍ତାର କଲା । ସମସ୍ତେ ଗୋଟିଏ ଗୋଟିଏ ଚଢ଼େଇ ହୋଇଗଲେ । ପିଆଶାଳ ଗଛ ଉଡ଼ି ଉଡ଼ିକା ଆଗେଇ ଚାଲିଲା ।

ବିଶ୍ୱମଙ୍ଗଳ ବହୁ ଆଗରୁ ଯାଇ ପହଞ୍ଚିଥାଏ । ରାଜ୍ୟ କଥା, ରାଣୀମାନଙ୍କ କଥା ଓ ରଜାଙ୍କ କଥାର ସନ୍ଧାନ ପାଇବାପାଇଁ ଗୁପ୍ତବେଶ ଧରି ବୁଲୁଥାଏ ଭିକାରି ବେଶରେ । ଗୀତ ଖଣ୍ଡେ ମୁହଁରେ ଥାଏ ତା'ର—

ନୂଆ ଭିକାରି ମୁଁ ନୂଆ ପ୍ରଦେଶରେ ।
ଭିକ ଦିଅ ମାଗୋ ସଦୟ ଅନ୍ତରେ ॥
ଉନ୍ମାଦ ପବନେ ଆଶା ସ୍ରୋତେ ଭସି ।
ଅଗମ୍ୟ ପ୍ରଦେଶୁ ଅଛଇ ମୁଁ ଆସି ॥
ପ୍ରିୟଜନ ବାର୍ତ୍ତା ସଦା ମୋ କାମନା ।
ଆନ କଥାରେ ମୋ ନାହିଁ ଗୋ ବାସନା ॥
କେ ଅଛୁ ଦୟାଳୁ କିଏ ଅଛୁ ଦାତା ।
ହଟାଅ ମୋ ହୃଦୁ ବାରେ ବିଷ ବାତ୍ୟା ॥
ହେଉ ଏ ଦେଶର ମଙ୍ଗଳ ଅଚିରେ ।
ଅନ୍ୟାୟ ଅଶାନ୍ତି ହଟୁ ଧୀରେ ଧୀରେ ॥

ଗୀତଟି ଗାଏ । ସମସ୍ତେ ଶୁଣନ୍ତି । ମାତ୍ର ଅର୍ଥ କେହି ବୁଝନ୍ତି ନାହିଁ । ଭିକ ମୁଠିଏ ମୁଠିଏ ଆଣି ଦିଅନ୍ତି । ଭିକାରି ଏ ଦୁଆରୁ ସେ ଦୁଆରକୁ ଚାଲିଯାଏ ।

Digitized by PPRACHIN, SOA

ଗାଁ ସେ ମୁଣ୍ଡରେ ଗୋଟିଏ ଘର । ଆଡ଼ମ୍ବର ବିହୀନ । କାନ୍ଥମାନଙ୍କରେ ଲେଖା ଅଛି ନୀତିଉପଦେଶାବଳୀ । ପଞ୍ଜୁରୀରେ ଶୁଆସାରୀ ଟଙ୍ଗା ହୋଇଥିଲେ ସଦର ଦରଜାରେ । କେହି ଅତିଥି ଅଭ୍ୟାଗତ ଗଲେ ଶୁଆ କହେ—

ଆସନ୍ତୁ ମହାତ୍ମା !

ସାରୀ କହେ—"କିଏ ଅଛରେ, ପାଣି ଆଣ, ବସିଣା ଦିଅ । ଅତିଥି ଆସିଲେଣି, ସେବା କର । ହେଳା କରନା ? ବଡ଼ ଭାଗ୍ୟ ଆଜ !"

ବିଶ୍ୱମଙ୍ଗଳ ଯାଇ ସେହି ଦ୍ୱାରେ ପଚ୍ଛିଷ୍ଟ ଗୀତଟି ଆରମ୍ଭ କରିଦେଲେ—

ଗୀତ ଶୁଣି ଘରଭିତରୁ ଆସିଲା ଜଣେ ତରୁଣୀ । ପଚାରିଲା—କୋମଳ କଣ୍ଠରେ—ଭିକାରି !

କୁହନ୍ତୁ ।

ଗୀତଟି କେଉଁଠୁ ଶିଖିଲ ?

ନିଜଠୁଁ ।

ରଚନା କାହାର ?

ନିଜର ।

ଭିକ୍ଷା ନେବ ?

ନେବି ।

ନେଇ କ'ଣ କରିବ ?

ସମସ୍ତେ ଯାହା କରନ୍ତି ?

ସଂସାରରେ ତୁମର ଆଉ କିଏ ଅଛନ୍ତି ?

ସନ୍ଧାନ କରୁଛି ତ !

ସନ୍ଧାନ ପାଇଲେ କ'ଣ କରି ପାରିବ ?

Digitized by PPRACHIN, SOA

ପ୍ରତିକାର ।

ପାରିବ ତ ?

ନ ପାରିବ କାହିଁକି ? ମନରେ ବଳ ଥିବାରୁ ଅଗସ୍ତି ସାଗର ଶୋଷି ଦେଇଥିଲେ । ଯୁଧିଷ୍ଠିର ଚାଲି ଚାଲି ଅମର ବୈକୁଣ୍ଠ ପର୍ଯ୍ୟନ୍ତ ଗଲେ । ହନୁମାନ ସାଗର ଡେଇଁଲେ, ଭଗିରଥ ଗଙ୍ଗା ଆଣି ପାରିଲେ । ମୁଁ ତ ପୁଣି ତାଙ୍କର ପରି ମନୁଷ୍ୟ ?

ଧନ୍ୟବାଦ୍ । କଥା ଶୁଣି ଖୁସି ହେଲି । ମୋର ଅନୁରୋଧ, ଆଜ ଦିନଟି ଏଠାରେ ଅତିଥି ହେବାକୁ ।

ଆପତ୍ତି ନାହିଁ । ମାତ୍ର ଗୋଟିଏ କଥା ।

କ’ କଥା ?

ମୋର ଯାହା ଲୋଡ଼ା—

ଏହିଠାରେ ତାହା ମିଳିଯିବ ।

ବିଶ୍ୱମଙ୍ଗଳ ଆଉ କୌଣସି ଆପତ୍ତି ନ ଉଠାଇ ସେଦିନ ସେହି ଗୃହରେ ଅତିଥି ହୋଇ ରହିଲା । ଗୃହର ଗୃହସ୍ଥ ଏବଂ ଗୃହିଣୀ ଅତି ଉତ୍ତମ ପ୍ରକୃତିର ଲୋକ । ରମଣୀ ଜଣକ ତାଙ୍କର ଏକମାତ୍ର କନ୍ୟା । ଅତ୍ୟନ୍ତ ବିଦୁଷୀ । ନଖଦର୍ପଣ ବିଦ୍ୟା ସାହାଯ୍ୟରେ ତିନି କାଳର କଥା ଜାଣିପାରେ । ଶୁକଶାରି ସାଧନା ବି ଅଛି । ଏତେ ଗୁଡ଼ିଏ ଗୁଣର ଅଧିକାରିଣୀ ହୋଇ ରାଜ୍ୟରେ ଅପ୍ରକାଶ୍ୟ ଅବସ୍ଥାରେ ଥାଏ । କେହି ତା’ ବିଦ୍ୟା ଓ ସାଧନା କଥା ଜାଣନ୍ତିନି । ସେ ବି ବାହାଦୁରି କରିବାକୁ ଭଲ ପାଏନା । ଏଣୁ ଗୁପ୍ତ କଥାମାନ ଗୁପ୍ତରେ ରହିଥାଏ ।

ବିଶ୍ୱମଙ୍ଗଳ ସେଦିନ ସେହି ଗୃହରେ ଆତିଥ୍ୟ ଗ୍ରହଣକରି ରାତିକୁ ଯେଉଁ ଗୃହରେ ବିଶ୍ରାମ କଲା, ସେହି ଗୃହରେ ଶୁକଶାରି ରହିଲେ ପିଞ୍ଜରି ମଧ୍ୟରେ । ସାରି ତା’ ମୁଣ୍ଡ ଉପରେ ଓ ଶୁଆ ତା’ ଗୋଡ଼ତଳେ ଠିଙ୍ଗା ହୋଇଥାନ୍ତି ।

Digitized by PPRACHIN, SOA

ବିଶ୍ୱମଙ୍ଗଳ କଠିଣ ନିଦରେ ଶୋଇଥାଏ । ରାତି ଆସି ଅଧରୁ ଗଡ଼ିଗଲାବେଳକୁ ଶୁଆ ପଚାରିଲା ସାରୀକୁ ।

ସାରୀଲୋ ସାରୀ ! ଏ ପିଲାଟି କିଏ ତୁ ଜାଣୁ ?

ସାରୀ କହିଲା—ସବୁ ଜାଣେ ।

ଶୁଆ—କ'ଣ ଜାଣୁ କହିଲୁ ।

ସାରୀ—ଘର ଦୁଃଖୀ ରଜା ପୁଅଟିଏ । ଏହି ରାଜ୍ୟରେ ଘର । ସାବତ ମାଆ ହେବେ କପଟରେ ଯା' ମାଆକୁ ଏଠୁ ହଟାଇ ଦେଇ ଜଣେ ସେନାପତି ସଙ୍ଗେ, ଆଉ ଜଣେ ମନୋହର ସିଂହ ସଙ୍ଗେ ମାତିଛନ୍ତି । ରଜା ଏକଥା ଜାଣି ପାରିବାରୁ ତାଙ୍କୁ ପଥର ପ୍ରତିମା କରି ବସାଇ ଦେଇଛନ୍ତି ସିଂହଦ୍ୱାରେ ।

ପଚାରିଲା—ତାଙ୍କୁ ପଥର ପ୍ରତିମା କଲେ କିପରି ?

କହିଲା—ଯାଦୁକରୀ ମାଳୀଆଣୀକୁ ପାଖରେ ରଖି ବିଟପୀ ରାଣୀ ହେବେ ସବୁ କିଛୁ କରି ପାରିଛନ୍ତି ।

ପଚାରିଲା—ମାଳୀଆଣୀକୁ ଯାଦୁରେ ପରାସ୍ତ କରି ଦେବାକୁ କ'ଣ କେହି ନାହାଁନ୍ତି ?

କହିଲା—ରଜାପୁଅର ସାହାଯ୍ୟକାରୀ ଅଛି ବାହାଡ଼ାସୁର, ବହୁତ ଯାଦୁ ଜାଣେ । ତା' ପାଖରେ ମାଳୀଆଣୀ କିଛି ନୁହେଁ । ହେଲେ କ'ଣ ହେବ, ପଥର ପ୍ରତିମାକୁ ଜୀବନ୍ନ୍ୟାସ ଦେବା କଥା ନାହିଁ ।

ପଚାରିଲା—କିପରି କଲେବେ ରଜା ପ୍ରାଣ ପାଇବେ ?

କହିଲା—ବଡ଼ ସକାଳୁ ଉଠି ରଜାପୁଅ ଯେବେ ଯାଇପାରନ୍ତା ଗୋଦନ୍ତା କୁମ୍ଭୀର ପାଖକୁ, ତେବେ ତାକୁ ମିଳିଯାଆନ୍ତା କାକମଣି । ସେହି କାକମଣି ନେଇ ପଥର ପ୍ରତିମା ଗଳାରେ ପିନ୍ଧାଇ ଦେଲେ ତିନଦିନ ପରେ ସେ ବଞ୍ଚି ଉଠନ୍ତେ ।

ପଚାରିଲା—ଗୋଦନ୍ତା କୁମ୍ଭୀର ଥାଏ କେଉଁଠି ?

Digitized by PPRACHIN, SOA

କହିଲା—ଏଠୁ ପାଏ ବାଟ ଦକ୍ଷିଣକୁ ଗଲେ ପଡ଼ିବ ଗୋଟିଏ ଜଳପାଟ । ତାର ନାଁ ହେଉଛି—'ସୀତାପାଟ' । ଗୋଦନ୍ତା ସେହି-ଠାରେ ଥାଏ । ରଜାପୁଅ ସକାଳୁ ପହଞ୍ଚିଲେ ଖଗ ଯୋଗଁଇଥିବା ଅବସ୍ଥାରେ ଗୋଦନ୍ତାକୁ ପାଇବ । କାକମଣି ଅଛି ତା ଖଗ ବିବରରେ । ଖଣ୍ଡାରେ ଗୋଟ ଲଗାଇ ଖଗରେ ଅଗ ଖଣ୍ଡିକ ଦେଇ ଆସିଲେ କାକମଣି;ମିଳିଯିବ ।

ବିଶ୍ୱମଙ୍ଗଳ ଗାଳେଇ କରି ସବୁକଥା ଶୁଣିଲା । କିଛି କହିଲାନି କି ହଲ ଚଲ କି ହେଲାନି । ରାତି ଆଖିର ହେଲା ମାତ୍ରେ ଶଯ୍ୟା ତ୍ୟାଗ କରି ବ୍ରାହ୍ମ ମୁହୂର୍ତ୍ତରୁ ଦଉଡ଼ିଲା ସୀତାପାଟକୁ । ଗୃହକର୍ତ୍ତା କାଳେ ସନ୍ଦେହ କରିବେ, ଏଥିପାଇଁ କାନ୍ଥରେ ଲେଖିଦେଇଗଲା—

ସନ୍ଦେହ କରିବ ନାହିଁ ଅତିଥି ଜନକୁ ।
କାର୍ଯ୍ୟାନ୍ତରେ ଯାଇଅଛି ସେ ଅନ୍ୟସ୍ଥାନକୁ ॥
କାଳେ ପୁଣି ଦେଖା ହେବ ଭ୍ରମ ନ ହୋଇବ ।
ଘଟିବ ବିଧାତା ଯାହା ଭାଲେ ଲହିଥିବ ॥

× × × ×

ବାହାଡ଼ାସୁର ତା ଦଳ ବଳ ନେଇ ପହଞ୍ଚି ଯାଇଛି । ଗାଁ ମୁଣ୍ଡରେ ପିଆଶାଳ ଗଛ ରଖି ଲାଗିଛି ବିଶ୍ୱମଙ୍ଗଳକୁ ଖୋଜିବାରେ ଅନନ୍ତ କାଳର ରାକ୍ଷସ ସେ । ଚତୁର ପଣରେ ତା ଆଖିକୁ ଫାଙ୍କି ଦେବା କିଛି ଗୋଟିଏ କଥା ନୁହେଁ ।

ଯାଦୁ ବିଦ୍ୟା ଓ ଗଣକ ବିଦ୍ୟା ସବୁ ଜଣାଅଛି ତାକୁ । ବିଶ୍ୱମଙ୍ଗଳକୁ ଖୋଜି ନ ପାଇବାର ଗଣନା ଦ୍ୱାରା ସମସ୍ତ କଥାଜାଣି ନେଲା ଓ ପ୍ରତିକାର ନିମନ୍ତେ ଯାହାକିଛି ଲୋଡ଼ା ସେ ସବୁର ବ୍ୟବସ୍ଥା କରିବାରେ ଲାଗି ପଡ଼ିଲା ।

ଟଙ୍କଧର ଏବଂ ପୁଷ୍ପାକୁ ସଙ୍ଗରେ ନେଇ ଗୋଟିଏ ନିଭୃତ ସ୍ଥାନରେ କିଛି ପରାମର୍ଶ ଦେଲାପରେ ନିଜେ ହେଲା ଶବର ବେଶ ।

Digitized by PPRACHIN, SOA

ଟଙ୍କଧର ଓ ପୁଷ୍ପା ଦୁହେଁ ଦେଲେ ଯୋଡ଼ିଏ ଚଢ଼େଇ । ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଲେଖା ପୋହଳାଗୁଣ୍ଠା ପଞ୍ଜୁରି ତିଆରି କରି ପୃଥକ୍ ପୃଥକ ରଖିଲା ପରେ ବାହାରିଲା ବନ୍ଦୀ କରିବାକୁ ।

ଚଢ଼େଇ ଦୁହେଁ ମଧୁର କଣ୍ଠ ମେଳାଇ ବଢ଼ିଆ ଗୀତ ଗାଉଥାନ୍ତି । ଶବର ବୁଢ଼ା ତାଙ୍କୁ ହାତରେ ଲଟକାଇ ଚଢ଼େଇବନ୍ଦୀ ଚଢ଼େଇବନ୍ଦୀ ବୋଲି ଡାକ ଡାକକା ଦାଣ୍ଡରେ ଚାଲିଥାଏ ।

ଚଢ଼େଇମାନଙ୍କ କଣ୍ଠରୁ ମଧୁର ସଙ୍ଗୀତ ଶୁଣି ନଗରର ମୁଗ୍ଧ ଜନତା ଶହ ଶହ ସଂଖ୍ୟାରେ ତା' ପଛେ ପଛେ ଗୋଡ଼ାଇ ଥାନ୍ତି । ନଗ୍ରସାରା ହାଲ୍‌ହୋଳ ପଡ଼ିଥାଏ । ଶୁଣିବା ଲୋକେ କାବା ଆବା ହୋଇ ରହି ଯାଉଥାନ୍ତି ।

ବଣର ଚଢ଼େଇ ମଣିଷ ପରି ଗୀତ ଗାଇବା କାନଉଠିବା ଦିନରୁ ଶୁଣା ନଥିଲା । ଏଭଳି ଏକ ଅପୂର୍ବ କଥାରେ କିଏ ବା ଆଶ୍ଚର୍ଯ୍ୟ ନ ହୁଅନ୍ତା ? ସୁତରାଂ କଥାଟା ଧୀରେ ଧୀରେ ଦୁ'ରାଣୀଙ୍କ କାନ ଯାଏ ଗଲା ।

ଦାସୀମାନଙ୍କ ଗହଣରେ ସେମାନେ ଆସିଲେ ଦେଖିବାକୁ । ଦେଖିଲେ, ଗୀତ ଶୁଣିଲେ । ମନହେଲା କିଣିବାକୁ । ମୂଲ୍ୟ ପଚାରିଲେ ।

ଶବର କହିଲା—"ଗୋଟିକୁ ଶହେ ଟଙ୍କା" ।

ଦୁ' ରାଣୀଯାକ ଶହେ ଶହେ ଦୁ'ଶହ ଟଙ୍କା ଗଣିଦେଇ ଯୋଡ଼ିକ ଯାକ ଚଢ଼େଇ ନେଇଗଲେ ଓ ନିଜ ବିଳାସକକ୍ଷରେ ଟାଙ୍ଗିରଖିଲେ ।

ଚଢ଼େଇଙ୍କର ଗୀତ ବୋଲା ଚାଲିଥାଏ ।

ତେଣେ ବିଶ୍ୱମଙ୍ଗଳ ସୀତାପାଟରେ ପହଞ୍ଚିଲାବେଳକୁ ଗୋଦନ୍ତା କୁମ୍ଭୀର ଉତ୍ତରମୁଖା ହୋଇ ଖରା ପୋଉଁଛି । ଖଗଟି ତାର ପଡ଼ିଛି ଦକ୍ଷିଣପଟେ ଥିବା ଖଣ୍ଡିଏ ପଥର ଉପରେ । ଶିକାରୀ ଟୋକା ଏକା ଚୋଟକେ ଖଗ ଅଗରୁ ଖଣ୍ଡେ କାଟି ଦେବାମାତ୍ରେ କୁମ୍ଭୀର

Digitized by PPRACHIN, SOA

ଡିଆଁମାରି ପଳାଇ ଗଲା ପାଣି ଭିତରକୁ । ଖଂଗ ଖଣ୍ଡିକ ତଳେ ପଡ଼ି ଠକ ଠକ ହେଉଥାଏ ।

ଗୋଟାଇ ଆଣି ଦେଖିଲା ବିଶ୍ୱମଙ୍ଗଳ । ସାପ ଆଖି ପରି ଗୋଟିଏ ମଣି ଚକ୍ ଚକ୍ କରୁଛି । ଉପରେ ଅଛି ତା'ର ଲାଲ ବିନ୍ଦୁଟିଏ । ସେହି ଗୋଟିକ କାକମଣି ଭବ ଖଣ୍ଡା ଅଗରେ ଖଗକୁ ଟାରି ବାହାର କରି ଆଣିଲା ଓ ଏକମୁହାଁ ଚାଲିଲା ରାଜତୋରଣକୁ ।

ଖଞ୍ଜାଖାଞ୍ଜିରେ କେହି ନଥିବାବେଳ ଦେଖି କାକମଣିଟିକୁ ନେଇ ପଥର ପ୍ରତିମା ଗଳାରେ ବାନ୍ଧିଦେଇ ନିଜେ ସାଜିଲା ଗୋଟିଏ ମସ୍ତ ପାଗଳବେଶ । କିଛିଦୂର ଗୁଡ଼ି ଗୋଟି ଗଛମୂଳେ ଶୋଇଥାଏ ।

ଚତୁର ବାହାଡ଼ାସୁର ସବୁକଥା ଜାଣିନେଇ ନିଜେ ହୋଇଗଲା ଗୋଟିଏ ଧେଙ୍ଗେଡ଼ ଲୁଖି କୁକୁର । ଶୋଇଲା ଯାଇ ପଥର ମୂର୍ତ୍ତିର ପାଦ ସନ୍ଧିରେ । ବେଳେବେଳେ କ'ଣ ମନ ହେଲେ ଘ୍ନେଟେଇ ଘ୍ନେଟେଇକା ଯାଏ ଗଛମୂଳେ ଶୋଇଥିବା ପାଗଳପାଖକୁ । ଭଉ ଭଉ କରି ଗୁଡ଼ାଏ ଭୁକେ । ତା'ପରେ ଫେରିଆସି ମୂର୍ତ୍ତି ପାଖରେ ଶୁଏ ।

ଦୀର୍ଘ ଦୁଇଦିନ କଟିଗଲା । ପାଗଳ ଓ କୁକୁର ଏହିଭଳି ନୃତ୍ୟ ଲଗାଇଥାନ୍ତି । ଲୋକେ ଏ କଥାରୁ କିଛି ଗନ୍ଧ ସନ୍ଧିକ ପାଇବା ଦୂରେଥାଉ, ଦେଖିବାକୁ ବି ଚେଷ୍ଟା କରନ୍ତି ନାହିଁ ।

ମଣି ପିନ୍ଧିବାର ତୃତୀୟ ଦିନ ରାତି । ବଡ଼ରାଣୀ ଓ ମଝିଆଣୀ ରାଣୀଙ୍କ ବିଳାସ କକ୍ଷରେ ଖୁବ୍ ମଉଜ ମଜଲିସ୍ ଚାଲିଲା । ମୟୂର ମହୀନ୍ଦ୍ର ଓ ମନୋହର ମନଲଗାଇ ଚଢ଼େଇମାନଙ୍କ ଗୀତ ଶୁଣିଲେ, ପାନ ଭୋଜନ ଇତ୍ୟାଦି ବଢ଼ିଲା । ଶରୀର ଲାଳସାର ବଶବର୍ତ୍ତୀ-ହୋଇ ଯେତେବେଳେ ରାଣୀମାନଙ୍କୁ ଆଲିଙ୍ଗନ କରିବାକୁ ଗଲେ, ଠିକ୍ ସେତିକବେଳେ ଦୁଇଘରେ ଥିବା ଚଢ଼େଇ ଯୋଡ଼ିକ ଗୋଟିଏ ଗୋଟିଏ କାଳସର୍ପ ରୂପଧରି ପଞ୍ଜୁରୀ ଭିତରୁ ବାହାରି ପଡ଼ିଲେ ବାହାରକୁ ।

Digitized by PPRACHIN, SOA

ବିଜୁଳୀପରି ପ୍ରଖର ଗତି ଓ କାଳାନ୍ତକ ଫଣା ଉଠାଇ ଗର୍ଜି ଉଠିଲେ ତିନଥର । ପ୍ରଣୟୀମାନେ ସହସ୍ର ଚେଷ୍ଟାକରି ମଧ୍ୟ ସେମାନଙ୍କ ଗତି ରୁଦ୍ଧକରି ପାରିଲେନି ।

ରାଣୀ ଦୁହିଁଙ୍କୁ ଛାଡ଼ି ମୟୂର, ମହୀନ୍ଦ୍ର ଓ ମନୋହରର ପ୍ରାଣ ବାହାରିଗଲା କାଳସର୍ପଙ୍କ ଉତ୍କଟ ଦଂଶନରେ । ରାଣୀ ଦୁହେଁ ବାଘୁଣୀଙ୍କପରି କାନ୍ଦି ଗଡୁଥାନ୍ତି ।

ସାପ ଯୋଡ଼ିକ ଯାଇଁ ପହଞ୍ଚିଗଲେ ଧେଡ଼େଙ୍ଗା କୁଣ୍ଡ କୁକୁର ପାଖରେ ।

ଛାଗଳ, କୁକୁର, ସାପ ସମସ୍ତେ ଏକାଠି ହେଲାବେଳକୁ ରଜାଙ୍କ ପଥର ପ୍ରତିମାର ସ୍ୱରୂପ ବଦଳି ଯାଇଥିଲା । ବାକିଥିଲା ପ୍ରାଣ ସଞ୍ଚାର ହେବାକୁ ।

ଠିକ୍ ତାଙ୍କର ପ୍ରାଣପାଇ ସେ ଉଠିଲା ବେଳକୁ ବାହାଡ଼ାସୁର ମାୟାରେ ଏ ମାନେ ବି ରୂପ ପାଇଗଲେ ।

ଆଗରେ ସାନ ରାଣୀଙ୍କୁ ଦେଖି ରଜା ଚମକି ପଡ଼ିଲେ ଏବଂ ଗଦ୍ ଗଦ୍ କଣ୍ଠରେ ପଚାରିଲେ—"ତୁମେ ବଞ୍ଚିଛ ପୁଷ୍ପା ?"

ପୁଷ୍ପା ମହାରାଜାଙ୍କ ଚରଣ ବନ୍ଦନା କଲା । ବିଶ୍ୱମଙ୍ଗଳ ପ୍ରଣିପାତ ହୋଇ ପାଦଧୂଳି ଆଣିଲାବେଳେ ପଚାରିଲେ—ଏ ପୁଣି କିଏ ?

ପୁଷ୍ପା କହିଲା—"ଆପଣଙ୍କ ପୁତ୍ର" ।

ରଜା କହିଲେ—"ମିଥ୍ୟା କଥା" ।

ଟଙ୍କଧର କହିଲେ—"ମିଥ୍ୟା ନୁହେଁ ମହାରାଜ ! ସ୍ୱପ୍ନପରି ସତ୍ୟ । ଆପଣ ପ୍ରମାଣ ନିଅନ୍ତୁ । ଏହିପୁତ୍ର ଆପଣଙ୍କ ଔରଷରେ ଜନ୍ମ ।

ରଜା କହିଲେ—"ପ୍ରମାଣ ଦିଅ" ।

ବାହାଡ଼ାସୁର ଆମୂଳଚୂଳ ସମସ୍ତ ଘଟଣା ଶୁଣାଇ ରଜାଙ୍କ ମୁଦି କାଢି ଦେଖାଇ ଦେଲା । ସେତେବେଳକୁ ରଜା କାନ୍ଦି କାନ୍ଦି ଅଶ୍ରୁବନ୍ୟାରେ ଗଣ୍ଡଠାରୁ ବକ୍ଷ ପର୍ଯ୍ୟନ୍ତ ତିନ୍ତାଇ ସାରିଥିଲେ ।

Digitized by PPRACHIN, SOA

ତେଣେ ରାଣୀମାନଙ୍କ ଦୁଃଖରେ ବ୍ୟଥିତା ହୋଇ ମାଲ୍ଲାଣୀ ଗଲା ଯାଦୁବଳରେ ମୟୂର ମହେନ୍ଦ୍ର ଓ ମନୋହରଙ୍କୁ ବଞ୍ଚାଇବା ପାଇଁ । ଜଡ଼ ମନ୍ତ୍ର କରୁ କରୁ ବାହାଡ଼ା ସମସ୍ତଙ୍କୁ ନେଇ ସେଠାରେ ପହଞ୍ଚି ଗଲା ।

ରଜା ସ୍ୱ-ଚକ୍ଷୁରେ ଦେଖିଲେ ରାଣୀମାନେ ୨ଟିପୁରୁଷ ଶବକୁ କୁଣ୍ଢାଇ କାନ୍ଦୁଛନ୍ତି । ମନରେ ପ୍ରବଳ କ୍ରୋଧ ଆସିଲା । ତେଣୁ ଗଲେ ହାଣି ଦେବାପାଇଁ ।

ମାଲ୍ଲାଣୀ କହିଲା—"ହଟୋ" ହାତ ହଲାଇ ଦେଲା ।

ଆସିଲା ପ୍ରବଳ ତୋଫାନ । ରଜା, ରାଣୀ, ବିଶ୍ୱମଙ୍ଗଳ, ଠଙ୍କଧର ସମସ୍ତ ଉଡ଼ି ଯାଇଥାନ୍ତେ । କିନ୍ତୁ ବାହାଡ଼ା କହିଲା— "କାଟୋ ।"

ସବୁ ଉପଦ୍ରବ ଶାନ୍ତ ପଡ଼ିଗଲା । ରକ୍ତ ଚକ୍ଷୁରେ ମାଲ୍ଲାଣୀ ଅନାଇଲା ବାହାଡ଼ାସୁରକୁ ।

ବାହାଡ଼ା ବି ଗୃହିଁଲା ମାଲ୍ଲାଣୀକୁ ।

ଠିକ୍ ଏତିକିବେଳେ ଆକାଶରୁ ଖସି ଆସିଲା ମାଣିକ୍ୟ ସିଂହାସନ । ତା' ପଛେ ପଛେ ସେହି ସିଂହ ।

ସିଂହଟା ମଣିଷପରି କହୁଥିଲା ଥରକୁ ଥର ଖୁବ୍ ଉଚ୍ଚ କଣ୍ଠରେ—

ଧର୍ମର ହେଉ ଜୟ ଅଧର୍ମର ଜଳ ଜଳ ହେଉ କ୍ଷୟ ।

ଉଚ୍ଚ କଣ୍ଠେ ସର୍ବେ ଗାଅ ସାଦରେ ଜୟ ଧର୍ମର ଜୟ ।

ମାଲ୍ଲାଣୀ, ବଡ଼ରାଣୀ, ମଝିଆଣୀ ରାଣୀ ଓ ମୟୂର ମହେନ୍ଦ୍ର ଏବଂ ମନୋହରଙ୍କ ଶବ ଦେହ ଗୁଡ଼ିକ ଅଗ୍ନିହତ ଜଳିଗଲା ।

ରଜା ସ୍ତମ୍ଭିତ କାବାକାଠ ହୋଇ ଅନାଇଥାନ୍ତି । ସିଂହ ଗୋଟିଏ ମହା ତେଜୋମୟ ଦିବ୍ୟ ପୁରୁଷ ରୂପେ ଠିଆ ହେଲେ । ତାଙ୍କ ହାତରେ ଝକ୍ ଝକ୍ କରୁଥାଏ ମାଣିକ୍ୟ ସିଂହାସନ ।

Digitized by PPRACHIN, SOA

ବିଶ୍ୱମଙ୍ଗଳ ହାତରେ ତାକୁ ଦେଇ କହିଲେ—ନେ ବତ୍ସ । ତୋ ଧୈର୍ଯ୍ୟ ଓ କର୍ମ କୁଶଳତାର ପୁରସ୍କାର । ମୁଁ ନଜେ-ଦେବଧର୍ମ । ତୋ ମା'କୁ ସାହାପକ୍ଷ ହୋଇ ବହୁତ କଷ୍ଟ କରିଛି ଯେଉଁ ବାହାଡ଼ାସୁର, ସେହି ନଜେ ମୁଁ ।

ବାହାଡ଼ାସୁର ସେତେବେଳକୁ ଆଉ ନଥିଲା । ସମସ୍ତେ ଧର୍ମ ଦେବତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲା ପରେ ସେ କହିଲେ—ମହା-ରାଜ ! ମୋର ଉପଦେଶ ଗ୍ରହଣ କରି ଗ୍ରାମ ମୁଣ୍ଡରେ ବିଶ୍ୱମଙ୍ଗଳ ଯାହା ଘରେ ଅତିଥି ହୋଇଥିଲା, ତାହାର କନ୍ୟା—ମଣିମାଳା-ସଙ୍ଗେ ପୁତ୍ରକୁ ବିଭା କରିବ । ଠଙ୍କଧର ହେବେ ରାଜ୍ୟର ପରାମର୍ଶ ଦାତା ।

ତା'ପରେ ଆଉ କେହି ତାଙ୍କୁ ଦେଖିପାରିଲେନ । ମହାରାଜା ଗାଦି ପାଇଲେ । ପୁଷ୍ପା ପାଟରାଣୀ ହେଲା । ମଣିମାଳା ଓ ବିଶ୍ୱମଙ୍ଗଳ-ଙ୍କର ବିଭାଘର ପରେ ଠଙ୍କଧର ରାଜ୍ୟରେ ହେଲେ ସର୍ବେସର୍ବା । ପ୍ରଜା ପାଟକ ସମସ୍ତେ ଖୁସୀ । ଭୋଜି, ଭାତ, ଖାନା, ଦାନ, ଖଇ-ରାତ, ମଉଜ ମଜଲିସର ସୀମା ରହିଲାନି । ଏଭଳି ମଜା ମଉଜ ଦେଖି କଥା କହିଲା—ଲେ ଲେ ଲେ ବଢ଼ିଆ ମଜା ।

କଣ୍ଡୁରି କଣିଛି ଛ କଂଲେ ଖଜା
ଉସମାନେ କାହୁଁ ଆସିଲେ ରଜା ।
କହିଲେ ତେଲଙ୍ଗୀ ବାଇଦ ବଜା
ଦୋଷୀ ଯିଏ ସେହୁ ଭୋଗିବ ସଜା ॥
କହିଛନ୍ତି ଆମ ବୁଢୁଢା ଅଜା
ତୋଟାରେ ବଢ଼ିଛି ଶାଳୁଆ ଗଜା ॥
ଭୂତ ଖାଇଗଲା କଲରା ଭଜା
କଦଳୀ ଗଛର କଅଁଳ ମଞ୍ଜା ॥
ଲାଉଗଛ ମୂଳେ ଦେଲୁକ ରଞ୍ଜାରେ ॥

Digitized by PPRACHIN, SOA

ମନ ପବନରେ ଚଢ଼ି
ସରୁଆ ନଈର ଟାଣ ସୁଅଭର
ଆଗକୁ ନଯିବୁ ବଢ଼ି ॥

ହରି ବୋଲ ରାମ ଗୋବିନ୍ଦ ବୋଲ
ସଇତାନ କୁଆ ବଜାନ୍ତି ଢୋଲ
ବାଘ ମାମୁଁ କଲା ଦୁଖିଯା ଓଷା
ମୂଷା କାଟିନେଲା ବାଘୁଣୀ ଖୋଷା ॥

ସନଆ ଡାକଲା ହୋଓରେ ହୋଓ
ଧୋରେ ବାଇଆ ଧୋଓରେ ଧୋଓ

କଥାଟି ହୋଇଲା ଶେଷ
କଥା ଉପରକୁ କହିବୁ ମୟୂରୀ
ପଡ଼ିଆ ନଥିବ ଲେଶ ॥

ରାମ ଦୂଇ ଭିନ
ବଜା ଝାଞ୍ଜ ଗିନ
ମଲି କରୁଛି ପିଠା
ଗୋଟାକୁ ଗୋଟାଇଟା
ପିଠା ପରି ଲାଗିବ
ଦାନ୍ତଯାକ ଭାଙ୍ଗିବ
ବସିବୁ ହୋଇ ପାକୁଆ
ଗାଲ ଦଣିବ ଟାକୁଆ
କଥାଟି ଗଲା ସରି ଲୋ
ବୋଲ ହରି ହରିଲୋ ॥

—ঃ*ঃ—

Digitized by PPRACHIN, SOA

ଗୋଦଡ଼ା-ସଇତାନ କାହାଣୀ

ଅସୁରର କଥା ସରିଯିବା ପରେ ମସୁଣୀ ଟିକିଏ ଗଳାଟା ସଫା କରି ନେଇ କହିଲା—ତୋ' ପାଳି ସରି ମୋ' ପାଳି ପଡ଼ୁଛି ଯେତେବେଳେ, ଛୁଡ଼ିବ କାହିଁକି ? ପ୍ରତିଯୋଗିତା ଛଳରେ କହିବି। ମାତ୍ର ଲମ୍ବା ନୁହେଁ କି ଚଉଡ଼ା ନୁହେଁ।

ତୁ କହିଲୁ ଅସୁର କଥା। ମୁଁ କହିବି ସଇତାନ କଥା। ଆଜି କାଲିକା ଲୋକେ ଭୂତ ସୟୂତାନ କଥାକୁ ବିଶ୍ୱାସ କରୁ ନାହାନ୍ତି। ଗାଁ ଭୂଇଁରେ କଥା ପଡ଼ିଲେ ଆଧୁନିକ ଶିକ୍ଷିତ ଯୁବକମାନେ ହସରେ ଉଡ଼ାଇ ଦେଉଛନ୍ତି। ମାତ୍ର କଥାଟା ନିରାଟ ସତ୍ୟ।

ଏହି ବିଶ୍ୱର ଜଗତରେ ଭୂତ ସୟୂତାନ ବୋଲି ଗୋଟାଏ କିଛି ନାଁ କିଛି ଅଛି। ଯେପରି ନିଆଁ ନଥିଲେ ଧୂଆଁ ନଥାଏ, ସେହିପରି ଆମର ପୂର୍ବପୁରୁଷ ମନୀଷିଗଣ, ଯେଉଁମାନେ କି ଭୂତ, ପ୍ରେତଃ, ସୟୂତାନ ଇତ୍ୟାଦି ଶବ୍ଦ ସୃଷ୍ଟି କରି ଯାଇଛନ୍ତି। ସେମାନେ ପ୍ରକୃତରେ କିଛି ଗୋଟାଏ ସତ୍ତା ଅନୁଭବକୁ ନଆଣିଥିଲେ ଏଭଳି ଅଳିକ ଶବ୍ଦର ଅବତାରଣା କରି ନଥାନ୍ତେ।

ଏତ ଗଲା ପ୍ରଥମ କଥା। ଦ୍ୱିତୀୟ କଥା ହେଉଛି, ଆତ୍ମା ଅବିନାଶୀ। ଶରୀର ଧ୍ୱଂସ ହୋଇ କ୍ଷୟ ପ୍ରାପ୍ତହୁଏ। ମାତ୍ର ଆତ୍ମା କେବେ କ୍ଷୟ ହୁଏନି। ଏଣୁ ଶ୍ରୀମଦ୍ ଭାଗବତ କହୁଛି—

ଏ ଜୀବ ମରଣ ନାହିଁ ଘଟେ
ବେଗେ ଚଳନ୍ତଇ ଅନ୍ୟଘଟେ।

ଜୀବାତ୍ମା ଗୋଟିଏ ଘଟ ତ୍ୟାଗ କଲେ ଅନ୍ୟ ଘଟର ଆଶ୍ରୟ ନିଏ। ତେଣୁ ଶାସ୍ତ୍ର କହେ—

ପୁନରପି ଜନ୍ମ ପୁନରପି ମରଣଂ
ପୁନରପି ଜନନୀ ଜଠରେ ଶୟନଂ।

ଜନ୍ମ ହେଉଛି, ପୁଣି ମରୁଛି। ପୁନର୍ବାର ମାତା ଗର୍ଭରେ ଶୟନ କରୁଛି, କିଏ ?

Digitized by PPRACHIN, SOA

ସେହି ଜୀବାତ୍ମା । ଏ ସମସ୍ତ ଜନ୍ମ ମରଣ ଖେଳ ଏକମାତ୍ର ତା'ର । ଶରୀର ଗୋଟିଏ ବଡ଼ ପିଣ୍ଡ । ଆତ୍ମାହିଁ ଚେତନଶୀଳ, ତେଣୁ ମନୁଷ୍ୟ ତାର ଜାନ୍ମାନ୍ତର ଅଛି ବୋଲି ବିଶ୍ୱାସ କରିଛି ।

ଗଙ୍ଗା, ଗୟା, ପିଣ୍ଡ, ଶ୍ରାଦ୍ଧ, ଜପ, ତପ, ହୋମ ଯଜ୍ଞ ଏସବୁ କର୍ମ ଧର୍ମ କେବଳ ଜନ୍ମାନ୍ତରକୁ କେନ୍ଦ୍ର କରି ସୃଷ୍ଟି କରାଯାଇଛି । ଗଣକ ଗଣନା କରି ଗ୍ରହ ନକ୍ଷତ୍ର ଗତି ଓ ଫଳ ଯାହା ସ୍ଥିର କରିଛି ତାହା କ'ଣ ଭୁଲ ନୁହେଁ ?

ମନୁଷ୍ୟ ଯଦି ତାର ଜନ୍ମ କୋଷ୍ଠୀକୁ ବିଶ୍ୱାସ କରେ, ଜନ୍ମାନ୍ତରକୁ ବିଶ୍ୱାସ କରେ, ପୂର୍ବ ପୁରୁଷମାନଙ୍କ ଧାରା ଅନୁସାରେ ନିଜକୁ ପରିଚାଳିତ କରେ ଓ କରାଏ, ତେବେ ଭୂତ ପ୍ରେତମାନଙ୍କୁ ବିଶ୍ୱାସ ନ କରିବ କାହିଁକି ?

ଧର, ଗୋଟିଏ କୋଠାରେ ଆମେ ବାରମ୍ବାର ଚୂନ ଦେଇ ପରିଷ୍କାର କରୁଥାଇଁ । ଟିକିଏ ଖଣ୍ଡିଆ ଖାବରା ହେଲମାନେ ମରାମତି କରୁଥାଇଁ । ଆଉ ଗୋଟିଏ କୋଠାରେ କିଛି ନ କରୁଥିବା ହେତୁ ସେଥିରେ ଅଳିଆ, ଅସନା ସବୁ ଜମି ରହୁଛି । ସର କୂଅ ଅସର କୂଅ । ଘାଟ ବନ୍ଧା ପୋଖରୀ, ଅସର ପୋଖରୀ ଖେଳପଡ଼ିଆ, ହାଡ଼ପଡ଼ିଆ ।

ପ୍ରତ୍ୟେକ ପତିତ ପଦାର୍ଥର ଅବସ୍ଥା ଯାହା, ଅମୋକ୍ଷ ଆତ୍ମାର ଅବସ୍ଥା ତା'ଠାରୁ ଭିନ୍ନ ନୁହେଁ । ଯେଉଁ ଆତ୍ମା ସଂସାରକୁ ଆସି ତା'ର କାମନା ବାସନା ଚରିତାର୍ଥ କଲି ଓ ଗଲାପରେ ପିଣ୍ଡ ଶ୍ରାଦ୍ଧ ପାଇଲା ସେ ହେଲା ମୋକ୍ଷାତ୍ମା ।

ଯେଉଁ ଆତ୍ମା ଜଗତକୁ ଆସିଥିଲେ ବି କାମନା ବାସନା ଚରିତାର୍ଥ କରି ପାରିଲେନି କି ପିଣ୍ଡଶ୍ରାଦ୍ଧ ପାଇ ପାରିଲେନି, କେବଳ ଗୋଟାଏ ଅଶାନ୍ତ ଝଡ଼ ମଧ୍ୟରେ ପକା ଉଠା ହୋଇ ଅତି ରୁକ୍ଷ ଜୀବନ ଯାପନ, କଲା ହୀନ ଭାବରେ ଜଗତରୁ ବିଦାୟ ନେଲା ସେହି ହେଲା ଅମୋକ୍ଷ ।

Digitized by PPRACHIN, SOA

ତାର ଅପୂର୍ଣ୍ଣ ବାସନା କାମନା ଜନିତ ହା'ହୁତାଶକୁ ତାକୁ ଦେଲା ଭୂତ ପ୍ରେତ ଓ ସୟତାନ ଆଖ୍ୟା । ବାୟୁସାହାଯ୍ୟରେ ଖେଳି ବୁଲିଲା ସେ ସାରା ସଂସାରଯାକ । ନିଜର ଅପୂର୍ଣ୍ଣ ବାସନା ଚରିତାର୍ଥ କରିବା ପାଇଁ ନୈଶ ଅଭିଯାନ ଆରମ୍ଭ କରି ମୂର୍ତ୍ତିମାନ ହେଲା । ଉପଦ୍ରବ ଆରମ୍ଭ କଲା । ବିଜୁଳି ଅପେକ୍ଷା ବେଗଗାମୀ ହୋଇ ପବନ ରଥରେ ବିଚରଣ କରୁ କରୁ ଅପକର୍ମ ପରେ ଅପକର୍ମ କରି ଚାଲିଲା ପତିତ ପଦାର୍ଥ ପରି । ତେଣୁ ସେ କ୍ରମେ କ୍ରମେ ଅଳଆ ଅସନା ପୂର୍ଣ୍ଣ ଖତଗଦା ପରି ନାମଧାରଣ କଲା— ଭୂତ, ସୟତାନ ଇତ୍ୟାଦି ଇତ୍ୟାଦି ।

ମୁଁ ତୋତେ ସେହି ସୟତାନ କଥା ଶୁଣାଇବି । ମନ ଦୃଢ଼ କରି ତୁ ହୁଁ ମାରୁଥା ।

ମୟୁର କହିଲା—"ହୁଁ ।"

ମୟୂଖୀ କହିଲା—"ହୁ ହୁଁ କା ଗଉଡ଼ ଭାଇ
କହ, ତୁହିଥିଲୁ କେଣିକି ଯାଇ !
ବଣରେ ଫଳିଛି ମଣିଷ ଫଳ
ଚାଲିଛି ସଧୀର ଦଇବ କଳ
ଘିଡିଚାଡ଼େ ଖିରା ବଣରେ ଚରା
ପଲ ପଲ ଝୁଲେ ମଣିଷ ମରା
କଉଡ଼ି ସାଙ୍ଗରେ ଲଉଡ଼ି ଖେଳ
ବାଘ ଛେଳି ଆସି ହୁଅନ୍ତି ମେଳ ସେ
କାହ୍ନୁ କହେ ଆରେ ଘନୁ !
ଗୋବଡ଼ା ସୈତାନ କାହାଣୀ ଶୁଣିବୁ
ନଉଠି ବସିବା ଥାନୁ ।"

—※—

Digitized by PPRACHIN, SOA

ସମୁଦ୍ର ମଝିରେ ରାଜ୍ୟ । ବିବିଧ ଫଳ ବୃକ୍ଷରେ ଭରା । ପାହାଡ଼ ପର୍ବତର ସୀମା ନାହିଁ । ମାଛ କଇଁଛର ଅଭାବ ନାହିଁ । କୃଷିଜମି ଅନେକ । ପ୍ରଜା ପାଠକ ସବୁ ଅଛନ୍ତି । ଯାନ,ବାହନ,ଗାଈ,ମଇଁଷି; ହାତୀ, ଘୋଡ଼ା, ଛେଳି, କୁକୁର, ଯାହା କହ କିଛି ଅଭାବ ନାହିଁ ।

ସମୃଦ୍ଧିଶାଳୀ ରାଜ୍ୟ ଖଣ୍ଡେ । ରଜାଙ୍କ ନାଁ ବିଚିତ୍ରସେନ । ରାଣୀଙ୍କ ନାଁ ଚିତ୍ରାବତୀ । ମନ୍ତ୍ରୀଙ୍କ ନାଁ ବଳିଆର ବେବର୍ତ୍ତା, ପଣ୍ଡିତଙ୍କ ନାଁ କୁଟୀଳ ମିଶ୍ର । ସେନାପତିଙ୍କ ନାଁ ସମରଷଣ୍ଢ ଚୂଡ଼ାମଣି । ସୈନ୍ୟ ସାମନ୍ତ, ଗୁଳି, ଗୋଳା, ତୋପ ବନ୍ଧୁକର ସୀମା ନାହିଁ । କଳ ଜାହାଜ ଅଛି । ବୁଡ଼ା ଜାହାଜ ବି ଅଛି । ଯୁଦ୍ଧ ଡକରା ହେଲେ ତାଙ୍କ ସୈନ୍ୟ ସାମନ୍ତ ଉନ୍ମାଦନାରେ ମାତି ଉଠନ୍ତି । ଶତ୍ରୁ ପାଖରେ ପିଠିଦେଇ ଲେଉଟି ଆସିବା ତାଙ୍କ ଜାତକରେ ନାହିଁ ।

ସେହି ରଜା ଥରେ ଦିଗ୍‌ବିଜୟ କରି ପହଞ୍ଚିରେ ଆଉ ଗୋଟିଏ ଟାପୁରେ । ଟାପୁଟି ଶ୍ରେଷ୍ଠ ହେଲେ କ'ଣ ହେଲା ଭାରି ହିମାକ୍‌ଦାର । ଧନ ଜନ, ଗୋପ ଲକ୍ଷ୍ମୀରେ ପୂରି ରହିଛି । ସେଠାକାର ରଜା କାହାରିକୁ ଖାତିର କରନ୍ତିନି । ତାଙ୍କ ରାଜ୍ୟରେ ପ୍ରଜାମାନେ ସର୍ବେସର୍ବା । ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ଶାସନ କାର୍ଯ୍ୟ ଚଳେ । ରଜାଙ୍କୁ ପ୍ରଭୁ ବୋଲି ମାନିଥିଲେ ମଧ୍ୟ ପ୍ରଜାମାନଙ୍କ ବିନାପରାମର୍ଶରେ ସେ କିଛି କରନ୍ତି ନି ।

ସାରା ରାଜ୍ୟ ମଧ୍ୟରେ ତାଙ୍କର ବଡ଼ ପୀଠ ହେଉଛି ସୟୂତାନ ପୀଠ । ପ୍ରତ୍ୟେକ ଲୋକ ତାଙ୍କର ପୂଜା ଉପାସନା, ଧର୍ମ କର୍ମ ଇତ୍ୟାଦି ସେହିଠାରେ ସମାର୍ଜ୍ଜନା କରନ୍ତି । ମାତ୍ର ସେଠାକାର ଦେବତା କିଏ, କେହି କିଛି ଜାଣନ୍ତି ନି ।

ଦିନକର କଥା । ରଜାଙ୍କ ଝିଅ ବନଲତା ତା' ସଖୀମାନଙ୍କ ସଙ୍ଗେ ସ୍ନାନ ପ୍ରକାର ବଢ଼ାଇ ଆସିଲ୍‌ବେଳେ ସୟୂତାନ ପୀଠରେ ଫୁଲ ତୁଳସୀ ଚଢ଼ାଇ ନମସ୍କାର କଲା ।

Digitized by PPRACHIN, SOA

ସଖୀମାନେ ହୁଳହୁଳି ଦେଇ ଜେମାର ମଙ୍ଗଳ ହେଉ ବୋଲି ପୀଠ ଦେବତାଙ୍କୁ ଜଣାଇ ଲେଉଟିବାକୁ ବସିଛନ୍ତି, ଠିକ୍ ଏତିକି-ବେଳେ ଦେଖାଗଲା ଶୂନ୍ୟ ଭୁବନରୁ ମୋହର ବର୍ଷା ।

ଲକ୍ଷ ଲକ୍ଷ କୋଟି କୋଟି ମୋହର ବର୍ଷା ଧାର ପରି ଯେତେବେଳେ ତଳକୁ ଖସିଲା, ଶୁଣାଗଲା ଖାଲି ଝୁମୁ ଝୁମୁ ଝୁମୁ ଶବ୍ଦ । ରାଜଜେମା ଓ ତା'ର ସଖୀମାନେ କାବା ଆବା ହୋଇ ଅନାଇ ରହିଲେ । କାହାରି ମୁହଁରୁ ପଦେହୋଇ କଥା ବି ବାହାରିଲା ନାହିଁ ।

କିଛି ସମୟ ମୋହର ବର୍ଷା ହୋଇ ଆପଣା ମନକୁ ବନ୍ଦ ହୋଇଗଲା । ଜଣେ ସଖୀ କୌତୁହଳବଶତଃ ସେଥିରୁ ଗୋଟିଏ ଗୋଟାଇ ଆଣି ଦେଖେ ତ, ତା ଉପରେ ଅଛି ଗୋଟିଏ ମାଙ୍କଡ଼ର ପ୍ରତିମୂର୍ତ୍ତି । ସେ ମୂର୍ତ୍ତିର ଗୋଟିଏ ଗୋଡ଼ ଆଶାଙ୍କିତ ଭାବରେ ମୋଟା । ତା ହାତରୁ ମୋହରଟିକୁ ଜଣକ ପରେ ଜଣେ ନେଇ ଦେଖିବାକୁ ଲାଗିଲେ । ଜେମା ବି ଦେଖିଲା । ଭାରି ଶ୍ରଦ୍ଧା ଆସିଲା ମନରେ । ତେଣୁ ତାକୁ ନେଇ ଗଲେ ରଜାଙ୍କୁ ଦେଖାଇବାକୁ ।

ରଜାଙ୍କ ନା ସମରସେନ ବଳିଆରସିଂହ । ମନ୍ତ୍ରୀ ଗଦାଧର ହରିଚନ୍ଦନ । ପାଟରାଣୀ ପିତାମ୍ବରୀ ମହାଦେଈ । ମୋହରଟିକୁ ସମସ୍ତେ ଦେଖିଲେ । ଖୁସୀ ହେଲେ । କାବା ବି ହେଲେ । ହଠାତ୍ ସେଠାରେ ଜମା ହୋଇଥିବା ମୋହର ଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପଞ୍ଚାଏ ପ୍ରହରୀ ପଠାଇ ଦେଲେ ।

ସେତେବେଳକୁ ସେଠାରେ ଘଟି ସାଇଥାଏ ଗୋଟାଏ ଲୋମହର୍ଷଣ କାଣ୍ଡ । ଯାହା ଦେଖିଲା ମାତ୍ରେ ପ୍ରହରୀମାନେ ବି କାବା କାଠ ବନିଗଲେ ।

ଅନ୍ୟ ଦେଶର ରଜା ବିଚିତ୍ର ସେନ ଶିକାର ପାଇଁ ଟାପୁର ନାନାସ୍ଥାନରେ ବୁଲି ନଗରରେ ଫେରୁଥାନ୍ତି । ଜୀବନକୁ ଯେତେ

Digitized by PPRACHIN, SOA

ଯୋଉଠି ଦୃଷ୍ଟିରେ ପଡ଼ିଲେ, ସବୁଗୁଡ଼ିକ ମାୟା ମରୀଚିକା ପରି ଉଭେଇ ଗଲେ । କାହାରି ଦେହରେ ଲକ୍ଷ୍ୟଭେଦ ହୋଇ ପାରିଲା ନାହିଁ । ଯାହା ଦେହରେ ଶର୍ କି ଗୁଳି ବାଜିଲା, ତା' ଦେହରୁ ରକ୍ତ ପରିବର୍ତ୍ତେ ବାହାରିଲା ଖାଲି ନାଲିରଙ୍ଗର ଧୂଆଁ । ଆହତ ଜୀବଟିମାନ ଉଡ଼ିଗଲେ ସୁନା-କପୋତ ରୂପଧରି ଅନନ୍ତ ଆକାଶର ନୀଳିମା ଭିତରକୁ । ଏଭଳି ଶେଷ ଶିକାରଟି ଆଘାତ ପାଇ ଉଡ଼ିଗଲାବେଳେ ଏତିକି ମାତ୍ର କହିଦେଲା—

"ସାଧୁ—ସାବଧାନ"

ବଜ୍ରସେନଙ୍କ ମନରେ ପ୍ରଚଣ୍ଡ ଆଘାତ ଲାଗିଲା । ତେଣୁ ସେ ଆତଙ୍କିତ ହୋଇ ତାଙ୍କ ଦଳ ବଳକୁ ଜଣାଇ ଦେଲେ । ଦେଖ ବନ୍ଧୁଗଣ ! ଏ ଗୋଟାଏ ମାୟାଟାପୁ । ଏ ଟାପୁର ଜୀବଜନ୍ତୁ ବୃକ୍ଷଲତା ସବୁ କିଛି ମାୟା । ଆମେ ଏଠାକୁ ଆସି ବଡ଼ ଭୁଲ କରିଥାଇଁ । ଏଥିପାଇଁ ମୋତେ ଅନୁତାପ କରିବାକୁ ପଡ଼ୁଛି ।

ଅନୁଚରମାନେ କହିଲେ—"ମହାରାଜ ! ଏଭଳି ଏକ ଅପୂର୍ବ ସ୍ଥାନରୁ ଯିବାପାଇଁ ମନହେଉନି । ନଗଲେ କେତେବେଳେ କ'ଣ ଯେ ଘଟି ଯାଇପାରେ, ସେକଥା ବି କହି ହେଉନି । ଏଭଳି ଏକ ସଙ୍କଟ ପରିସ୍ଥିତିରେ ଯାହା କିଛି କରିବାର କଥା ' ତାହା ଆପଣ ଭଲ ବିଚାରି ସ୍ଥିର କରନ୍ତୁ ।"

ରଜା କିଛିକ୍ଷଣ ଚିନ୍ତା କଲେ ଓ ତା' ପରେ କହିଲେ— କୌଣସି କାର୍ଯ୍ୟ ପାଇଁ ଅନୁକୂଳ କରି ନପାରି ଓ ଭୟରେ ଫେରିଯିବା ବୀରମାନଙ୍କ ପକ୍ଷେ ନିତାନ୍ତ ଲଜ୍ଜାର କଥା । ତେଣୁ ମୋର ଇଚ୍ଛା ଏ ସ୍ଥାନରେ ଗୁଟିଏ ମାତ୍ର ଦିନ ଅବସ୍ଥାନ କରିବା । ମାୟା ରାଜ୍ୟ କି ଦେବ ଭୂମି ଅଥବା ପ୍ରେତଃ ପିଶାଚମାନଙ୍କ କ୍ରୀଡ଼ାସ୍ଥଳୀ ଯାହା କିଛି ହେଉ ନିଶ୍ଚୟ ରୂପେ ଜାଣି ସାରିଲା ପରେ ବରଂ ଲେଉଟିଯିବା ।

Digitized by PPRACHIN, SOA

କଥାଟା ସମସ୍ତଙ୍କ ମନକୁ ପାଇଲା । ଅନୁଚରମାନେ ବନସ୍ତରୁ ତାଳପତ୍ର ହାଣି କେତେଖଣ୍ଡ ପର୍ଣ୍ଣକୁଟୀର ନିର୍ମାଣ କଲେ । ଖାଦ୍ୟ ସାମଗ୍ରୀ ଫଳ ମୂଳ । ସମସ୍ତେ ତାରି ଉପରେ ନିର୍ଭର କରି ଗୃହେଷ୍ଟି ଦିନ ରହିବା ପାଇଁ ପ୍ରସ୍ତୁତ ହୋଇଗଲେ ।

ଦିନ ସାରି ଦୁଃଖ ସୁଖରେ କଟିଗଲା । ରଜା ଓ ତାଙ୍କ ଅନୁଚର ମାନେ ଅସ୍ତ୍ର ଶସ୍ତ୍ର ନେଇ ନାନା ସ୍ଥାନରେ ଭ୍ରମଣ କଲେ । ଶିକାର ଖୋଜିଲେ ମଧ୍ୟ ମିଳିଲା ନାହିଁ । ବହୁତ ଦୂରବନରେ ଦେଖିଲେ ଗୋଟିଏ ସ୍ୱଚ୍ଛ ସଲିଳା ପଦ୍ମ କୁମୁଦ ବିମଣ୍ଡିତା ପ୍ରସ୍ତର ପାବଚ୍ଛ- ଶ୍ରେଣୀ ସୁ-ଶୋଭିତା ଦିବ୍ୟ ପୁଷ୍କରିଣୀ । କ୍ଷୁଦ୍ର କ୍ଷୁଦ୍ର ମତ୍ସ୍ୟଙ୍କ ଦଳ ଦଳ ହୋଇ ସନ୍ତରଣ କରୁଥାନ୍ତି । ବକ, ପାଣିକାକ ଓ ମତ୍ସ୍ୟରଙ୍କା ଇତ୍ୟାଦି ପକ୍ଷୀଶ୍ରେଣୀ ମତ୍ସ୍ୟାହାର ଲାଳସାରେ ବଶବର୍ତ୍ତୀ ହୋଇ ପୁଷ୍କରିଣୀ ତୀର ଛାଡ଼ୁ ନଥାନ୍ତି । ଦକ୍ଷିଣ ପାର୍ଶ୍ୱରେ ଥିବା ଘାଟ ପାଖରେ ଖଣ୍ଡିଏ ଧଳା ପଥର ଭିତରୁ ଶୁଣାଯାଏ ଗମ୍ଭୀର ତୂର୍ଯ୍ୟନାଦ ।

ସେହି ତୂର୍ଯ୍ୟନାଦ ପ୍ରତି ପ୍ରହରକେ ଥରେ ଶୁଭେ । ତା' ପଛେ ପଛେ ଧଳା ପଥର ଦେହରୁ ଜନ୍ମ ହୁଏ ଗୋଟିଏ ଦିବ୍ୟ ସୁନ୍ଦରୀ କନ୍ୟା । କାହାକୁ କିଛି କହେନି, କି ଆଗକୁ ପଛକୁ ଅନାଏନି । ସିଧା ସିଧା ଏକମୁହାଁ ଛୁଟେ ବନସ୍ତ ଭିତରକୁ ।

ରଜାଙ୍କ ଅନୁଚରମାନେ ଏ ଘଟଣା ଦେଖି ଯାଇ ରଜାଙ୍କୁ ଜଣାଇଲେ । ରଜାଙ୍କ ମନରେ ବହୁତ କିଛି କୌତୂହଳ ଜନ୍ମିଲା । ତେଣୁ ସେ ଦିନ ଓ ସେ ରାତିଟି ଯାଇ ଗୋପନରେ ସେଠି ଲୁଚି ବସିଲେ ।

ଅନୁଚରମାନେ ରହିଲେ ପୂର୍ବୋକ୍ତ ପତ୍ର କୁଡ଼ିଆରେ । ରଜା ରହିଲେ ସେହି ବିଚିତ୍ର ପୁଷ୍କରିଣୀ ପାଖରେ । ପଥର ଦେହରୁ

Digitized by PPRACHIN, SOA

କନ୍ୟା ଜନ୍ମ ରହସ୍ୟ ଦେଖୁଥାନ୍ତି । କାବା ଲାଗୁଥାଏ । ମନ ହେଉଥାଏ କିଛି ପଚାରିବାକୁ । ମାତ୍ର ସାହସ ପାଏନି ।

ଦିନ ଚାରି ପ୍ରହର ଓ ରାତି ଚାରି ପ୍ରହରରେ ଆଠଟି କନ୍ୟା ଜନ୍ମ ହୋଇ ବନସ୍ତକୁ ଯିବାର ଦେଖି ମନରେ କୌତୁହଳ ଆହୁରି ବଢ଼ିଗଲା । ପ୍ରକୃତ ଘଟଣାକୁ ଉପଲବ୍ଧିକରିବା ପାଇଁ ସେ ଆହୁରି ଦିନଟିଏ ରହିବାକୁ ବାଧ୍ୟ ହେଲେ ।

ପରଦିନ ପଥର ଦେହରୁ ଆଉ କନ୍ୟା ଜନ୍ମ ହେଲେ ନାହିଁ । ପ୍ରଥମ ଦିନ ଯେଉଁ କନ୍ୟାଗୁଡ଼ିକ ବନସ୍ତକୁ ଯାଇଥିଲେ ସେଦିନ ସେମାନେ ଗୋଟିକ ପରେ ଗୋଟିଏ ଲେଉଟି ଆସିଲେ । ପ୍ରହରକୁ ପ୍ରହର ଥିଲା ସେମାନଙ୍କର କଣ୍ଟ । ସେହି କଣ୍ଟ ଅନୁସାରେ କନ୍ୟାମାନେ ଆସି ପଥର ଉପରେ ପାଦ ଦେଲାମାତ୍ରେ ଲୀନ ହୋଇ ଯାଉଥାନ୍ତି । ଏମିତି ଆଠ ପ୍ରହରରେ ଆଠଟିଯାକ କନ୍ୟା ଲୀନ ହେଲା ପରେ, ଠିକ୍ ଭୋର ବେଳାକୁ ଆସିଲା ଗୋଟିଏ ଗୋଦରା ମାଙ୍କଡ଼ । ବସିଲା ସେହି ପଥର ଉପରେ । ମେଘମନ୍ଦ୍ର ସ୍ୱରରେ ଡାକିଲା—ପଥର କନ୍ୟା !

ଭିତରୁ ଜବାବ ମିଳିଲା—ଜୀ, ହଜୁର !

ପଚାରିଲା—ସବୁ ଠିକ୍ ତ ?

ଜବାବ ଆସିଲା—"ଏକଦମ୍ ଠିକ୍ ।"

ତୂର୍ଯ୍ୟନାଦ ହେଲା ତିନଥର । ଗୋଟିଏ ଲମ୍ବା ପାତ୍ରରେ କେତେ ଗୁଡ଼ିଏ ଅଖାଦ୍ୟଭୋଜ୍ୟ ପହଞ୍ଚିଲା ଗୋଟାଏ ଭୂତ । ବଢ଼ାଇ ଦେଲା ଗୋଦରା ମାଙ୍କଡ଼ ହାତକୁ । ସେ ସେହି ଅଖାଦ୍ୟତକ ଏକାଥରକେ ପାଟିରେ ଅଜାଡ଼ି ଦେଇ ପାତ୍ରଟି ଭୂତହାତକୁ ବଢ଼ାଇ ଦେଲା ଓ ଚଢ଼େଇ ପରି କୁଦାମାରି ଉଠିଲା ଆକାଶ ଆଡ଼େ, ଭୂତଟା ପାତ୍ରନେଇ ଚାଲି ଯାଉଥିଲା । ରଜା ତାକୁ ଲକ୍ଷ୍ୟକରି ଗୋଟିଏ ତୀର ମାରିଲେ । ସେତେବେଳକୁ ଗୋଦରା ମାଙ୍କଡ଼ ଚାଲି ଯାଇଥାଏ ।

Digitized by PPRACHIN, SOA

ଖିରଟା ଯାଇ ଭୂତ ଦେହରେ ବାଜିଲା । ତାପରେ ଶୁଣାଗଲା ଭୟଙ୍କର ଅଟ୍ଟହାସ ।

ମେଘ ଘଡ଼ ଘଡ଼ ଅପେକ୍ଷା ଆହୁରି ଖ୍ୟଣ । ସେହି ଅଟ୍ଟହାସର ପ୍ରତିଧ୍ୱନି ସାରା ବନସ୍ଥଳୀଟାକୁ କମ୍ପମାନ କରିଦେଲା । ରଜାବି ନିଜେ ଚମକି ପଡ଼ିଲେ । କଣ କରିବେ, କାହିଁକି ଏପରି ଗର୍ହିତକର କାର୍ଯ୍ୟ କଲେ, ଏଥିପାଇଁ ତାଙ୍କ ମନରେ ଆଘାତ ଲାଗିଲା । ଛାତି ଦମ ଦମ ପଡ଼ୁଥାଏ । କପାଳରୁ ଝାଳ କଞ୍ଚିଲା । ମୁଣ୍ଡଭିତରେବିଜୁଳି ଚମକିଲା । କିପରି ପଳାଇ ଯିବେ ଏଥିପାଇଁ ଚଙ୍ଗ ଚଙ୍ଗ ହେବାକୁ ଲାଗିଲେ ।

ଭୂତଟା ଚାଲିଗଲା । ରଜା ଯାହା ମନଷ୍ଟ କରି ଆଶଙ୍କା କରିଥିଲେ ଭୂତ ଚାଲି ଗଲାରୁ ତାଙ୍କର ସେ ଆଶଙ୍କା ଦୂର ହୋଇ ଗଲା । ତେଣିକି ଚେଷ୍ଟା କଲେ ପଥର କନ୍ୟାମାନଙ୍କ ରହସ୍ୟ ଭେଦ କରିବାକୁ ।

ଆଶ୍ଚର୍ଯ୍ୟ କଥା । ରଜା ଯାଇ ସେ ପଥର ପାଖରେ ପହଞ୍ଚିଲା ମାତ୍ରେ ତାଙ୍କ ଗୋଡ଼ ଯୋଡ଼ିକ ବାନ୍ଧି ହୋଇଗଲା । ଶତ ସହସ୍ର ଚେଷ୍ଟାକରି ସେ ସେଥିରୁ ମୁକ୍ତ ହୋଇ ପାରିଲେ ନାହିଁ । ମନରେ ଭୟ ଆସିଲା । କ’ଣ କରିବେ, ନକରିବେ କିଛି ସ୍ଥିରକରି ପାରିଲେ ନାହିଁ । ଅବଶେଷରେ ଚିତ୍କାର କରିବାକୁ ବାଧ ହେଲେ ।

ରଜାଙ୍କ ଚିତ୍କାର ଶୁଣି ଅନୁଚରମାନେ ଦଉଡ଼ିଲେ ମୁକ୍ତ କରିବାକୁ । ମାତ୍ର ଦୁଃଖର କଥା, ସମସ୍ତେ ପଡ଼ିଗଲେ ଏକା ବିପ-ଦରେ । ଜଣକ ପରେ ଜଣେ ଏପରି ସମସ୍ତଙ୍କ ପାଦ ବାନ୍ଧି ହୋଇ ଗଲା । କଥାରେ ଅଛି—

ତୋ ଦୁଃଖ ଅପେକ୍ଷା ମୋ’ ଦୁଃଖ ବଳେ
ବଦରୀ ହାଣ୍ଡିରେ ପେଜ ନଗଲେ ।

ଏହି ନ୍ୟାୟରେ କେହି କାହାକୁ ସାହାଯ୍ୟ କରି ପାରିଲେ ନାହିଁ । ଅଧିକନ୍ତୁ କାନ୍ଦିବାକୁ ଲାଗିଲେ । ତାଙ୍କ ଆଖିରୁ ଯେଉଁ ଲୁହ ଟୋପା

Digitized by PPRACHIN, SOA

ବୋହି ଯାଇ ତଳେ ପଡ଼ିଲା, ସେସବୁ ଗୋଟିଏ ମୁକ୍ତାଫଳ ହୋଇ ଜମା ହେଉଥାଏ ।

ହଠାତ୍ ଶୁଣାଗଲା ଅଭଙ୍ଗ ଘଣ୍ଟାଧ୍ୱନି । ଚଢ଼େଇ ଫେରି ଉଡ଼ି ଆସିଲା ଗୋଦଡ଼ା-ମାଙ୍କଡ଼ । ପ୍ରେତ୍ତ ହସିଲା । ତା'ପରେ ରଜାଙ୍କୁ ଲକ୍ଷ୍ୟକରି ମଣିଷ ଫେରି ପଚାରିଲା—

ମହାରାଜ ! ତୁମେ ଜଣେ ନ୍ୟାୟପରି ଏବଂ ବିଚାରଶୀଳ ବ୍ୟକ୍ତି । ସହସ୍ର ସହସ୍ର ପ୍ରଜା ତୁମ ବାହୁଚ୍ଛାୟା ତଳେ ଆଶ୍ରୟ ଗ୍ରହଣ କରିଛନ୍ତି । କେହି ଲୋକ ମୂଢ଼ପଣରେ ଯଦି ତୁମ ଶାନ୍ତି ନଷ୍ଟକରେ ତେବେ ତୁମେ ତାକୁ କ୍ଷମା ଦେଇ ପାରିବ ତ ?

ରଜା ଟିକିଏ ଚିନ୍ତା କରି କହିଲେ—ତା' କିପରି ହେବ ? ଶାନ୍ତି ଭଙ୍ଗ ଠାରୁ ବଳି ଅପରାଧ ଆଉ ନାହିଁ । ତେଣୁ ଶାନ୍ତି ନଷ୍ଟ-କାରୀ ବ୍ୟକ୍ତିକୁ ଉଚିତ୍ ଦଣ୍ଡ ଦିଆଯିବା ଉଚିତ୍ ।

ପୁନର୍ବାର ପ୍ରଶ୍ନକଲା—ଏ ବନସ୍ତରେ ଯେତେ ପ୍ରକାର ଜୀବ ଜନ୍ତୁ, ମନୁଷ୍ୟ ବାସ କରୁଛନ୍ତି, ସେମାନଙ୍କ ମଧ୍ୟରୁ କେହି କେବେ ତୁମର କିଛି ଅପରାଧ କରିଥିଲେ ?"

କହିଲେ—"ନାଁ ।"

ପଚାରିଲା—ତୁମେ ସେମାନଙ୍କ ଶାନ୍ତି ନଷ୍ଟ କରିବାକୁ ଚେଷ୍ଟା କଲ କାହିଁକି ?

କହିଲେ—ମୁଁ କ୍ଷତ୍ରୀୟ । ଶିକାର କରିବା ମୋର ଜୀବିକା । ତେଣୁ ଆସିଥିଲି ଶିକାର କରିବାକୁ ।

ପଚାରିଲା—ଶିକାର କଲ ?

କହିଲେ—ଶିକାର କରିବି କ'ଣ ? ଏଠାରେ ଯାହା ଯାହା ଅନୁଭବକୁ ଆସିଲା, ସେଥିରେ ମୁଁ ସମ୍ପୂର୍ଣ୍ଣ ବିସ୍ମୟ ଅବସ୍ଥାରେ ଅଛି । ଏ ଗୋଟିଏ ମାୟାଦ୍ୱୀପ ।

Digitized by PPRACHIN, SOA

ଗୋଦଡ଼ା ମାଙ୍କଡ଼ ହସିଲା ଏବଂ କହିଲା—"ମାୟାଦ୍ୱୀପ ବୋଲି ଜାଣି ଶୁଣି ପୁନର୍ବାର ଆଗକୁ ପଦକ୍ଷେପ ନେବା ଜଣେ ବିବେକୀ ମନୁଷ୍ୟର କର୍ତ୍ତବ୍ୟ ନୁହେଁ। ତେଣୁ ତୁମେ ଏଭଳି ଦୁର୍ଦ୍ଦଶାଗ୍ରସ୍ତ ହେଲ?

ରଜା ପଚାରିଲେ—ଏ ଦୁର୍ଦ୍ଦଶାରୁ ଆମେମାନେ କଣ ମୁକ୍ତ ହୋଇ ପାରିବୁନ ?

କହିଲା—ହୋଇ ପାରିବ, ମାତ୍ର ଗୋଟିଏ କଥା।

ପଚାରିଲେ—କ' କଥା ?

କହିଲା—ତୁମେ ଜଣେ ରଜା, କ୍ଷତ୍ରୀୟ, ସାହସୀ ଏବଂ ତେଜୀୟାନ ବୀର ପୁରୁଷ। କଥାରେ ଅଛି—

ନ୍ୟାୟେନ ନୋ ଜନମର୍ଥସ୍ୟ ରକ୍ଷଣଂ ପାଳନଂ ତଥା—
ସତ୍ପାତ୍ରେ ପ୍ରତି ପତିଶ୍ଚ ଚତୁଃବିଧ ରାଜଲକ୍ଷଣଃ।

ଯଦି ପ୍ରକୃତରେ ତୁମେ ରଜା ଓ ରାଜଗୁଣର ଅଧିକାରୀ, ତେବେ ଜଣେ ଜଣେ ବିପନ୍ନଙ୍କୁ ସାହାଯ୍ୟ କରି ପାରିବ ?

କହିଲେ—ଜୀବନ ବିନିମୟରେ ମଧ୍ୟ କରି ପାରିବି।

ପଚାରିଲା—ଶପଥ କରି କହିବ ?

କହିଲେ—କହିବି ମାତ୍ର ତାଁ' ପୂର୍ବରୁ ମୁଁ ଜାଣିବାକୁ ଚାହେଁ, ଆପଣ କିଏ ସେ ?

ଗୋଦଡ଼ା କହିଲା—ସେ କଥା ଜାଣିବାକୁ ମୋଟେ ବିଳମ୍ବ ହେବନି। ତୁମେ ଶପଥ ଗ୍ରହଣ କଲାମାତ୍ରେ ସବୁକଥା ଅନାୟାସରେ ଜାଣି ପାରିବ। ଆହୁରି ଗୋଟିଏ କଥା, ଶାସ୍ତ୍ର କହେ—

ଦେଇ ପ୍ରାଣ ମନ ଯେ ଉଦାର ଜନ
ବିପନ୍ନଙ୍କୁ ଦୟା କରେ।
ତାର ସର୍ବ ବାଧ ସନ୍ତୋଷ ଆୟୁଧ
ସମ୍ମାନ୍ତ ତାକୁ ଅମର॥

Digitized by PPRACHIN, SOA

ମହତ୍ ବୋଲି ସେ ଉଚ୍ଚାସନେ ବସେ
ପୂଜା ଲଭେ ସର୍ବେ ସ୍ଥାନେ ।
ଜଗନ୍ତ ଜଗତ ହୁଏ ମୁଖରିତ
ତାର ଯଶ ଗୀତ ଗାନେ ।

—※—

ରଜା କହିଲେ—ଯାହା କିଛି ହୋଇଯାଉ ବରଂ ମୁଁ ଶପଥ ଗ୍ରହଣ କରିବି । ଯଦି ଜୀବନ ଦେବାକୁ ପଡ଼େ ତେବେ ବିପନ୍ନ-ପାଇ ଦେବି ପଛକେ ତାକୁ ସାହାଯ୍ୟ କରିବି । ଏହା ମୋର ନିର୍ଦ୍ଦିଷ୍ଟ ସତ୍ୟକଥା ।

ଗୋଦଣ୍ଡା ନିଜ କପାଳରେ ହାତଦେଇ ମୁଠା ଭିତରେ କିଣ ଆଣିଲା, ସେ କଥା ରଜା ଜାଣି ପାରିଲେନି । ସେ କହିଲା—ନିଅ ମହାରାଜା ! ଏହି ପଦାର୍ଥଟି ଅଞ୍ଜଳି ମଧ୍ୟରେ ଧରି ଶପଥ କର ।

ରଜା ଅଞ୍ଜଳି ପାତିଲେ । ଗୋଦଣ୍ଡା ନିଜ ହାତ ମୁଠା ଖୋଲି ତାଙ୍କ ହାତକୁ ବଢ଼ାଇ ଦେଲା ।

ରଜାଙ୍କ ଅଞ୍ଜଳି ମଧ୍ୟରେ ନିଶିଖା ଅଗ୍ନି ଜଳି ଉଠିଲା ହୁ' ହୁ' ହୋଇ । ଗୋଦଣ୍ଡା କହିଲା—ଭୟ କରନାହିଁ । ଶପଥ ଗ୍ରହଣ କଲାମାତ୍ରେ ଅଗ୍ନି ଚନ୍ଦନ ପରି ଶୀତଳ ଲାଗିବ ।

ଗୋଦଣ୍ଡା ଖୁସି ହେଲା । କହିଲା—ଈଶ୍ୱର ତୁମର ମଙ୍ଗଳ କରନ୍ତୁ । ସକଳ ସ୍ଥାନ, ସକଳ କ୍ଷେତ୍ର ଓ ଜଳ, ସ୍ଥଳ, ଅନଳ, ଅନିଳ ପ୍ରଭୃତି ସ୍ଥାନରେ ତୁମେ ବିଜୟୀ ହୁଅ ।

ହାତର ଅଗ୍ନି କ୍ରମେ ବରଫପରି ଥଣ୍ଡା ହୋଇ ଆସିଲା । ଲିଭିଗଲା ବେଳକୁ ଦେଖାଗଲା ତାହା ଯୋଡ଼ିଏ ଲଡ଼ୁରେ ପରିଣତ ହୋଇଛି ।

ରଜା ଆଶ୍ଚର୍ଯ୍ୟ ହୋଇଗଲେ ।

Digitized by PPRACHIN, SOA

ଗୋଦଡ଼ା କହିଲା—ତାକୁ ଆନନ୍ଦରେ ଖାଇ ଦିଅ ମହାରାଜ ! ଖୁବ୍ ଶକ୍ତିଲାଭ କରିବ । ଅନେକ ଶୋଷର ବାଧା ତୁମକୁ କେବେ ହେଲେ କଷ୍ଟ ଦେଇ ପାରିବନି ।

ମୋ ନାଁ—**ଗୋଦଡ଼ା-ସଇତାନ** ।' ମଣିଷ ଜାତିର ପୂର୍ବ-ପୁରୁଷ ରୂପେ କାମନା ବାସନାର ବଶବର୍ତ୍ତୀ ହୋଇ ପ୍ରେତଃ ଲୋକକୁ ଆଶ୍ରା କରିଛି ।

ସମସ୍ତେ ଚମକି ପଡ଼ିଲେ । ସଇତାନ ନାଁ ଶୁଣି ଦେହ ମୁଣ୍ଡ ବରଡ଼ା ପତ୍ରପରି ଥରିବାକୁ ଲାଗିଲା ।

ସଇତାନ ସାମାନ୍ୟ ଟିକିଏ ଫିକାଳିଆ ହସ ମୁଖରେ କହିଲା— "ଭୟ କର ନା । ତୁମମାନଙ୍କର କିଛି ଅନିଷ୍ଟ ହେବନି । ଯାଅ, ମନ ଆନନ୍ଦରେ ରାଜ୍ୟରେ ପହଞ୍ଚିବ । ମୁଁ ନିସ୍ତବ୍ଧ ରାତିରେ ଯାଇ ମହାରାଜଙ୍କୁ ସାକ୍ଷାତ କରିବ ।"

ରଜା ପଚାରିଲେ—ମୁଁ ରାଣୀହଂସ ପୁରେ ଥିବତ ?

କହିଲା—'ହଁ, ଏକ ନିଭୃତ କକ୍ଷରେ ମୋତେ ଅପେକ୍ଷା କରିବ ।

ଗୋଟିଏ ମାତ୍ର ତାଳି ଦେଲା ଯେ । ରଜା ଓ ତାଙ୍କ ଅନୁଚର, ଘୋଡ଼ା, ହାତୀ, ଅସ୍ତ୍ର, ଶସ୍ତ୍ର ସବୁ ଉଡ଼ିଗଲେ ତୁଳାପରି । କିଛି କଷ୍ଟ ବି ଲାଗିଲା ନି । ଖୁବ୍ ଆନନ୍ଦରେ ଓ ଆରାମରେ ଉଡ଼ି ଉଡ଼ି ରାଜ୍ୟରେ ପହଞ୍ଚିଗଲେ ।

ସଇତାନ ପୀଠରେ ଯେଉଁ ମୋହର-ବର୍ଷା ହୋଇଥିଲା ସେହି ମୋହର ଗୁଡ଼ିକ ନେଇ ଯିବା ପାଇଁ ଆସିଥିଲେ ଦଶଟି ସାମୁଦ୍ରିକ ଜନ୍ତୁ । ଦେଖିବାକୁ ସ୍ଥଳ ହାତୀ ଅପେକ୍ଷା ବହୁତବଡ଼ ଏବଂ ପରାକ୍ରମ-ଶାଳୀ । ସେମାନେ ପିଠିରେ ମୁଣ୍ଡରେ ଥୋଡ଼ାଏ ଥୋଡ଼ାଏ ମୋହର ଲଦିବା ମାତ୍ରେ ତାଙ୍କ ଉପରେ ଆକ୍ରମଣ ହୋଇଛି । ତେଣୁ କରି ସେମାନେ ଖୋଜେମାତ୍ର ଆଗେଇ ପାରି ନାହାନ୍ତି ।

Digitized by PPRACHIN, SOA

ସମସ୍ତଙ୍କ ଦେହରେ ଫୁଟିଛି ଗୋଟିଏ ଲେଖାଏଁ ସୁତୀକ୍ଷ୍ଣ ଶର । ସେହି ଶରର ତଳପଟ ମାଟିରେ ପୋତିହୋଇ ରହିଛି । ମୁନ ପଟ ଅଛି ଉପରକୁ । ଶୂଳୀରେ ବସିଲା ପରି ସାମୁଦ୍ରିକ ଜନ୍ତୁ ଗୁଡ଼ିକ ଛଟପଟ ହୋଇ ଗଁଗଁଶବ୍ଦ କରୁଥାନ୍ତି । ରକ୍ତର ଧାରଛୁଟିଥାଏ ।

ଘଟଣା ଦେଖି ପ୍ରହରୀମାନେ କାବା କାଠ ବନିଗଲେ । ଭୟରେ ଦେହର ରକ୍ତ ଶୀତଳ ହୋଇ ଆସିଲା । କ'ଣ କରିବେ ନକରିବେ, କିଛି ସ୍ଥିର କରି ନପାରି ଦଉଡ଼ିଲେ ରଜାଙ୍କ ପାଖକୁ ।

ରଜା ଖବର ଶୁଣିଲେ । କୌତୁହଳ ଲାଗିଲା । ମନରେ ଚମକ ବି ଆସିଲା । ଯେଉଁ କଥା କେବେହେଲେ ଜଣାଶୁଣା ନାହିଁକି ଦେଖା ଦର୍ଶନ ନାହିଁ, ସେହି ଅଦୃଷ୍ଟ ଅଶ୍ରୁତ, ମୋହର ବର୍ଷା, ସାମୁଦ୍ରିକ ଜନ୍ତୁଙ୍କ ଶୂଳୀ ଦେଖିବାକୁ ଦଳ ବଳ ନେଇ ବାହାରି ପଡ଼ିଲେ ।

ବାଟରେ ଯାଉ ଯାଉ ଶୂନ୍ୟରେ ଥାଇ ଜଣେ କିଏ ବଡ଼ ପାଟିରେ ଶୁଣାଇ ଦେଲା—"**ସାଧୁ-ସାବଧାନ** ।" ସବୁ କଥା ଆଖିରେ ଦେଖିବ । କିଛି ଛୁଇଁବନି କି ତାକୁ ରକ୍ଷା କରିବାକୁ ଚେଷ୍ଟା କରିବ ନି । ଯାହା ଯେମିତି ଅଛି ତାହା ସେମିତି ଥାଉ ।

ରଜା ଶୁଣିଲେ । କାବା ହେଲେ, ମାତ୍ର ଶୂନ୍ୟପୁରୁଷର ଆଦେଶ ଲଙ୍ଘନ କରିବାକୁ ସାହସ କଲେନି । କେବଳ ଘଟଣାଟାକୁ ଦେଖା ଦେଖି କରି ଲେଉଟିଲେ ରାଜବାଟୀକୁ ।

ପରଦିନ ପୁଣି ରାଜଜେମା ଯେତେବେଳେ ଗାଧୋଇ ପାଧୋଇ ଆସି ସମ୍ପୃତାନ ପୀଠରେ ଫୁଲ ତୁଳସୀ ଦେଇ ମୁଣ୍ଡିଆ ମାରେ, ଠିକ୍ ସେତିକି ବେଳେ ଗୋଟିଏ ଚକ୍ରପବନ ଆସି ତାକୁ ନଠାଇ ନେଲା ଦୂରଦୂରାନ୍ତକୁ ।

ସଖୀମାନେ କନ୍ଦା କଟା କଲେ । ମୁଣ୍ଡ ପିଟିଲେ । ହେଲେ ଜେମାକୁ ଫେରି ପାଇଲେନି । ତେଣୁ ଅଶ୍ରୁ ଛଳ ଛଳ ଆଖିରେ ବ୍ୟଥାତୁରା କୁରଙ୍ଗୀର ବଳାୟ ପ୍ରେକ ଦଉଡ଼ିଲେ ରାଜବାଟୀକୁ ।

Digitized by PPRACHIN, SOA

ରଜା, ରାଣୀ ଖବର ପାଇଲେ । ରାଜବାଟୀରେ ଦୁଃଖ, ଶୋକର ଅମାବାସ୍ୟା ଘୋଟିଗଲା । ଶ୍ରାବଣୀ ନଶୀଥ ପରି ସମସ୍ତଙ୍କ ଅନ୍ତରରୁ ଝରି ପଡ଼ିଲା କେବଳ ନିରାଶାର ଆସାର ।

ଗୁଣିଆ ଆସିଲେ, ଗଣକ ଆସିଲେ । ଗୁଣି ଓ ଗଣନା ଚାଲିଲା । ଗଣକ କହିଲେ ଉତ୍ତର-ପୂର୍ବ ଦିଗକୁ ଯାଇଛି । ଜଣେ ଲୋକ ଶାର ପେଷଣ କରି ତାକୁ ଉଡ଼ାଇ ନେଇଛି । ସାତଦିନ ମଧ୍ୟରେ ଆଣି ଛାଡ଼ିଦେଇ ଯିବ ।

ପୁଣି କହିଲା—ଡାକ ପାଣି କରିବ । ନଈ ନାଳ, ବିଲ, ପର୍ବତ ଡେଇଁ ଉଡ଼ି ଆସିବ । କେହି ସମ୍ଭାଳି ପାରିବେନି ।

ରଜା ଘୋଷଣା କଲେ ଝିଅକୁ ଆଣି ପହଞ୍ଚାଇ ଦେଲେ ସାତଖଣ୍ଡି ଗ୍ରାମ ଦେବେ । କୋଠା ଦୋତାଲା ତୋଳା ହେବ । ବାହାରେ ହାଟ ବସିବ । ସଦର ଦୁଆରେ ଜଳଛତ୍ର ବସିବ । ଦାଣ୍ଡ ଓ ବାରି ପଟେ ଦାନ୍ତୀ କବାଟ ଲାଗିବ । ଦୁଃଖ ଦାରିଦ୍ର୍ୟ ମୋଟେ ରହିବନି । ଗୁଣିଆକୁ ଶହ ଶହ ଲୋକ ଆଶ୍ରା କରିବେ । ସେ ଆମ ରାଜ୍ୟରେ ହେବ ଶ୍ରେଷ୍ଠକାଠର ଗୋଟିଏ ଜମିଦାର ।

ମନ୍ତ୍ରୀ କହିଲେ—କନ୍ୟାକୁ ଆଣି ନ ପାରିଲେ ମୁଣ୍ଡକାଟ ଶାସ୍ତି ହେବ ।

ରାଣୀ କହିଲେ—ନାଁ ଯେ ତ କିଏ ଝିଅକୁ ଚୋରାଇ ନେଇନି । ଆମ ଭାଗ୍ୟ ଦୋଷରୁ ହେଉ କି ତା ଭାଗ୍ୟ ଦୋଷରୁ ହେଉ ସେ ନିଜେ କୌଣସି ଦୁଷ୍ଟ ଗ୍ରହଦ୍ୱାରା ହରଣଚାଲ ହୋଇଛି କି ଦୁଷ୍ଟ ଚକ୍ରାନ୍ତରେ ପଡ଼ିଛି । ଏଥିପାଇଁ ଆମେ ଗୁଣିଆ ଡାକିଛୁ । ତା ବିଦ୍ୟା ବୁଦ୍ଧି ଖଟାଇ ଆଣି ପାରିବତ ପୁରସ୍କାର ନେଇ ଘରକୁ ଯିବ, ନଆଣି ପାରିଲେ ନିରାଶାରେ ଫେରିବ । ବିନା ଦୋଷରେ ମୁଣ୍ଡ-କାଟ ହେବ କାହିଁକି ?

Digitized by PPRACHIN, SOA

କଥାଟା ସମସ୍ତଙ୍କ ମନକୁ ପାଇଲା । ତେଣୁ କେହି କିଛି ପ୍ରତିବାଦ ନକରି ପ୍ରାଥମିକ କାର୍ଯ୍ୟପନ୍ଥାରେ ମନୋନିବେଶ କଲେ ।

ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଗୁଣୀ, ଗାରେଡ଼ୀ, ଯେତେ ଯାହା କରାଯିବାର କଥା କିଛି ବାକି ରହିଲାନି । ଦିଅଁ ଦେବତାଙ୍କୁ ବରଣ ଅଭିଷେକ, ପୂଜା, ଆରାଧନା, ପ୍ରାର୍ଥନା ଖୁବ୍ କରାଗଲା; ମାତ୍ର କାନଡେରି କେହି ଶୁଣିଲେନି କି ଟିକିଏ ସାନ୍ତ୍ୱନା ବି ଦେଲେନି ।

ରଜା ଓ ରାଣୀ ବେଳକୁ ବେଳ ହତାଶ ହୋଇ ପଡ଼ିଲେ । ସେମାନଙ୍କ ଅବସ୍ଥା କ୍ରମେ କ୍ରମେ ଖରାପ ଦିଗକୁ ଗତିକଲା । ତେଣୁ ଝିଅର ସନ୍ଧାନ ନେବାକୁ ନାନା ଆଡ଼େ ନାନା ଲୋକ ପଠାଇ-ବାକୁ ଲାଗିଲେ ।

× × × ×

ଗଭୀର ରଜନୀର କାଳକୃଷ୍ଣ ଅନ୍ଧକାର ସାରା ପୃଥିବୀକୁ ଗ୍ରାସ କରି ସୃଷ୍ଟି କରିଥାଏ ଅଖଣ୍ଡ ନୀରବତା । ଇଥର ତରଙ୍ଗ ସ୍ପର୍ଶକରି ହେମାଳ ପବନ ପୂଳାକୁ ପୂଳା ପଶି ଆସୁଥାଏ ଜନସ୍ଥାନ ଭିତରକୁ । ନକ୍ଷତ୍ର ପନ୍ତି ନିଜ କିରଣର ଗାରିମା ଦେଖାଇ ନିଥର ଆକାଶରେବୁକୁ ଉପରେ ଲୁଚକାଳି ଖେଳୁଥାନ୍ତି ବାଦଲ ସଙ୍ଗରେ । ଆଗେଇ ଆସିଲା ନିଶୀଥ ।

ନୀରବ ନିଶୀଥ । ଗଭୀର ଯେତିକ, ପ୍ରଶସ୍ତ ବି ସେତିକ । ସନ ସନ ସୁ ସୁ ଗର୍ଜ୍ଜନରେ ସୁପ୍ତ ଜଗତକୁ ବିଷଧର ସର୍ପ ପରି ଭୟଙ୍କର କରି ଆଗେଇ ଆସିଲା । ତାର କରାଳଧ୍ୱମମୂର୍ତ୍ତି ଦେଖିବାକୁ ଜୀବ-ଜଗତ ଜାଗ୍ରତ ଅବସ୍ଥାରେ ନଥିଲେ । ଏହିଭଳି ଏକ ମହେନ୍ଦ୍ର ମୁହୂର୍ତ୍ତ ଦେଖି ଗୋଦଡ଼ା ନୟୂତାନ ଅନୁକୂଳ କଲା ତା'ର କାର୍ଯ୍ୟୋଦ୍ଧାର ଲାଗି ।

ମହାରାଜ ବିଚିତ୍ର ସେନ ନିବଦ୍ଧରେ ରାଜବାଟୀରେ ପହଞ୍ଚିଲା ପରେ ଦିବସର ସମସ୍ତ କାର୍ଯ୍ୟ ସମାପନ କଲେ । ସେଦିନ ତାଙ୍କୁ ରାଣୀହଂସପୁରରୁ ଡକରା ଆସିଥାଏ । କିନ୍ତୁ ସେ କହିଲେ—ଆଜି

Digitized by PPRACHIN, SOA

ମୋର ବ୍ରତ ଉଦ୍‌ଯାପନ ଦିବସ ହେତୁ ମୁଁ ଯାଇ ପାରିବିନି, ବଗିଚ୍ଚା ଭିତରେ ଥିବା ନିଭୃତନିଳୟରେ ବିଶ୍ରାମ କରିବି । ଏକଥା ଶୁଣି ଡାକ ଆସିଥିବା ପରିଚାରିକାଟି ଫେରିଗଲା । ସମ୍ବାଦଟା ମହାରାଣୀ ଶୁଣିଲେ ନୀରବ ହୋଇ ରହିଲେ । କାହାରି ଆଗରେ କିଛି କହିଲେନି ।

ସପ୍ତଦାନର ନିର୍ଦ୍ଦେଶ ମାନି ରଜା ଯାଇ ନିଭୃତ ନିଳୟରେ ଅପେକ୍ଷା କରିଥାନ୍ତି । ଆଖିକୁ ନିଦ ଆସୁ ନଥାଏ । ମନରେ ଅସଂଖ୍ୟ ଭାବନାର ଢେଉ । ଗୋଟିକ ପରେ ଗୋଟି ଗୋଟି ହୋଇ ଉଦୟ ହେଉଥାଏ—ଅସ୍ତ ବି ହେଉଥାଏ । ହଠାତ୍ ପ୍ରକୋଷ୍ଠରେ ଜଳୁ-ଥିବା ଆଲୋକଟି ନିଭିଗଲା ।

ରଜା ତଟସ୍ଥ ହୋଇ ପୁଣି ଜଳାଇବାକୁ ଚେଷ୍ଟା କରିବା ଦେଖି କେହିଜଣେ କହିଲା—ଆବଶ୍ୟକ ନାହିଁ ମହାରାଜ ! ତୁମେ ସ୍ଥିର ହୋଇ ବସ । ଆଲୋକ ତା ମନକୁ ଜଳିବ ।

ରଜା ପଚାରିଲେ—ତୁମେ କିଏ କହୁଛ ?

କହିଲା—ସେହି ଗୋଦଣ୍ଡା ସପ୍ତଦାନ । ତୁମକୁ ଜବାବ ଦେଇ ଥିବାରୁ ଯଥା ସମୟରେ ଆସି ପହଞ୍ଚି ଯାଇଛି । ଏତିକି-ବେଳେ ଆଲୋକ ପୁଣି ଜଳି ଉଠିଲା ।

ରଜା ଦେଖିଲେ ତାଙ୍କ ସାମନାରେ ପଡ଼ିଥିବା ଖଣ୍ଡେ ଚୌକି ଉପରେ ବସିଛି ଗୋଦଣ୍ଡା ସପ୍ତଦାନ । ମନଟା ତାର ସରସ ନ ଥାଏ । ଯୁଗ ଯୁଗ ଧରି ମନ ଭିତରେ ସାଇତି ରଖିଥିବା ଅକୁହା କଥା ଆଜି ସେ ବ୍ୟକ୍ତ କରିବ, ଏଥିପାଇଁ ମନରେ ତାର ଆନନ୍ଦ ଯେତିକି ଦୁଃଖ ବି ଥାଏ ସେତିକି ।

ପ୍ରକୋଷ୍ଠ ମଧ୍ୟରେ ଅଖଣ୍ଡ ନୀରବତା । କାହାରି ମୁହଁରେ ଭାଷା ନାହିଁ କି କେହି କାହାକୁ କିଛି ପଚାରିବା ନାହିଁ । କିଛି ସମୟ ପରେ ସମସ୍ତ ନୀରବତା ଭାଙ୍ଗି ରଜା ପଚାରିଲେ—"ମୋତେ କ'ଣ କରିବାକୁ ହେବକି ?"

Digitized by PPRACHIN, SOA

ସୟୂତାନ କହିଲା—ମୋତେ ସାହାଯ୍ୟ କରିବ ବୋଲି ବଚନ ଦେଇଛ ପରା ?

ରଜା କହିଲେ—ଦେଇଛିତ, ତୁମେ ଯାହା କହିବ ସେ କଥା ନିଶ୍ଚୟ କରିବ । ନିଜେ କହିଥିବା କଥା ଯିଏ ରକ୍ଷା କରି ନ ପାରେ, ତାଠାରୁ ବଳି କାପୁରୁଷ ଏ ଜଗତରେ ଆଉ କେହି ନାହିଁ । ଏଣୁ ମୁଁ ମୋ'କଥା ରକ୍ଷା କରିବାକୁ ସବୁବେଳେ ପ୍ରସ୍ତୁତ ଅଛି ।

ସୟୂତାନ ଖୁସୀ ହୋଇ ଆଶୀର୍ବାଦ କଲାପରେ କହିଲା— ଖୋଜି ଖୋଜି ଜୀବନରେ ମଣିଷ ଭଳି ଜଣେ ମଣିଷ ପାଇଛି ମୁଁ । ଆଉ ମୋର ଦୁଃଖ ଚିନ୍ତା କିଛି ନାହିଁ । ଯାହା କିଛି ହେଉ ବରଂ ସବୁକଥା ତୁମରି ଆଗରେ ପ୍ରକାଶ କରିବ ।

ରଜା କହିଲେ—ତୁମ ମନରେ ଯାହାକିଛି କଥା ଅଛି, ସେ କଥା ପ୍ରକାଶ କର । ମୋ' ଦ୍ୱାରା ଯଦି କିଛି କାର୍ଯ୍ୟ ହୋଇ-ପାରିବ ତେବେ ମୁଁ ଜୀବନ ଦେଇ କରିବ । ସେହି ମାୟା-ଦ୍ୱୀପରେ ଯେଉଁ ଆଶ୍ଚର୍ଯ୍ୟ ଘଟଣା ଗୁଡ଼ିକ ଦେଖି ଆସିଲି ସେଥିରେ ମୁଁ ବିସ୍ମିତ ହୋଇ ଯାଇଛି । ତେଣୁ ଅନୁରୋଧ, ତା'ର ପ୍ରକୃତ ତଥ୍ୟଗୁଡ଼ିକ ଶୁଣାଇ ମୋତେ ଚରିତାର୍ଥ କର ।

ସୟୂତାନ କହିଲା—ମହାରାଜ ! ସାରା ପ୍ରେତ ରାଜ୍ୟଟି ମାୟା ରାଜ୍ୟ । ପ୍ରେତ ଭୁବନରେ ଯେବେ ଶରୀର ପ୍ରକାଶ କରନ୍ତି, ସେମାନେ ମାୟାବୀ । ମୋତେ ଅବଶ୍ୟ ତୁମେ ଖୁବ୍ ନିକଟରେ ପାଇଥିବାରୁ ନିଜଲୋକପରି କଥାବାର୍ତ୍ତା କରିପାରୁଛ; ମାତ୍ର ଏତିକି ହେବା ମଧ୍ୟ ଅସମ୍ଭବ । ଯାହାହେଉ, ମୁଁ ଆଜି ପ୍ରେତ ଲୋକରେ ସୟୂତାନ ହୋଇ କାଳ କଟାଉଥିଲେ ବି ଦିନଥିଲା, ମର୍ତ୍ତ୍ୟଲୋକରେ ଥିଲି ତୁମରି ପରି ଜଣେ ରଜା । କରଣୀ ମୋର ଖୁବ୍ ଲାଗୁଥିଲା । ହୁକୁମକୁ ଅନାଇ ଶହ ଶହ ଲୋକ ଠିଆ ହେଉଥିଲେ,ରାତିପାହିବା ଠାରୁ ସକାଳ ହେବାଯାଏ ଜୟ ଜୟକାରରେ ଗଗନ ପବନ

Digitized by PPRACHIN, SOA

ମୁଖରିତ ହେଉଥିଲା । ଦାସ ଦାସୀ, ଘୋଡ଼ା ହାତୀ, ସୈନ୍ୟସାମନ୍ତ ଅକଳନ୍ତା ଥିଲେ । ଦିଗ୍‌ବିଜୟ କରି ବାହାରିଲେ ସୈନ୍ୟମାନଙ୍କ ପାଦଧୂଳିରେ ସୂର୍ଯ୍ୟଦେବ ଲୁଚି ଯାନ୍ତି । ମୁଖ ରବ ଗୋଳରେ ଅନନ୍ତ ପାରାବାର ବି ଶଙ୍କିତ ହୋଇ ପଡ଼େ । ମୋଟ ଉପରେ ମୁଁ ଥାଏ କୋଟି କୋଟି ଜନତାର ଏକମାତ୍ର ପ୍ରଭୁ । ଭୋଗ ବିଳାସର ସୀମା ନଥାଏ । ଯେତେବେଳେ ଯାହା ଇଚ୍ଛା କରେ ତାହା ଆସି ମୋ' ହାତ ପାଖରେ ପହଞ୍ଚି ଯାଏ । ଏମିତି ଏମିତି ସାରା ଜୀବନକାଳଟା ଖୁବ୍ ଯାକ୍ ଯମକରେ କଟି ଯାଉଥିଲା ।

ଦିନକର କଥା । ଜଣେ ଯାଦୁକର ଆସି ଖଣ୍ଡିଏ ଅପୂର୍ବ ରଥ ଯୋଗାଇଲା । ମୁଁ ଓ ମୋର ମନ୍ତ୍ରୀ ସେହି ରଥରେ ବସି ଗଲୁ ଚନ୍ଦ୍ର ଲୋକ ଦେଖିବାକୁ ।

ବାଟ ସୁଗମ ହେଲେ କ'ଣ ହେବ, ଖୁବ୍ ଅସାଧ୍ୟ । କେତେ ଦୂର ଉପରକୁ ଗଲାପରେ ବାଦଲ ରାଶି ପ୍ରକାରକୁ ପ୍ରକାର ବାୟୁସ୍ତର ଭେଦ କରିବାକୁ ପଡ଼ିଲା । ଭୟ ଓ ଦୁଃଖ ଉଭୟ ଆସି ମନଟାକୁ ଅସ୍ଥିର କରୁଥାନ୍ତି । ଜୀବନଟା ନୂଆ ପ୍ରକାର ଲାଗୁଥାଏ । କ୍ରମେ ଶରୀର ହାଲୁକା ହୋଇ ଆସିଲା । ଖାଦ୍ୟ ପାନୀୟ କଣ୍ଠ ଡେଇଁ ପେଟ ଭିତରକୁ ଗଲାନାହିଁ । ମନ୍ତ୍ରୀ କହିଲେ—ଲେଉଟି ଯିବାକୁ ।

ମୁଁ ମଧ୍ୟ ତାଙ୍କ କଥାରେ ରାଜି ହୋଇଗଲି । ଚେଷ୍ଟା କଲୁ ଫେରି ଆସିବାକୁ । ମାୟା ରଥଟା କିନ୍ତୁ ଆମ କଥାରେ ନଥିଲା । ସେ ଯେଉଁ ସ୍ଥାନକୁ ଯିବାପାଇଁ ଥରେ ମାତ୍ର ଅନୁମତି ପାଇଥାଏ, ସେଠାରେ ନ ପହଞ୍ଚିବା ଯାଏ ଆଉ ଅନ୍ୟ କଥା ଶୁଣେ ନାହିଁ । ତେଣୁ ଆମେ ବାଧ୍ୟହେଲୁ ଚନ୍ଦ୍ର ଲୋକ ଦର୍ଶନ କରିବାକୁ ।

ମୁଁ ଜାଣିଥିଲି ଚନ୍ଦ୍ର ଗୋଟିଏ ଶୀତଳ ଆଲୋକ ପିଣ୍ଡ ବୋଲି । ମାତ୍ର ସେଠାରେ ଯେତେବେଳେ ପହଞ୍ଚିଲୁ, ସେତେବେଳେ ମୋର ଭ୍ରମଧାରଣା ସମ୍ପୂର୍ଣ୍ଣ ବଦଳି ଗଲା । ଦିନଦ୍ୱିପ୍ରହର ବେଳେ

Digitized by PPRACHIN, SOA

ରଥ ଚନ୍ଦ୍ରଲୋକରେ ପହଞ୍ଚିଲା । ପ୍ରଚଣ୍ଡ ଖରା ହୋଇଥିଲେ ବି ସେଠାରେ ତାପର ମାତ୍ରା କମ୍ ଜଣା ଯାଉଥାଏ । ଚନ୍ଦ୍ରଟା ଆମର ପୃଥିବୀ ଭଳିଆ ପାହାଡ଼, ପର୍ବତ, ନଦୀ, ନାଳ, ସମୁଦ୍ର, ଓ ବନ ଉପବନ ପୂର୍ଣ୍ଣ ଗୋଟିଏ ପୃଥିବୀ । ଏହାଠାରୁ ବଡ଼ କି ସାନ ସେ କଥା ଅବଶ୍ୟ ମୁଁ କହି ପାରୁନି, ହେଲେ ସେ ଆଲୋକ ପିଣ୍ଡ ନୁହେଁ । ଗୋଟିଏ ପୃଥିବୀ । ଆମ ପୃଥିବୀର ନାମ ମର୍ତ୍ତ୍ୟଲୋକ, ସେ ପୃଥିବୀର ନାମ ଚନ୍ଦ୍ରଲୋକ, ସେଠି ବି ଅସଂଖ୍ୟ ସୁନ୍ଦର ସୁନ୍ଦରୀ, ଯୁବା ଯୁବତୀ ଅଛନ୍ତି । ପ୍ରୌଢ଼ ପ୍ରୌଢ଼ା ଅଛନ୍ତି । ବୃଦ୍ଧ ବୃଦ୍ଧା ମୋଟେ ନାହାନ୍ତି । ଦେଖିବାକୁ ସମସ୍ତଙ୍କ ବର୍ଣ୍ଣ ଚମ୍ପାଫୁଲ ପରି ଗୋରା ଓ ଗୋରୀ । ମର୍ତ୍ତ୍ୟପୁର ମଣିଷମାନଙ୍କ ତୁଳନାରେ ସେମାନଙ୍କୁ ଦେବତା ବୋଲି ଧରି ନେବାର କଥା ।

ମୁଁ ଓ ମୋର ମନ୍ତ୍ରୀ ଏଭଳି ଗୋଟିଏ ଇଲାକା ଦେଖି ମନ୍ତ୍ର ମୁଗ୍ଧ ପରି ତାଜୁବ୍ ବନିଲୁ । ରଥଯାଇ ଗୋଟିଏ ପାର୍ବତ୍ୟ ଗର୍ତ୍ତ ପାଖରେ ଲଟିଲା । ସେ ସ୍ଥିରହେବା ଦେଖି ଆମେ ଦିହେଁ ଓହ୍ଲାଇ କରି ଗଲୁ ବୁଲିବାକୁ । କେତେ ଅପୂର୍ବ ସପୂର୍ବ ସ୍ଥାନ ଦେଖିଲୁ । ବଡ଼ିଆ ବଡ଼ିଆ ଫୁଲ ତୋଳିଲୁ । କଞ୍ଚା ପାଚିଲା ଫଳ ବି ଖାଇଲୁ । ଠାଏ ଠାଏ କୁଆପଥର ଜମା ହୋଇ ଶ୍ରେଷ୍ଠ ଶ୍ରେଷ୍ଠ ପାହାଡ଼ ଭଳି ହୋଇଥାଏ ଠାଏ ଠାଏ ପର୍ବତ ଦେହରେ ଥିବା ଗାତ ମାନଙ୍କରୁ ପ୍ରଚଣ୍ଡ ଧୂଆଁ ବାହାରୁଥାଏ । ସ୍ଥାନେ ସ୍ଥାନେ ପ୍ରବଳ ନିଆଁର ଲେଲିହାନ ଶିଖା ଜଳି ଉଡୁଥାଏ ଆକାଶର ମଥାନ ଯାଏ ।

ଆମେ କାବା ହୋଇଗଲୁ । ଏଭଳି ଏକ ବିଚିତ୍ର ଦେଶ ଆମକୁ ଭଲ ବି ଲାଗୁଥାଏ । ତେଣୁ ଆମେ ନଖାଇ ନପିଇ ଆଚ୍ଛା କରି ପ୍ରସ୍ଥେ ବୁଲାବୁଲି କଲୁ ।

ଗୋଟିଏ ନିଭୃତ ବାଲି ପଡ଼ିଆ—ସେଓ, ବେଦନା, ଅଙ୍ଗୁର, ନାସପାତି ଇତ୍ୟାଦି ଇତ୍ୟାଦି ମୂଲ୍ୟବାନ ଫଳର ଗଛ ବହୁ ପରିମାଣରେ ଦେଖା ଯାଉଥାଏ ବାଡ଼ ଦେଲା ପରି । ମୁଁ ଓ ମୋର

Digitized by PPRACHIN, SOA

ମନ୍ତ୍ରୀ ସେଠାରେ ପହଞ୍ଚି କିଛି କିଛି ଫଳ ଖାଇ ନିକଟବର୍ତ୍ତୀ ଏକ ଝଙ୍କାଳିଆ ବରଗଛ ମୂଳରେ ବସିବୁ, ଏମିତିବେଳେ ଆମ ପଛ-ଆଡ଼ୁ ଶୁଣାଗଲା ଖାଲି ଖିଲ ଖିଲ ହସ । ସେହି ହସର ମାଲିକ ଯେ କେବଳ ଯୁବତୀ ଗୁଡ଼ିଏ, ଏକଥା ଆମେ ଭଲଭାବେ ହୃଦୟଙ୍ଗମ କରି ପାରୁଥିଲେ ମଧ୍ୟ କୌତୁହଳ ଦମନ କରି ନପାରି ସେମାନଙ୍କ ଅନ୍ୱେଷଣରେ ବାହାରି ପଡ଼ିଲୁ ।

ସୁନାର ଗୋଟିଏ ବେଦୀ । ସେହି ବେଦୀ ଉପରେ ଅଛି ଆଠଟି ସିଂହାସନ । ପ୍ରତ୍ୟେକ ସିଂହାସନରେ ବସିଥାନ୍ତି ଗୋଟିଏ ଲେଖାଁ ଦିବ୍ୟ ସୁନ୍ଦର ଯୁବା ପୁରୁଷ । ସେମାନଙ୍କ କୋଳରେ ଜଣେ ଲେଖାଏଁ ବସିଛନ୍ତି ସ୍ୱର୍ଗୀୟା ସୁନ୍ଦରୀ କନ୍ୟା । ସେମାନଙ୍କ ଯୌବନ ସମ୍ଭାର ନିକଟରେ ସାରା ବିଶ୍ୱ ଜଗତର ସୌନ୍ଦର୍ଯ୍ୟ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଉଥାଏ । ମୁଁ ଜୀବନରେ ଯେତେ ସୁନ୍ଦରୀ ତନ୍ୱୀ ଉପଭୋଗ କରିଥିଲେ ମଧ୍ୟ ସେମାନଙ୍କୁ ଦେଖି ଆହୁରି ଉପଭୋଗ ଲାଳସା ଲାଗି ଉଠିଲା । ବାହୁ ବିକ୍ରମ ଉପରେ ପ୍ରବଳ ଭରସା ଥାଏ ମୋର । ତେଣୁ ଭାବିଲି, ପ୍ରେମିକମାନଙ୍କୁ ହତ୍ୟା କରି ପ୍ରେମିକାମାନଙ୍କୁ ଅପହରଣ କରିବି । ମାୟାର ଯାଦୁ ରଥବି ଅଛି । ସେଥିରେ ବସିଲା ମାତ୍ରେ ଆମକୁ ଆଉ ପାରେ କିଏ ? ଅବାଧରେ କନ୍ୟାମାନଙ୍କୁ ନେଇ ରାଜବାଟୀରେ ପହଞ୍ଚିବି ଓ ମନପ୍ରାଣ ପୂରାଇ ଉପଭୋଗ କରିବି ।

ମନ୍ତ୍ରୀ କହିଲେ—

ରମଣୀର ରୂପ ମୋହ ଅତୀବ ଦୁସ୍ତର
ସେହି ମୋହେ ସବଂହରା ହେଲା ଲଙ୍କେଶ୍ୱର ।
ବିଶ୍ୱ ପାରାବାରେ ନାରୀ ମାୟାର ପ୍ରବାଳ
ତାକୁ ଲୋଭ କଲେ ଖଳ ଖଳ ହସେ କାଳ ।
ଅତଏବ ମାନ ମୋର ହିତ ଉପଦେଶ
ସେ ଅଚିର ମୋହ ତ୍ୟାଗ କରନ୍ତୁ ନରେଶ ॥

Digitized by PPRACHIN, SOA

ମନ୍ତ୍ରୀଙ୍କର ଏ ହିତବାଣୀ ପ୍ରତି ମୋର ଶ୍ରବଣର ସ୍ପୃହା ମୋଟେ ଆସିଲା ନାହିଁ । ତେଣୁ ବିଦ୍ରୂପ ଛଳରେ ତାଙ୍କୁ କହିଲି, "ତୁମେ ଗୋଟିଏ କପଟ-ଭୀରୁ, ମାଇଚିଆ ପ୍ରକୃତିର ଲୋକ । ତେଣୁ ମୋ' କାର୍ଯ୍ୟରେ ମୁଁ କଣ କ'ରି ପାରୁଛି ।

ମନ୍ତ୍ରୀ ତେଣିକି ହେଲେ ନୀରବ ଦର୍ଶକ ।

ଯୁଦ୍ଧବିଦ୍ୟା ଶିଖିଲାବେଳେ ମୁଁ ଗୋଟିଏ ଅସ୍ତ୍ର ବିଦ୍ୟା ଅଧ୍ୟୟନ କରିଥିଲି । ନାମ ତା'ର ସର୍ବଭେଦୀ ଓ ସର୍ବବ୍ୟାପୀ । ସେ ଶରଟି ସନ୍ଧାନ କଲେ କୋଟି କୋଟି ସ୍ଥାନରେ ଏକ ସମୟରେ ବିଦ୍ଧ ହୋଇପାରେ ।

ସେହି ଶରଟିକୁ ମନ୍ତ୍ରାଭିଷିକ୍ତ କରି କନ୍ୟାମାନଙ୍କୁ କୋଳରେ ଘେନି ବସିଥିବା ପ୍ରେମିକ ଯୁବକମାନଙ୍କ ଉପରେ ନିକ୍ଷେପ କରି କହିଲେ—"ସେମାନଙ୍କ ପ୍ରାଣ କାଢ଼ିଆଣ ।"

ଶର ତା'ର ଧର୍ମରକ୍ଷା କରି ଠିକଣା କାମ କଲା । ଯୁବକମାନେ ଜୀବନ ତ୍ୟାଗ କରି ସିଂହାସନ ତଳକୁ ଖସି ପଡ଼ିଲେ । ରକ୍ତର ଖରସ୍ରୋତ ବହି ସ୍ୱର୍ଣ୍ଣ ବେଦୀଟିକୁ ରଞ୍ଜିତ କରିଦେଲା । ମାତ୍ର କନ୍ୟାମାନେ ମୋ' ହାତକୁ ଆସିଲେ ନାହିଁ । ଅଧିକନ୍ତୁ କାଳନାଗୁଣୀ ରୂପ ଧରି ମୋତେ ଓ ମୋର ମନ୍ତ୍ରୀଙ୍କୁ ଦଂଶନ କଲେ । ମୁଁ ଶତ ସହସ୍ର ଚେଷ୍ଟା କରି ସେମାନଙ୍କ ଦଂଶନରୁ ନିଜକୁ କିମ୍ବା ମନ୍ତ୍ରୀଙ୍କୁ ବଞ୍ଚାଇ ପାରିଲି ନାହିଁ । ଦୁହେଁ କାଳକୂଟ ବିଷ-ଜ୍ୱାଳାରେ ଢଳି ପଡ଼ିଲୁ ।

ମନର ବାସନା ଅପୂର୍ଣ୍ଣ ରହିଲା । ଅବିନାଶୀ କାମନାର ତାଡ଼ନାରେ ଶାନ୍ତି ବି ନଷ୍ଟ ହୋଇଗଲା । ରାଜ୍ୟରେ କି ରାଜବାଟୀରେ ଆମ ଦୁହିଁଙ୍କ ମୃତ୍ୟୁ ସମ୍ବାଦ ପହଞ୍ଚି ନ ପାରିବାରୁ ସେମାନେ ଦୀର୍ଘ ବାରବର୍ଷ ଯାଏ ଅପେକ୍ଷା କରି ପ୍ରେତଃ କର୍ମ କରିବାକୁ ବାଧ ହେଲେ ।

Digitized by PPRACHIN, SOA

ମନର ଅପୂର୍ଣ୍ଣ କାମନା ବାସନାର ଚରିତାର୍ଥ ପାଇଁ ମୋର ନିର୍ବାଣ ମୁକ୍ତି ହୋଇ ପାରିଲି ନାହିଁ । ମନ୍ତ୍ରୀ ବି ମୋ’ ପାଖରେ ରହିଗଲେ ।

ମୁଁ ହେଲି ସପ୍ତତାନ, ସେ ହେଲେ ଭୂତ ।

ରଜା ପଚାରିଲେ—ଗୋଡ଼ଟା ଗୋଦଗୋଡ଼ ହେଲା କାହିଁକି ?

କହିଲି—କନ୍ୟା କାଳସର୍ପିଣୀମାନେ ସେହି ଗୋଡ଼ଟିରେ ଦଂଶନ କରିଥିବାରୁ ବିଷଜ୍ୱାଳାରେ ଫୁଲି ମୋଟା ହୋଇଯାଇଛି ।

ପଚାରିଲେ—ତା’ପରେ କ’ଣ ହେଲା ?

କହିଲି—ଆଉ କଣ ହୋଇଥାନ୍ତା ଆମେ ଇହଲୋକ ତ୍ୟାଗ କରି ପ୍ରେତଲୋକରେ ରହିଲୁ । ଯାଦୁର ମାୟା-ରଥ ଖଣ୍ଡିକ ସେହିଠାରେ ଅଛି । କନ୍ୟାମାନେ କାଳସର୍ପିଣୀ ରୂପଧରି ଆମକୁ ଦଂଶନ କଲାପରେ ତାଙ୍କ ଦେହରେ ବି ମଣିଷ ବିଷ ପଶିଛି । ସେହି କାଳରୁ ସେମାନେ ଅଛନ୍ତି ଅଚେତନ ଅବସ୍ଥାରେ । ଯେଉଁ ଯୁବକମାନଙ୍କୁ ମୁଁ ସବ୍ଦଭେଦୀ ବାଣରେ ହତ୍ୟା କରିଥିଲି, ସେମାନଙ୍କ ଶବକୁ ଆଲିଙ୍ଗନ କରି କନ୍ୟାମାନେ ସେହିଠାରେ ପଡ଼ିଛନ୍ତି ।

ରଜା କହିଲେ—ଆଶ୍ଚର୍ଯ୍ୟ କଥା ! ଏ ମଧ୍ୟରେ କେତେ ବର୍ଷ ବୋହି ଗଲାଣି । ମୃତ୍ୟୁ ଲାଭ କରିଥିବା ଶବଗୁଡ଼ିକ ସଡ଼ି ନଗଲା କପରି ?

କହିଲି—ମହାରାଜ ! ଏଥିରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ଚନ୍ଦ୍ରଲୋକରେ ସୁଧାର ଝରଣା ଅଛି । ତେଣୁ ସ୍ଥାନଟା ସୁଶୀତଳ ଏବଂ ଆରାମପ୍ରଦ । ଜରା ବ୍ୟାଧି ସେଠି ପଶି-ପାରେ ନାହିଁ କି କୌଣସି କଞ୍ଚାପଦାର୍ଥ ସହଜରେ ନଷ୍ଟ ହୁଏନାହିଁ । ତେଣୁ ପୁରାଣକାରମାନେ କଳ୍ପନା କରି ଯାଇଛନ୍ତି ସପ୍ତସ୍ୱର୍ଗ । ସେହି ସପ୍ତସ୍ୱର୍ଗ ମଧ୍ୟରୁ ଚନ୍ଦ୍ରଲୋକ ବି ଗୋଟିଏ । ସେଠାକାର ଅଧିବାସୀ ନଷ୍ଟ ହେବା କ’ଣ ସହଜ କଥା ?

Digitized by PPRACHIN, SOA

ରଜା ବଡ଼ ଆଶ୍ଚର୍ଯ୍ୟ ହେଲେ । କଥା ଗୁଡ଼ାକ ତାଙ୍କୁ ପୂରା ପୂରି ପ୍ରହେଳିକା ପରି ଲାଗିଲା । ହେଲେ କୌଣସି ପ୍ରତିବାଦ କରିବା ପାଇଁ ଭରସା ପାଇଲେନି । ତେଣୁ ଖୁବ୍ ଧୀର ସ୍ଥିର ଭାବେ କହିଲେ— କଣ କରିଥିଲେ ତୁମର ନିର୍ବାଣମୁକ୍ତ ହୋଇ ପାରିଥାନ୍ତା ?

କହିଲା—ଯେ ପର୍ଯ୍ୟନ୍ତ କାମନା ଓ ବାସନାର ପୂର୍ଣ୍ଣତା ନ ହୋଇଛି ସେ ପର୍ଯ୍ୟନ୍ତ ମୋର ମୁକ୍ତିର ପ୍ରଶ୍ନ ବି ନାହିଁ ।

ପଚାରିଲେ—ମୋ ଦ୍ୱାରା କିଛି ସାହାଯ୍ୟ କରାଯାଇ ପାରିବକି ?

କହିଲା—ସେହି ଯୋଗେ ତ ମୁଁ ଆଶା ଭରସାର ବଶବର୍ତ୍ତୀ ହୋଇ ତୁମ ନିକଟରେ କରୁଣା ଭିଖାରି ହୋଇଛି ।

ପଚାରିଲେ—ପଥର କନ୍ୟାମାନଙ୍କ ଇତିହାସ କ'ଣ ?

କହିଲା—ଇତିହାସ କେବଳ ମାୟା ସଂସାର ପ୍ରତି ମୋର ଇହଜଗତରେ ଥିଲା ପ୍ରବଳ ମମତା । ହଠାତ୍ ପ୍ରାଣଟା ଚାଲିଗଲା ସିନା ? ବୈରାଗ ଆସିପାରିଲା ନାହିଁ । ତେଣୁ ପ୍ରେତଃ ଜୀବନରେ ମୁଁ ଗୋଟାଏ ମାୟାର ମହଲ ଗଢ଼ିଛି । ମାୟାରେ ଗୁଡ଼ାଏ ନର୍ତ୍ତକୀ ତିଆରି କରିଛି । ସେମାନେ ପ୍ରତିଦିନ ନୃତ୍ୟଗୀତ ପରିବେଷଣ କରି ମୋତେ ଆନନ୍ଦ ଦିଅନ୍ତି । ଏହାଛଡ଼ା ସେମାନଙ୍କ ସଙ୍ଗେ ମୋର ଅନ୍ୟ ସମ୍ପର୍କ ନାହିଁ ।

ପଚାରିଲେ—ସେ ଦ୍ୱୀପର ଜୀବଜନ୍ତୁମାନେ କ'ଣ ?

କହିଲା—ସବୁ ସଯତାନର ମାୟା ।

ପଚାରିଲେ—ସେଠି ଜଣେ ରଜା ଅଛନ୍ତି ?

କହିଲା—ଅଛନ୍ତି ।

ପଚାରିଲେ—ସେ ବି କ'ଣ ମାୟା ?

କହିଲା—ନାଁ । ସେ ପ୍ରକୃତରେ ରାଜ୍ୟର ରଜା । ତାଙ୍କପ୍ରତି ମୋର ଦୟା ମାୟା ଅଛି । ଦିନେ ସ୍ୱପ୍ନରେ ତାଙ୍କୁ କିଛି ଉପଦେଶ ଦେଇଥିଲି । ସେ ସେହି ଉପଦେଶ ମାନି ସଯତାନ ପୀଠ ରଚନା

Digitized by PPRACHIN, SOA

କରିଥିଲେ । ତାଙ୍କର ଗୋଟିଏ ମାତ୍ର ଝିଅ । ସେ ମୋତେ ଭକ୍ତି କରେ । ମୋ' ପାଇଁ ମୋ' ପୀଠରେ ପ୍ରଭୁ ନାରାୟଣଙ୍କୁ ପ୍ରତିଦିନ ଫୁଲ ତୁଳସୀ ଦିଏ । ତେଣୁ ମୁଁ ତାକୁ ନିଜ ଝିଅଠାରୁ ଅଧିକ ସ୍ନେହ କରେ ମହାରାଜ !

ପଚାରିଲେ—ତାର ନାମ କ'ଣ ?

କହିଲି—ବନଲତା ।

ପଚାରିଲେ—ସୁନ୍ଦରୀ ସୁଗୁଣବନ୍ତୀ ହୋଇଥିବ ନିଶ୍ଚୟ ?

କହିଲି—କଥାରେ ସନ୍ଦେହ ନାହିଁ । ତା'ପରେ ତାକୁ ସକଳ ଗୁଣ ବିମଣ୍ଡିତା କରିବା ପାଇଁ ଏ କେତେଦିନତଳେ ପଠାଇ ଦେଇଛି ନାଗବଣି ପାଖକୁ ।

ପଚାରିଲେ—ନାଗବଣି ପୁଣି କିଏ ?

କହିଲି—ନାଗ ଭୁବନର ଶ୍ରେଷ୍ଠ ନାୟିକା । ଯାହା ନିକଟରେ ବିଶ୍ୱ ବିଶାଳକୁ ମୋହିତ କଲାଭଳି ଗୋଟିଏ ମଣିଅଛି ।

ପଚାରିଲେ—ସେ ମଣିର ନାମ ?

କହିଲି—ସୃଷ୍ଟି ମୋହନ ମୃଦୁ-ମଣି ।

ପଚାରିଲେ—ମୃଦୁ ମଣିର ଗୁଣ କ'ଣ ?

କହିଲି—ସେ ମଣିଟି ପାଖରେ ଥିଲେ ସଚରାଚର ଜଗତର ଜୀବଜନ୍ତୁ କଠୋର ଶତ୍ରୁ ହୋଇଥିଲେ ବି ମୁହଁକୁ ଅନାଇଲାମାତ୍ରେ ବଶ ହୋଇଯିବେ ।

ପଚାରିଲେ—ବର୍ତ୍ତମାନ ମୋତେ କ'ଣ କରିବାକୁ ପଡ଼ିବ ?

କହିଲି—ମୋତେ ନିର୍ବାଣ ଶକ୍ତି ପଥର ଯାତ୍ରୀ କରି ଯଦି ପଠାଇ ପାରିବ, ତେବେ ମୁଁ ଚିରୋପକୃତ ହେବି ।

ପଚାରିଲେ—କିପରି କ'ଣ କରିବ ?

କହିଲି—ମୋପାଇଁ ଥରେ ଚନ୍ଦ୍ରଲୋକ ଯାଏ ଯିବାକୁ ହେବ । ଯେ ପର୍ଯ୍ୟନ୍ତ କାମନା ବାସନାର ବିନାଶ ହୋଇଛି, ସେ ପର୍ଯ୍ୟନ୍ତ ମୁଁ ମୁକ୍ତିଲାଭ କରି ପାରୁନି ।

Digitized by PPRACHIN, SOA

ପଚାରିଲେ—ତୁମେ ତ ବର୍ତ୍ତମାନ ସର୍ବବ୍ୟାପି ଓ ମାୟାବୀଙ୍କ ପ୍ରଧାନ ହୋଇ ପାରିଛ । ନାନା ପ୍ରକାର ଅଲୌକିକ କାର୍ଯ୍ୟ କରି ପାରୁଛ । ଚନ୍ଦ୍ରଲୋକକୁ ଯାଇ ନପାରିବା ମାନେ କ'ଣ ?

କହିଲା—ଅମୋକ୍ଷ ପ୍ରେତଃ ସ୍ୱର୍ଗ ରାଜ୍ୟକୁ ଯାଇପାରେନି । ତେଣୁ ମୁଁ ନାଗୁରି ହୋଇ ରହିଛି ।

ପଚାରିଲେ—ତୁମ ପାଇଁ ସବୁପ୍ରକାର ସୁବିଧା ମୁଁ କରିଦେବି । ବାଟରେ ଯେପରି ଅବାଧରେ ଶତ୍ରୁ ଜୟ କରି ପାରିବ, ତା'ର ବ୍ୟବସ୍ଥା କରିବି । ଭୟଭୀତ ହେବା ପାଇଁ କୌଣସି କାରଣ ନାହିଁ । ତୁମେ ମହାବୀର ଓ ମହାସୁର ପରି ସେଠାରେ ପହଞ୍ଚିବ । ମୂର୍ଚ୍ଛିତା କନ୍ୟାମାନଙ୍କୁ ଚେତା କରାଇ ଯାଦୁ ରଥରେ ବସାଇ ଆଣିବ ମୋ ପାଖକୁ । ମୁଁ ସେମାନଙ୍କୁ ନିକଟରେ ପାଇଲେ, ମୋର ସମସ୍ତ କାମନା ବାସନା ପୂରିବ ଏବଂ ମୁଁ ନିର୍ବାଣ ମୁକ୍ତି ଲାଭ କରିବି ।

ପଚାରିଲେ—ତା'ପରେ ?

କହିଲା—ତୁମେ ନାଗବଲ୍ଲୀ ଏବଂ ବନଲତାଙ୍କୁ ପାଇବ । ଗୌରୀ ପର୍ବତରେ ଯେଉଁ ସୌଖିଭଣ୍ଡାର ଅଛି, ତା'ର ମାଲିକ ହୋଇ ହୀରା, ନୀଳା, ମୋତି, ମାଣିକ୍ୟର ଈଶ୍ୱର ହେବ ।

ପଚାରିଲେ—ଚନ୍ଦ୍ରଲୋକରେ କନ୍ୟାମାନେ ?

କହିଲା—ତୁମ ରାଜବାଟୀରେ ନର୍ତ୍ତକୀ ହୋଇ ରହିବେ ।

ପଚାରିଲେ—ପଥର କନ୍ୟା ?

କହିଲା—ପଥରରେ ମିଶିଯିବେ ।

ପଚାରିଲେ—ସପ୍ତତାଳ ପୀଠ

କହିଲା—ନାଗପୂଜା ପୀଠରେ ପରିଣତ ହେବ । ତୁମେ ଦୁଇଟି ଯାକ ଦ୍ୱୀପର ଅଧୀଶ୍ୱର ହୋଇ ପରମ ସୁଖରେ କାଳ କାଟିବ ଏବଂ ମୋ' ଆଶୀର୍ବାଦର ପାତ୍ର ହେବ ।

Digitized by PPRACHIN, SOA

ରଜା ଆଉ କିଛି ନ ପଚାରି କହିଲେ—ତୁମପାଇଁ ମୁଁ ଜୀବନ ଦେବାକୁ ପ୍ରସ୍ତୁତ ଅଛି । ଯାହାକିଛି ବିବାଦ କରିବାର କର । ମୁଁ କର୍ମ କ୍ଷେତ୍ରରେ ଅଗ୍ରସର ହୁଏ ।

ସେତେବେଳକୁ ରାତି ପାହି ଆସୁଥାଏ । ପକ୍ଷିମାନ ଶୁକ୍ର ତାରାଟି ତା ଅଙ୍ଗରାଗ ବିକୀରଣ କରି କୁଆ କୋଇଲିଙ୍କୁ ଜଣାଇ ଦେଉଥାଏ ପ୍ରତ୍ୟୁଷ କୀର୍ତ୍ତନ କରିବାକୁ । ପବନ ଧୀର ମନ୍ଥର ଗତିରେ ବହି, ପରିକ୍ରମା ସମାପ୍ତ କରି ନୀଳ ସିନ୍ଧୁର ନୀଳ ଜଳରେ ସନ୍ତରଣ କରିବା ଦେଖି ସାଗର ବଧୂ ହୁଳହୁଳି ଦେଉଥାଏ ।

ମୟୂତାନ ବାହାରିଲା ଯିବାପାଇଁ । ରାଜାଙ୍କୁ କହିଲା—ମହାରାଜ ! କାଲି ନିଶୀଥ ସମୟରେ ତୁମେ ମୋତେ ସାକ୍ଷାତ କରିବ ସାଗର ତୀରସ୍ଥ ଝାଉଁବଣିଆଠାରେ ।

ମହାରାଜ ସ୍ୱୀକୃତ ହେବାରୁ ପବନ ସ୍ୱରୂପି ମୟୂତାନ ପବନ ସଙ୍ଗରେ ନିଜକୁ ମିଳାଇ ଦେଲା ।

× × × ×

ବନଲତା ମାୟାର ରଥ ପବନରେ ଉଡ଼ି ଉଡ଼ିକା ପଡ଼ିଲା ଯାଇ ନାଗବଣି ଭୁବନରେ । ପାତାଳ ଭୁବନ ସେ । ତଳା ତଳ ଜଳର ଅତଳ ପ୍ରଦେଶର ସୁନା ସଂସାର । ସେଠାରେ ନଶ୍ୱର ପୃଥିବୀର ପରଶ୍ରୀକାତରତା ଦେଖିବାକୁ ମିଳେନି । ରାଜ୍ୟ ଧନ ଲୋଭରେ କେହି କାହାକୁ ହତ୍ୟାକରେନି । କେହି କାହାରି ଅନିଷ୍ଟ ଚିନ୍ତା କରେନି । ସମସ୍ତେ ଥାନ୍ତି ସମସ୍ତଙ୍କ ଦୁଃଖରେ । ଖାଇ ପିଇ ଫୁର୍ତ୍ତି କରନ୍ତି, ଆରାମରେ ଶୁଅନ୍ତି । ନିଜ ଅଙ୍ଗବଳ ଉପରେ ନିଜର ପୂରାପୂରି ଆସ୍ଥା ଥାଏ । ଶତ୍ରୁ ଆସିବା ଜାଣିଲେ କେହି କାହାକୁ ଖୁସାମତ କରେନି, ଡାକହାକ କରେନି । ରାଜ୍ୟର ନିରାପତ୍ତା ରକ୍ଷା କରିବା ପାଇଁ ସମସ୍ତେ ବାହାରି ପଡ଼ନ୍ତି ଜୀବନକୁ ଜଳାଞ୍ଜଳି ଦେଇ । ଶତ୍ରୁକୁ ପରାସ୍ତ କରି ତା' ମୁହଁରେ ଚୂନକାଳି ନ ଦେଇ ଲେଉଟିବା ତାଙ୍କ ଜାତକରେ ନଥାଏ ।

Digitized by PPRACHIN, SOA

ସେମାନେ ସାପ ଜାତି । ଏକମୁଣ୍ଡିଆ, ଦୋମୁଣ୍ଡି, ତ୍ରିଫଣୀ, ସପ୍ତଫଣୀ, ଶତଫଣୀ, ସହସ୍ରଫଣୀ ଇତ୍ୟାଦି । ଦେଖିବାକୁ ବୃଷ ବୃଷାଳ ଜନ୍ତୁ । ମୋଟା ମୋଟା ଦଉଡ଼ି ଭଳି ବଡ଼ ବଡ଼ ଲମ୍ବା । ଚକାମାରି ଶୋଇଥିଲେ ଦେଖିବା ଲୋକ ଚମକି ପଡ଼େ । ସେମାନଙ୍କ ସୁ ସୁ ଗର୍ଜ୍ଜନ ଅଣଚାଶ ପବନକୁ ତାଗିଦ କରି ଉଠେ । ସେହି ସର୍ପ ସଂସାର ମଧ୍ୟରେ ଗୋଟିଏ ବୋଲି ନାଗୁଣୀ, ସୁନ୍ଦରୀ ସୁଗୁଣବତୀ, ନାଗରାଜଙ୍କ ଆଦରଣୀ ଜେମା । ତାର ନାମ ନାଗବଣ୍ଟୀ ।"

ଦେଖିବାକୁ ତମ୍ବାତାର ପରି ବର୍ଣ୍ଣ । ସୁନ୍ଦର ପଣର ପରାକାଷ୍ଠାର ଅଭାବ । କଥାରୁ ଅମୃତର ସୂଚନା ମିଳେ । ସାରା ଜୀବନ ସେ କୁମାରୀ ବ୍ରତ ପାଳନ କରି ପାର୍ବତୀ ପତିଙ୍କୁ ଜଣାଣ କରିଛି, ପ୍ରଭୋ ଗୋଟିଏ ଦିବ୍ୟ ପତି ମୋତେ ଦିଅ ।"

ଭୋଳାନାଥ ସର୍ବଦା ବିଜୟା ନିଶାରେ ଢୁଳୁ ଢୁଳୁ ହେଉ ଥିଲେ ବି କେତେକାଂଶରେ ତା' ଡାକ କାନକୁ ନେଇଛନ୍ତି ଏବଂ ତା' ପାଇଁ ଗୋଟିଏ ବର ଯୋଗାଡ଼ କରିଛନ୍ତି ।

ସେହି ନାଗବଣ୍ଟୀ ସୃଷ୍ଟି ମୋହନ ମୃଦୁମଣିର ଅଧିକାରିଣୀ ନାଗରାଜଙ୍କ ଅଳିଅଳି ଜେମା ପାଖରେ ବନଲତାର ଆବିର୍ଭାବ କ୍ଷୀର ନୀର ସଂଯୋଗ ପରି ହୋଇଛି ।

ଦୁହେଁ ସଙ୍ଗାତ ବସିଛନ୍ତି । ମନ ସଙ୍ଗରେ ମନ ଓ ପ୍ରାଣ ସଙ୍ଗରେ ପ୍ରାଣ ମିଶାଇ ଦେଇଛନ୍ତି । ଜଣେ ମନୁଷ୍ୟ କନ୍ୟା, ଜଣେ ନାଗକନ୍ୟା । ଜଣକ ଦେହରେ ଅମୃତ ଓ ଜଣକ ଦେହରେ ବିଷ ଅଛି । ହେଲେ ସେହି ବିଷ ନଷ୍ଟ କରିବା ଉପାୟ ନାଗବଣ୍ଟୀ ଜାଣେ । ତେଣୁ ଦିନେ ବନଲତାକୁ କହିଲା—ସଙ୍ଗାତ ! ଗୋଟିଏ କଥା କହିବି ?

ବନଲତା ପଚାରିଲା—କି କଥା ?

Digitized by PPRACHIN, SOA

କହ୍ଲା—ଦେଖ, ମୁଁ ସୁନ୍ଦରୀ ହେଲେ କଣହେବ, ନାଗରାଜଙ୍କ ଔରଷରୁ ଜନ୍ମ । ତେଣୁ ଜନ୍ମରୁ ମୋ ରକ୍ତରେ କାଳକୂଟ ବିଷ ମିଶି ରହିଛି । ମନରେ ଅଛି ଅମୃତ । ଥିଲେ ବା ହେବ କ'ଣ ବିଷ ସବୁକଥା ନଷ୍ଟ କରିଦେବ ।

ପଗ୍ଳରଲ୍—କଣ କରିବାକୁ ଭାବିଛ ?

କହ୍ଲା—ଭାବିଛି ଯୁଗ ଯୁଗ ଧରି ମାନବ ଜଗତରୁ ଗୋଟିଏ ଦିବ୍ୟ ପତି ଗ୍ରହଣ କରିବାକୁ । ପୁଣି ମନ ଓ ବିବେକ, ମୋତେ ବାଧା ଦେଉଛି । କହୁଛି କାନେ କାନେ ସାବଧାନ ଶୁଣାଇ ଆଲୋହୁଣୀ ! ଯାହାକୁ ଦେହ ମନ ସମର୍ପଣ କରିବୁ, ସେ ବଞ୍ଚିବ କିପରି ? ତୋ ରକ୍ତରେ ବିଷଅଛି । ମନୁଷ୍ୟ ଦେହରେ ତୋ' ଦେହ ମିଶିଲ୍ ମାତ୍ରେ ସେ ଆଉ ବଞ୍ଚି ପାରିବନି । କାଳକୂଟ ଗରଳ ଜ୍ୱାଳାରେ ପୋଡ଼ି ଛାଇ ପଡ଼ିବ । ତୋ ମୁଣ୍ଡରେ ଉଜ୍ଜ୍ୱଳ ସିନ୍ଦୂର ଟୋପା ଚିରଦିନ ପାଇଁ ପୋଛି ଦେବାକୁ ବାଧ ହେବୁ ତୁ । ତେଣୁ ମୋ ମନ ଉପବନରେ ବିକଶି ଆସୁଥିବା ସୁବାସ ସୁମନ ଝାଉଁଳି ପଡ଼ି ବୃନ୍ତଚ୍ୟୁତ ହୋଇଛି ସଙ୍ଗାତ ! ବିରହ ବିଧୁରାଜକୁମାରୀ କ୍ରନ୍ଦନ ପରି ମୁଁ ଘରି କୋଣରେ ସଡ଼ିଛି ଯୁଗ ଯୁଗ ଧରି । କେହି ମୋ ଦୁଃଖରେ ଦିନେ ସମବେଦନା ପ୍ରକାଶ କରି ନାହିଁ କି ପ୍ରତିକାରର ବାଟ ବତାଇନି ।

ପଗ୍ଳରଲ୍—ବର୍ତ୍ତମାନ କ'ଣ କରିବାକୁ ଭାବିଛ ?

କହ୍ଲା—ଭାବିଛି ଦେହରୁ ଏ ବିଷ ବାହାର କରି ରକ୍ତକୁ ମନୁଷ୍ୟ ରକ୍ତ ସଙ୍ଗେ ମିଶାଇ ପାରିବ ?

ପଗ୍ଳରଲ୍—କିପରି ?

କହ୍ଲା—ଦେଖ ସଙ୍ଗାତ । ମହାପ୍ରସାଦ ଦେଇ ତୁମକୁ ସଙ୍ଗାତ କରିଛି । ତୁମ ଆଗରେ ସତ୍ୟକଥା କହିବାରେ କପଟ କଲେ ଅନ୍ୟାୟ ହେବ । ତେଣୁ ସବୁକଥା କହିବି ଶୁଣ । ବିଷରକ୍ତକୁ

Digitized by PPRACHIN, SOA

ଅମୃତ କରିବା ପାଇଁ ମହାଦେବ ଶିବଙ୍କୁ ବହୁତ ଜଣାଇବାରେ ଦିନେ ତାଙ୍କର କରୁଣା ହେଲା । ସେ ମୋତେ ସ୍ୱପ୍ନରେ କହିଲେ ଦିନ ଆସିଲେ ଜଣେ ମନୁଷ୍ୟକନ୍ୟା ଆସି ତୋ ପାଖରେ ପହଞ୍ଚିବ । ତାରି ସାହାଯ୍ୟରେ ତୋ ଦେହରୁ ସମସ୍ତ କାଳକୂଟ ବିଷ ବାହାରି ଯାଇ ରକ୍ତରେ ଅମୃତର ସିହରଣ ଦେଖାଯିବ ।

ମୁଁ ପଚାରିଲି—କିପରି ?

ସେ କହିଲେ—ପାତାଳ ନଗରୀରେ ଥିବା ଉତ୍ତରୀ-ହ୍ରଦ କୂଳରେ ମର୍ମର-ପ୍ରସ୍ତରର ଯେଉଁ ଶ୍ରେଷ୍ଠ ମନ୍ଦିରଟି ଅଛି, ମାନବ କନ୍ୟାକୁ ନେଇ ମଙ୍ଗଳବାର ରାତି ସେଠାରେ ପହଞ୍ଚିବୁ । ଶିବ ପଞ୍ଚାକ୍ଷରୀ ମନ୍ତ୍ର ଶହେ ଆଠଥର ଜପକରି ହ୍ରଦ ଜଳରୁ ପେଟେ ପିଇବୁ । ଧର୍ମ ଧର୍ମ ବୋଲି ମୁହଁରେ ତିନିଥର କହି ସେହି ହ୍ରଦ ଭିତରକୁ ଡେଇଁପଡ଼ିବୁ । ମାନବ କନ୍ୟାକୁ କହିବୁ, ସେ ଏକାନ୍ତ ମନରେ ତୋ ନାମଧରି ପ୍ରାଣ-ଫେରିଆସୁ ବୋଲି ଜପ କରିବ ଯାଏ ତିନିଦିନ ଏବଂ ତିନିରାତି ।

ପଚାରିଲି—ତା'ପରେ କ'ଣ ହେବ ?

କହିଲେ—ତିନିଦିନ ପରେ ତୋ ରକ୍ତରୁ ସମସ୍ତ ବିଷ ବାହାରି ଗଲା ପରେ ଶବଟି ଆସି କୂଳରେ ଲାଗିବ । ସେହି ଶବଟି ମୂର୍ଚ୍ଛାବସ୍ଥାରେ ରହିବ ସାତଦିନ-ସାତରାତି । ମାନବ କନ୍ୟା ତାକୁ କୋଳରେ ରଖି କେବଳ ରାମ ନାମ ଶୁଣାଉଥିବ ।

ସାତ ଦିନ ବା ଦଶଦିନ ପରେ ଯେତେବେଳେ ତୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଉଠିବୁ, ସେତେବେଳେ ଦେଖିବୁ ତୋ ରକ୍ତରେ ଆଉ ବିଷନାହିଁ ।

ବନଲତା କହିଲା—ସଙ୍ଗାତ, ତୁମର ମଙ୍ଗଳ ପାଇଁ ଯଦି ଜୀବନ ଦେଇ କଷ୍ଟ କରିବାକୁ ପଡ଼େ ତେବେ ନିଶ୍ଚୟ କରିବି । ଦଶଦିନ ଛାଡ଼ ଶହେଦିନ ହେଲେ ବି ମୁଁ ନିର୍ଜଳ ଉପବାସ କରି ପରିଶ୍ରମ କରିବି ।

Digitized by PPRACHIN, SOA

ନାଗବଣି ଆନନ୍ଦ ହେଲା। ସେଦିନ ସୋମବାର ହୋଇଥାଏ। ଦି'ସଙ୍ଗାତଯାକ ଖାଦ୍ୟ ପାଣୀୟ ସମାପନ କରି ଆମୋଦ-ପ୍ରମୋଦରେ ଦିନ କଟାଇଲେ। ନାଗବଣି ନାଗେଶ୍ୱରୀ ଗାଇଲା, ବନଲତା ଓଡ଼ଶୀ ଗାଇଲା। ନିଜ ନିଜ ଦେଶ ସଙ୍ଗୀତର ମର୍ଯ୍ୟାଦା ରକ୍ଷାକରି ଦିହେଁ ବହୁତ ଯୁକ୍ତି ତର୍କ କଲେ। ଏମିତି ଏମିତି ସେ ଦିନ ଓ ସେ ରାତି ଅତିବାହିତ କରି ମଙ୍ଗଳବାର ଦିନ ରାତିକୁ ପହଞ୍ଚିଲେ ଉତ୍ତରାହ୍ରଦ ତୀରରେ ଥିବା ମନ୍ଦିର ମଧ୍ୟରେ।

ପୂର୍ବରୁ କୁହାଯାଇଥିବା ଅନୁସାରେ କାର୍ଯ୍ୟପନ୍ଥା ଗ୍ରହଣ କରି ଠିକ୍ ଦଶଦିନ ପରେ ନାଗବଣିର ମନସାଧ ମେଣ୍ଟିଲା। ରକ୍ତରୁ ସମସ୍ତ ବିଷକଣିକା ବାହାର କରି ନିର୍ବିଷ ଶରୀରରେ ଫେରିଲା ନିଜ ପ୍ରକୋଷ୍ଠକୁ। ମୁହଁଟି ତା'ର ସଜଫୁଟା ପଦ୍ମଫୁଲ ପରି ଖୁବ୍ ସତେଜ ଦେଖା ଯାଉଥାଏ।

× × × ×

ତେଣେ ଗୋଦଣ୍ଡା ସମ୍ପୃତାନ ନିର୍ଦ୍ଦେଶ ଅନୁସାରେ ମହାରାଜ ବିଚିତ୍ର ସେନ ପହଞ୍ଚିଲେ ସମୁଦ୍ରକୂଳେ। ରାତି ଠିକ୍ ଅଧ ହୋଇ-ଥାଏ। ଚଢେଇ ଚିରୁଣୀ ଗଛର ନିଦରେ ଶୋଇପଡ଼ିଥାନ୍ତି। ଗୁମ୍ଫା ଦୁଆରେ ବସି ସିଂହ ଓ ବାଘ ହାଇ ମାରୁଥାନ୍ତି। ମହାବଳ ବାଘଟା ତା' ବସାରୁ ଅନୁକୂଳ କରିଆସିଲା ଗୋଟିଏ ନିଭୃତ ପ୍ରାନ୍ତରକୁ।

ପରିସ୍ରା କରି ବାଁ ହାତରେ ଲିପିଦେଲା ଓ ଚିତା ଦେଇନେଲା ପରି ବାଁ ହାତରେ ନେଇ ମୁଣ୍ଡରେ ମାରିଲା। କ'ଣ ଜାଣିଲା କେଜାଣି ଏକମୁହାଁ ଛୁଟି ଚାଲିଲା ପଶ୍ଚିମ ଦିଗକୁ।

କଥାରେ ଅଛି କାହିଁକି, ପୁରାତନ କିମ୍ବଦନ୍ତୀରୁ ଶୁଣିବାକୁ ମିଳେ, ବାଘ ଗୋଧାରୁ ବାହାରି ପ୍ରଥମେ ପରିସ୍ରାକରି ଲିପେ। ସେହି ଲିପା କାଦୁଅକୁ ମୁଣ୍ଡରେ ମାରି କେମିତିର ଦିବ୍ୟ ଦୃଷ୍ଟିରେ ଦଶଦିଗକୁ ଅନାଇ ଦିଏ।

Digitized by PPRACHIN, SOA

ଯେଉଁ ବାଟରେ ତା'ର ଶିକାର ଯୁଟିବାର ଥାଏ, ସେ ବାଟରେ ଦେଖାଯାଏ ଗୋଟିଏ ଉଜ୍ଜ୍ୱଳ ଆଲୋକ । ସେହି ଆଲୋକକୁ ଲକ୍ଷ୍ୟ କରି ବାଘ ଛୁଟି ଯାଉ ଯାଉ ଦେଖିବାକୁ ପାଏ ତା'ର ଶିକାର ।

ଯେ ବାଘ ହାତରେ ଶିକାର ହେବାର କଥା, ତା' ମୁଣ୍ଡ ଉପରେ ଜଳୁଥାଏ ଗୋଟିଏ ଆଲୋକ । ବାଘ ତାକୁ ଦେଖିଲା-ମାତ୍ରେ ଶିକାର କରେ ।

× × × ×

ବାଘଟା ଛୁଟି ଚାଲିଥାଏ ଏକ ଲକ୍ଷ୍ୟରେ । ବିଚିତ୍ରସେନ ଝାଉଁ ବଣିଆରେ ବସି ଅପେକ୍ଷା କରିଥାନ୍ତି ସମ୍ଭୂତାନଙ୍କୁ । ହଠାତ୍ ଲକ୍ଷ୍ୟ ପଡ଼ିଲା ବାଘ ଉପରେ । ମନଟା ଚଞ୍ଚଳ ହୋଇ ଉଠିଲା । ବିଚାରି କଲେ ବିଷମିଶା ଶର ଚଳାଇ ତା'ର ଜୀବନ ନେବାକୁ । ଠିକ୍ ଏତିକି ବେଳେ ଅନତିଦୂରରୁ ଜଣେ କିଏ କୋମଳ କଣ୍ଠରେ କହିଲା—ଧୈର୍ଯ୍ୟ ଧରନ୍ତୁ ମହାରାଜ ! ସେ ବର୍ତ୍ତମାନ କାଳଦେବର ଅନୁଚର ହୋଇ ଛୁଟି ଚାଲିଛି ଅନ୍ୟ ଗୋଟିଏ ଜୀବର ପ୍ରାଣ ନେବାକୁ । ଏତେବେଳେ ତାକୁ ବାଧା ଦେଲେ ପ୍ରମାଦ ଘଟିବ ।

ରଜା ଚମକି ପଡ଼ି ପଛକୁ ଅନାଇଲେ । ଦେଖିଲେ ସମ୍ଭୂତାନ ଠିଆ ହୋଇଛି । ପଚାରିଲେ—ସେ କପରି କାଳଦେବର ଅନୁଚର ହେଲା ?

କହିଲା—ଶୁଣ ବାବା !

ନଶ୍ୱର ସଂସାର ଈଶ୍ୱରଙ୍କ ଖେଳ
ଜନ୍ମ ମୃତ୍ୟୁ ବେନି ସତ୍ୟ,
ସ୍ରଷ୍ଟା କରେ ସୃଷ୍ଟି ନଷ୍ଟ କରେ କାଳ
କରାଳ ବେଶେ ନିରତ ॥

Digitized by PPRACHIN, SOA

ରୋଗ, ରୂପେ, ସର୍ପ ରୂପେ, ବ୍ୟାଘ୍ର ରୂପେ
ଜଳ ଅଗ୍ନି ବଜ୍ର ରୂପେ,
ଛୁଟି ଆସେ କାଳ ଅନୁଚର ଭଳି
ପାନ କରି ମୃତ୍ୟୁ କୂପେ ।।
ହରି ନଏ ଧରି ପ୍ରାଣୀର ପ୍ରାଣକୁ
ଯାଦୁକର ଖେଳ ଯଥା,
ବୁଝି ନ ପାରଇ ନଶ୍ୱର ଜନତା
ମିଛେ କାନ୍ଦେ ପିଟି ମଥା ।।
ଏ ମାୟା ସଂସାରେ ଭବ ପାରାବାରେ
କାଳ ଅଟେ ଭ୍ରମ ନକ୍ର,
ତାକୁ ନାଶିବାକୁ ଶକ୍ତି ନାହିଁ କାର
ଅଖଣ୍ଡିତ ତାର ଚକ୍ର ।।
ନାନାରୂପେ କାଳ ନାଶଇ ପ୍ରାଣୀଙ୍କୁ
ଦୋଷ ଦେଇ ଅନ୍ୟମୁଣ୍ଡେ,
କାଳ ମାରି ନେଲା ବୋଲି ଜଣେ କେହି
କହି ନ ପାରଇ ତୁଣ୍ଡେ ।।

କଥାଟାର ମର୍ମ ଉପଲବ୍ଧି କରି ରଜା ନୀରବ ରହିଲେ । ଶର ନିକ୍ଷେପ କରିବା ପାଇଁ ଆଉ ହାତ ଉଠିଲା ନାହିଁ ।

ସମ୍ପୂତାନ ଆସି ପାଖରେ ବସିଲା ଓ ପଚାରିଲା—ତୁମେ ପ୍ରସ୍ତୁତ ହୋଇ ଆସିଛ ମହାରାଜ ?

ରଜା କହିଲେ—ଆସିଛି ।

ସମ୍ପୂତାନ ଦେଲା ଗୋଟିଏ ଅଦ୍ଭୁତ ମୁଦି । ତାକୁ ହାତରେ ପିନ୍ଧିଲା ମାତ୍ରେ ରଜାଙ୍କୁ ତ୍ରିଭୁବନର ବାଟ ଦେଖାଗଲା ।

ସମ୍ପୂତାନ ପଚାରିଲା—କ'ଣ ଦେଖି ପାରୁଛ ?

Digitized by PPRACHIN, SOA

ରଜା କହିଲେ—ଦେଖି ପାରୁଛ—ଏ ସମୁଦ୍ର ପାଣିକୁ ଦ୍ୱି' ଭାଗ କରି ଗୋଟିଏ ବାଟ ପଡ଼ିଛି ପାତାଳପୁରି ଯାଏ । ତା'ପରେ ଗୋଟିଏ ଦିବ୍ୟ ମହଲ । ସେ ମହଲ ଚାରିପାଖଯାକ ଘେରି ରହିଛନ୍ତି ମହା ମହା ସର୍ପମାନେ ।

କହିଲି—ପ୍ରଥମେ ତୁମେ ସେହିଠାକୁ ଯିବ । ନାଗବଂଶର ନିବାସ ସେ । ରାଜକନ୍ୟା ବନଲତା ବି ସେଠି ଅଛି । ତୁମେ ପ୍ରଥମେ ସେହି ଦୁଇଟି କନ୍ୟା ଲାଭ କରିବ । ସତୀ ଏବଂ ଲକ୍ଷଣବନ୍ତୀ କନ୍ୟା ସେମାନେ । ସେମାନଙ୍କ ସହ ମିଳନ ପରେ ତୁମର ଶକ୍ତି ସହସ୍ର ଗୁଣରେ ବଢ଼ିଯିବ । ମୃଦୁମଣି ବି ହସ୍ତଗତ ହେବ ।

ପଚାରିଲେ—ମଣିର କାର୍ଯ୍ୟ କ'ଣ ?

କହିଲି—ମଣିଷ ପାଖରେ ଥିଲେ ପ୍ରବଳ ଶତ୍ରୁର କଲଜା ପାଣି ଫାଟିଯିବ । କେହି ସାହସ କରିବେନି ତୁମ ସଙ୍ଗେ ପ୍ରତିଦ୍ୱନ୍ଦ୍ୱୀ ହୋଇ ସମର ପ୍ରତିଯୋଗିତା କରିବାକୁ ।

ପଚାରିଲେ—ନାଗବଂଶ ପୁରରୁ ଚନ୍ଦ୍ରଲୋକକୁ କିପରି ଓ କେଉଁବାଟ ଦେଇ ଯିବ ?

କହିଲି—ଦେଖ ବାବା ! ପର ଉପକାର ଲାଗି ଲକ୍ଷ୍ୟ ହେଲା ତୁମର ଚନ୍ଦ୍ରଲୋକ । ନାଗବଂଶପୁରେ ପହଞ୍ଚିବାଠାରୁ ତୁମକୁ ଆଉ କିଛି ଅସୁବିଧା ପଡ଼ିବ ନାହିଁ । ଆପଣା ଛୁଏଁ ସବୁକଥା, ସବୁବାଟ, ସବୁ ବୁଦ୍ଧି ତୁମକୁ ଦେଖାଯିବ । ମୁଁ ଆଉ ଗୋଟିଏ ମାତ୍ର ପଦାର୍ଥ ତୁମକୁ ଯୋଗାଇ ଦେବି । ତାକୁ ପାଖରେ ରଖି ଯେ କୌଣସି ଅସାଧ୍ୟ ବାଟରେ କିମ୍ବା ଶତ୍ରୁ ପାଖରେ ବିଜୟୀ ବୀର ପରି ଆଗେଇ ଯାଇ ପାରିବ । କେହି ତୁମକୁ ବାଧା ଦେଇ ପାରିବେନି ।

ପଚାରିଲେ—ପଦାର୍ଥଟି କ'ଣ ?

କହିଲି—ସପ୍ତତାନ ଚିହ୍ନ ଓ ଇନ୍ଦ୍ରଜାଲ ଖଣ୍ଡା ।

Digitized by PPRACHIN, SOA

ରଜା କହିଲେ—ଯାହା ଦେବାର ଦିଅ । ମୁଁ ମୋ ମୁଣ୍ଡକୁ ପାଣି ଛଡ଼ାଇ ବାହାରି ପଡ଼ିବି । ମନ ମୋର ବେଳକୁ ବେଳ ଅମାନିଆ ହୋଇ ଉଠୁଛି ।

ସମୃଦ୍ଧାନ ଗୋଟିଏ ସୁନାର ଗୋଲି ଦେଇ କହିଲା—ମହାରାଜ ! ଏହି ଗୋଲିଟି କଲରେ ଯାକି ଦେଲେ ତୁମେ ଗୋଟିଏ ରାଘବମାଛ ହୋଇ ପାଣିରେ ଚାଲିଯିବ ନାଗବନ୍ଧପୁର ଯାଏ । ତା'ପରେ ଗୋଲିଟି କାଢ଼ି ମଣିଷ ହୋଇଗଲେ ତାକୁ କାନରେ ବାନ୍ଧି ରଖିବ ।

ପଚାରିଲେ—ଏ କଥା ଯଦି ମୋର ବିସ୍ମରଣ ହୋଇଯାଏ ?

କହିଲା—ନାଁ, ନାଁ, ସେଥିପାଇଁ ମୁଁ ତୁମ ତଳିତାରେ ଲଗାଇ ଦେବି ଗୋଟିଏ ଜ୍ଞାନ ବାପି ଲେପ । ସେ ଲେପ ପ୍ରସାଦରେ ସବୁବେଳେ ତୁମର ସୂକ୍ଷ୍ମଜ୍ଞାନ ଉଦୟ ହୋଇ ପ୍ରତ୍ୟେକ କଥା ମନେ ପକାଇ ଦେବ । ରାଘବମାଛ ରୂପ ଧରି ଜଳରାଜ୍ୟରେ ଗଲା-ବେଳେ ମୋ ପାଖରୁ ପାଇଥିବା ଅସ୍ତ୍ର ଓ ତୁମ ପାଖରେ ଥିବା ଅସ୍ତ୍ର ଶସ୍ତ୍ର ଗୁଡ଼ିକ ରକ୍ଷା କବଚ ପରି ଚାରି ପାଖରେ ପହରା କରି ଯାଉ-ଥିବେ । କିଛି ମାତ୍ର ଭୟ ନାହିଁ ।

ରଜା ପ୍ରସ୍ତୁତ ହେଲେ ଯିବାପାଇଁ । ସମୃଦ୍ଧାନ ଆଶୀର୍ବାଦ କଲା । ସୁନା ଗୋଲିଟି କଲରେ ଯାକିବା ମାତ୍ରେ ରାଘବମାଛ ରୂପ ଧରି ରଜା ଡେଇଁ ପଡ଼ିଲେ ସମୁଦ୍ର ଭିତରକୁ ।

ରାସ୍ତା ଖୋଲି ଗଲା । ରଜା ମାଛ ବେଳକୁ ବେଳ ମହାଦର୍ପରେ ପାଣିକୁ କମ୍ପମାନ କରି ଆଗେଇ ଚାଲିବା ଦେଖି ଶ୍ରେଷ୍ଠ ଶ୍ରେଷ୍ଠ ମାଛମାନେ ଦୂରକୁ ପଳାଇ ଗଲେ । ଜଳରାଜ୍ୟରେ ଓ ଜଳଚର ଜୀବମାନଙ୍କ ମଧ୍ୟରେ ପଡ଼ିଗଲା ଆତଙ୍କର ଗୋଟିଏ ମୃଦୁ ଚହଳ ।

ନିକଟରେ ଥିଲା ସାଗର-ରାଜ ତିମିରେଶ୍ୱରଙ୍କ ନିବାସ । କଥାଟା ଯାଇ ତାଙ୍କ କର୍ଣ୍ଣଗୋଚର ହେବାରୁ ସେ ରାଗରେ ଅଧୀର

Digitized by PPRACHIN, SOA

ହୋଇ ଉଠିଲେ ଏବଂ ରାଘବ ମାଛକୁ ଦଣ୍ଡ ଦେବାପାଇଁ ଅନୁଚର-ମାନଙ୍କ ପ୍ରତି ଆଜ୍ଞା ପ୍ରଦାନ କଲେ ।

ତିମି ରଜାଙ୍କ ଆଦେଶ ପାଇ ବାହାରି ପଡ଼ିଲେ ଛୁଞ୍ଚମୁନିଆ, ଖଣ୍ଡାମୁଣ୍ଡିଆ, ଗୁରୁକଲିଙ୍ଗୁଡ଼ା, ହାଣ୍ଡିଦାନ୍ତିଆ, ବଳେଇ ମୁହାଁ, ବଛ-ବେକା, ଧୂଆଁ ପାଟିଆ, ଶକ ଶକଆ, ହାତିଆ ଚୁଙ୍ଗୁଡ଼ୀ, ବେତା କଙ୍କଡ଼ା, ସାଙ୍କୁଚ, ଛତାକଇଁଛ ଇତ୍ୟାଦି ମହା ମହା ଜଳଜୀବମାନେ ।

ଗର୍ବ, ଦମ୍ଭ ଓ ଦର୍ପ ଦେଖାଇ ବାଟ ଓଗାଳିଲେ । ଧୂଆଁ ପାଟିଆ ଧୂଆଁ ଛାଡ଼ିଦେବାରୁ ବାଟ ଘାଟ ଅନ୍ଧାର ହୋଇଗଲା । ରଜାମାଛ ଟିକଏ ପଡ଼ିଗଲା ଅଡ଼ୁଆରେ ।

ସଯ୍ୟତାନ ମୁହା କହିଲା—କିଛି ପରୁଆ ନାହିଁ, ସବୁ ଠିକ୍ ହୋଇଯିବ । ତୁମେ ଆଗେଇ ଚାଲୁଥା ।

ରଜାମାଛ ଆଗେଇ ଚାଲିଲା । ବାଟରେ ଯେତେ ଜୀବଜନ୍ତୁ ଜଗିଥିଲେ, ସମସ୍ତେ ଇନ୍ଦ୍ରଜାଲଖଣ୍ଡା ଓ ସଯ୍ୟତାମି ଚକ୍ରରେ ଗୋଟିଏ ଲେଖାଁ ପାହାର ଖାଇ ଚାଲିଲେ ଯମଘରକୁ । ଘଟଣା ଦେଖି ପଛ-ପଟିଆତକ ଛୁ'ମାରିଦେଲେ ।

ପ୍ରଚଣ୍ଡ ରାଗରେ ଅଧୀର ହୋଇ ଛୁଟି ଆସିଲେ ମହାରାଜ ତିମିରେଶ୍ୱର । ପାଣିରେ ଖାଲ ପର୍ବତ ପରି ହାବୁକାମାନ ଉଠୁ-ଥାଏ । ଦାନ୍ତରେ ଦାନ୍ତ ଘଷି ରଡ଼ି ରଡ଼ି ଘଡ଼ ଘଡ଼ କରୁଥାଏ । ତାଙ୍କ ବିରାଟ ଚକ୍ଷୁ ଦେଖାଇ ପ୍ରଚଣ୍ଡ ରାକ୍ଷସ ପରି ଠିଆ ହେଲେ ରଜାମାଛ ଆଗରେ ।

ଆଁ କରି କହିଲେ ଗିଳିଦେବି । ରଜାମାଛ ତା' ମୋଟା ମୋଟା ନଶ ଦ'ଟାକୁ ଖଡ଼ାଖଡ଼ ଠିଆ କରିଦେଇ ଲଗାଇଲେ ଯୋଡ଼ିଏ ପାହାର ।

ତିମିରେଶ୍ୱରଙ୍କୁ ଘାରି କାଟିଲା । ତେଣୁ ସେ ରାଗରେ ଅସମ୍ଭାଳ ହୋଇ ଦଉଡ଼ିଲେ ଲଢ଼େଇ କରିବାକୁ ।

Digitized by PPRACHIN, SOA

ତାଙ୍କ ମୂର୍ଖ .ପଣିଆ ଦେଖି ଇନ୍ଦ୍ରଜାଲଖଣ୍ଡା ଓ ସମ୍ଭୂତାମା ଚକ୍ଷୁ ଯାଇ ଦେଲେ ଗୋଟିଏ ଲେଖାଁ ଧୁଷି । ବାସ୍ ସେତିକରେ ତିମିରେଶ୍ୱର ଜୀବନତ୍ୟାଗ କରି ପାଣି ଉପରେ ଶୃରକାତ ମେଲିଇ ଭାସି ଉଠିଲେ । ରକ୍ତରେ ସମୁଦ୍ର ପାଣି ଲାଲ ଦେଖାଗଲା ।

ରଜାମାଛ ଏମିତି ଅଶେଷ ବାଧା ବିଘ୍ନ ଅତିକ୍ରମ କରି ପହଞ୍ଚିଲା ନାଗବଣିପୁର ପାଖରେ । ସେଠି ଅସଂଖ୍ୟ ବିଷଧର ସର୍ପ ପ୍ରହରୀ କାର୍ଯ୍ୟ କରୁଥାନ୍ତି । ହଠାତ୍ ଗୋଟାଏ ମାଛ ପଶି ଆସିବା ଦେଖି ଗର୍ଜ୍ଜନ ଘାତରେ ଖଣ୍ଡ ମଣ୍ଡଳ କମ୍ପାଇ ଦେଲେ ।

ସେଁ, ସାଁ, ହୁଁ, ହୁଁ, ସୁ, ସୁ, ଗର୍ଜ୍ଜନ ଶୁଣି ନାଗବଣି ଭାବିଲା— କିଛି ବିପଦ ଉପସ୍ଥିତ ହେବାରୁ ପ୍ରହରୀ ସର୍ପମାନେ ଉଚ୍ଛୃଙ୍ଖଳ ହେଲେଣି । ତେଣୁ ସେ ପ୍ରକୋଷ୍ଠ ଛାଡ଼ି ଦଉଡ଼ି ଆସିଲା ବାହାରକୁ ।

ରଜାମାଛ ସେତେବେଳକୁ ସୁନା ଗୋଲକୁ କଳରୁ ବାହାର କରି ନିଜ ରୂପରେ ଠିଆ ହୋଇଥାନ୍ତି । ତାଙ୍କ ରୂପ-ରାଗରେ ଖଣ୍ଡ ମଣ୍ଡଳ ଝଲସି ଉଠିଥାଏ ।

ନାଗବଣି ତାଙ୍କ ମୁହଁକୁ ଅନାଇ ଦେଇ ମନ୍ତ୍ରମୁଗ୍ଧ ପରି ଠିଆ ହୋଇଗଲା ।

ବିଶାଖସେନ ବି ନାଗବତୀ ରୂପରେ ବିମୁଗ୍ଧ ହୋଇ ପଲକ ଚଳାଇ ପାରିଲେ ନାହିଁ ।

ଦୁହିଁଙ୍କ ମନ ମନ୍ଦିରରେ ମନମଥର ମନ୍ଥନଦଣ୍ଡ ତାର କର୍ମ ପନ୍ଥା ବାଛି ନେଲା ।

କିଛିକ୍ଷଣ ନୀରବତା ପରେ ପ୍ରଥମେ ତୁଣ୍ଡ ଖୋଲିଲା— ନାଗବତୀ । ବିଦେଶୀ !

କୁହନ୍ତୁ,

ତୁମେ ସ୍ୱର୍ଗରାଜ୍ୟରୁ ଆସିଛ ?

ନାଁ ।

Digitized by PPRACHIN, SOA

ତେବେ କେଉଁ ରାଜ୍ୟରେ ବାସ ?

ମଣିପୁରବାସୀ ମୁଁ ଜଣେ ରାଜପୁତ୍ର ।

ଉତ୍ତମ କଥା । ମାତ୍ର ଏହା ଯେ ନାଗମାନଙ୍କ ରାଜ୍ୟ ।

ହଳାହଳ ବିଷରେ ଏଠାକାର ଅଣୁ ପରମାଣୁ

ପର୍ଯ୍ୟନ୍ତ ବିଷାକ୍ତ ହୋଇ ଉଠିଛି ।

ତାହା ଜାଣେ ।

ଜାଣି ଶୁଣି ମରଣ ମୁହଁକୁ ପଦାର୍ପଣ କଲ କାହିଁକି ?

ସେ ମୋର ଅଭିଳାଷ ।

ସୁସ୍ଥ ମସ୍ତିଷ୍କରେ କେହି ଏଭଳି ଅଭିଳାଷ ଲକ୍ଷ୍ୟକରେ କି ?

ମୁଁ ତ କରୁଛି ।

କାରଣ ?

ଅତି ସ୍ପଷ୍ଟ ।

ଅର୍ଥାତ୍ ?

ମହାଦେବୀ ନାଗବଲ୍ଲୀଙ୍କ ସାନ୍ନିଧ୍ୟ ଲାଭ ନ କଲେ କିଛି ।

ବ୍ୟକ୍ତ କରି ପାରିବିନି ।

ନାଗବଲ୍ଲୀ ଯେ ତୁମ ସନ୍ନିଧିରେ ।

ତା' ବି ଜାଣେ ।

ଜାଣି ଜାଣି ପୁଣି ଛଳନା କାହିଁକି ?

ଶୁଣିଛି ନାଗବଲ୍ଲୀ ତ୍ରିକାଳ କଥା ଜାଣି ପାରନ୍ତି ।

ମିଥ୍ୟା ନୁହେଁ ।

ତେବେ ମୋ ପ୍ରତି ତାଙ୍କର ଏ ଛଳନା କାହିଁକି ?

କ୍ଷମା କରିବେ ରାଜପୁତ୍ର । ତୁମ ମନ ବୁଝିବାକୁ ଏହା ନାଗବଲ୍ଲୀର ପ୍ରଥମ ପରୀକ୍ଷା । ଏହାକହି ବଚନ ସେନଙ୍କ କରଧାରଣ କଲ ନାଗବଲ୍ଲୀ । ତା'ପରେ ଦୁହେଁ ଧୀରେ ଧୀରେ ପଶିଗଲେ ମହଲ ଭିତରକୁ ।

Digitized by PPRACHIN, SOA

ସେତେବେଳକୁ ବନଲତା ବସି ଫୁଲ ଗୁନ୍ଥୁଥାଏ । ଘର ପାଖରୁ ଯେଉଁଦିନ ତାକୁ ଚଣ୍ଡ-ପବନ ଉଡ଼ାଇ ଆଣିଲା, ସେହିଦିନ ଠାରୁ ସେ ଅଛି ପରମ ଆନନ୍ଦରେ । ବାପା, ମା, ସଙ୍ଗସଖୀ କିମ୍ବା ରାଜ୍ୟପ୍ରଜାଙ୍କ କଥା ତା ମନେ ପଡୁନି । ଏହାର ଏକମାତ୍ର କାରଣ ମୃଦୁମଣି ।

ନାଗବଂଶ ପାଖରେ ସେ ମଣିଟି ଗଚ୍ଛିତ ଅଛି । ଦୀର୍ଘ ଏକ ଯୋଜନ ପର୍ଯ୍ୟନ୍ତ ତାର କିରଣୀ ବାଟେ । ସମସ୍ତଙ୍କ ଆଖି ଓ ମନରେ ମୋହିନୀ ଲଗାଇ ଜୀବନକୁ ଆକର୍ଷଣ କରି ରଖିବା ତାର ପ୍ରଧାନ କାମ । ତେଣୁ ବନଲତା ସମସ୍ତଙ୍କ ପାଶୋରି ମହା ଆନନ୍ଦରେ ଅଛି ନାଗବଂଶପୁର ପାତାଳ ରାଜ୍ୟରେ ।

ରଜା ବିଚିତ୍ର ସେନଙ୍କୁ ଦେଖି ତାକୁ ଲାଜ ମାଡ଼ିଲା । ଯୁବତୀ କନ୍ୟା । ଦେହ ମୁଣ୍ଡରେ ଷୋଳଟି ବସନ୍ତ ବିତାଇଛି । ଢଳ ଢଳ ଯୌବନ ତା ଚହଲି ପଡୁଥିଲେ ବି ମନ ଚହଲି ନାହିଁ । ମନରେ ଉପଭୋଗ କାମନା ଉଙ୍କି ମାରୁଥିଲେ ବି କୌଣସି ଯୁବକର ବାହୁ ବେଷ୍ଟନୀ ମଧ୍ୟରେ ନିଜକୁ ହଜାଇ ଦେଇନି । ନିଭୃତରେ ସେ ଅନେକ ଭାବିଛି । ପକ୍ଷୀ ଯୁଗଳଙ୍କ ମଧୁର ମିଳନ ଦେଖି ମ୍ରିୟମାଣ ହୋଇଛି । ଫୁଲ ଉପରେ ଭ୍ରମର ବସେ, ମଧୁକର ଏ ଫୁଲ ଛାଡ଼ି ସେ ଫୁଲରୁ ମକରନ୍ଦ ପାନ କରେ । ମତୁଆଲା ହୋଇ ଖୁବ୍‌ଖେଳେ ବୁଲେ । ମିଳନ ଯୁଗଳ ଲଟପଟ ହୋଇ ଗୁଳ୍ମ ଲତା ତଳେ ପ୍ରେମ ଖେଳ କରନ୍ତି । ସବୁ ଦେଖେ, ସବୁ ବୁଝେ । ମନର କପୋଥ ଗୁମୁରି ଉଠେ । ହେଲେ ଗୋଡ଼ ଖସାଏନି ସେ । ଉଚ୍ଛୁଙ୍କା ଯୌବନର ପିଚ୍ଛିଳ ବାଟରେ ଚାଲିବାକୁ ଭୟ କରେ । ଏଣୁ ସତୀ କନ୍ୟା ସେ । ସୁନାକୁ କଷଟି ପଥରରେ କଷି ତେଜାପ ଲଗାଇଲେ ଯେପରି ତାର ସତ୍ତା ଲୋପ ହୁଏନି, ସେହିପରି ତା ସତୀତ୍ୱର ସତ୍ତା ହଜି ନାହିଁ । ଏଇଥି ପାଇଁ ନାଗବଂଶ ତାକୁ ଆଦର କରିଛି, ସ୍ନେହ ଦେଇଛି ଏବଂ ସାନ ଭଉଣୀଠାରୁ ଅଧିକ ମନେକରି ପାଖରେ ରଖିଛି ।

Digitized by PPRACHIN, SOA

ସଖି ସେ—ସଖି-ନାଗବଣି ।

ରଜା ବିଚିତ୍ରସେନ ତାଙ୍କର ସଂସ୍ପର୍ଶରେ ଆସି ନିଜକୁ ଭାଗ୍ୟବାନ୍ ମନେକଲେ । ନାଗବଣି ତାଙ୍କୁ ମନର ଦେବତା ଜ୍ଞାନରେ ଖୁବ୍ ସତ୍କାର୍ କଲା ।

ରଜା ସେମାନଙ୍କ ସେବାରେ ସନ୍ତୁଷ୍ଟ ହୋଇ କହିଲେ—କୁମାରି ! ତୁମେ ନାଗ କନ୍ୟା, ମୁଁ ମନୁଷ୍ୟ । ଧର୍ମ ନ୍ୟାୟ ଅନୁସାରେ ଦେଖିବାକୁ ଗଲେ ମୋର ପୂଜମାୟା ତୁମେ । କିନ୍ତୁ ଏଠାରେ ବ୍ୟତିକ୍ରମ ଘଟିଲା ।

ନାଗବଣି କହିଲା—"ଅତିଥି ଦେବତାଠାରୁ ଆହୁରି ଉଚ୍ଚ । ଆମ୍ଭମାନଙ୍କର ପରମ ସୌଭାଗ୍ୟ ଉପସ୍ଥିତ ହେତୁ ତୁମ ପଦରଜ ଲାଭ କରିଛୁ । ଭଗବାନ ଚାହିଁଲେ—"

ହଠାତ୍ ଅର୍ଦ୍ଧୋକ୍ତି କରି ରହିଯିବାରୁ ରଜା ଉତ୍କଣ୍ଠିତ ହୋଇ ପଚାରିଲେ—ଅର୍ଦ୍ଧୋକ୍ତି କରି ନୀରବ ହେଲ କାହିଁକି କୁମାରି ! ଯାହା କହିବାକୁ ଚାହୁଁଥିଲ, ତାହା କୁହ ।

କହିବାକୁ ପ୍ରବଳ ଇଚ୍ଛା ହେଉଥିଲେ ବି ଲଜ୍ଜାବଶତଃ କିଛି କହି ପାରିଲାନି ନାଗବଣି । ମୁଖ ଖଣ୍ଡିକ ମଉଳା ଫୁଲପରି ମଉଳିଗଲା ।

ବନଲତା କଥା ଗୁଡ଼ । ସାମାନ୍ୟ ଲାଜକୁଳୀ ଲତାଟିପରି ଝାଉଁଳିପଡ଼ି କାନ୍ଥ ଆଉଜା ଦେଇଥାଏ ।

ହଠାତ୍ ଗଗନ ପବନ ମୁଖରିତ କରି କିଏ ଜଣେ ଶୂନ୍ୟ ଭୁବନରୁ କହି ପକାଇଲେ—

ଗୁଣଗ୍ରାହୀ ମହାରାଜ ! ଏ ଅକ୍ଷତ ଫୁଲ ଯୋଡ଼ିକ ନନ୍ଦନବନର ମହାର୍ଘ ପାରିଜାତ ଅପେକ୍ଷା ଆହୁରି ଶୋଭାମୟ, ଲୋଭମୟ ଓ ସୁବାସ ଯୁକ୍ତ । ନିୟୁତ ତା' ଗନ୍ଧାଢ଼ରର ଶୋଭା ସଂପଦ ବର୍ଦ୍ଧନ କରିଛି ଏହି ଅପୂର୍ବ ରତ୍ନ ଦୁଇଟି ଯେନ ।

Digitized by PPRACHIN, SOA

ଯୋଗ୍ୟ ଗ୍ରାହକ ଅଭାବରୁ ଏ ଫୁଲ କାହାର ଗଳାରେ ଲାଗି ହୋଇ ପାରି ନଥିଲା । ଆଜ ସେମାନଙ୍କ ଭାଗ୍ୟକୁ ତୁମପରି ଜଣେ ସୁଯୋଗ୍ୟ ପୁରୁଷ ଏଠାରେ ପଦାର୍ପଣ କରି ନୟନ୍ତର ମନସ୍କାମନାକୁ ସାର୍ଥକ କରିଛି । ତେଣୁ ମୋର ନିର୍ଦ୍ଦେଶ, ତୁମେ ବିନା ବାଧା ଓ ବିନା ଦ୍ୱିଧାରେ ଏମାନଙ୍କୁ ଗ୍ରହଣ କର । ସର୍ବ ଶୁଭରେ ଜୟଯାତ୍ରା କରିବ । ତୁମ ପଥରେ କେହି କଣ୍ଟକରୂପେ ଠିଆ ହୋଇ ପାରିବେନ ।

ସଖି ସେମାନେ—ମହାସଖି ।

ଶୂନ୍ୟବାଣୀ ଶୁଣି ରଜା କାଷ୍ଠ ପୁତ୍ତଳୀ ପରି ଠିଆ ହୋଇ ରହିଲେ । ତାଙ୍କ ତୁଣ୍ଡରୁ ପଦେ ହେଲେ କଥା ଶୁଣାଗଲା ନାହିଁ ।

ନାଗବଛି ଓ ବନଲତା ଜଣେ ଅଦୃଶ୍ୟ ଶକ୍ତିର ଇଙ୍ଗିତରେ ଆସି ରଜାଙ୍କ ଚରଣ ବନ୍ଦନା କଲେ ଓ ଗଳାରେ ବୈଦୁର୍ଯ୍ୟର ବରଣମାଳା ଯୋଡ଼ିଏ ଲମ୍ବାଇ ଦେଲେ ।

× × × ×

ଚନ୍ଦ୍ରଲୋକରେ ସେଦିନ ଲାଗିଥାଏ ପରମ ମହୋତ୍ସବ । ଅଧିବାସୀମାନେ ଆନନ୍ଦ ଉତ୍ସବରେ ମାତି ଉଠୁଥାନ୍ତି । ସ୍ଥାନେ ସ୍ଥାନେ ନହବତର ମଧୁର ମୂର୍ଚ୍ଛନା ମନକର୍ଣ୍ଣରେ ଉତ୍କଣ୍ଠା ଆଣୁଥାଏ ଯେତିକ, ଆନନ୍ଦ ଦେଉଥାଏ ସେତିକ । ସମସ୍ତେ କରୁଥାନ୍ତି ଚନ୍ଦ୍ର ପୂଜା । ଶୁକ୍ଳ ପକ୍ଷର ଦ୍ୱିତୀୟା ତିଥି ସେଦିନ ଘରେ ଘରେ ବଙ୍କାଚନ୍ଦ୍ରଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରି ନାରୀମାନେ ଲାଗିଥାନ୍ତି ଅର୍ଘ୍ୟ ବନ୍ଦାପନା ଦେବା କାର୍ଯ୍ୟରେ । ହଠାତ୍ କେହି ଜଣେ ଆସି କହିଲା—ସମସ୍ତେ ଦଉଡ଼ି ଆସ ଦେଖିବ, ଗୋଟାଏ ଜାଗାରେ ଖଣ୍ଡେ ରଥ ଖାଲି ଉପରକୁ ଉଡ଼ିଯାଉଛି, ପୁଣି ତଳକୁ ଖସି ପଡ଼ୁଛି ।

ହୋ' 'ଘା' ହୋ' ହା' ହୋଇ ଲୋକମାନେ ଦଉଡ଼ିବାକୁ ଲାଗିଲେ । ଚନ୍ଦ୍ରପୂଜା ଗହଳ ଧୀରେ ଧୀରେ କମି ଆସିଲା ।

Digitized by PPRACHIN, SOA

ଏଣେ ବିରଜସେନ, ନାଗବଣି ଓ ବନଲତାଙ୍କ ଜୀବନ ସୃଷ୍ଟି ହୋଇଗଲା ଗୋଟିଏ ସ୍ନିଗ୍ଧତାରେ ।

ଶୂନ୍ୟ ପୁରୁଷଙ୍କ ଆଦେଶରେ ବିରଜସେନ ନାଗବଣି ଓ ବନଲତାଙ୍କୁ ପତ୍ନୀରୂପେ ଗ୍ରହଣ କରି ନିଜକୁ ଓ ନିଜ ଜୀବନକୁ ଚରିତାର୍ଥ କଲେ କଣ ହେବ, ମନଟା ରହିଲା ଯାଇ ଚନ୍ଦ୍ରଲୋକରେ । କିପରି ସେ ସନ୍ତାନର ଆଦେଶ ପାଳନ କରି ତା ନିର୍ବାଣ ମୁକ୍ତିର ବିଧାନ କରି ପାରିବେ, ଏଥିପାଇଁ ସର୍ବଦା ବ୍ୟାକୁଳ ହେଉଥାନ୍ତି । ପ୍ରେମ କୌତୁକରେ ବେନିସଖୀ ତାଙ୍କୁ ବୁଡ଼ାଇ ରଖିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ମଉଜୀ ମନଟି ପ୍ରଷ୍ଫୁଟିତ ହେବାର କୌଣସି ଲକ୍ଷଣ ଦେଖା ଯାଉ ନଥାଏ ।

ବନକର ଗୋଟିଏ ମଧୁର ରଜନୀ । ପାତାଳୀ ଚନ୍ଦ୍ର ତାର ରଜତ ଜ୍ୟୋତ୍ସ୍ନା ଅଜାଡ଼ି ଦେଉଥାଏ ସୁଧା ପ୍ରାଣରେ । ଚକୋର ବନ୍ଧୁଆ ବନ୍ଧ ମେଳରେ ଉତ୍ଫୁଲ୍ଲିତ ହୋଇ ପ୍ରଣୟ ସୁଧା ପାନ କରୁଥାଏ । ମଧୁର ମନ୍ଦ ମଳୟର ମୃଦୁ ପରଶ ଅଳସ ଆଖିପତା ତଳେ ଠିଆ କରୁଥାଏ ରଜାର କମନୀୟ ସ୍ୱପ୍ନ । ବନଲତା ଯାଇ ବୀଣା ତାର ଝିଙ୍କି ଗୋଟିଏ ନାଗେଶ୍ୱରୀ ସ୍ୱର ଆବୃତ୍ତି କରି ବସିଲା ।

ନାଗବଣି ଆଣିଲା ଚନ୍ଦନ କୁଙ୍କୁମ ଓ କର୍ପୂର ଗୋଳ ଗିନା ଭରପୂର କରି । ପ୍ରେମ ଭକ୍ତି ପୁଲକରେ ବିରଜସେନଙ୍କ ଶ୍ରୀଅଙ୍ଗରେ ମଣ୍ଡନ କରିବାକୁ ।

ବନଲତା ବୀଣା ବାଦନ ବନ୍ଦକରି ତାମ୍ବୁଳ ଭାଙ୍ଗି ବସିଲା । ନାଗବଣି ଚନ୍ଦନ କର୍ପୂର ଛେରର ପୀଚକାରି ଦେଉ ଦେଉ ପଚାରିଲା—ମହାରାଜ ! ତୁମେ ସବୁବେଳେ ଏପରି ବିମର୍ଷ କାହିଁକି ?

ବନଲତା କହିଲା—ଆମେତ ସେବାରେ କେବେହେଲେ ତ୍ରୁଟି ଘଟାଇ ନାହୁଁ । ଦୁଃଖ କାହିଁକି ?

Digitized by PPRACHIN, SOA

ବିଶ୍ୱସେନ କହିଲେ—ତୁମପରି ସଖା ଲକ୍ଷ୍ମୀ ବନିତା ଯୋଡ଼ିଏ ଯିଏ ଲଭ କରିଛି ସେ ପୃଥିବୀରେ ଭାଗ୍ୟବାନ୍ । ମୋର ଅନ୍ୟ- କୌଣସି କଥାରେ ଦୁଃଖ ନାହିଁ କି ଚିନ୍ତା ନାହିଁ । ଏକମାତ୍ର ଦୁଃଖ କାର୍ଯ୍ୟୋଦ୍ଧାର ଲାଗି ।

ପଚାରିଲେ—କି' କାର୍ଯ୍ୟ ?

ରଜା ଚନ୍ଦ୍ର ଲୋକକୁ ଯାଇ ସ୍ୱପ୍ନତାନକୁ କପରି ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇ ତାରି ସାହାଯ୍ୟରେ ଦୁର୍ଗମ ଜଳପଥ ଅତିକ୍ରମ କରିଛନ୍ତି ଓ ଏଠାକୁ ଆସି ପାରିଛନ୍ତି ସେ ସମସ୍ତ କଥା ପ୍ରକାଶ କଲେ ।

ନାଗବନ୍ଧୁ କହିଲ—ଏଥିପାଇଁ ଏତେ ଚିନ୍ତା କ'ଣ ? ମୋ ପାଖରେ ବଶ୍ୟ ମୋହନ ମୃଦୁମଣି ଅଛି । ପଥଗାମୀ ବିମାନ ଅଛି । ଶତ୍ରୁର ରକ୍ଷୀ ରକ୍ଷ-କବଚ ଅଛି । ଅରିଧ୍ୱଂସୀ ମୁଗୁର ଅଛି । ଏହା ସବୁ ସଙ୍ଗରେ ନେଇ ତୁମେ କାଲି ପ୍ରଭାତ ପୂର୍ବରୁ ଚନ୍ଦ୍ରଲୋକ ଯିବାପାଇଁ ବିବାଦ କର । ମୁଁ ମୋ ସୈନ୍ୟ, ମୋ ସର୍ପ ନେଇ ତୁମ ସଙ୍ଗରେ ଯିବି । ଜଣେ ଉପକାରୀ ପ୍ରେତ ପୁରୁଷକୁ ସାହାଯ୍ୟ ଯେବେ ସତ୍ୟ କରି ପ୍ରତିଶ୍ରୁତି ଦେଇଆସିଛ, ତେବେ ତାହା ବିଫଳ କରିବ କାହିଁକି ?

ବିଶ୍ୱସେନଙ୍କ ମନ ଗଭୀର ତଳେ ଦିଗନ୍ତସ୍ପର୍ଶୀ ଗୃହର କ୍ଷୀଣ ଝଲକ ଉଠିଲା । ସେ ବାସ୍ତବ ଜଗତରେ ଥାଇ ମନେକଲେ ସ୍ୱପ୍ନ ଜଗତର ଥିବା ପରି । ହସିବେ କି ନାଚିବେ କିଛି ସ୍ଥିର କରି ପାରିଲେନି । ଅଧରପାଙ୍କ ଦେଇ ଉଙ୍କୁଟୀ ଆସିଲା ମଧୁର ହାସ୍ୟର ସରୁ- ରେଖାଟିଏ । ଗୁଣ୍ଡର ସ୍ପନ୍ଦନ ଦ୍ରୁତରୁ ଦ୍ରୁତତର ହେବା ସଙ୍ଗେ ସଙ୍ଗେ ମନସିଜର ମୃଦୁ ତରଙ୍ଗ ଖେଳିଗଲା ଧମନୀ ମାନଙ୍କରେ । ସୁତରାଂ ସେ ହର୍ଷୋତ୍ଫୁଲ୍ଲ ଏବଂ ପ୍ରେମରେ ଆତ୍ମହରା ହୋଇପଡ଼ିଲେ ।

Digitized by PPRACHIN, SOA

ତନୋଟି ପ୍ରାଣୀ ସାରା ରାତିପାଇଁ ନିଦ୍ରାଦେବୀଙ୍କ କୋମଳ ଅଙ୍ଗ ବର୍ଜ୍ଜନ କରି ଲାଗିଗଲେ କାମକୋଦଣ୍ଡର ଦର୍ପ ଦଳିବାରେ ।

ଚୁମ୍ବନ, ଆଲିଙ୍ଗନ, ହାସ, ରହସ୍ୟ, ବାଙ୍କ ଗ୍ରୀହାଁଣୀ, ଆଡ଼ଚୁଷା, ମଧୁରାଳାପ, ଯୁଗଳମୂର୍ତ୍ତି, ସବୁପ୍ରକାର ପ୍ରେମ, ସବୁପ୍ରକାର ମିଳନ ଯୋଗ ଘଟିଲା । ମାନସ ତଟିନୀ ଶ୍ରାବଣୀ ଆଶାର ଯୋଗର ସ୍ଫୀତବର୍ଣ୍ଣା ହୋଇ ପ୍ରବହମାନା ହେବାକୁ ଲାଗିଲା । ସାରା ରାତି କଟିଲା ମଧୁ ମାଦକ ଭରା ପ୍ରେମ ମାଦକରେ । ପ୍ରଭାତ ହେବା ପୂର୍ବରୁ ନିତ୍ୟକର୍ମ ବଢ଼ାଇ ଚନ୍ଦ୍ରଲୋକକୁ ଅନୁକୂଳ କଲେ ।

ପଥଗୃହୀ ବିମାନ ମଣ୍ଡିଣି ହେଲା । ବିଚିତ୍ରସେନ, ନାଗବଣ୍ଟି ଓ ବନଲତା ବସିଲେ । ଅସ୍ତ୍ର ଶସ୍ତ୍ର ଯାହାଥିଲା ସେ ସମସ୍ତ ରଖିଲେ । ନାଗବଣ୍ଟି ଆଦେଶରେ ସର୍ପ ସୈନ୍ୟମାନେ ବିମାନ ଦେହରେ ଲାଗି ଗଲେ ଗ୍ରୋଟ ଗ୍ରୋଟ କୀଟ ରୂପରେ । କାହାରି ଆଖିରେ ଏଭଳି ଜ୍ୟୋତି ନାହିଁ, ଯେ କି ଅନାୟାସେ କିମ୍ବା ବହୁ ଆୟାସରେ ତାଙ୍କୁ ଦେଖି ପାରିବ ।

ମଙ୍ଗଳ ମୁହୂର୍ତ୍ତ ଦେଖି ବିମାନ ଜଳ ରାଜ୍ୟରୁ ବାହାରି ଧୀରେ ଧୀରେ ପହଞ୍ଚିଲା ସ୍ଥଳରାଜ୍ୟରେ ।

କଥାଟା ଅବଶ୍ୟ ଗୋଦଡ଼ା ସୟତାନ ଆଖିକି ଫାଙ୍କି ପାରିଲାନି । ସ୍ଥଳ ପଥରେ ପଥଗୃହୀ ବିମାନର ଚନ୍ଦ୍ରଲୋକକୁ ଅବକ୍ଷେପଣ ଦେଖି ଖୁବ୍ ଆନନ୍ଦ ହେଲା ଓ ଗୋଟିଏ ପୁଷ୍ପ ତୋଡ଼ା ମଧ୍ୟରେ ନିଜର ଶୁଭେଚ୍ଛା ଜଣାଇ ମାୟାବଳରେ ଉଡ଼ାଇ ଦେଲା ବିମାନ ଭିତରକୁ ।

ରାଜା, ନାଗବଣ୍ଟି ଓ ବନଲତା ଫୁଲ ତୋଡାଟି ପାଇଲେ ଓ ସବୁକଥା ଜାଣି ପାରି ଖୁସୀ ହେଲେ । ନାଗବଣ୍ଟି କହିଲା—'ସୟତାନ ଜଣେ ଅସାଧାରଣ ଶକ୍ତିଶାଳୀ ?

ରାଜା କହିଲେ—"ଏଥିରେ ସନ୍ଦେହ ନାହିଁ ।"

Digitized by PPRACHIN, SOA

ବନଲତା କହିଲା—ମୁଁ ତାଙ୍କୁ ପ୍ରତିଦିନ ଫୁଲ ତୁଳସୀ ଦେଇ ପୂଜା କରୁଥିଲି ।

ରଜା କହିଲେ—ସେ ଫୁଲ ତୁଳସୀ ଗ୍ରହଣ କରୁଥିଲେ ମହାପ୍ରଭୁ ନାରାୟଣ !

ଏହିଭଳି କଥାବାର୍ତ୍ତା ହୋଇ ଆକାଶ ମାର୍ଗରେ ଯାଉ ଯାଉ ହଠାତ୍ କେହିଜଣେ ଆସି ବାଧା ପ୍ରଦାନ କଲା । ବିମାନଟି ଆଉ ଇଞ୍ଚେ ବୋଲି ଇଞ୍ଚେ ଆଗକୁ ଅଗ୍ରସର ନ ହୋଇ ପାରି ଟଳ ଟଳ ହେବାରୁ ରଜା ପଚାରିଲେ—ଏ କ'ଣ ହେଲା ନାଗବଷ୍ଣି ?

ନାଗବଷ୍ଣି କହିଲା—ଶତ୍ରୁ ।

ରଜା କହିଲେ—ଦଣ୍ଡ ବିଧାନ କରିବାପାଇଁ ଆକ୍ରମଣ ଚଳାଇବା ?

ନାଗବଷ୍ଣି କହିଲା—ନାଁ କ୍ଷମା ଦେବା ।

ପଚାରିଲେ—କାରଣ ?

କହିଲା—କ୍ଷମାଗୁଣ ମହାଗୁଣ ମୁକ୍ତିର ଆଧାର
ପ୍ରତିଶୋଧ ଗୁଣ ଅଟେ ଅତ୍ୟନ୍ତ ଅସାର ।
ଅତଏବ ମାନମୋର କ୍ଷୁଦ୍ରତମ କଥା
ସହି ଯାଅ ଶତ୍ରୁ ଉପଦ୍ରବ ପୋତି ମଥା ।

ଏତିକବେଳେ ଚତୁର୍ଦ୍ଦିଗରୁ ଛୁଟି ଆସିଲେ ଅସଂଖ୍ୟ ମ୍ଲେଚ୍ଛ ମ୍ଲେଚ୍ଛ ମଣିଷ । ବର୍ଣ୍ଣ ଦେଖିବାକୁ ଖୁବ୍ ଲାଲ । ମୁହଁରେ ନିଶଦାଢ଼ି କହରା କହରା । ଦାନ୍ତ ଗୁଡ଼ିକ ସୁନା ପରି ସୁନ୍ଦର । ପିନ୍ଧିଥାନ୍ତି ଜରି ପୋଷାକ । ହାତରେ ଧରିଥାନ୍ତି ଢାଲ ତରୁଆଲ । କେତେଜଣଙ୍କ ହାତରେ ଥାଏ ସୁନାର ବାଣ୍ଟୁଳିଖଡ଼ା । ଅଣ୍ଡିରେ ଲୁହାର ବାଣ୍ଟୁଳି ଠେଁ ଗୁଁ ଢେଁ ଘାଁ । ପାଟିକରି ବାଣ୍ଟୁଳୀଖଡ଼ାଧାରୀ ଲୋକମାନେ ବିମାନ ଆରୋହୀମାନଙ୍କ ଉପରକୁ ବାଣ୍ଟୁଳୀ ଚଳାଇଲେ ।

Digitized by PPRACHIN, SOA

ନାଗବଣ୍ଟ ରକ୍ଷା କବଚକୁ କହିଲ—

ହେ ରକ୍ଷା କବଚ ରକ୍ଷା କରୁଥିବ
ହର ଏ ବାତ୍ୟୂଳୀ ଠାଣ
ମାର ମାର ସର୍ବେ ଥକଯାନ୍ତୁ ପଛେ
ନଯାଉ କାହାର ପ୍ରାଣ ।

—ଃ✻ଃ—

ରକ୍ଷା କବଚ ଶୂନ୍ୟରେ ତା'ର କାୟା ବିସ୍ତାର କରି ବିମାନ ଚାରିପାଖ ଘୋଡ଼ାଇ ରଖିଲ ।

ବାତ୍ୟୂଳୀ ଆସେ । ଖୁବ୍ ଜୋରରେ ବାଜେ । ତଳେ ଖସିପଡ଼ି ନଆଁ ହୋଇଯାଏ । ତଥାପି ରକ୍ଷା କବଚକୁ ଫୁଟାଇ ପାରେନି କି ବିମାନ ଭିତରକୁ ପଶିପାରେନି । ଆରୋହୀମାନେ ଖୁସିରେ ବସିଥାନ୍ତି ।

ବିଦ୍ରୋହୀ ଦଳ ସେମାନଙ୍କୁ ଯଥାସ୍ଥାନରୁ ଇଞ୍ଚେମାତ୍ର ହଟାଇ ନପାରିବାରୁ ଆହୁରି ପ୍ରବଳ ଭାବରେ ରାଗିଗଲେ । ଢାଲ ତରବାରି ଘେନି ଆକ୍ରମଣ କଲେ । ଲକ୍ଷ୍ୟହେଲ ବିମାନଟାକୁ ଭାଙ୍ଗିଦେବା କଥା । ତେଣୁ ତରବାରି ଟେକି କଠିନ ଆଘାତ କଲେ । ସବୁ ଆଘାତ ବିମାନରେ ନବାଜି ରକ୍ଷା କବଚରେ ବାଜିଲ । ବିଦ୍ରୋହୀ ମାନେ ସେକଥା ମୋଟେ ଜାଣି ପାରିଲେନି । ତେଣୁ ପ୍ରବଳ ବେଗରେ ବାରମ୍ବାର ଆଘାତ କରିବାକୁ ଲଗିଲେ ।

କ୍ରମେ କ୍ରମେ ଦିବସ ଗଡ଼ି ଚାଲିଲ । ପ୍ରଖର ସୂର୍ଯ୍ୟ କିରଣର ଅସହ୍ୟ ଜ୍ୱାଳା ଓ ଭୋକ ଆକୁଳରେ ବିଦ୍ରୋହୀମାନେ ଅବଶ ହୋଇ ପଡ଼ିଲେ । ତଥାପି ନାଗବଣ୍ଟ ଅନୁରୋଧରେ ବିଚିତ୍ରସେନ ସେମାନଙ୍କ ସଙ୍ଗେ ଅସ୍ତ୍ର ପ୍ରତିଯୋଗିତା କଲେନି କି ମୁହଁ ଖୋଲି ପଦେ କଟୁ କଥା କହିଲେନି ।

Digitized by PPRACHIN, SOA

ନାଗବତୀ ଖୁବ୍ ବିଦୁଷୀ ଓ ବୁଦ୍ଧିମତୀ ନାରୀ । ଯେତେବେଳେ ଦେଖିଲା—ବିଦ୍ରୋହୀମାନେ ଆଉ ଭୋକ ବିକଳରେ ଖୋଜ ଉଠାଇ ପାରୁ ନାହାନ୍ତି, ସେତେବେଳେ ଗୋଟାଏ ଉପାୟ ଖଞ୍ଜିଲା ଓ କୋମଳ କଣ୍ଠରେ ସମ୍ବୋଧନ କରି କହିଲା—ଭାଇମାନେ ! ମୁଁ ଜାଣି ପାରୁଛି, ତୁମେମାନେ ଖୁବ୍ ପରିଶ୍ରମ କରି କ୍ଷୁଧା ତୃଷାରେ ଆକୁଳ ହେଲଣି । ଯଦି ମଧୁପାନ କରିବାକୁ ରାଜିହେବ, ତେବେ ମୁଁ ଯୋଗାଇ ଦେବି ।

ବିଦ୍ରୋହୀମାନେ କହିଲେ—ଦିଅ, ଦିଅ ।

ନାଗବତୀ କହିଲା—

ଦେବଧର୍ମ ଯଦି ମୁହିଁ ଅଟେ ସତୀକନ୍ୟା
ମୋ କଥାରେ ଆକାଶରୁ ଛୁଟୁ ମଧୁ ବନ୍ୟା ।
ଶିବ ଖାଇ ମିଳି ପରେ ବରନ୍ତୁ ଜୟ ଗାନ
ପର ଉପକାର କରି ଲୋଟୁ ମନ ପ୍ରାଣ ।

—ః*ః—

ଦେଖୁ ଦେଖୁ ଅନନ୍ତ ଶୂନ୍ୟରୁ ଶତ ଶତ ମଧୁନଳ ଓହ୍ଲାଇ ଆସିଲା । ମଧୁର ଝରଣା ଖୋଲିଯିବା ଦେଖି ନାଗବତୀ କହିଲା—ଭାଇମାନେ ! ପେଟ ଭରି ମଧୁ ପାନକର । ଏକଥା ଶୁଣି ବିଦ୍ରୋହୀ-ମାନେ ଖୁବ୍ ମାତିଲେ ଏବଂ ଜଣକେ ଗୋଟିଏ ଲେଖାଏଁ ମଧୁନଳ ମୁହଁରେ ଦେଇ ମଧୁପାନ କଲେ । ମନପ୍ରାଣ ସବୁ ସନ୍ତୋଷ ହୋଇ-ଗଲା । ଭୋକ ଶୋଷରେ ଯାହା ଝାଉଁଳି ପଡ଼ୁଥିଲେ ମଧୁପାନଫଳରେ ପୁଣି ସତେଜ ହୋଇ ଚିତ୍କାର କରିବାକୁ ଲାଗିଲେ । ସେମାନଙ୍କ ଦଳପତି ବଡ଼ପାଟିକରି କହିଲା—"ଦାତାର ମଙ୍ଗଳ ହେଉ ।"

ନାଗବତୀ ପଚାରିଲେ—"ଆଉ କଣ ଖାଇବ ?"

ବିଦ୍ରୋହୀମାନେ ପଚାରିଲେ—"ଲଡ଼ୁ ନା ମଣ୍ଡା ?"

Digitized by PPRACHIN, SOA

ନାଗବଣ୍ଟି କହିଲା—

ଲଡ଼ୁ ଖାଇ ସଢ଼ୁଥିବ ବଢ଼ୁଥିବ ରମ୍ଭା
ମଣ୍ଡାଖାଇ ଭେଣ୍ଡା ହେବ ହଣ୍ଡା ଥିବ ଫମ୍ପା ।

ବନ୍ଦ୍ରୋହୀମାନେ କହିଲେ—"ମଣ୍ଡାଦିଅ ।"

ନାଗବଣ୍ଟି ଧର୍ମ ଦେବତାଙ୍କୁ କହିଲା—"ହେ ପ୍ରଭୁ ! ଦେବ ଧର୍ମ ! ସଣ୍ଢ କନ୍ୟାର ମାନ ରକ୍ଷା କର—

ହଣ୍ଡାକୁ ହଣ୍ଡା ଛେନାମଣ୍ଡା ଗଣ୍ଡା ଗଣ୍ଡା କର
ଭେଣ୍ଡାମାନଙ୍କୁ ମେଣ୍ଟାଇ ଦିଅ ମାଉଁସ ମୁଣ୍ଡା ପର ।
ଖାଆନ୍ତୁ ହସି ମଜ୍ଜାରେ ବସି ଭସି ଯାଆନ୍ତୁ ସୁଖେ
ପୂରାଇ ପେଟ କରନ୍ତୁ ନାଟ ଉଚାଟ ନୋହି ଦୁଃଖେ ॥

—ଃ*ଃ—

ଏତିକି କହି ହାତ ଯୋଡ଼ିଲା ନାଗବଣ୍ଟି । କିଛି ସମୟ ପରେ ଆକାଶରୁ ବର୍ଷିଲା ଖାଲି ପଣ ପଣ ମଣ୍ଡା ପିଠା । ବଢ଼ିଆ ସୁଆଦ । ବାସନାରେ ବନ୍ଦ୍ରୋହୀମାନେ ପାଗଳ ହୋଇ ଦଉଡ଼ିଲେ ଖାଇବାକୁ । ନିଜ ନିଜ ଭିତରେ ଠେଲା ଠେଲି, ଟଣାଓଟରା, ଛଡ଼ାପଡ଼ା ଲଗାଇଲେ । ଖୁବ୍ ପେଟ ପୂରା ଖାଇ ଦେଲାରୁ କହିଲେ ପାଣିଦିଅ ।

ନାଗବଣ୍ଟି କହିଲା—

ଇନ୍ଦ୍ରଦେବତା ଦିଅ ଜଳ ପିଅନ୍ତୁ ଭାଇମାନେ
ସୁସ୍ଥ ହୋଇଣ ଗାଇବେ ତୁମ ଯଶ କୀରତି ତାନେ ॥

ଝରଣାରୁ ଝରଜଳ ପ୍ରବଳପରି ଶୂନ୍ୟରୁ ଜଳସ୍ରୋତ ଦେଖାଦେଲା । ବନ୍ଦ୍ରୋହୀମାନେ ମନଭରି ପିଇ ସାରିଲା ପରେ ଖୁସିମନରେ ବିମାନଗୃହୀମାନଙ୍କୁ ପଚାରିଲେ—ତୁମେମାନେ କିଏ ? କେଉଁଠାକୁ ଯିବ ?

ନାଗବଣ୍ଟି ପଚାରିଲା—ତୁମେ କିଏ ଆଗେ କହିଲ ?

Digitized by PPRACHIN, SOA

ବିଦ୍ରୋହୀମାନେ କହିଲେ—ଆମେ ସମସ୍ତେ କୁହୁକ ମଣ୍ଡଳ-ବାସୀ । ଆମର ଜଣେ ରାଣୀ ଅଛନ୍ତି ଯେ ତାଙ୍କ ନାମ କୁହୁକମା । ତାଙ୍କର ପାଖରେ ଆମର ଗୃହକର୍ମ । ଏ କୁହୁକ ମଣ୍ଡଳଟାକୁ ଜଗିବା ଆମର କାମ । ଯା ବାଉରେ ଏବାଟେ କେହି ଭୁଲରେ ବି ଯାଇ ପାରନ୍ତି ନ ।

ପଚାରିଲା—"ତୁମ ରଜାଙ୍କ ନାଁ କହି ପାରିବ ?"

କହିଲା—ରଜା ଗୋଜା ଖଣ୍ଡଖଜା ।
ମାରିବେ ମଜା ଦେବେ ସଜା ।
ତାଙ୍କଠି ଆମର ନଥାଏ ଖୋଜା ।

ପଚାରିଲା—ରାଣୀ ?

ରାଣୀମାଣୀ ଅନ୍ଧୁଣୀ କାଣୀ
ହେଲେ ସୁଦ୍ଧା ସେ ଜାଣନ୍ତି ଠାଣି
ଯୋଗାଇ ଥାଆନ୍ତି ତୋରାଣି ପାଣି
ତେଣୁ-ସେ ଆମର—ଯୋଗ୍ୟା ସାନ୍ତାଣୀ ।

—ଃ*ଃ—

ସେମାନଙ୍କ କଥା ଶୁଣି ବିଚକ୍ଷଣ ସେନ ପ୍ରଭୃତି ହସି ଉଠିଲେ । ଲୋକ ଗୁଡ଼ାକ ନିତାନ୍ତ ବୋକା ଓ ହୁଣ୍ଡା ଧରଣର ବୋଲି ବୁଝିବାକୁ ଆଉ କାହାରି ବାକି ରହିଲାନି । ତେଣୁ ଚତୁରୀ ନାଗବତୀ ପଚାରି ଦେଲା—ତୁମେମାନେ ଆମକୁ ମାରିବ ନାଁ ହାଣିବ ?

ବିଦ୍ରୋହୀମାନେ ଜିଭ କାମୁଡ଼ି କାନରେ ହାତଦେଲେ । ତାଙ୍କ ଦଳପତି କହିଲା—ତୁମପରି ଦାତା ଓ ଦେବ ପ୍ରତିମ ଲୋକମାନଙ୍କୁ ମାରିବା ହାଣିବା ପାଇଁ କାହା ହାତ ଚଳିବ ? ତୁମେ ଆମକୁ ଭୁରି ଭୋଜନ ଦେଇ ବଞ୍ଚାଇଛ । ଆମେ ତୁମକୁ ପଛୁଆର କରି ରାଣୀଙ୍କ ପାଖକୁ ନେବୁ । ବିଧିମତେ ଆଦର ସମ୍ମାନ ଦେଇ ଯଥାସ୍ଥାନରେ ପହଞ୍ଚାଇ ଦେବୁ ।

Digitized by PPRACHIN, SOA

କଥାଟା ମନକୁ ପାଇବାରୁ ବିଚିତ୍ରସେନ ପ୍ରଭୃତି ରାଜି ହେଲେ। କୁହୁକ ମଣ୍ଡଳ ରାଣୀଙ୍କ ସଙ୍ଗେ ଦେଖା କରି ଯିବାପାଇଁ ମନ ବି ଗଳିଲା। ତେଣୁ ସେ ଲୋକମାନଙ୍କ ପଛୁଆରରେ ଯାଇ ପହଞ୍ଚିଲେ କୁହୁକ ମଣ୍ଡଳ ରାଣୀଙ୍କ ଉଆସରେ।

ବଡ଼ିଆ ଉଆସ। ଦେଖିଲେ ଦର୍ଶକର ଆଖି ଝଲସି ଯାଏ। ସ୍ଫଟିକ ପଥରରେ ସାରା ଉଆସଟା ତିଆରି ହୋଇ ନାଲି, ନେଳି, ହଳଦୀ, ସାଗୁଆ ଇତ୍ୟାଦି ରଙ୍ଗରେ ଚିତ୍ର ବିଚିତ୍ର ହୋଇଛି। ପ୍ରକାର ପ୍ରକାର ଜୀବ ଜନ୍ତୁ ଓ ଗଛ ଲତାର ଚିତ୍ର। ସଦର ଦରଜାରେ ଶୁଆ, ସାରି, କାକତୁଆ ଇତ୍ୟାଦି ବିବିଧ ପକ୍ଷୀ ଟଙ୍ଗା ହୋଇଛନ୍ତି ସୁନା ପଞ୍ଜୁରୀରେ। ବଣ ମଣିଷ ଅଛନ୍ତି ପାଞ୍ଚୋଟି। ବାଘ, ଭାଲୁ, ସିଂହ, ଶାର୍ଦ୍ଦୁଳ ଲୁହା ଶିକୁଳିରେ ବନ୍ଧା ହୋଇ ଦୁଧ ପିଉଛନ୍ତି। ଏତେ ଆଧି ବିଧି ଭିତରେ ଘରର ମାଲିକ ଜଣେ ମାତ୍ର ସ୍ତ୍ରୀ। ଯାହାକୁ କୁହୁକ ରାଣୀ ବୋଲି କହନ୍ତି।

ରାଣୀ ଦେଖିବାକୁ ସୁନ୍ଦରୀ ନ ହେଲେ ବି ଅସୁନ୍ଦରୀ ନୁହଁନ୍ତି। ବହୁତ ପ୍ରକାର ଭଲ ମନ୍ଦ ଗୁଣ, ଭଲ ମନ୍ଦ ବିଦ୍ୟା ତାଙ୍କୁ ଜଣା। ଗଛ ଉଡ଼ାନ୍ତି, ପର୍ବତକୁ ପାଣି କରନ୍ତି, ଖଣ୍ଡିଆ କାନ୍ଥରେ ବସି ତିନପୁର ଭ୍ରମଣ କରନ୍ତି, ମେଣ୍ଢାକୁ ମଣିଷ ଓ ମଣିଷକୁ ମେଣ୍ଢା କରି ଦିଅନ୍ତି।

ନାଗବଲ୍ଲୀ, ବନଲତା ଓ ବିଚିତ୍ରସେନ ଆଜି ତାଙ୍କର ଘରେ ଅତିଥି ହୋଇ କୁହୁକ ମଣ୍ଡା ଖାଇଲେ। କୁହୁକ ପଣା ପିଇଲେ, କୁହୁକ ପୋଖରୀରେ ଗାଧୁଆ ପାଧୁଆ କରି ସାରା କୁହୁକ ବୁଲି ଦେଖିଲେ! ବନଲତାକୁ ଗୋଟିଏ ମୁଣ୍ଡର ଅଳକା ଓ ନାଗବଲ୍ଲୀକୁ ଗୋଟିଏ ହାର ଉପହାର ଦେଇ ରାଣୀ ସଙ୍ଗାତ କରିନେଲେ ତାଙ୍କୁ।

ବିଚିତ୍ରସେନ କହିଲେ—ତୁମେ ସେମାନଙ୍କୁ ଉପହାର ଦେଲ, ମୋତେ ତ କିଛି ଦେଲନି ?

Digitized by PPRACHIN, SOA

ଏକଥା ଶୁଣି ରାଣୀ ତାଙ୍କୁ ଦେଲେ ଗୋଟିଏ କୁହୁକ-ଚନ୍ଦ । କହିଲେ—"ଦେଖ ମହାରାଜ ! ସେହିଭଳି କଠିଣ ବିପଦ ନ ପଡ଼ିଲେ କୁହୁକ ଚନ୍ଦ ବ୍ୟବହାର କରିବନ ।

ପଚାରିଲେ—ମଥାମଣି ?

କହିଲେ—କ କହିବି ମଥାମଣିର ଠାଣି
ଶୁଖିଲାକାଠରୁ ବୁହାଏ ପାଣି ।

ପୁଣି ପଚାରିଲେ—ହାର ?

କହିଲେ—ହାର ଖଣ୍ଡି ବାରମାସୀ ଜଳାଏ ବଇଠା
ଶତ୍ରୁକୁ ଜଣାଏ ମାରି କୋଡ଼ିଏ ଗୋଇଠା ।

ଏହିପରି ହସ ଖୁସି ଓ ଆମୋଦ ପ୍ରମୋଦ ଭିତରେ ପାଞ୍ଚ ତିନଦିନ କଟିଗଲା । ଅତିଥିମାନଙ୍କୁ ରାଣୀ ଖୁବ୍ ଆଦର ସମ୍ମାନ ଦେଲେ । ତାଙ୍କ ଅନୁଚରମାନେ ପଟୁଆର କରି ତାଙ୍କ ମଣ୍ଡଳ ବୁଲାଇ ଦେଖାଇଲେ । ଯେ, ଯେ କାର କଲେ, ତାଙ୍କଠାରୁ ଯାହା ଖାଇ ନଥିଲେ ତା'ର ଶହେଗୁଣ ଖାଇବାକୁ ଦେଲେ । ଗଲାବେଳକୁ ଗୋଟିଏ ଏଭଳି ବାଟ ଦେଖାଇ ଦେଲେ ଯେ ସେ ବାଟରେ ଖରା, ବର୍ଷା, ଶୀତ, କାକର ନାହିଁ । ସବୁବେଳେ ବସନ୍ତ ପବନ, କୋଇଲି ସଙ୍ଗୀତ ଓ ଫୁଲ କୁସୁମରେ ଭରପୁର ହୋଇଛି । ନିତାନ୍ତ ବୃଦ୍ଧ ଲୋକ ଗଲେ ଯୁବକ ପରି ଶକ୍ତିଲାଭ କରେ ।

ସେହି ବାଟରେ ବିମାନଗୃହୀ ତିନୋଟି ପ୍ରାଣୀ ଖୁସି ମନରେ ଯାଇ ପହଞ୍ଚିଲେ ଚନ୍ଦ୍ର ଲୋକରେ ।

ପ୍ରବଳ ଶୀତ ହେଲା । ଗୋଡ଼ ହାତ ଅଚଳ ଲାଗିଲା । କଥା କହିବାକୁ କି କାମ କରିବାକୁ ଶକ୍ତି ଆସିଲାନି । ରଜା ଭାବିଲେ— ଏହିଠାରେ ଶେଷ ସମାଧି ରଚନା କରିବା ।

ନାଗବଣି କହିଲା—କୁହୁକ ହାର ଅଛି ।

ପଚାରିଲେ—ତା' ଦ୍ୱାରା କ'ଣ ହେବ ?

Digitized by PPRACHIN, SOA

କହିଲି—ଥରେ ପରୀକ୍ଷା କରାଯାଉ ?

ରଜା କହିଲେ—କରାଯାଉ ।

ନାଗବଣ୍ଟ କୁହୁକ ହାରକୁ ହାତରେ ଧରି କହିଲି—"ଆରେ ହାର ! ତୁ କୁହୁକ ହାର ବଇଠା ଜଳାଇ ଦେବୁ, ଶୀତ କାକର ଭୟ ହଟାଇ ଉଷୁମ ବାଟେ ନେବୁ ।"

ସତକୁ ସତ ଗଣ୍ଡା ଗଣ୍ଡା ବଇଠା ଜଳ ଖୁବ୍ ଗରମ ଲାଗିଲା । ଶୀତ ନାହିଁକ କୋଲ ମାରିବା ନାହିଁ । ଏଣେ ବଇଠା ଆଲୁଅରେ ସବୁ ଜାଗା ପରିଷ୍କାର ଜଣା ପଡ଼ୁଥାଏ । ତେଣୁ ଅଭିଯାତ୍ରୀ ଦଳ ତାଙ୍କ ଲକ୍ଷ୍ୟସ୍ଥଳ ଖୋଜିବାକୁ ଲାଗିଲେ ।

× × × ×

ଚନ୍ଦ୍ର ଲୋକରେ ବାସ କରୁଥିବା ଲୋକମାନେ ଆଜକୁ ବର୍ଷ ବର୍ଷ ଧରି ଲାଗିଛନ୍ତି ପୂର୍ବୋକ୍ତ ଯାଦୁରଥ ଖଣ୍ଡିକ ଆୟତ୍ତ କରିବାକୁ, ମାତ୍ର ପାରୁ ନଥାନ୍ତି ।

ରଥ ଖଣ୍ଡିକ ଉଡ଼େ ପଡ଼େ ଚକର କାଟେ । କେତେବେଳେ ଗଛ ଅଗରେ ତ କେତେବେଳେ ପାଣି ମଝିରେ । ତା'ର ଗତିବିଧି ମୋଟେ ସନ୍ତୋଷ ଜନକ ଅବସ୍ଥାରେ ନଥାଏ । ସ୍ଥାନୀୟ ଲୋକମାନେ ସହସ୍ର ଚେଷ୍ଟା କରି ମଧ୍ୟ ତା' ଉପରେ ହାତ ରଖି ପାରୁ ନଥାନ୍ତି ।

ଏମାନେ ରାତି ପହରକଟିଁ ଯାଇ ସେ ରଥ ପାଖରେ ପହଞ୍ଚିଲେ । ଚନ୍ଦ୍ର ମଣ୍ଡଳର ଲୋକମାନେ ଦଳକ ପଛକୁ ଦଳେ ଆସୁଥାନ୍ତି । ପ୍ରତ୍ୟେକେ ଲେଖାଏଁ ହର୍‌ର୍ କର୍‌କ୍ସ କରି ଲେଉଟୁଥାନ୍ତି । ସେଠି ଗୋଟାଏ ବିରାଟ କାରଖାନା କାମ ଚାଲିଥାଏ । ଅଳ୍ପ ସମୟ କଥାଟାକୁ ଲକ୍ଷ୍ୟକରି ବିଚକ୍ଷଣ ସବୁ କଥା ଠଉରି କରି ନେଲେ ଏବଂ କହିଲେ—

Digitized by PPRACHIN, SOA

'ଗୋଦଣ୍ଡା ସୈତାନ କହୁଛୁ ମୋତେ
ପୂଜା ପାଠ କରି ନେବ ମୁଁ ତୋତେ'
ଯାଦୁରଥ ଯେବେ ତୁ ହୋଇଥିବୁ
ସୈତାନ ଆଜ୍ଞାରେ ସ୍ଥିର ରହିବୁ ।
ତୋ ଦେହରେ ଯେହୁ ହାତ ମାରିବ
ତା' ଦେହଟା ହାଉ ହାଉ ଜଳିବ ।

—:*:—

ରଥ ଖଣ୍ଡିକ ଏଥର ସ୍ଥିର ହୋଇ ଗୋଟିଏ ଜାଗାରେ ରହିଲା । ଯେଉଁ ଲୋକମାନେ ତାକୁ ଧରିବାକୁ ଗଲେ ସେମାନେ ପାନେ ଲେଖାଏଁ ଉତ୍ତମ ମଧ୍ୟମ ପାଇ କାନମୁଣ୍ଡା ଆଉଁସିଲେ ।

ହାତଦେଲେ ହାଉ କରି ଜଳି ଉଠେ । ହାତ ମାରିବା ଲୋକର ଦେହଟା ପୋଡ଼ି ଫୋଟକା ହୋଇଯାଏ ଓ ଜଳା ପୋଡ଼ା କରେ । ଏହିପରି ପାଞ୍ଚ ଦଶଜଣ ଯନ୍ତ୍ରଣା ଭୋଗିବାରୁ ଆଉ କାହାରି ଭରସା ପାଇଲା ନାହିଁ । ସମସ୍ତେ ସେଠୁ ଗୁଡ଼ି ପଳାଇଲେ ।

ଏଣିକି ରଜାଙ୍କର କାମ ହେଲା ସୈତାନ ବାଞ୍ଛିତ ସାତ କନ୍ୟାଙ୍କୁ ଖୋଜିବା ।

ବିରାଟ ଚନ୍ଦ୍ର ମଣ୍ଡଳ । କୋଉଠୁ କୋଉ ପର୍ଯ୍ୟନ୍ତ ପଡ଼ିଛି, କିଏ ବା କହି ପାରିବ ! କଥର ତା'ର ଗୁଡି । ନଦୀ, ହ୍ରଦ, ମରୁ, ପ୍ରାନ୍ତର, ପାହାଡ଼ ପର୍ବତ ସବୁ ଅଛି । ଜୀବଜନ୍ତୁ ଅଛନ୍ତି । ସମତଳ ସ୍ଥାନ ଯେତିକି, ବନ୍ଧୁର ସ୍ଥାନ ତା' ଅପେକ୍ଷା ବେଶି । ଗିରି-କୋଟରରେ ବି ମଣିଷ ରହନ୍ତି । ସଭ୍ୟତା ବେଶୀଦୂର ଆଗେଇ ପାରି ନଥିଲେ ବି ଥୋଡ଼ାଏ ଆଗେଇଛି । ଲୋକ ଗୁଡ଼ିକ ସୁନ୍ଦର । ଦେବଭାବ ପ୍ରତିପନ୍ନ ହେଲେ ବି ଅସୁର ପ୍ରକୃତି ଅଛି । ଭାରି ହିଂସାଳୁଆ ସେମାନେ । ଆଡ଼ବାଗିଆ ବୁଝାମଣା । ଖୋଜକେ କୋଣେ ବାଟ ଗୁଲନ୍ତି । ବେଶିଭାଗ ହେଲା ଉଡ଼ିବା ।

Digitized by PPRACHIN, SOA

ବିଚିତ୍ରସେନ ନାଗବଂଶୀ ଓ ବନଲତା ଖୋଜି ଖୋଜି ଯାଉ ଯାଉ ଗୋଟିଏ ସ୍ଥାନରେ ତୂର୍ଯ୍ୟନାଦ ଶୁଣି ଦଣ୍ଡେ ଅଟକି ଗଲେ ।

ଗମ୍ଭୀର ଶଙ୍ଖଧ୍ୱନି, ହୁଳହୁଳି ଏବଂ ହରିବୋଲ ଶୁଭିଲା । ଏମାନେ ବିମାନରୁ ଓହ୍ଲାଇ ଚାଲି ଚାଲି ଗଲେ ସେହି ଶବ୍ଦ ଲକ୍ଷ୍ୟରେ ।

ପାହାଡ଼ ଖୋଲ ଭିତରେ ଛୋଟ ଗାଁ ଖଣ୍ଡିଏ । ପଥର ଡିମା ବସାଇ ଭଲ ଭଲ ଘର କରିଛନ୍ତି । କାନ୍ଥ ଛାତ ଖୁଣ୍ଟ ସବୁ ପଥର ଚୂନରେ ପଲସ୍ତରା କରା ହୋଇ ରଙ୍ଗ ବେରଙ୍ଗର ବହୁତ ଚିତ୍ର ହୋଇଛି । କୂଅ ନାହିଁ, ସମସ୍ତେ ଝର ପାଣି ପିଅନ୍ତି । ଝରରେ ଗାଧୁଅନ୍ତି । ସେମାନଙ୍କ ଖାଦ୍ୟ ସ୍ୱତନ୍ତ୍ର । ବେଶି ମାତ୍ର ଫଳମୂଳା-ହାର କରି ଜୀବନଧାରଣ କରିବା ପ୍ରଧାନ କଥା ।

ସେଦିନ ସେହି ଗ୍ରାମର କେତେକ ନାରୀ ପୁରୁଷ ଏକତ୍ର ହୋଇ ଶିବପୂଜା କରୁଥିଲେ । ସେ ରାଜ୍ୟରେ ଶିବମନ୍ଦିର ଅନେକ । ପ୍ରାୟ ସମସ୍ତେ ଶିବଭକ୍ତ । ଶିବପୂଜା କରି ଫଳମୂଳ ଭୋଗ ଲଗାଇ ଥାନ୍ତି । ଏମାନେ ପହଞ୍ଚିବା ଦେଖି ବହୁତ ଆନନ୍ଦ ହେଲେ ଧନ୍ୟ ଦେଶର ନୂଆ ଲୋକ । ସଭ୍ୟ ପୋଷାକରେ ବିମଣ୍ଡିତ ହୋଇ ସୁନ୍ଦର ଦିଶୁଥାନ୍ତି । ତେଣୁ ସେମାନଙ୍କୁ ଖୁସି ଲାଗିଲା । ସମାଦର କରି ଭୋଗ ଖାଇବାକୁ ଡାକିଲେ ।

ଏମାନଙ୍କର ଇଚ୍ଛା ନ ଥିଲେ ବି ମନାକରି ପାରିଲେନି । ଭୋଗ ଖାଇଲେ । ସେମାନଙ୍କର ଅତିଥି ହୋଇ ସେଦିନ ସେ ଗାଁରେ ରହିଲେ ।

କ୍ରମେ ସେମାନଙ୍କ ସଙ୍ଗେ, ଆଳାପଟା ଖୁବ୍ ଜମିଗଲା । ଗାଁଟି ଯାକର ଲୋକ ଅତି ଆପଣାର ହୋଇଗଲେ । ପରସ୍ପର ମଧ୍ୟରେ ପଚରା ପଚରି ହୋଇ ଚିହ୍ନା ପରିଚୟ କାମ ସରିଲା । ପାଖ ଦୁଇଦିନ ସେଠାରେ ରହି ସୁନାବେଣୀ ଓ ସେ ମୃତ ଯୁବକ ଯୁବତୀମାନଙ୍କ ଠିକଣା ସଂଗ୍ରହ କରି ଅଭିଯାନ ଆରମ୍ଭ କଲେ ।

Digitized by PPRACHIN, SOA

ବାଟରେ ଅବଶ୍ୟ ଅନେକ ପ୍ରକାର ବିପଦ ସଙ୍କୁଳ ସ୍ଥାନ ଦୃଷ୍ଟିକୁ ଆସିଲା । ବହୁ ମାରାତ୍ମକ ଜୀବଜନ୍ତୁ ଆସି ଅନିଷ୍ଟ ଘଟାଇବାକୁ ପ୍ରସ୍ତୁତ ହେଲେ ମାତ୍ର ବିଚିତ୍ରସେନଙ୍କ ଆଖି ପଡାରେ ଯେଉଁ ଜ୍ଞାନ ବାପି ଲେମ୍ପଟି ଥିଲା, ତାରି ପ୍ରସାଦରେ ସବୁଥିରୁ ଖସି ଯିବାର ବୁଦ୍ଧି ଦେଖାଗଲା । ତେଣୁ ନିର୍ବିଘ୍ନ ଓ ନିର୍ଦ୍ଦ୍ୱନ୍ଦ୍ୱରେ ଯାଇ ପହଞ୍ଚିଗଲେ ଲକ୍ଷ୍ୟସ୍ଥଳରେ ।

ଯେଉଁ ଗ୍ରାମରେ ଏମାନେ ଅବସ୍ଥାନ କରିଥିଲେ, ସେହି ଗାଁର ଦୁଇଟି ବୟୋଧିକ ବ୍ୟକ୍ତି ସାଙ୍ଗରେ ଯାଇଥାନ୍ତି । ସେମାନେ ସବୁ ପ୍ରକାର ସାହାଯ୍ୟ କରୁଥିବାରୁ ଏମାନଙ୍କୁ କିଛି ଅସୁବିଧା ହେଉ ନଥାଏ ।

ସୁନା ବେଢା ଉପରେ ଯୁବକ ଯୁବତୀ ଯୁଗଳ ଶୋଇଥାନ୍ତି ମହା ନିଦ୍ରା କୋଳରେ । ସେମାନଙ୍କ ନିସ୍ପନ୍ଦ ଶରୀର ଏତେ ଦିନ ହେଲେ ବିଭଙ୍ଗ ଦେଖା ଯାଉ ନଥାଏ ।

କନ୍ୟାମାନଙ୍କ ରୂପ ଦେଖି ନାଗବଲ୍ଲୀ ଓ ବନଲତା ଲଜ୍ଜାରେ ମୁଣ୍ଡ ନୁଆଁଇ ଦେଲେ । ଆଜିଯାଏ ସେମାନଙ୍କ ମନରେ ଗର୍ବ ଥିଲା, ସେହି ମାନେହିଁ ସୁନ୍ଦରୀ ଜଗତର ଶ୍ରେଷ୍ଠା ବୋଲି । ମାତ୍ର ଆଜି ତା'ର ଅବସାନ ଘଟିଲା । ମନେ ମନେ ଭାବି ବସିଲେ ସେ, ଏ ଯେଉଁ କନ୍ୟାମାନେ ମୋକ୍ଷ ହୋଇ ପଡ଼ିଛନ୍ତି, ସେମାନଙ୍କ ଚରଣତଳେ ଦାସୀ ହେବାପାଇଁ ମଧ୍ୟ ଆମ୍ଭେ ଯୋଗ୍ୟ ନୋହୁ ।

ବିଚିତ୍ରସେନଙ୍କର ସେ ସବୁ କଥା ପ୍ରତି ଲକ୍ଷ୍ୟ ନଥିଲା । ସେ ଚିନ୍ତୁଥିଲେ କପରି କାର୍ଯ୍ୟ ହାସଲ କରିବା । ତେଣୁ ନାଗବଲ୍ଲୀକୁ କହିଲେ—ଅନାଇକରି ଆଉ ଭାବୁଛ କ'ଣ ସୁକୋମଳେ ! ଆମ୍ଭେ ଯେଉଁଥି ପାଇଁ ଏତେ ପଥ ଆସିଛେ, ତା'ର ବ୍ୟବସ୍ଥା କର ।

ପଚାରିଲା—କ'ଣ କରିବା ?

Digitized by PPRACHIN, SOA

କହିଲେ—ଯେଉଁମାନେ ମୂର୍ଚ୍ଛିତାବସ୍ଥାରେ ଅଛନ୍ତି, ସେମାନଙ୍କୁ ଚୈତନ କରାଇ ସଙ୍ଗରେ ନେବା ।

ପଚାରିଲି—ମୃତବ୍ୟକ୍ତିମାନଙ୍କୁ ?

କହିଲେ—ଶବଦାହ କରାଇ ସେମାନଙ୍କ ସତ୍ତା ନିଶ୍ଚିହ୍ନ କରାଇ ଦେଲେ ଅତି ଉତ୍ତମ ହେବ ।

ନାଗବଣି କହିଲା—ସମସ୍ତେ ଏକଧ୍ୟାନରେ ଅନଳ ଦେବତାଙ୍କୁ ସ୍ମରଣ କର ।

ସେହିକଥା ହେଲା । ସମସ୍ତେ ଧ୍ୟାନରେ ବସିଲେ ।

ନାଗବଣି ଗୋଟିଏ ଶ୍ରେଷ୍ଠ କରାଠ ଭିତରୁ ଗୋଟିଏ ତେଜୋମୟ ପଥର ବାହାର କରି ଧରୁଁ ଧରୁ କହିଲା—

ନମସ୍ତେ ଅନଳ ତେଜେ ବିକରାଳ
ସର୍ବବ୍ୟାପି ସର୍ବଗ୍ରାସୀ
ତୁମରି କରୁଣା କଣିକା ନମନ୍ତେ
ପ୍ରାର୍ଥନା ହେଉଛୁ ଦାସୀ ॥
ମୂର୍ଚ୍ଛିତାଙ୍କୁ ଗୁଡ଼ ନର୍ଜୀବଙ୍କୁ ପୋଡ଼
ସୃଷ୍ଟିକର ଇନ୍ଦ୍ର ଜାଲ
ରହିଥାଉ କଥା ଯାଉ ସର୍ବ ବ୍ୟଥା
ଲଭ କର ଜୟ ମାଳ ॥

ଏତିକି କରି ତେଜସ୍କ୍ରିୟ ଶଦାର୍ଥଟିକୁ ହାତ ପାପୁଲିରେ ଦଳି ଗୋଟିଏ ତାଳି ମାରିଦେବା ମାତ୍ରେ ଦେଖାଦେଲା ଅନଳର କ୍ଷୁଦ୍ର ଗୋଟିଏ ଶିଖା । ସେ ଶିଖାଟି ଧୀରେ ଲମ୍ବି ଗଲା ସେହି ଯୁବକ ଯୁବତିମାନଙ୍କ ଆଖିକୁ ।

ଆଶ୍ଚର୍ଯ୍ୟ ଘଟଣା । ଇନ୍ଦ୍ରଜାଲିକ ଇନ୍ଦ୍ରଜାଲ ବିଦ୍ୟା ଦେଖାଇଲା ପରି ଅନଳ ଶିଖା ଯୁବତିମାନଙ୍କୁ ଗୁଡ଼ ଯୁବକମାନଙ୍କ ମୃତଶବକୁ ଆଖି ପିଛୁଳା ମାତ୍ରେ ଭସ୍ମସ୍ତୂପରେ ପରିଣତ କଲା ।

Digitized by PPRACHIN, SOA

ବାକି ରହିଲା ଯୁବତୀମାନଙ୍କ ମୃତଦେହ । ସେମାନଙ୍କୁ ଜୀବଦାନ କିପରି ଦିଆଯିବ, ଏଥିପାଇଁ ବିଚାର ପଡ଼ିଲା ।

ନାଗବଟି କହିଲା—"କିଛି ଚିନ୍ତା କରନା ! ମୋ ପାଖରେ ସୃଷ୍ଟି ମୋହନ ମୃଦୁମଣି ଅଛି । ତା'ର ପ୍ରସାଦରେ ସବୁ କିଛି ହୋଇ ପାରିବ ।

ବଜ୍ରସେନ ସେତେବେଳକୁ ଅସ୍ଥିର ହୋଇ ପଡ଼ିଥାନ୍ତି । କିପରି କନ୍ୟାମାନେ ପ୍ରାଣ ପାଇଲେ ନିଜର ପଣରକ୍ଷା ହେବ ଏବଂ ସେ ଯାଇ ସୟୂତାନକୁ ସାକ୍ଷାତ କରିବେ । ଏହି କଥାଛଡ଼ା ତାଙ୍କର ଆଉ ଅନ୍ୟ ଚିନ୍ତା ନଥାଏ ।

ନାଗବଟି ତାଙ୍କ ମନର ଅସ୍ଥିରତାକୁ ଲକ୍ଷ୍ୟକରି ଆଉ ହେଳା କଲା ନାହିଁ । ଶୀଘ୍ର ଶୀଘ୍ର ମୃଦୁମଣିକୁ ପୂଜା ଆରାଧନା ଓ ଧୂପ ଦୀପ ଦେଇ କହିଲା—

ମଣିରାଜନ ହେ ମଣିରାଜନ
ସକଳ କଥାକୁ ତୁମେ ଶ୍ରବନ ।
ପର ଉପକାର କରିବା ପାଇଁ
ପ୍ରାଣ ଆଶା ତେଜି ପୃଥିବୀ ସାଇଁ ହେ
ବହୁଦୂର ପଥ ଚାଲି
ଆସିଛନ୍ତି ଏହି ଦୁର୍ଗମ ଦେଶକୁ
ଛେପି ଜଳ ସ୍ଥଳ ବାଲି ।
ମୂର୍ଚ୍ଛାରେ ଅଛନ୍ତି କୁମାରୀମାନେ
ସୁଧା ବାଣୀ କହି ତାଙ୍କର କାନେ
ମୁଖରେ ଦେଇଣ ଅମୀୟ ସୁଧା
ଦୂର କର ତାଙ୍କ ସକଳ ବାଧା ସେ
ଉଠନ୍ତୁ ପାଇ ଜୀବନ
କଣହୋଇ ଆମ ସଙ୍ଗେ ସଙ୍ଗେ ଯିବେ
ସରସିତ କରି ମନ ।

Digitized by PPRACHIN, SOA

ମୃଦୁ ମଣି ଠିକଣା କାମ କଲା । ଦେଖୁ ଦେଖୁ ଦଣ୍ଡକ ମଧ୍ୟରେ କନ୍ୟାମାନେ ଜୀବନ ପାଇ ଉଠିଲେ । ନାଗବଣ୍ଟ ଯାଇ ସେମାନଙ୍କୁ ଭଉଣୀ ସମ୍ବୋଧନ କରି କଥା କଥାରେ ମନ ଭୁଲାଇ ଦେବା-ପରେ ଆଖିରେ ମୋହିନୀ କଜ୍ଜ୍ୱଳ ଲଗାଇ ଦେବାରୁ ସେମାନେ ମୋହିତ ହୋଇ ଖୁବ୍ ଆପଣାର ହୋଇଗଲେ ।

ଏଣିକି ଖୋଜା ପଡ଼ିଲା ଯାଦୁରଥ । କନ୍ୟାମାନଙ୍କୁ ଘେନି ବନଲତା ଯାଦୁ ରଥରେ ବସିଲା । ନାଗବଣ୍ଟ ଓ ବୀରସେନ ଯେଉଁ ବିମାନରେ ଥିଲେ, ସେହି ବିମାନରେ ବସି ବାହାରିଲେ ସୟତାନ ପୀଠକୁ ।

ସର୍ବନାଶ ଗୋଦଡ଼ା ସୟତାନ ଆଗରୁ ସବୁ କଥା ଜାଣି ଆନନ୍ଦ ମନରେ ଭୂତମନ୍ତ୍ରୀସଙ୍ଗେ ଆସି ବସିଥିଲା ସୟତାନ ପୀଠରେ । ଏମାନେ ପହଞ୍ଚି ଯିବାରୁ ଗୋଟାଏ ଆନନ୍ଦ କୋଳା-ହଳ ଉଠିଲା । ଗୀତ ନାଚର ବରାଦ ଚାଲିଲା ।

ମୁଗଧା କନ୍ୟାମାନେ ନାଗବଣ୍ଟର ପରାମର୍ଶ ଅନୁସାରେ ଅଙ୍ଗ ଭଙ୍ଗୀ ଦେଖାଇ ବଢ଼ିଆ ନାଚକଲେ, ବନଲତା ସାରଙ୍ଗୀ ବଜାଇଲା, ନାଗବଣ୍ଟ ବଜାଇଲା ପଖାଉଜ । ସୟତାନର ଅପାର କାଳର କାମନା ବାସନା ଆଜି ଚରିତାର୍ଥ ହେବାରୁ ସେ କହିଲା—"ମହା ରାଜ ! ତୁମେ ମୋର ବହୁତ ଉପକାର କଲ । ସେଥିପାଇଁ ମୁଁ ତୁମଠାରେ ଶରଣୀ । କାଲିଠାରୁ ଏ ଦେଶରେ ମୋର ଓ ମୋ ଭୂତମନ୍ତ୍ରୀଙ୍କର ଆଉ ସାକ୍ଷାତ ମିଳିବନି । ପଥର କନ୍ୟାମାନେ ପଥରରେ ମିଶିଯିବେ । ଏ ପୀଠରେ ଯେତେ ମୋହର ଜମା ହୋଇଛି ସେ ସବୁ ଚାଲିଯିବ ଗୌରୀ ପର୍ବତରେ ଥିବା ସୌରୀ ଭଣ୍ଡାରକୁ । ତୁମେ ଥରେ ମୋ' ସଙ୍ଗରେ ଆସ, ମୁଁ ସେ ପର୍ବତଟା ଓ ଧନଭଣ୍ଡାର ତୁମକୁ ଦେଖାଇ ଦିଏ ।

Digitized by PPRACHIN, SOA

ଅନ୍ୟ ସମସ୍ତେ ସେହିଠାରେ ଥାଆନ୍ତି । ରଜା ଓ ସଯୂତାନ ଗଲେ ଗୌରୀ ପର୍ବତକୁ । ଧନଭଣ୍ଡାର ଦେଖି ରଜାଙ୍କ ଆଖି ତାଳୁ ଉପରକୁ ଉଠିଲା । ସେ ଆକାଶରେ ଅଛନ୍ତି କି ପାତାଳରେ ଅଛନ୍ତି କିଛି ସ୍ଥିର କରି ପାରିଲେ ନାହିଁ । ସେଠୁ ଶୀଘ୍ର ଚାଲି ଆସିବାକୁ ମନ ବି ହେଉ ନଥାଏ । ତାଙ୍କର ଏପରି ଭାବ ଦେଖି ସଯୂତାନ କହିଲା— ଚାଲ ବାବା ! ବନଲତା ବାପାଙ୍କୁ ଦେଖା କରିବା ।"

ମୋ କାର୍ଯ୍ୟର ସୁବିଧା ପାଇଁ ମୁଁ ତାଙ୍କୁ ବହୁତ ଦୁଃଖ ଦେଇଛି । ବନଲତାର ବିଚ୍ଛେଦ ତାଙ୍କ ପ୍ରାଣରେ ରୋପଣ କରିଛି ହା' ହତାଶର ନିଦାରୁଣ ଅଗ୍ନି । ତେଣୁ ତାଙ୍କୁ ସାନ୍ତ୍ୱନା ଦେବାକୁ ପଡ଼ିବ ।

ଏହିପରି କଥାବାର୍ତ୍ତା ହୋଇ ଦୁହେଁ ଯାକ ପହଞ୍ଚିଲେ ବନଲତା ବାପାଙ୍କ ପାଖରେ । ଠିକଠୁ ଶେଷ ପର୍ଯ୍ୟନ୍ତ ସମସ୍ତ କଥା ଓ ବନ-ଲତା ବିଚିତ୍ରସେନଙ୍କୁ ବିଭାହେବା କଥା ଶୁଣାଇ ଦେଲେ । ପ୍ରତ୍ୟେକ ସତ୍ୟତା ଷୋଳପଣ ଥିଲା ।

ଝିଅ ଫେରି ଆସିବା ଓ ତାର ମଙ୍ଗଳ କୃତ୍ୟ ସମ୍ବାଦ ଶୁଣି ରଜା ରାଣୀ ବହୁତ ଆନନ୍ଦ ହେଲେ ଏବଂ ବିରାଟ ପଟୁଆର ସଜାଇ ବାହାରିଲେ ସଯୂତାନ ପୀଠକୁ ।

ବହୁଦିନ ପରେ ବାପ ମା ଝିଅକୁ ପାଖରେ ପାଇ କାନ୍ଦିଲେ ଯେତିକି, ଆନନ୍ଦ ହେଲେ ସେତିକି ! ସଯୂତାନ ପୀଠରେ ବିରାଟ ଦରବାର ବସିଲା । ନୃତ୍ୟ ଗୀତ ହେଲା । ସଯୂତାନ ତା' ଜୀବନର ସମସ୍ତ କାହାଣୀ ଶୁଣାଇ ପ୍ରମାଣ କଲା, ସେ ନିଜେ ଥିଲା ବନଲତା ବାପାଙ୍କର ଜେଜେବାପ ।

ଏକଥା ଶୁଣି ସମସ୍ତେ ତାଙ୍କୁ ପ୍ରଣାମ କଲାମାତ୍ରେ ଶୂନ୍ୟ ଭୁବନରୁ ଶୁଣାଗଲା ଅଭଙ୍ଗ ଘଣ୍ଟାଧ୍ୱନି ।

Digitized by PPRACHIN, SOA

ଏଣେ ସୟୂତାନ ଓ ଭୂତଙ୍କର ବିକୃତ ଦେହ ଲିଭିଯାଇ ପ୍ରକାଶ ପାଇଲା ଦିବ୍ୟସୁନ୍ଦର ରାଜା ଓ ମନ୍ତ୍ରୀ ରୂପ । ଦୁହେଁ ହାତଟେକି ସମସ୍ତଙ୍କୁ କଲ୍ୟାଣକଲା ପରେପୁଣି ଉପଦେଶ ଛଳରେ କହିଲେ— ଶୁଣ ରାଜା ! ଏହି ମହାରାଜ ବିଚିତ୍ରସେନ ତୁମର ଜ୍ୱାଇଁ ଏବଂ ପୁଅ । ଦୁଇ ଗୋଟିଯାକ ରାଜ୍ୟ ଆଜିଠାରୁ ତାଙ୍କର ହେବ । ତୁମେ ବାନ-ପ୍ରସ୍ଥ ନେଇ ରାଜାରାଣୀ ଦୁହେଁ ଏହି ପୀଠରେ ଆଶ୍ରମ ରଚନା କରିବ ।

ଆଜିଠାରୁ ସୟୂତାନ ପୀଠ ପରିବର୍ତ୍ତେ ଏହାର ନାମ ହେବ ନାରାୟଣ ପୀଠ । ଏଠାରେ ନାରାୟଣ ମୂର୍ତ୍ତି ସ୍ଥାପନ କରି ଭିନଧୂପ ଓ ପାଞ୍ଚ ଅବକାଶ ଖଞ୍ଜା କରିବ । ମୁଁ ତୁମର ପୂର୍ବ ପୁରୁଷ ଏବଂ ପିତୃଲୋକ । ଯୁଗ ଯୁଗ ଧରି ଏ ରାଜବଂଶର ମଙ୍ଗଳ କାମନା କରି ଆସିଛି ଏବଂ ସ୍ୱର୍ଗଲୋକରେ ଥାଇ ବି କରୁଥିବି । ଯେଉଁ କନ୍ୟା-ମାନେ ମୋତେ ଆଜିପର୍ଯ୍ୟନ୍ତ ପ୍ରେତରୂପରେ ରଖାଇଥିଲେ, ସେମାନେ ବିଚିତ୍ରସେନଙ୍କ ଦରବାରରେ ନୃତ୍ୟଗୀତ କରି ଖୁସିରେ ରହିଲେ ।

ମା' ନାଗବଲ୍ଲି ! ତୋ' ଉପରେ ମୁଁ ବିଶେଷ ଖୁସି ଅଛି । ପ୍ରଭୁ ତୋ କୋଳରେ ଦେବେ ଗୋଟିଏ ବିଶ୍ୱ ବିଜୟୀ-ପୁତ୍ର । ବନଲତା ମଧ୍ୟ ଆଉ ଗୋଟିଏ ବିଶ୍ୱ ବିଜୟୀ ପୁତ୍ରର ଜନନୀ ହୋଇ କାଳକାଟିବ ।

ପ୍ରଭୁ ଏ ରାଜ୍ୟରେ ସମସ୍ତଙ୍କର ମଙ୍ଗଳ କରିବେ । ବାବା-ମାନେ ! ଗୋଟିଏ ହରିବୋଲ ଦିଅ ।

ସମସ୍ତେ ହରିବୋଲ ଦେଲେ ।

ଆକାଶରୁ ଗୋଟିଏ ଦିବ୍ୟ ବିମାନ ବିଜୁଳିପରି ଖସି ଆସିଲା । ସେହି ବିମାନରେ ସୟୂତାନ ଏବଂ ଭୂତ ରଜା ମନ୍ତ୍ରୀ ରୂପରେ ଆରୋହଣ କଲେ ।

Digitized by PPRACHIN, SOA

ହରି ବୋଲ ହୁଳ ହୁଳି ଧ୍ୱନିରେ ଖଣ୍ଡ ମଣ୍ଡଳ କମ୍ପମାନ ହେଉଥାଏ । ଆସିଥିବା ବିମାନ ଉଡ଼ିଗଲା ଗଗନ ମଣ୍ଡଳକୁ ।

ବିଚିତ୍ରସେନଙ୍କ ସଙ୍ଗେ ବନଲତାର ବାପ ବେଦ ବିଧାନରେ ନାଗବଲ୍ଲୀ ଓ ବନଲତାକୁ ବିଭାଦେଲେ । ଖୁବ୍ ଯୋର ସୋରରେ ଭୋଜି ଖିଆ ଚାଲିଲା । ବିଚିତ୍ରସେନଙ୍କ ରାଜ୍ୟକୁ ବାର୍ତ୍ତାବହ ଯାଇ ସମସ୍ତ ବାର୍ତ୍ତା ଦେଲା ପାଟରାଣୀଙ୍କୁ । ମନ୍ତ୍ରୀ, ପାତ୍ର, ଅମାତ୍ୟମାନଙ୍କୁ ଘେନି ଆସିଲା । ଘଟଣା ଦେଖି ଓ ବିଚିତ୍ର କାହାଣୀ ଶୁଣି ସମସ୍ତେ ତାଜୁବ୍ ହୋଇଗଲେ । ଦୁଇରାଜ୍ୟରେ ମେଳା ମହୋତ୍ସବ ଓ ପଡ଼ୁଆର ଇତ୍ୟାଦି ଚାଲିଲା । ହଜାର ହଜାର ଲୋକ ଖାଇଲେ, ବୋହିଣ ନେଲେ । ସମସ୍ତେ ଖୁସିରେ ବଡ଼ଲୋକ ହେଲେ । ଏ ଲେଖକ ବିଚୃରର କଥା କେହି ମନ କଲେନି । ତେଣୁ ସେ ଦୁଃଖରେ କହିଲା—

କଥା କହି କହି ବ୍ୟଥାଗଲା ନାହିଁ ମଥା ହୁଏ ଝିମି ଝିମି
ବୃଥାରେ କଲମ ଘୃଷ କରି କରି ହାତ ହେଲା ଶମି ଶମି ॥
କେହି ନ ବୁଝନ୍ତି ଏହାର ଦୁର୍ଦ୍ଦଶା ଏତ ବଡ଼ ଅବିଚୃର
ପେଟରେ ମୁଣ୍ଡରେ ଓଦାକନା ଦେଇ ବୋଲାଛନ୍ତି କଳାକାର ।

ସରିଗଲା କଥା ଆରେ ମୟୂର
ଦିନୁ ଦିନ କାଳ ହେଉଛି କ୍ରୂର ।
ଗରିବ ମରନ୍ତି ବାଡ଼େଇ ମୁଣ୍ଡ
ଭୟେ କେହି ଖୋଲି ନପାରେ ତୁଣ୍ଡ ।
ମହରଗ ବଢ଼େ ବେଳକୁ ବେଳ
ବ୍ୟବସାୟୀଙ୍କର ଲାଗିଛି ଖେଳ ।
ଖାଉଛି ମରନ୍ତି ଅଭାବେ ସଡ଼ି
ଦେଶକୁ ଉଜାଡ଼େ ମରୁଡ଼ି, ବଢ଼ି ।
ଯୋଜନା ଉପରେ ଯୋଜନା ଆସେ
ଗାଆଁ ଲୋକମାନେ ମରନ୍ତି ହାସେ ।

Digitized by PPRACHIN, SOA

ଗାନ୍ଧି କହିଥିଲେ ହେବ ସମତା
ଦେଶେ ବଢ଼ିଯିବ ସ୍ନେହ ମମତା ।
ସମସ୍ତେ ସମାନ ସମସ୍ତେ ସୁଖୀ
ଜଣେ ହେଲେ କେହି ନ ହେବୁ ଦୁଃଖୀ ।
ଶୁଣିଥିଲୁ କାନେ ବଢିଆ କଥା
ଏବେ ଘର ଦୂର ଯାଉଛୁ ମଥାରେ
କେମନ୍ତେ ଚଳିବା କହ ।
ମୋ କଥା ସରିଲା   ତୋ କଥା ଗୃଳବ
ଜୟ ମା ଭାରତ ଜୟ ।

ଥୋବଡ଼ା—ଯଷର କଥା

ମୟୂରୀ ପାଳି ପରେ ଆସିଲା ମୟୂର ପାଳି । କଥା କହିବା ପାଇଁ ପାଟି ଖଲ ଖଲ ହେଉଥାଏ । ମୁଣ୍ଡଟାକୁ ସ୍ଥିର କରି ନେଇ ସେ କହିବାକୁ ଆରମ୍ଭ କଲା—

ଘନ ଘନ ପଡ଼େ ଘୋଦେଇ ଜହ୍ନ
କଥା କହିବାକୁ ମନ ଉଚ୍ଛନ୍ନ ।
ଅଇଲା ଛଇଆଣ ଧଇଲା ବଗ
ସୁନେଇ ମେଲିଲା ଗୋଟିଏ ଡଗ ମେ
ଛୁରେ ଛତର ଛତୁ
ପାଣି ବରଷିଲେ   କେତେ ଉଠନ୍ତୁ ଭୁ—
ମନମତୁ ମନମତୁ ।
ଡିଙ୍କି ଡ଼ପ ଡ଼ପ ଢୋଲଟି ଡ଼ାଉଁ
ଆସିଲା ବଢିଆ ପଠାଣ କାହୁଁ ?
ଶିରଗୁଣୀ ମୁଣ୍ଡେ ବାନ୍ଧିଲା ନେତ
ଭାଲୁ ଚରିଗଲା ଗହମ ଖେତ ମେ

Digitized by PPRACHIN, SOA

ହଡ଼ା ମୁଣ୍ଡେ ଘୋଡ଼ା ଟୋପି
ବେଲ କାଲ ଉଣ୍ଡି   ଗଡ଼ଲେ ଗୋପୀ ସେ
ମୁଣ୍ଡରେ ସିନ୍ଦୂର ଥୋପି ।
ସାପ ଯାଉଥିଲା ନଈ ବନ୍ଧରେ
ଗଧିଆ ବସିଛି ହାଣ୍ଡି କାନ୍ଧରେ
ଧନା ବୋଉ ଗୃହେ ରହିଁ କ ଖାଇଁ
ପିଶାଚମାନେ ଗଲେ ଛୁଆଙ୍କୁ ଖାଇ
କଙ୍କା ଡାଆଣୀଟା ହସି
ପନକା ଧକାଇ   କାଟିବ ଛୁଆଙ୍କୁ
ଅଛି ମଶାଣିରେ ବସି ॥
ବାଘ ଗାଉ ଅଛି ଓଡ଼ଶୀ ଗୀତ
କଙ୍କଡ଼ାଙ୍କୁ କଷ୍ଟ ଦେଉଛି ଶୀତ
ସିଂହ ବକ୍ରାପଣେ କହେ ସଭରେ
ହାତୀକ ଚୁଙ୍ଗୁଡ଼ି ଗୋଇଠାମାରେ ସେ
ଶୁଣି ବନ୍ଧୁଅଛି ମଥା
ମନଦେଇ କର   ଶୁଣିବୁ ମୟୂରୀ

ଥୋବଡ଼ା—ଯକ୍ଷର କଥା

—꞉✳꞉—

ମଧୁମାସ । ମଧୁ ଯାମିନୀ । ମଧୁ ମଳୟର ମୃଦୁ ଗୁଞ୍ଜରଣ । ମଧୁର ସ୍ୱରରେ ବଂଶୀ ବାଜୁଥାଏ । ମଧୁ ମକ୍ଷିକା ଦଳକୁ ଦଳ ଛୁଟିଥାନ୍ତି ମଧୁ ଆହରଣ କରିବାକୁ । ମଧୁପୁର ରାଜବାଟୀରେ ଶୁଭୁଥାଏ ମଧୁମାଦକଭରା ତେଲଙ୍ଗୀ ବାଜାର ମଧୁର ମୂର୍ଚ୍ଛନା । ମଧୁମିତ୍ରେ ଠିକଣା ବେଳ ଉଣ୍ଡି ବାହାରି ପଡ଼ିଲେ ।

ମନଟା ଖୁବ୍ ଖୁସିଥାଏ । ହାତରେ ଦରବ ତଡ଼ା । ନଗଦ କଟା ହୋଇଛି । ଗଣ୍ଠି ଗୁଡ଼ାକ ଭଲ ଭାବେ ଚାଙ୍ଗା ହୋଇଛି ।

Digitized by PPRACHIN, SOA

ତଥାପି ସେ ଖୁଲିଛନ୍ତି । ମୁଣ୍ଡରେ ମୁଣ୍ଡେ ରଗ । ପେଟରେ ଯେତେ ଦୁର୍ଭାବନା । ମନ ଭିତରେ ଖାଲି ଲାଭର ହିସାବ କିତାବ ।

ବାଟରେ ଦେଖାହେଲା ଲମ୍ବୋଦର ପ୍ରଧାନ । ପଚାରିଲା— କୁଆଡ଼େ ବାହାରିଛ ମିଶ୍ରେ ?

କହିଲେ—ଯାଉଛି ଲକ୍ଷିଆ ତନ୍ତୀ ଘର ଯାଏ । ପାଞ୍ଚ ମୋ'ଠୁ ଦଶଟା ଟଙ୍କା ନେଇ ଦଶମାସ ଦେଖାଇଲାଣି । ଆଜି ଯାହା ହେବାର ହେଉ ପଛକେ, ଏହି ଅଚାଣ୍ଟା କଣ୍ଟାବାଉଁଶ ଠେଙ୍ଗାରେ ତାକୁ ଲମ୍ବା ଯେତିକି ଚଉଡ଼ା ସେତିକି କରିଦେବି ।

ତାଳଗଛ ଅଗରେ ଥାଇ କିଏ ଜଣେ ହସିଦେଲା । ମିଶ୍ରେ ରାଗିଗଲେ । କହିଲେ ଏଡ଼େ ଦମାକ୍ । ମୋତେ ପରିହାସ କରୁଛୁ ? ଦେଖିବୁ, ଦେଖିବୁ ଏଇଲାଗେ ! କହୁ କହୁ ତାଳଗଛ ଗଣ୍ଡିରେ ଦେଲେ ଠେଙ୍ଗାଏ ।

ପ୍ରବଳ ବତାଶର ସୂତ୍ରପାତ ହେଲା । ନିଥର ଗଗନର ପ୍ରଶାନ୍ତ ବୁକୁ ଥରାଇ ଚଡ଼ଚଡ଼ ମାରିଲା । କୋଟି କୋଟି ତାରା ଦଣ୍ଡକ ମଧ୍ୟରେ ଲିଭିଗଲେ । ଉଠାଇ ଆସିଲା ଖଣ୍ଡେ ଧୂଳିଆ ଧୂସର ମେଘ ।

ବର୍ଷା ଓ ବତାଶର ସଂଯୋଗ ଫଳରେ ମାଡ଼ି ଆସିଲା ପ୍ରବଳ ଅନ୍ଧକାର । ଲମ୍ବୋଦର ପ୍ରଧାନ ପ୍ରାଣ ବିକଳରେ ପଳାଇ ଯିବାକୁ ବାଧ୍ୟ ହେଲା ।

ମିଶ୍ରେ ଯାଇ ପାରିଲେନି । ଟଙ୍କାର ପ୍ରବଳ ଲାଳସା ହେତୁ ଲକ୍ଷିଆ ତନ୍ତୀକୁ ଥଣ୍ଡା କରିଦେବା ଥିଲା ତାଙ୍କ କାମନାର ବସ୍ତୁ । ତେଣୁ ସେ ଦମ୍ଭଧରି ଚାଲିବାକୁ ଆଶା ରଖିଥିଲେ । ସେ ଆଶା ତାଙ୍କର ଦେଖୁ ଦେଖୁ ଚୂରମାର ହୋଇ ସେହି ପ୍ରବଳ ବତାଶରେ ସମାଧି ଗ୍ରହଣ କଲା । ସେ ନିଜେ ଉଡ଼ି ଉଡ଼ି ପଡ଼ିଗଲେ ଗୋଟିଏ ଖଣା ଭିତରେ ।

Digitized by PPRACHIN, SOA

ଗୋଟିଏ ଅଜଗର ସାପ ମାସେ ହେଲା ଖାଦ୍ୟ ନ ପାଇ ଅଶକ୍ତ ଅବସ୍ଥାରେ ସେହି ଖଣା ଭିତରେ ପଡ଼ିଥିଲା । ହଠାତ୍ ମୁହଁ ପାଖରେ ଆହାର ପାଇ ଧରିପକାଇଲା ଝଟ୍ କରି । ମିଶ୍ରେ ମାଲେ ବାପଲେ ପାଟି କଲେ, ତା'ର ଯାଏ ଆସେ କେତେ ? ଗୋଡ଼ ଆଡ଼ୁ ଧରି ଗିଳିବାକୁ ଆରମ୍ଭ କଲା ।

ମିଶ୍ରେ ନିରୁପାୟ ହୋଇ ଆସନ୍ନ ମୃତ୍ୟୁକୁ ଅପେକ୍ଷା କରୁଥିଲେ ମଧ୍ୟ ଚିତ୍କାର କରିବାକୁ ଭୁଲି ନଥାନ୍ତି ।

ପାଖ ଆଖରେ ଗୋଟି ଯକ୍ଷ ଥାଏ । ତା'ର ନାମ ଥୋବଡ଼ା ଯକ୍ଷ । ହଠାତ୍ ଜଣେ ମଣିଷର ବିକଳ ଚିତ୍କାର ଶୁଣି କାନପାରିଲା । ଦଶ ମହାବିଦ୍ୟା ସାଧନା ବଳରେ ସେ ତ୍ରିକାଳ କଥା ଜାଣି-ପାରେ । ମଧୁମିଶ୍ରଙ୍କ ଅନୁକୂଳ କଥାଟା ବି ଜାଣି ପାରିଲା । ତେଣୁ ଲକ୍ଷିଆ ତନ୍ତୀ ରୂପରେ ଆସି ଖଣ୍ଡେ ଛୁରୀ ସାହାଯ୍ୟରେ ଅଜଗରଟାକୁ ଖଣ୍ଡ ଖଣ୍ଡ କରି କାଟି ପକାଇବାରୁ ମିଶ୍ରେ ରକ୍ଷା ପାଇଗଲେ । ଏ ମଧ୍ୟରେ ମୃତ୍ୟୁ ଯନ୍ତ୍ରଣା ହେତୁ ଟଙ୍କା କଥା ଓ ଲକ୍ଷିଆ କଥା ତାଙ୍କ ମନରୁ ପାଶୋରି ଯାଇଥିଲା । ହଠାତ୍ ଲକ୍ଷିଆକୁ ସାମନାରେ ଦେଖି ପୁଣି ମନେ ପଡ଼ିଗଲା । ତେଣୁ ରାଗରେ ପଚାରିଲେ— "କି'ରେ ! ମୋ' ଟଙ୍କା ?"

କହିଲା—"ଗରିବଲୋକ । ହାତରେ ପଇସା ନାହିଁ । ଏଣିକି ମୂଲ ପାଉ ଲଗି ସୁଝିଦେବ ଆଜ୍ଞା !"

ମିଶ୍ରେ ଆହୁରି କ୍ରୋଧରେ ଠେଙ୍ଗା ଉଞ୍ଚାଇ କହିଲେ— ବଦମାସ ଠକ ! ଆଜି ଏହିକ୍ଷଣି ମୋ' ଟଙ୍କା ନଦେଲେ ଏହି ଠେଙ୍ଗାରେ ପିଟି ପିଟି ମାରିଦେବି ।

ପୁଣି ଗୋଟିଏ ତୋଫାନ ଆସିଲା ।ସେହି ପ୍ରଚଣ୍ଡ ତୋଫାନରେ ମିଶ୍ରେ ଉଡ଼ିଯାଇ ପଡ଼ିଲେ ସମୁଦ୍ର ମଝିରେ । ଗୋଟାଏ ପ୍ରକାଣ୍ଡ ତିମିମାଛ ଆସି ତାଙ୍କୁ ଧରି ନେଇଗଲା ସମୁଦ୍ରର ଅତଳ ଗର୍ଭକୁ ।

Digitized by PPRACHIN, SOA

ବୋଧହୁଏ ଖାଇ ଦେଇଥାନ୍ତା । ଏମିତିବେଳେ ଦେଖାହେଲା ହାଣ୍ଡିଆ ଚୁଙ୍ଗୁଡ଼ି ।

ଖାଦ୍ୟ ଲୋଭରେ ସେ ତମିକୁ ଆକ୍ରମଣ କଲା । ଯୋଡ଼ିକଯାକ ଜଳଚର ଜୀବ ଲଢ଼େଇରେ ବ୍ୟାପୃତ ହେବାରୁ ମିଶ୍ରେ ପୁଣି ଗସି ଉଠିଲେ ଲହଡ଼ି ପାଖରେ । ଲହଡ଼ି ତାଙ୍କୁ ଭସାଇ ନେଇ କୂଳରେ ପକାଇ ଦେଲା ।

ଦେହରେ ଚେତା ନଥାଏ । ବାଲି ଗର ଗର ହୋଇ ବେଳା ଭୂମିରେ ଗଡ଼ୁଥାନ୍ତି ମୂର୍ଚ୍ଛାର ଭଳି ।

ରାତି ପାହିଲା । କୁଆ କୋଇଲି ରାବ ଦେଲେ । ସମୀର ପ୍ରବାହିତ ଅବକାଶ ଗାଇ ଧୀରେ ଧୀରେ ଦିଗବଳୟ ଆରମ୍ଭ କଲା । ଜଣେ ରାକ୍ଷସ ଆସିଥିଲା ସାଗର ସ୍ନାନକୁ । ଦେଖିଲା ଗୋଟିଏ ମନୁଷ୍ୟ ତଳେ ପଡ଼ିଛି । ତେଣୁ ସେ ତାଙ୍କୁ କାନ୍ଧରେ ପକାଇ ନେଇଗଲା ।

ଥୋବଡ଼ା ଯକ୍ଷ ଗଗନ ପବନରେ ମିଶି ସବୁ କଥା ଦେଖୁଥାଏ । ସେ କେବେ ଜୀବହତ୍ୟାର ପକ୍ଷପାତି ନୁହେଁ । ତେଣୁ ରାକ୍ଷସ ଉପରେ ପ୍ରଚଣ୍ଡ କ୍ରୋଧ ଆସିଲା ତାର । ଦେଖୁ ଦେଖୁ ମାନବ ସମାଜର ଦେବତା ଜଣେ ବ୍ରାହ୍ମଣଙ୍କୁ ହତ୍ୟାକରି ସେ ଖାଇଯିବ, ଏକଥା ସେ କେବେ ସହ୍ୟକରି ପାରିବନି । ଏହି ଭାବନାର ବଶବର୍ତ୍ତୀ ହୋଇ ରାକ୍ଷସ ପଛେ ପଛେ ଛୁଟିଲା ସେ ।

କିଛିଦୂର ଗଲାପରେ ପଡ଼ିଲା ନିଘଞ୍ଚ ବନଲତା । ପାହାଡ଼ ପର୍ବତ ମାଳକୁ ମାଳ ଛନ୍ଦି ହୋଇଛି । ସେହି ପର୍ବତ ଛନ୍ଦାତଳେ ଖଣ୍ଡିଏ ଘର । ବହୁକାଳର ତିଆରି । ଖାଲି ଘଷା ପଥରରେ ନିର୍ମାଣ ହୋଇଥିବାରୁ ଯାହା ତାର ଅକ୍ଷୁର୍ଣ୍ଣ ରହିଛି । ଅସୁର ପଶିଲା ତା'ର ଭିତରେ ।

ଯକ୍ଷ ବି ପଶିଲା । ମାଛିରୂପ ଧରି ଖୁବ୍ ସାବଧାନରେ ଯାଉ-ଥାଏ । ଅସୁରବା ସେକଥା ଜାଣନ୍ତା କାହିଁକି ? ତା ବାଟରେ ସେ ଚାଲିଛି । ଯା ଖଞ୍ଜରେ ଯେ ଅଛି ।

Digitized by PPRACHIN, SOA

ଜାତିରେ ଅସୁର ହେଲେ କ'ଣ ହେବ, ସେ ଦେବୀପୂଜା କରେ । ସେହି ପଥର ଘରର ତାର ପ୍ରତିଷ୍ଠା କରିଛି ମହା ଦେବୀ କାଳିକାଙ୍କ ପ୍ରତିମୂର୍ତ୍ତି । ମିଶ୍ରଙ୍କୁ ପ୍ରାଣ ପ୍ରଦାନ କରି ସେହି ଦେବୀଙ୍କ ପାଖରେ ବଳି ଦାନ କରିବ, ଏଇ ଇଚ୍ଛାରେ ଅଛି ସେ ।

ଯକ୍ଷ ବିଚରା ଖୁବ୍ ବୁଦ୍ଧିମାନ । କୌଣସି କାର୍ଯ୍ୟରେ ତର ତର ହୋଇ କିଛି ନାଁ କିଛି କରି ପକାଇବା ତା ଜାତକରେ ନାହିଁ । ତେଣୁ ସେ ଘରର ଗୋଟିଏ କଡ଼ କାଠ ଉପରେ ବସି ସମସ୍ତ କଥା ଲକ୍ଷ୍ୟ କରୁଥାଏ । ମାଛି ରୂପ ଧରି ଥିବାରୁ ରାକ୍ଷସ ତାର ଉପସ୍ଥିତି ଜାଣି ପାରୁ ନଥିଲା ।

ମା' କାଳୀ ଦେବୀ ତା ଜୀବନର ଅଧିଷ୍ଠାତ୍ରୀ । ପ୍ରତିଦିନ ତାଙ୍କୁ ସେବା ପୂଜା ନକଲେ ତା ଜୀବନରେ ଶାନ୍ତି ଆସେ ନାହିଁ । ସାଗର ସ୍ନାନ ସାରି ନୀଳକମଳ ହ୍ରଦରୁ ଅଷ୍ଟୋତ୍ତର ଶତ ନୀଳପଦ୍ମ ଆଣେ । ରାକ୍ଷସୀ ମନ୍ତ୍ର ଓ ରାକ୍ଷସୀ ବିଦ୍ୟାରେ ଦେବୀଙ୍କର ପୂଜା ଆରାଧନା କରି ସାରିଲେ ଯାହା କିଛି ଥାଏ ତା ଭକ୍ଷ ଭୋଜନ କରେ, ନ ଥିଲେ ଯାଏ ଶିକାର କରିବାକୁ ।

ମଧୁ ମିଶ୍ରଙ୍କ ଶବ ଦେହଟାକୁ ଗୋଟିଏ ଘରେ ରଖି ରାକ୍ଷସ ଗଲା ନୀଳକମଳ ଆଣିବାକୁ । ଯକ୍ଷ ବସି ଦେଖୁଥାଏ । ମନେହେଲା ଏହି ସୁଯୋଗରେ ମଧୁ ମିଶ୍ରଙ୍କୁ ବଞ୍ଚାଇ ଦେବାପାଇଁ । ପୁଣି ବିବେକ ବାଧା ପ୍ରଦାନ କଲାରୁ ଘଟଣା କଣଘଟିବ ଦେଖିବା ଆଶାରେ ବସିରହିଲା ।

ନୀଳକମଳ ଭରି ନେଇ ରାକ୍ଷସ ଫେରିଲା । ଗୋଟି ଗୋଟି କରି ମଳ ପତ୍ର ଛଡ଼ାଇ ଦେବୀଙ୍କ ପାଇଁ ମାଳଗୁନ୍ଥି ରଖିଲା । ତା'ପରେ ଗଲା ଶବଦେହ ପାଖକୁ ।

ଅଣ୍ଟାରେ ଥିଲା ତାର ଗୋଟିଏ ମୋଡ଼ି । ସେ ମୋଡ଼ିରେ ତାର ସମସ୍ତ ମନ୍ତ୍ରଯନ୍ତ୍ର ପୂରି ରହିଛି । ତାକୁ ଛୁଆଁଇଦେଲେ ମୃତଜୀବ

Digitized by PPRACHIN, SOA

ପିଣ୍ଡରେ ପ୍ରାଣ ସଞ୍ଚାରହୁଏ । ସେହି ମୋତିଟିକୁ ନେଇ ଯେତେବେଳେ ମିଶ୍ରଙ୍କ ମୁଣ୍ଡରେ ଲଗାଏ, ସେତେବେଳେ ଗୋଟିଏ ପ୍ରକାଣ୍ଡ ଆଲୋକ ରେଖା ଆସି ପଡ଼ିଲା ମୁହଁ ଉପରେ ।

ତା'ପରେ ମିଶ୍ରଙ୍କ ପିଣ୍ଡରେ ପ୍ରାଣ ସଞ୍ଚାର ହେଲା । ଚମକିପଡ଼ି ମିଶ୍ରେ କ'ଣ ଗୁଡ଼ାଏ କହିବାକୁ ଯାଉଥିଲେ । ଏମିତି ବେଳେ ରାକ୍ଷସ ଗୋଟିଏ ମାୟା ଅଞ୍ଜନ ନେଇ ତାଙ୍କ ଆଖିରେ ଲଗାଇ ଦେବାରୁ ସେ ମୂକ ପାଲଟିଗଲେ । ତା'ପରେ ତାଙ୍କୁ ନିଆଗଲା କାଳୀମୂର୍ତ୍ତିଙ୍କ ସାମନାକୁ ।

ଗଳାରେ ମନ୍ଦାରଫୁଲ ମାଳା ଲମ୍ବାଇ ଦେଇ ବଳି ପକାଇ ବାକୁ ରାକ୍ଷସ ଯେତେବେଳେ ଖଣ୍ଡା ଉଠାଏ, ଠିକ୍ ସେତିକିବେଳେ ଯକ୍ଷ ମାରିଲା ମୁଠାଏ ନାଚୁଣୀ ବାଣ ।

ରାକ୍ଷସ ଖଣ୍ଡା ଧରି ନାଚିବାରେ ଲାଗିଲା । ବଳି ପକାଇ କାଳିକାଙ୍କୁ ସନ୍ତୋଷ କରିବା କଥା ତା'ର ଆଉ ମନେ ରହିଲାନି କି କୌଣସି କଥା ପ୍ରତି ନଜର ରହିଲାନି ।

ଏଣେ ଯକ୍ଷ ତା'.ନିଜରୂପ ପ୍ରକାଶ କରି ଧୀରେ ଧୀରେ ପହଞ୍ଚିଲା ମଧୁ ମିଶ୍ରଙ୍କ ପାଖରେ । ପଚାରିଲା—ନନା ! ଚଣ୍ଡୀପାଠ ଜାଣ ?

ମିଶ୍ରେ କହିଲେ—ଜାଣେ ।

ଯକ୍ଷ ତାଙ୍କ ଆଖିରୁ ମୋହିନୀ ଅଞ୍ଜନ ପୋଛିଦେଇ କହିଲା—"ଜାଣ ଯେବେ, ନିର୍ଭୁଲ କରି ଦେବୀଙ୍କ ଆଗରେ ପଢ଼ ।"

ଏତେବେଳେ ମିଶ୍ରଙ୍କର ଚୈତନୋଦୟ ହେଲା ଏବଂ ସେ ବୁଝିପାରିଲେ, ବର୍ତ୍ତମାନ କପରି ଅବସ୍ଥାରେ ପଡ଼ିଛନ୍ତି । ତେଣୁ ଆଉ ଲିତାଏ ମାତ୍ର ବିଳମ୍ବ ନ କରି ଅନର୍ଗଳ ଭାବେ ଚଣ୍ଡୀପାଠ କଲେ ।

ରାକ୍ଷସ ନାଚି ନାଚି ବେଦମ ହେବାରୁ ଯକ୍ଷ ଯାଇ ତା'ହାତରୁ ଖଣ୍ଡାଟା ଛଡ଼ାଇ ଆଣିଲା ଏବଂ ଦି'ଖଣ୍ଡ କରି ଭାଙ୍ଗିଦେଲା । ସେହି ଖଣ୍ଡାରେ ଥିଲା ତାର ଜୀବନ । ଯକ୍ଷ ତାକୁ ଭାଙ୍ଗିଦେବା ମାତ୍ରେ ସେହିଠାରେ ପଡ଼ି ଇହଲୀଳା ସମ୍ବରଣ କଲା ।

Digitized by PPRACHIN, SOA

କାଳୀ ମୂର୍ତ୍ତି ଆଖିରୁ ବହି ଆସିଲା ଦୁଇଧାର ତତଲା ଅଶ୍ରୁ । ଅସୁରର ମୃତପିଣ୍ଡ ମଧ୍ୟରୁ ବାହାରି ପଡ଼ିଲା ଗୋଟିଏ ଚମତ୍କାର ଦେବ ସନ୍ତାନ । ତା' ରୂପର କମନୀୟ ଆଭା ଯକ୍ଷ ଏବଂ ମିଶ୍ରଙ୍କ ମନକୁ ଆକର୍ଷଣ କଲା । ସେହେଁଯାକ ଏକ ଦୃଷ୍ଟିରେ ତା'ରି ଆଡ଼େ ଚାହିଁଛନ୍ତି, ଏମିତିବେଳେ କାଳୀମୂର୍ତ୍ତି ସ୍ଥାଣୁଭାବ ତ୍ୟାଗକରି, ଚଳନ୍ତି-ପ୍ରତିମା ପରି ଦଉଡ଼ି ଆସିଲେ ଏବଂ ଦେବ ସନ୍ତାନକୁ କୋଳକୁ ନେଲେ । ଆଉ କାହାରିକୁ କିଛି ନ କହି ବିହଙ୍ଗମପରି ଉଡ଼ିଗଲେ ଶୂନ୍ୟ ମଣ୍ଡଳକୁ ।

ଯକ୍ଷ ଏବଂ ମିଶ୍ରେ କେବଳ ଆଶ୍ଚର୍ଯ୍ୟ ହେଲେ ସିନା, ରହସ୍ୟ ଜାଲ ଭେଦି ପାରିଲେନି ।

× × × ×

ଯକ୍ଷ ତା' ମନକୁ ଗାଇଲା—

ଅର୍ଥଲାଗି ନର   ଘଟାଇ ଅନର୍ଥ
ଆପେ ପଡ଼ଇ ଆପଦେ
ପର ଅଭାବରୁ   ନିଜ ଭୁଲେ ଭୁଲି
ନ ପାରେ ସମ୍ପଦ ମଦେ ॥
ଗରିବ ନପାରି—   ଅଭାବ ଭୁଲାଇ
ଛାଡ଼ି ଯାଏ ସତ୍ୟ ପଥ
ଧର୍ମ କହେ ଦୁଷ୍ଟ   ଫାଙ୍କୁଅଛି ମୋତେ
କହିଣ କଥା ଅସତ୍ୟ ॥
ଏଣୁ କହୁ ଅଛି   ହେ ଧର୍ମିକ ଭାଇ
ସୁ ବିବେକରେ ବିଚାରି ।
ଗରିବ ଅଭାବ   ପ୍ରତି ଦୃଷ୍ଟି ଦେଲେ
ସୁଖୀ ହେବେ ଦୁଃଖ ହାରି ॥

--ଃ✳ଃ--

ମିଶ୍ରେ ପଚାରିଲେ—"ଆପଣ କିଏ ?"

Digitized by PPRACHIN, SOA

ଯକ୍ଷ ସେହି ଲକ୍ଷିଆ ତନ୍ତ୍ରୀ ରୂପ ପ୍ରକାଶ କଲା ।

ପଚାରିଲା—"ଲକ୍ଷିଆ, ମୋ ଠଙ୍କା ?"

କହିଲା—"ଅଜଗର ସାପ ପେଟରେ ।"

ମିଶ୍ରେ ଅଗ୍ନିଶର୍ମା ହୋଇ ଉଠିଲେ । ତାଙ୍କ ହାତଟା ହଠାତ୍ ଚମକି ଗଲା ଲକ୍ଷିଆ କାନ ପାଖକୁ ।

ଆଶ୍ଚର୍ଯ୍ୟ ସମସ୍ୟା । ପୁଣି ଏ କ'ଣ ଦେଖିଲେ ସେ ? ଲକ୍ଷିଆ ତନ୍ତ୍ରୀ ତାଙ୍କ ଆଗରେ ଗୋଟିଏ ପ୍ରକାଣ୍ଡ ଅହିରାଜ ସାପ ହୋଇ ଠିଆ ହୋଇଛି । ଫଣାଟା ଦେଖାଯାଉଛି ଗୋଟିଏ ଝଙ୍କା ବରଗଛ ଭଳି ।

ଭୟରେ ଗୁହନିଆ ହୋଇ ଗୋଡ଼ହାତ ତାଙ୍କର କୋଳି ମାରିଗଲା । ପୂର୍ବେ ଅଜଗର ଗିଳିବା କଥା ବି ମନେପଡ଼ିଲା । ତେଣୁ ସେ ଯାହା କହିବାକୁ ଇଚ୍ଛା କରୁଥିଲେ, ସେତକ ବି କହି ପାରିଲେନି ।

ଏହି ଅବସରରେ ଯକ୍ଷ ଅନ୍ତର୍ଦ୍ଧାନ ହେଲା ।

× × × ×

ରାତି ନିଶା ଗର୍ଜୁଛି । ଚଢ଼େଇ ଚଗୁଣୀ ମୀରବ ନିସ୍ତବ୍ଧ ଅବସ୍ଥାରେ ଅଛନ୍ତି । ବାୟୁର ସନସନ ଝଙ୍କାର ସଙ୍ଗେ ପତ୍ରର ମର ମର ଶବ୍ଦ ପୃଥିବୀ ବକ୍ଷରେ ସୃଷ୍ଟି କରିଛି ଏକ ଅଭିନବ ଗୁଞ୍ଜନ । ନିଥର ଗଗନର ନୀଳିମା ଉପରେ ଆଉଟା କନକର କୁସୁମ ଖଞ୍ଜା ହେଲାପରି ରକ୍ତାଭ ତାରାପନ୍ତି ବସି ମୁଖ ଦେଖୁଥାନ୍ତି ଜଳ ଦର୍ପଣରେ । ଗୋମାୟୁ କୁଳ ଅଭ୍ୟାସର ବଶବର୍ତ୍ତୀ ହୋଇ ବାରମ୍ବାର ଚିତ୍କାର କରୁଥାନ୍ତି । ବେଳେବେଳେ ପେଚା ଚଢ଼େଇ ଗୁଡ଼ିକ ରାବ ଦେଇ ଫଡ଼ ଫାଡ଼ ଉଡ଼ି ଯାଉଥାନ୍ତି । ଏମିତି ଏକ ନିର୍ଜ୍ଜନ ସମୟରେ ଦେଖାଗଲା ଗୋଟିଏ ତୋଫା ଆଲୋକ ।

ସେତେବେଳକୁ ମଧୁମିଶ୍ରଙ୍କ ମୂର୍ଚ୍ଛା କଟି ଯାଇଛି । ନିଦରୁ ଉଠିଲା ଭଳି ଗାତ୍ରୋତ୍ଥାନ କରି ଥରେ ଚାରିଆଡ଼କୁ ଅନାଇଲେ ସେ ।

Digitized by PPRACHIN, SOA

କୁଳ କିନାରା ଠିକ୍ କରି ପାରିଲେନି । ପଞ୍ଚ କଥାଯାକ ମନେ ପଡ଼ିଲା । ଖୁବ୍ ଭୟ ଲାଗୁଥିଲେ ବି ଦୁର୍ଗମ ସ୍ଥାନରୁ ପଳାଇ ଯିବା-ପାଇଁ ଉପାୟ ନଥିବାରୁ ରାତିଟା ସେଇଠାରେ କଟାଇବାକୁ ବିଚାର କରୁଥିଲେ । ହଠାତ୍ ଦୂର—ଦୂରାନ୍ତ ଭେଦୀ ଗୋଟିଏ ଆଲୋକ ସ୍ରୋତ ଆସି ଆଖି ଆଗରେ ପଡ଼ିବାରୁ ସେ ବାଛ ବିଚାର ନକରି ଚାଲିଲେ ସେଇ ଆଲୋକ ଦିଗକୁ ।

ଅସରନ୍ତି ପଥ । ଯେତେ ଚାଲିଲେ ମଧ୍ୟ ସରୁ ନଥାଏ । ଆଲୋକ ସ୍ରୋତ ବି ଲିଭୁ ନଥାଏ । ମିଶ୍ରେ ଯେତେ ଆଗେଇ ଚାଲୁଥାନ୍ତି, ଆଲୋକ ସ୍ରୋତରମୁକଖାଡ ସେତିକ ଦୂରକୁ ଘୁଞ୍ଚି ଯାଉଥାଏ ।

ଚାଲି ଚାଲି ମିଶ୍ରେ ପହଞ୍ଚିଲେ ଗୋଟିଏ ଶୁଖିଲା ପୁଷ୍କରିଣୀ ପାଖରେ । ଆଲୋକ ସ୍ରୋତ ସେଠାରେ ଅଦୃଶ୍ୟ ହେଲା ଏବଂ ରାସ୍ତା ସାରିଗଲା । ଆଗକୁ ଆଉ ବାଟ ଘାଟ ନଥାଏ । ଗୋଟାକ ପରେ ଗୋଟା ଗୋଟା ହୋଇ ଛନ୍ଦି ହୋଇଥାଏ ସୁଉଚ୍ଚ ପର୍ବତଶ୍ରେଣୀ । ଘଞ୍ଚ ତରୁ ଲତାରେ ପର୍ବତମାନଙ୍କ ଗାତ୍ର ଭୟଙ୍କର ଦେଖାଯାଉ ଥିଲେ ମଧ୍ୟ ରକ୍ତ, ପୀତ, ନୀଳ ଓ ଶ୍ୱେତ ବର୍ଣ୍ଣର କୁସୁମ ରାଜିରେ ହସିଉଠୁଥାଏ । ସହସ୍ର ସହସ୍ର ଲକ୍ଷ ଲକ୍ଷ ମଧୁର ଓ ଭ୍ରମର ମଧୁ ଲୋଭରେ ବିଚରଣ କରୁଥାନ୍ତି । ଗିରି କନ୍ଦର ଭେଦୀ ଗୋଟିଏ ଗୁଞ୍ଜନ ଶୁଣା ଯାଉଥାଏ ।

ମିଶ୍ରେ ଦଣ୍ଡେ ପର୍ଯ୍ୟନ୍ତ ପାର୍ବତ୍ୟ ଜଙ୍ଗଲ ଆଡ଼େ ଅନାଇ ରହିଲେ । ଭଲରୂପେ ପାର୍ଶ୍ୱ ହୋଇ ଆସିବାରୁ ପୁଷ୍କରିଣୀ ତୀରକୁ ଯାଇ ଦେଖିଲେ ତା'ର ପାର୍ଶ୍ୱ ପ୍ରସ୍ଥ ଏକ ସମାନ । ଚାରିବାହିଯାକ ମର୍ମର ପ୍ରସ୍ତର ନିର୍ମିତ ମସୃଣ ପାବଚ୍ଛ ଶ୍ରେଣୀ ନିମ୍ନ ଦିଗକୁ ଗତି କରିଛି । କୌଣସି ପ୍ରକାର ଆବର୍ଜନା ସେ ମର୍ମର ପାବଚ୍ଛରେ ପ୍ରତୀୟ-ମାନ ହେବା ଦୂରେ ଥାଉ, ଗୋଟିଏ କଳଙ୍କର ଦାଗ ବି ନଥାଏ । ବହୁତ ଗଭୀର ଗର୍ତ୍ତ । ଯୋଡ଼ିଏ ନଡ଼ିଆ ଗଛ କି ତାଳଗଛ ଯୋଡ଼ି

Digitized by PPRACHIN, SOA

ବଢ଼ାଇଲେ ପୁଷ୍କରିଣୀ ଭିତରକୁ ପାଇବନି । ଏତେ ଗଭୀର ହେଲେ ମଧ୍ୟ ସେଥିରେ ପାଣି କି କାଦୁଅ ଚିତାଏ ମାତ୍ର ନଥାଏ । ଗୃହ କୋଣରେ ଥାଏ ଗୃହେଟି ପାରିଜାତବୃକ୍ଷ । ସେଥିରେ ସୁନାବର୍ଣ୍ଣର ପାରିଜାତ ଫୁଲ ଫୁଟିଥାଏ । ଶୁକ, ପିକ ଓ ସାରିକା ବସି କୃଷ୍ଣନାମ ଗାନ କରୁଥାନ୍ତି । ଉତ୍ତରପଟେ ପାବଚ୍ଛ ଶ୍ରେଣୀରେ ଲେଖା ହୋଇ-ଥାଏ ବଡ଼ ବଡ଼ ଅକ୍ଷରରେ—**ସ୍ୱପ୍ନ ସୁନ୍ଦରୀ—ନିଳୟ** । ମିଶ୍ରେ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଲେ ଏବଂ ଭାବିଲେ—ସ୍ୱପ୍ନସୁନ୍ଦରୀ କିଏ?

ଯେତେ ଭାବିଲେ କଥାଟା ମୋଟେ ମୁଣ୍ଡରେ ପଶିଲାନି । ତଥାପି ସେ ମନେ ମନେ ଭାବିଲେ କଥାଟାର ତଥ୍ୟ ନ ବୁଝି ଏଠାରୁ ଯିବନି ।

କଥାରେ ଅଛି—

ନିୟତି ଏ ବିଶ୍ୱେ ଖେଳାଳୀ ପ୍ରଧାନ
ଖେଳଇ ବିବିଧ ରଙ୍ଗେ
ଧନୀ ମାନୀ ରାଜା ବିଦ୍ୟାବନ୍ତ ଜନ
ସଦା ତା' ମାୟା ତରଙ୍ଗେ—
ଭାସୁଥାନ୍ତି, ଯାହା ବିଗୃହରେ ସେ ମନେ
ତାହା କରେ ଅଦୃଶ୍ୟରେ
ବୁଝି ନ ପାରନ୍ତି କେହି ତା' ଚହାନ୍ତି
ଅଛନ୍ତି ଯେତେ ବିଶ୍ୱରେ ॥
ହସାଏ, ଖେଳାଏ, ନଚାଏ, କନ୍ଦାଏ,
ଗଡ଼ାଏ ଗହନ ବନେ
ଭିକାରୀକୁ ଦଣ୍ଡ- ଛତ୍ର ଦେଇ ନୃପ
କରାଏ ଭାବିଲେ ମନେ ॥

Digitized by PPRACHIN, SOA

ନୃପତି ଜୀବନେ ଦୁଃଖର ହୁତାଶ
ଜଳାଇ ମାରେ ବୁଲାଇ
ତାହା ପରି ଜଣେ ବିଶାଳ ଶଯ୍ୟାରେ
ହଟକାଶି କେହି ନାହିଁ ॥

—ः✳ः—

ମିଶ୍ରଙ୍କ ବିଗ୍ରହ ଯାହା, ନୟୂତରି ବିଗ୍ରହ ଠିକ୍ ସେୟା । ଯୁଗ ଯୁଗ ଧରି ସ୍ୱପ୍ନ-ସୁନ୍ଦରୀ କୁମାରୀ ବୟସ ଦେଇ ବସିଛି ଲୋକ ଚକ୍ଷୁ ଅନ୍ତରାଳରେ । ଫେନିଳ ଯୌବନ ବନ୍ୟା ତା'ର ଜୀବନ ନଦୀର ବେଳାକୂଳ ପ୍ଲାବନ କରି ଯେତେ ବେଗରେ ଛୁଟିଥିଲେ ମଧ ତରୀ ବାହିବା ପରି ନାବିକ ଜଣେ ଦେଖାଯାଇନି ।

ସ୍ୱପ୍ନ ସୁନ୍ଦରୀ ଅପରୂପ ରୂପସୀ । ତା'ର ରୂପ, ରସ, ଗନ୍ଧ ଅବଶ୍ୟ ଯୁବକର କାମ୍ୟ । ହେଲେ ମଧ ସାଧାରଣ ଜଣେ ଯେ ତା' ପାଣିଗ୍ରହଣ କରିବାକୁ ପାତ୍ର ହେବ, ଏକଥା କେବେ ନୁହେଁ । ସାରା ସଂସାରରେ ଯଦି ଆଇପାରେତ କୋଟିକରେ ଗୋଟିଏ ଛଡ଼ା ବେଶି ମିଳିବନି । ତାକୁ ପାଇବା ପାଇଁ ଯଦି ଜଣେ ଦୁଃସାହସୀ ଯୁବା ପ୍ରୟାସ କରିବ, ତେବେ ତା'ର ଧ୍ୱଂସ ହିଁ ଅନିବାର୍ଯ୍ୟ କଥା । ସେ ମଧ ଚାହେଁ ଭଲସୁନାକୁ କଷଟିରେ କଷି ନେବାକୁ ।

ଚିହ୍ନରା ବଣିଆ ସେ । ତା'ର ଉପଯୁକ୍ତ ବର ପାତ୍ରକୁ ସେ ନିଜେ ପରୀକ୍ଷା ନେଇ ଗ୍ରହଣ କରିବ । ତେଣୁ ଯୁଗ ଯୁଗ ଧରି ଲୋକଲୋଚନ ଅନ୍ତରାଳରେ ନିଜକୁ ଗୋପନରେ ରଖି ପାରିଛି ।

ମହାସାଧୁ ତାକୁ ବର ଦେଇଛନ୍ତି, ବରପାତ୍ର ନ ମିଳିବା ପର୍ଯ୍ୟନ୍ତ ତା'ର ବୟସ ସତର ବର୍ଷରୁ ମୋଟେ ବେଶି ହେବନି । ତେଣୁ ସେ ଅଖଣ୍ଡ ଯୌବନ ଭାର ବହି ଅନାଇ ରହିଛି ଯୋଗ୍ୟ ପ୍ରିୟ ପାଇଁ ।

Digitized by PPRACHIN, SOA

ନିଯୂତି ତା'ର କଠୋର ସାଧନାରେ ତୃପ୍ତି ଲାଭ କରିଛି । ତା'ପ୍ରତି ଦୟା ଆସିଛି ମନରେ । ସେ ଚିନ୍ତା କରିଛି ଅନୁକୂଳ ନିଯୂତି ହୋଇ ସ୍ୱପ୍ନ ସୁନ୍ଦରୀ ହାତକୁ ହାତ ହେବ । ପ୍ରେମ ନିଧରେ ସନ୍ତରଣ କରିବ । ଲୋକ ସମାଜର ଆଖି ମନ ଝଲସାଇ ନିଜର ରୂପ, ରସ, ଗନ୍ଧ ବିକାରଣ କରିବ ଧରା ପୃଷ୍ଠରେ ।

ନିଯୂତିର ଏହି ସୁଚିନ୍ତିତ ପରିକଳ୍ପନା ସିଦ୍ଧି ଲାଭ କରିବାକୁ ମିଶ୍ରଙ୍କର ଆବିର୍ଭାବ ଅଗ୍ରନାୟକ ଝଡ଼ପରି । ତାଙ୍କ ମନ ପରିଗତି ନିଯୂତିର ନିର୍ଦ୍ଦେଶ ମତେ ଆଗକୁ ବଢ଼ି ଚାଲିଛି । ସେ କଥା ପୂରାପୂରି ତାଙ୍କ ଅଜଣା ।

× × × ×

ଏଭଳି ଏକ ଅପୂର୍ବ ସ୍ଥାନରେ ରହସ୍ୟ ଭେଦ କରିବାକୁ ମିଶ୍ରଙ୍କ ମନ ଉଦ୍‌ବେଗ ହୋଇ ଉଠିଲା । ସେ କୌଣସି ମତେ ତାହା ଦମନ କରି ନପାରି ପୁଷ୍କରିଣୀର ଦକ୍ଷିଣ ପଟ ପାବଚ୍ଛ ଶ୍ରେଣୀରେ ବସିଥାନ୍ତି ।

ଆସିଲା ଗୋଟିଏ ବୃଦ୍ଧା ନାରୀ । ବୟସ ତାର ଆଶାତୀତ ଭାବରେ ଗତ ହୋଇ ଯାଇଥିଲେ ହେଁ ସୌନ୍ଦର୍ଯ୍ୟରେ ମଳିନତାର ଛାପ ପଡ଼ି ନଥାଏ । ସେ ବି ନିଜେ ଯତ୍ନବତୀ ହୋଇ ଚେଷ୍ଟା କରି-ଥାଏ ସୌନ୍ଦର୍ଯ୍ୟଟିକୁ ଅତୁଟ ରଖିବାକୁ ।

ହାତରେ ଫୁଲ ଚୁଙ୍ଗୁଡ଼ି ଓ ଅନ୍ୟ ହାତରେ ଖଣ୍ଡିଏ ସୁନାର ଆଙ୍କୁଡ଼ି । ଆସୁଥିଲା ସେହି ଅଦ୍ଭୁତ ବୃକ୍ଷରୁ ଫୁଲ ତୋଳିବାକୁ । ବୃକ୍ଷ ଉପରେ କ୍ରୀଡ଼ାରତ ଥିବା ପକ୍ଷୀ ଓ ପକ୍ଷିଣୀମାନେ ତାକୁ ଦେଖିବା ମାତ୍ରେ ଉଡ଼ିଯିବାକୁ ଲାଗିଲେ । ବୃଦ୍ଧା ଏକ ମନ ଓ ଏକପ୍ରାଣରେ ଲାଗିଲା ଫୁଲ ତୋଳିବାରେ ।

ମିଶ୍ରେ ଭାବୁଥିଲେ ବୃଦ୍ଧା ନିଶ୍ଚୟ ତାଙ୍କୁ କିଛି ପ୍ରଶ୍ନ କରିବ । ମାତ୍ର ଫଳଟା ଓଲଟା ହେଲା । ପ୍ରଶ୍ନ କରିବା ଦୂରେ ଥାଉ, ସେ ଆଖିଡୋଳା ଥରଟିଏ ମାତ୍ର ମିଶ୍ରଙ୍କ ଆଡ଼େ ଅନାଇଲା ନି ।

Digitized by PPRACHIN, SOA

ଏଣିକି ମିଶ୍ରେ ବାଧ୍ୟ ହେଲେ ବୁଢ଼ୀକୁ ଆଗେ ପାଟି ଫିଟାଇବା ପାଇଁ। ପ୍ରଥମେ ଗଳାଖଙ୍କାର ମାରିବାରୁ ବୁଢ଼ୀ ବୁଲିକରି ଅନାଇଲା। ଏହି ସୁଯୋଗରେ ମିଶ୍ରେ ପଚାରିଦେଲେ—"ମାଉସୀ! ଏ ସ୍ଥାନଟିର ନାଁ କ'ଣ ?

ବୁଢ଼ୀ କହିଲା—ପାହାଚରେ ଲେଖା ଅଛି।

ପଚାରିଲେ—ଲେଖାଅଛି ତ ସତ୍ୟ। ମାତ୍ର ନଳୟ୍ କାହିଁ ?

କହିଲା—ପୋଖରୀ ଭିତରେ।

ପଚାରିଲେ—ନଳୟର ମାଲିକ କିଏ ?

କହିଲା—ସ୍ୱପ୍ନ ସୁନ୍ଦରୀ।

ପଚାରିଲେ—ତାଙ୍କ ପିତାଙ୍କ ନାମ ?

କହିଲା—ସେ କଥା ମୁଁ କହି ପାରିବିନି। ତୁମେ ଯଦି ଜାଣିବାକୁ ଇଛା କରୁଛ, ତେବେ ଯାଇ ସ୍ୱପ୍ନସୁନ୍ଦରୀଙ୍କୁ ପଚାର।

ପଚାରିଲେ—ତାଙ୍କ ନିକଟକୁ କିପରି ଯିବି ?

କହିଲା—ତୁମେ ଏହି ସ୍ଥାନରେ ବସିଥାଅ। ମୁଁ ଯାଇ ତାଙ୍କୁ ପଚାରିବି। ତାଙ୍କର ଯଦି ଦେଖା ଦେବାକୁ ଆଦେଶ ହେବ, ତେବେ ପ୍ରହରୀମାନେ ଆସି ତୁମକୁ ନେଇଯିବେ।

ଏହି ପ୍ରସ୍ତାବରେ ମିଶ୍ରେ ରାଜି ହେବାରୁ ବୁଢ଼ୀ ତା ଫୁଲତୋଳା କାମ ଛାଡ଼ି ଚାଲିଗଲା ମହଲ ଭିତରକୁ।

କିଛି ସମୟ ପରେ ଆସିଲା ଜଣେ ଭୃତ୍ୟ। କହିଲା, ଆମ ଦେଈ କହିଲେ—କୌଣସି ରାଜପୁତ୍ର ଛଡ଼ା ସାଧାରଣ ଲୋକଙ୍କୁ ସେ ଦେଖା ଦେଇ ପାରିବେ ନି। ତୁମେ ଯଦି ତାଙ୍କୁ ସାକ୍ଷାତ କରିବାକୁ ଚାହଁ, ତେବେ ଜଣେ ରାଜପୁତ୍ର ସଙ୍ଗେ ଆସ।

ପଚାରିଲେ—ସ୍ୱପ୍ନ ସୁନ୍ଦରୀ ବିଭା ହୋଇଛନ୍ତି ?

କହିଲା—ନାଁ।

ପଚାରିଲେ—କାହିଁକି ?

Digitized by PPRACHIN, SOA

କହିଲି—"ସେ ପଣ କରିଛନ୍ତି-ଯଦି କୌଣସି ରାଜପୁତ୍ର ତାଙ୍କର ଗୃହେଟି କଥାରେ ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହୋଇ ପାରିବ ତେବେ ସେ ବିବାହ କରିବେ ।

ପଚାରିଲେ—କାହାକୁ ?

କହିଲି—ଯେ ତାଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବ ।

ପଚାରିଲେ—ପରୀକ୍ଷା ଗୃହେଟି କ' ପ୍ରକାର ?

କହିଲି—ପ୍ରଥମ ପରୀକ୍ଷା ଗୋଟିଏ ଲୁହାର ଘଣ୍ଟା । ତାକୁ କେହି ବଜାଇ ପାରେନା । ଦ୍ୱିତୀୟ ପରୀକ୍ଷା ଗୋଟିଏ ଘୋଡ଼ା, ତା' ଉପରେ କେହି ଚଢ଼ିପାରେ ନା, ତୃତୀୟ ହେଲା ପାଗଳା ହାତୀ । ସେ କାହାର କଥା ନ ମାନିବାରୁ ମୋଟେ ହାତୀଶାଳରୁ ଫିଟେନି । ଚତୁର୍ଥ କଥା ତାଙ୍କ ମହଲ ଠାରୁ ଦୁଇହଜାର ହାତ ଦୂରରେ ଅଛି ଗୋଟିଏ ହୀରା କୁଣ୍ଢେଇ । ତା' ଚାରିପାଖ ଯାକର ବାଲି ସବୁ-ବେଳେ ତାତିଥାଏ । ତା' ଉପରେ ପାଦ ପକାଇଲେ ଗୋଲ ଗୁଡ଼-ଯିବ । ଉପର ପଟେ ଉଡ଼ିକରି ଯାଇ ହେବନି । ଲୁହାର ଜାଲ ଘେରା ହୋଇଛି । ସେହି ତତଲା ବାଲି ଉପରେ ବୁଲି ଖାଇ କରି କୁଣ୍ଢେଇଟି ଆଣିବାକୁ ହେବ । ସାଧାରଣ ଲୋକ ହେଲେ ଚଳିବନି । ଏଥିପାଇଁ ଜଣେ ରାଜପୁତ୍ର ଲୋଡ଼ା । ପରୀକ୍ଷା ଦେଇ କାର୍ଯ୍ୟଗୁଡ଼ିକ ହାସଲ କରି ପାରିଲେ ସ୍ୱପ୍ନ-ସୁନ୍ଦରୀଙ୍କ ପାଣିଗ୍ରହଣ କରିବାକୁ ବିଳମ୍ବ ହେବନି ।

ପଚାରିଲେ—ତାଙ୍କର ଚିତ୍ରପଟ ଅଛି ?

କହିଲି—ଅଛି ।

ମିଶ୍ରେ କହିଲେ—ଦେଖ ଭାଇ ! ଏକଥା ଗୁଡ଼ିକ ଯିନା ଦେଶ ଦେଶାନ୍ତରରେ ପ୍ରଚାର ହେଲେ ରାଜପୁତ୍ରମାନେ ଜାଣିବେ କି ପଣ-ରକ୍ଷା କରିବାକୁ ଆସିବେ ? ତୁମ କଥା ତୁମଠି, ଦେଈଙ୍କପଣ ଦେଈଙ୍କ ମନରେ । ଜାଣୁଛି କିଏ, ଆସୁଛି କେଉଁଠି ?

ପ୍ରହରୀ ପଚାରିଲି—ତେବେ କ'ଣ କରିବା

Digitized by PPRACHIN, SOA

ମିଶ୍ରେ କହିଲେ—ଦେଖନ୍ତୁ କୁହ, ମୋତେ ଦୂତ କାର୍ଯ୍ୟରେ ନିଯୁକ୍ତ କରନ୍ତୁ । ଆଶାପୂର୍ଣ୍ଣ କରି ପାଥେୟ ଦେଇ ନଜର ଚିହ୍ନପତ୍ର ଓ ପଣର ବିବରଣୀ ଲେଖି ଦିଅନ୍ତୁ । ମୁଁ ଯାଇ ମର୍ତ୍ତ୍ୟମଣ୍ଡଳର ରାଜ ପୁତ୍ରମାନଙ୍କୁ ସମ୍ବାଦ ଦେବି । ତା'ପରେ ଦେଖିବ, କଥା ଓ ପଣ ପୂରଣ ହେଉଛି କି ନାଁ ?

କଥାଟା ମନକୁ ପାଇବାରୁ ଭୃତ୍ୟ ଜଣକ ଯାଇ ସ୍ୱପ୍ନ-ସୁନ୍ଦରୀଙ୍କୁ ଜଣାଇଲା ।

ସ୍ୱପ୍ନ-ସୁନ୍ଦରୀ ଭାବିଲା—"ବାସ୍ତବିକ୍ କଥା—

ଦୂରବନେ ଫୁଟିଥିଲେ ନାଗେଶ୍ୱର
କାହାଠାରୁ ଯେସନେ ନଭଲେ ଆଦର
ପ୍ରଚ୍ଛର ଅଭାବେ ମୋ ଦଶା ସେପରି
ମଉଳା ଯୌବନ ଯିବ ଦିନେ ଝରି ॥
ତେଣୁ ଆଗନ୍ତୁକ ଦିଏ ଯା, ପ୍ରସ୍ତାବ
ଗ୍ରହଣ କରିବା ଅଟଇ ବାସ୍ତବ ।

ଏହିପରି ଭାବି ଭୃତ୍ୟ ହସ୍ତରେ ହଜାରେ ସୁନା ମୋହର, ଚିହ୍ନପତ୍ର ଏବଂ ପ୍ରଚ୍ଛର ପଣ ଦେଇ ପଠାଇଲା ମିଶ୍ରଙ୍କ ପାଖକୁ । କହିଲା—ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କୁ କହିବୁ, ଏ ସମ୍ବାଦ ପ୍ରଚ୍ଛର କରି ଫେରି ଆସିଲେ ଆହୁରି ସହସ୍ରେ ମୋହର ଦେବି ।

ଭୃତ୍ୟ ଯାଇ ମିଶ୍ରଙ୍କୁ ସମସ୍ତ କଥା ଜଣାଇ, ଚିହ୍ନପତ୍ର ଓ ଅର୍ଥ ଧରାଇ ଦେଇ କହିଲା—ଆପଣ ଦୂତକର୍ମ କରି ସାରି ଫେରି ଆସିଲେ ଆହୁରି ହଜାରେ ମୋହର ପାଇବ ।

ଧନଲୋଭୀ ମିଶ୍ରେ ହଠାତ୍ ଏତେ ମୋହର ଦେଖି ଗର୍ବରେ ଫୁଲି ଉଠିଲେ । କାମ କରି ସାରି ଫେରିଲେ ପୁଣି ଏତିକି ମିଳିଯିବା କଥା ଭାବିଦେଲା ମାତ୍ରେ ଛାତିଟା ଆହୁରି ଫୁଲିଉଠୁଥାଏ । ପୁଣି ବେଳେ ବେଳେ ମନେ ପଡ଼ିଯାଉଥାଏ ତନ୍ତ୍ରୀ କଥା ।

Digitized by PPRACHIN, SOA

କଳଗ ମଞ୍ଜି ଭଳଆ ଦଶଟା ଟଙ୍କା ନେଇଛୁ । ତାକୁ ଛୁଡ଼ ଦେବ କେବେଭ ନୁହେଁ, କେବେଭ ନୁହେଁ । ଯେମିତ୍ତ ପାର ସେମିତ୍ତ ଆଦାୟ କରିବାକୁ ହେବ । ସୁଧ, ଅସଲ, ଜରିମାନା ହିସାବ କିତାବକର ସବୁ ନେବ, ସବୁ ନେବ, ସବୁ ନେବ । ପାଜ ତନ୍ତୀଟା ମୋତେ କଣ କମ୍ ବୁଲାଇଲାଣି ?

ଏମିତ୍ତ ନାନା କଥା ଭାବ ଭାବ ମିଶ୍ରେ ଗଦ୍ଧାଧର ବାହାରିଲେ ନିଜ ଗ୍ରାମକୁ ଯିବା ପାଇଁ । ବାଟ ଘାଟ ସବୁ ଅଦେଖା ଅଜଣା । କ'ଣ କରିବେ, କପର ଯିବେ-ଭାବ ଭାବ ଆଗେଇ ଯାଉ ଯାଉ ଦେଖାହେଲେ ଯୋଡ଼ିଏ ଜଙ୍ଗଲୀ । କାଠ କାଟିବା ପାଇଁ ଆସିଥିଲେ ସେ । ବାଟ ନପାଇ ଲୋକଟି ହଇରାଣ ହେଉଛୁ, ଏକଥା ଦେଖି ତାଙ୍କ ମନରେ ଦୟା ଆସିଲା । ତେଣୁ ସେ ନିଜ ଜୀବିକା ବନ୍ଦକରି ଆଗେ ତାଙ୍କ ବଥା ବୁଝିବାକୁ ଚେଷ୍ଟାକଲେ ।

ମିଶ୍ରେ ଅନୁରୋଧ କଲେ ଲୋକାଳୟରେ ପହଞ୍ଚାଇ ଦେବା-ପାଇଁ । ଜଙ୍ଗଲୀ ଦୁହେଁ ଅତି ପରିଚିତ ବନ୍ଧୁପରି ତାଙ୍କୁ ନେଇ ଗୋଧୂଳି ବେଳ ସୁଦ୍ଧା ଜନବସତିପୂର୍ଣ୍ଣ ଗୋଟିଏ ନଗରୀର ଉପକଣ୍ଠରେ ପହଞ୍ଚାଇ ଦେଇ ଫେରି ଆସିଲେ ।

ମିଶ୍ରେ ଏଣିକି ଲାଗିପଡ଼ିଲେ ତାଙ୍କ କାମରେ । ସ୍ୱପ୍ନ ସୁନ୍ଦରୀ କଥା ଲୋକମାନଙ୍କ କାନକୁ ଗଲା । ରାଜ୍ୟପରେ ରାଜ୍ୟ ଜାଣିଲା । ରାଜପୁତ୍ରମାନେ ବ ଜାଣିଲେ । ଯିବାପାଇଁ ମନ ଉଦ୍‌ବିଗ୍ନ ହୋଇ ଉଠିଲା । ସାହସୀ ରାଜକୁମାରମାନେ ହାତ ହତିଆର ବାନ୍ଧି ପକ୍ଷୀ-ରାଜ ଘୋଡ଼ା ଚଢ଼ି ବାହାରିଲେ ବାହାଦୁର ପଣରେ ।

ମିଶ୍ରେ ତାଙ୍କ କାମ କରିବାରେ ଲାଗିଥାନ୍ତି । କିଛିଦିନ ପରେ ଯାଇ ଘରେ ପହଞ୍ଚି ଶୁଣିଲେ-ଲକ୍ଷିଆ ତନ୍ତୀ ମରିଗଲାଣି । ମୁଣ୍ଡରେ ତାଙ୍କର ବଜ୍ରାଘାତ ହେଲା ।

Digitized by PPRACHIN, SOA

ଦଶଟା ଟଙ୍କା । ବରକୋଳି ମଞ୍ଜି ଭଳିଆ ନଦା । କେତେ କଷ୍ଟରେ ଉପାର୍ଜ୍ଜନ କରିଥିଲେ । ଅନାଇଁ ଅନାଇଁ ବୁଡ଼ିଗଲା । କ'ଣ କରିବେ, ନକରିବେ, ଭାବି ଭାବି ପାଗଳ ହେବାକୁ ବସିଲେ ।

ତାଙ୍କ ସ୍ତ୍ରୀ କହିଲା—ହଇ ହେ, ଲକ୍ଷିଆ ଯୋଗେ ତୁମେ ହଜାରେ ମୋହର ଆଣି ଘରେ ରଖିଲଣି, ଆହୁରି ହଜାରେ ବି ପାଇବ ବୋଲି କହୁଛ, ଟଙ୍କା ବୋଲି ଦଶଟାତ, ଗଲେ ଗଲା । ଏଥିପାଇଁ ଏତେ ଚିନ୍ତା କରୁଛ କାହିଁକି ?

କଥାଶୁଣି ମିଶ୍ରଙ୍କ କଲିଜାରେ ନିଆଁ ଲାଗିଗଲା । ସେ ମୁଖ ଆଖି ବିକୃତ କରି କହିଲେ—ସକଳଖାଇ ହତଲକ୍ଷ୍ମୀ !; ତୋ'ରି ଯୋଗେ ମୋତେ ସଂସାରରୁ ଯିବାକୁ ପଡ଼ିବ ଦେଖୁଛି । ଆଲୋ ! ମୁଁ କେତେ ଦୁଃଖ କଷ୍ଟରେ ପାଞ୍ଚି ମୁଣ୍ଡ ମାରି ଟଙ୍କା ଜମାକରିଥିଲି । ସେ ନିବଂଶିଆ ତର୍କୀଟୋକା ହକ୍ ନେଇ ଖାଇ ପିଇ ମରିଗଲା ।

ମଲାତ ମଲା ଭଲକଲା । ମୋ' ଟଙ୍କା ନଦେଇ କାହିଁକି ମଲା ? ଯେବେ ମଲା, ତେବେ ମୁଁ ତାକୁ ମୋଟେ ଛାଡ଼ିବିନି । ଯେଉଁ ଘୂଇ ଗାତରେ ସେ ପୋଡ଼ା ହୋଇଥିବ, ସେହି ଗାତରେ ଗୋଟିଏ ଗଛ ଲଗାଇ କାଳିଦା କରି ରଖିବି । ଫଳ ଫଳାଇ ପାଞ୍ଚବର୍ଷରେ ହେଉ କି ଦଶବର୍ଷରେ ହେଉ ମୋ' ମୂଳ ଟଙ୍କାତକ ଅସୁଲ କରି ନେବି ।

ସୁଧ ବାବଦକୁ ତୋର ହେଲା ଉପବାସ ପାଳି । ଆଜିଠୁଁ ବର୍ଷେ ପର୍ଯ୍ୟନ୍ତ ତୁ ଦିନବେଳାକ ଖାଇ ରାତି ବେଳାକ ଉପବାସ କରିବାକୁ ପଡ଼ିବ । ସେ ବାବଦ୍‌ରେ ଯାହା ବଞ୍ଚିଯିବ, ସେତିକରେ ମୋର ସବୁ ଆଦାୟ ପାଇଯିବ । କ୍ଷତିର ଆଉ ପ୍ରଶ୍ନ ବି ଉଠିବନି ।

ସ୍ତ୍ରୀ କହିଲା—ମାନିଲି । ମୁଁ ପଛକେ ବର୍ଷେ କାହିଁକି ଦିବର୍ଷ ଉପବାସ କରିବି, ତୁମେ ତା' ଘୂଇ ଗାତରେ, ଗଛ ପୋତ ନାଁ । ଏକଥା ଦେଖି ଲୋକେ ଉପହାସ କରିବେ ।

ମିଶ୍ରେ କହିଲେ—କାହିଁକି ? ଲୋକଙ୍କର ମୁଁ କ'ଣ ଖାଏ ନାଁ ଧାରେ ? ସେମାନେ ହସିଲେ ମୋର ଯାଏ ଆସେ କ'ଣ ? ମୁଁ

Digitized by PPRACHIN, SOA

ମୋ ବପ୍ପର ଦୃଷ୍ଟିରୁ ଛଙ୍କା ଆଦାୟ ଧାଇବାକୁ ଯାହା ଘୁବଛୁ, ଠିକ୍ ତାହାହିଁ କରିବ । ତୁ ତୋ କାମରେ ଯା, ମୁଁ ମୋ କାମରେ ବାହାରିଲ ।

× × × ×

ସ୍ୱପ୍ନ ସୁନ୍ଦରୀ ସମାଗ୍ଧର କ୍ରମେ କ୍ରମେ ତୁଣ୍ଡବାଇଦ ସାହାଯ୍ୟରେ ପ୍ରସାର ଲଭ କଲ । ଲକ୍ଷ ଲକ୍ଷ, କୋଟି କୋଟି ଲୋକ ଜାଣିବାକୁ ପାଇଲେ । ନାନା-ସ୍ଥାନରେ ଆଲୋଚନା ସମାଲୋଚନା ଗ୍ଧଲଲ । ଶହ ଶହ ଗ୍ଜପୁତ୍ର ଯାଇ ପରୀକ୍ଷାରେ ଅଂଶ ଗ୍ରହଣକଲେ । ସେମାନଙ୍କ ମୁହଁଲଜ ମୁହଁରେ ମଲ । ଲଜ ପାଇଲେ । ପଳାଇ ଆସି ପାରିଲେନ । ମାୟା ମହଲରେ ବନ୍ଦୀ ହୋଇ ରହିଲେ ।

× × × ×

ଗ୍ଜ୍ୟ ନାମ 'କଳାହାଣ୍ଡି ବସ୍ତର' । ରଜାଙ୍କ ନାଁ ପ୍ରଥମନାଥ ଦେବ । ଗ୍ଣୀ ସୂର୍ଯ୍ୟମଣି ପାଟମହାଦେଈ । ଦୟାବନ୍ତ, ଅତିଥି ବତ୍ସଳ ଦେବ ବିପ୍ର ଅନୁରକ୍ତା, ଧର୍ମ ପଗ୍ୟଣା, ମହାସତୀ । ଗୋଟିଏ ପୁତ୍ର ସନ୍ତାନ ଛଡ଼ା ଭଗବାନ ତାଙ୍କ କୋଳରେ ଆଉକିଛି ଦେଇନଥାନ୍ତି । ରଜା ଗ୍ଣୀ ସେହି ଅଖିଳ ପୁତ୍ରର ନାମ ଦେଇଥିଲେ—ସ୍ୱପ୍ନକୁମାର ।

ବର୍ତ୍ତମାନ ସେ ଯୁବକ । ସପ୍ତଦଶ ବୟସ ଅତିକ୍ରମ କରି ଅଷ୍ଟାଦଶ ବୟସରେ ପଦାର୍ପଣ କରିଛି । ଗୁରୁ ଗୃହରେ ରହି ରୀତିମତ ବିଦ୍ୟା ଅଧ୍ୟୟନ କରି ସାରିଥାଏ । ଓସ୍ତାଦ୍‌ମାନଙ୍କ ପାଖରୁ ମଲ୍ଲବିଦ୍ୟା ଓ ଧାନୁକୀମାନଙ୍କ ପାଖରୁ ଧନୁର୍ବିଦ୍ୟା ଅଭ୍ୟାସ କରି ନେଇଥାଏ । ଢାଲ, ତରୁଆଲ, ବର୍ଚ୍ଛା ଓ ଚକ୍ର ଇତ୍ୟାଦି ଖେଳ ଆଖଡ଼ାଶାଳରୁ ଗ୍ରହଣ କରିବାପରେ ଲଗିଥାଏ ପରୀକ୍ଷା ଦେବାକୁ ।

କଳାହାଣ୍ଡି ବସ୍ତର-ଗ୍ଜ୍ୟର ଯୁବଗ୍ଜ ସେ । ଅଭାବ ଅଭିଯୋଗ ନାହିଁ । ଚିନ୍ତା କେଉଁ କଥାକୁ ! ନିଶ୍ଚିନ୍ତ ମନରେ ନାନାପ୍ରକାର ବିଦ୍ୟା ଶିକ୍ଷା କରି ଜୀବନକୁ ମହାର୍ଘ ଉପାଦାନରେ ସଜାଇବା ହେଲ ତା'ର ପ୍ରଧାନ ଲକ୍ଷ୍ୟ ।

Digitized by PPRACHIN, SOA

ପିଲାଟି ଅମନଯୋଗୀ ନୁହେଁ । ଜିଦ୍‌ଖୋର, ମେଧାବୀ, ଏକନିଷ୍ଠ ଏବଂ କର୍ତ୍ତବ୍ୟ ପରାୟଣ । ଯେଉଁ କାର୍ଯ୍ୟରେ ଥରେ ମନୋନିବେଶ କରେ ତାହା ଶତ୍ତମତ ହାସଲ ନହେବା ପର୍ଯ୍ୟନ୍ତ ଛାଡ଼େ ନାହିଁ । ଯାହା କରେ, ତାହା ଭଲରୂପେ ଭାବ ବିଚାର କରେ । ଏଥିପାଇଁ କୌଣସି କାର୍ଯ୍ୟରେ ବିଫଳ ହୁଏନ ସେ ।

ଆଜି ପ୍ରଥମ ଥର ପାଇଁ ସ୍ୱପ୍ନ-ସୁନ୍ଦରୀ କଥା ତା' କାନରେ ପଡ଼ୁଛି । ଚିତ୍ରପଟ ବି ଦେଖିଛି, ପ୍ରଚ୍ଛଦପଟ ପଢ଼ିଛି । ଏଭଳି ଗୋଟିଏ କାର୍ଯ୍ୟରେ ଅଂଶଗ୍ରହଣ କରି ସଫଳକାମୀ ହୋଇପାରିଲେ ପୃଥିବୀରେ ତା'ର ଯଶ ଖ୍ୟାତି ପ୍ରଚାର ହେବ, ଏକଥାବି ଭାବିଛି । ହେଲେ କେତେଦୂର ପାରି ଉଠିବ ନଉଠିବ, ଏଥିପାଇଁ ବିଚାର ଦରକାର । ସୁଚିନ୍ତିତ ଧାରଣାଟି ନକରି ହଠାତ୍ ଗୋଟିଏ କାର୍ଯ୍ୟରେ ଆଗେଇ ଯିବା ତା'ର ନୀତି ବିରୁଦ୍ଧ ହେତୁ ସମୟ ନେଇଛି ଭାବିବା ପାଇଁ ।

ନିକାଞ୍ଜନ ଉଦ୍ୟାନ ମଧ୍ୟରେ ତା' ପାଇଁ ନିର୍ମାଣ ହୋଇଥାଏ ଖଣ୍ଡିଏ ସ୍ୱତନ୍ତ୍ର ପ୍ରକୋଷ୍ଠ । ଖରାଦିନେ ଥଣ୍ଡା, ବର୍ଷା ଦିନେ ମଧ୍ୟମ ଓ ଶୀତଦିନେ ଉଷୁମ ଲାଗେ । ଖାଦ୍ୟ ପାନୀୟ ଇତ୍ୟାଦି ଆପଣା ଛୁଏଁ ଆସି ପାଖରେ ପହଞ୍ଚେ । ଖାଇ ସାରିବା ପରେ ଶଙ୍ଖୁଡ଼ି ବାସନ ଇତ୍ୟାଦି ପରିଷ୍କାର ହେବା ସ୍ଥାନକୁ ଚାଲିଯାଏ । ଏଥିପାଇଁ କୌଣସି ଦାସଦାସୀ ଦରକାର ନଥାନ୍ତି । ସେହି ପ୍ରକୋଷ୍ଠର ନିରୋଳା ପରିବେଶ ମଧ୍ୟରେ ସ୍ୱପ୍ନକୁମାର ତା'ର ସମସ୍ତ ଭାବନାର ଚୂଡ଼ାନ୍ତ ଗ୍ରହଣ କରେ ।

ସେ ଦିନର ଶୁଭରାତ୍ରି ମାହେନ୍ଦ୍ର ମୁହୂର୍ତ୍ତରେ ଆସି ପଦାର୍ପଣ କଲା ନିର୍ଜନ ପ୍ରକୋଷ୍ଠରେ । ବାହାରେ ସୂଚୀଭେଦ୍ୟ ଅନ୍ଧକାର । ମୁହଁକୁ ମୁହଁ ଦେଖା ଯାଉନି । ରାଜବାଟୀରେ କୌଣସି ବ୍ୟକ୍ତି ସେଦିନ ସେଠାକୁ ଯିବା ଆସିବା କରିବାକୁ ମନା କରିଦେଇଥାଏ ସ୍ୱପ୍ନ କୁମାର । ତେଣୁ କେହି ଯିବା ଆସିବା କରୁ ନଥାନ୍ତି ।

Digitized by PPRACHIN, SOA

ନିର୍ଜନ ପ୍ରକୋଷ୍ଠରେ ନିରେଳା ପରିବେଶ ମଧ୍ୟରେ ବସି ଭାବୁଥାଏ ନିଷ୍ପନ୍ଦ ଅବସ୍ଥାରେ ସ୍ୱପ୍ନକୁମାର । କ'ଣ କରିବ, ସ୍ୱପ୍ନ ସୁନ୍ଦରୀର ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା କିପରି ସୂକ୍ଷ୍ମ ଉପାୟରେ ପରିପୂରଣ କରି ଯଶ ପତାକା ଉଡ଼ାଇବ, ଏହି ବିଷୟ ନେଇ ବହୁତ ଭାବିଲା । ସଫଳତା ଲାଗି ସେ ଯେତେ ଦୂରକୁ ଆଗେଇଲା, ଦେଖି ପାରିଲା ସେତେ ଅନ୍ଧାର । ନିରାଶାର ନିବିଡ଼ ବନଲତା ଭେଦି ଆଶାର କ୍ଷୀଣ ଆଲୋକ ବିନ୍ଦୁଟିଏ ବି ନେତ୍ରାରୂଢ଼ ହେଲାନି । ତେଣୁ ସେ ଆଶା ନିରାଶାର ଦ୍ୱନ୍ଦ-ପ୍ରତିଦ୍ୱନ୍ଦରେ ଧକ୍କାଖିଆ ବୋଳହାଂକ ପରି କେବେ ଏ କୂଳ ତ କେବେ ସେ କୂଳ ହେଉଥାଏ ।

ରାତି ଆସି ପାହାନ୍ତା ହେଲାବେଳକୁ ହଠାତ୍ ତା' ମନ ମହଲର ଅଭେଦ୍ୟ କଳଣୀ ଠେଲି ଉଦ୍‌ଯୋଗ ପୁରୁଷ ବାହାରି ଆସିଲା ଏବଂ କହିଲା—

ହେ ! ଉଦ୍‌ଯୋଗୀ ପୁରୁଷ ରତନ ?
ନିରାଶାରେ କିମ୍ପା ଜର୍ଜରିତ ?
ଉଦ୍‌ଯୋଗରେ ହୋଇବ ସାଧନ
ଯାହା ତୁମ ସ୍ୱପରିକଳ୍ପିତ ।
ନିରୁତ୍ସାହେ ନିରାଶାର ଘୋର ଅନ୍ଧକାରେ—
ଭ୍ରମ ହୋଇ ନ ଫେରି ପଛକୁ—
ଆଗକୁ ଚଳାଅ ପଦ ବିଜୟ ଆଶାରେ—
ବଂକେଇ ଗଡ଼ ନିଥର ବକ୍ଷକୁ ।
ସଫଳ ନିଶ୍ଚିତ ଅଛି ଉଦ୍‌ଯୋଗ ପଛରେ
କର୍ମନିଷ୍ଠ ଜନତା ନିମନ୍ତେ,
ଦେବବସେ ଦୁଷ୍ପ୍ରାପ୍ୟ ଧନ ସମର୍ପିପାଦରେ,
ସାହସର ଜୟମାଳ୍ୟ ହସ୍ତେ ॥"

Digitized by PPRACHIN, SOA

ଭାବନାର ସଫଳତା ସ୍ୱପ୍ନ କୁମାରର ପ୍ରତ୍ୟେକ ତନ୍ତ୍ରୀରେ ଝଙ୍କାରିତ ହୋଇ ସାହସର ଉତ୍ତୁଙ୍ଗ ଶିଖରେ ପୋତି ଦେଲା ବିଜୟର ଯଶସ୍ୱୀ ପତାକା । ମନ କହିଲା—"ଯାହାକିଛି ହୋଇ-ଯାଉ ପଛେ, ଯିବି । ଦେଖିବି, ସ୍ୱପ୍ନସୁନ୍ଦରୀର ପଣ ଟାଣ କି ସ୍ୱପ୍ନ-କୁମାରର କର୍ତ୍ତବ୍ୟ ଟାଣ ।"

× × × ×

ପ୍ରାଚୀ ବଧୂର ସୀମାନ୍ତ ପ୍ରଦେଶରେ ଉଜ୍ଜ୍ୱଳ ମଥାମଣି ସଦୃଶ ଶୁକ୍ର ତାରା ଦେଖା ଦେଇଛି । କୁକ୍‌କୁଟ ପକ୍ଷୀ ଡାକୁଛି-ଚନ୍ଦ୍ରଧରଙ୍କୁ ରକ୍ଷାକବଚ ପାଇଁ । ରଥାଙ୍ଗ ଦମ୍ପତି ପୁନର୍ମିଳନ ଆଶାରେ ସଙ୍କେତ ହାରି ଡାକହାକ ହେଉଛନ୍ତି । ମନରେତ୍ତର ଦକ୍ଷିଣାବାୟୁ ଧୀରେ ଧୀରେ ପ୍ରସରିଯାଉଛି ଉତ୍ତର ଦିଗକୁ । ସ୍ୱପ୍ନକୁମାର ଭାବନାରାଜ୍ୟରୁ ଫେରିଲା ।

ପିତାମାତାଙ୍କ ଉଦ୍ଦେଶ୍ୟରେ ଲେଖିଲା ଖଣ୍ଡିଏ ଚିଠି । ତାକୁ ନେଇ ରଖିଦେଲା ସିଂହ ଦରଜାର ସିଂହମୂର୍ତ୍ତି ଉପରେ । ଗଡ଼-ଚଣ୍ଡୀଙ୍କ ମନ୍ଦିରରେ ପହଞ୍ଚି ତାଙ୍କୁ ଦର୍ଶନ କଲା । ବାହାର ଠଣାରେ ମହଜୁତ ଥିବା ଛଡ଼ା ସିନ୍ଦୂର ଟିକିଏ ମୁଣ୍ଡରେ ଓ ବେକରେ ଲଗାଇ ମନରେ ମନାସି ଜଣାଇଲା ପରେ ଧୀରେ ଧୀରେ ଆଗେଇଲା ଅସ୍ତାଚଳ ଆଡ଼େ ।

ସଇସମାନେ ଗାଢ଼ ନିଦ୍ରାରେ ଶୋଇ ଘୁଙ୍ଗୁଡ଼ି ଉପରେ ଘୁଙ୍ଗୁଡ଼ି ମାରୁଥାନ୍ତି । କାହାରି ଚେତା ଚଇତନ୍ୟ ବି ନଥାଏ । ଘୋଡ଼ାଗୁଡ଼ାକ ତନ୍ଦ୍ରା ଆଳସ ତ୍ୟାଗକରି ହାଇ ମାରୁଥାନ୍ତି ଓ ଦେହ ସାରା କରି ଅଳସ ଭାଙ୍ଗୁଥାନ୍ତି । ସ୍ୱପ୍ନ କୁମାର ଯାଇ ପହଞ୍ଚିଲା ତା ପ୍ରିୟ ପକ୍ଷୀରାଜ ସ୍ୱସ୍ତିକ ପାଖରେ ।

ମାଲିକକୁ ଦେଖି ସ୍ୱସ୍ତିକ-ଅଶ୍ୱ ଆନନ୍ଦରେ କୁରୁଳି କରି ପଦକୁ ଥରେ ଆଘ୍ରାଣ କଲାପରେ ମୁହଁଟି ଆଣି ତା କାନ୍ଧ ଉପରେ ଲଦିଦେଲା ।

Digitized by PPRACHIN, SOA

ସ୍ୱପ୍ନ କୁମାର ତାକୁ ଆଉଁସି ଦେଉ ଦେଉ ଧୀର କଣ୍ଠରେ କହିଲା—"ପ୍ରିୟ ସ୍ୱସ୍ତିକ ! ତୋତେ ସଙ୍ଗରେ ନେଇ ମୁଁ ଆଜ ବାହାରିବି ଗୋଟିଏ ଅସାଧ୍ୟ କାର୍ଯ୍ୟ ସାଧନ କରିବାକୁ । ପଶୁଜୀବ ହେଲେ ମଧ୍ୟ ମୁଁ ତୋତେ ଚିହ୍ନିଛି । ତୋ ମଧ୍ୟରେ ଅଶେଷ ସୁଗୁଣର ସନ୍ଧାନ ପାଇଛି । ତେଣୁ ତୁ ମୋର ପରମ ସୁହୃଦ । ତୋ' ଛଡ଼ା ସଂସାରରେ ମୁଁ କାହାକୁ ବିଶ୍ୱାସ କରେ ନାହିଁ । ବର୍ତ୍ତମାନ ଅତି ଧୀର ପଦରେ ଅସ୍ତାଚଳରୁ ବାହାରିଆ, ମାହେନ୍ଦ୍ର ମୁହୂର୍ତ୍ତରେ ଅନୁକୂଳ କରିଯିବା ସ୍ୱପ୍ନସୁନ୍ଦରୀ ନିଳୟକୁ ।

ସ୍ୱସ୍ତିକ ତା' ପ୍ରଭୁର ବିବାଦ ଅନୁସାରେ ଖୁବ୍ ସାବଧାନ ସହକାରେ ବାହାରି ଆସିଲା । ସ୍ୱପ୍ନ କୁମାର ତା' ପୃଷ୍ଠରେ ସମାସୀନ ହେଲା ମାତ୍ରେ ପକ୍ଷୀପରି ଉଡ଼ି ଚାଲିଲା ସେ ।

ରାତି ପାହି ଯିବାରୁ ପ୍ରହରୀମାନେ ସିଂହଦ୍ୱାର ସଫା କରିବାକୁ ଆସି ପତ୍ର ଖଣ୍ଡିକ ପାଇଲେ । ଯୁବରାଜଙ୍କ ହାତଲେଖା ଚିଠି । ଅନୁଚରମାନେ ସାଥେ ସାଥେ ନେଇ ମହାରାଜଙ୍କୁ ଦେଲେ । ମହାରାଜ ପଢ଼ି ଦେଲାମାତ୍ରେ ମୁଣ୍ଡ ଭିତରେ ବିଜୁଳି ଚମକିଗଲା । ସେ ଯାଇ ମହାରାଣୀଙ୍କୁ କହିଲେ ।

ମହାରାଣୀ କଥାଟା ଶୁଣିବା ମାତ୍ରେ ଧୈର୍ଯ୍ୟଧରି ଠିଆ ହୋଇ ପାରିଲେନି । ତାଙ୍କ ଆଖି କୋଣରୁ ଟପ ଟପ ହୋଇ ଗଡ଼ି ପଡ଼ିଲା ତତଲା ଅଶ୍ରୁର ଶ୍ରାବଣୀ ଧାର । ଶୋଇ ଶୋଇ ଦୁଃଖରେ ଚିତ୍କାର ଉଦା କରୁଥାନ୍ତି ।

ଦାସୀମାନେ ଅବା ସାନ୍ତ୍ୱନା ଦିଅନ୍ତେ, ମାତ୍ର ସେମାନଙ୍କ ଦୁଃଖ ରାଣୀଙ୍କ ଅପେକ୍ଷା ବଳି ପଡ଼ିଲା । କେହି ହେଲେ ଜଣେ ଧୈର୍ଯ୍ୟ ଧରି ପାରିଲେନି ।

ସମସ୍ତଙ୍କ ଆଖିରେ ଅଶ୍ରୁ । ବୁକୁରେ ବେଦନା ଓ' ମନରେ ହତାଶ ଭାବ । କ'ଣ ହେଲା, କାହିଁକି ଗଲେ, କୁଆଡ଼େ ଗଲେ ? ଏହି କଥା ଭାବି ସମସ୍ତେ କାନ୍ଦିଲେ ।

Digitized by PPRACHIN, SOA

କଳାହାଣ୍ଡି ରାଜନବରର ଉଜ୍ଜ୍ୱଳ ଆଲୋକ ଏକମାତ୍ର ସ୍ୱପ୍ନ କୁମାର । ଦାସ ଦାସୀମାନଙ୍କଠୁଁ ଆରମ୍ଭକରି ରାଜା ରାଣୀ ପର୍ଯ୍ୟନ୍ତ ସମସ୍ତେ ତାଙ୍କୁ ଭଲ ପା'ନ୍ତି । ତା' ଅମାୟିକ ଗୁଣ ଓ ମଧୁର ବ୍ୟବହାରରେ ସମସ୍ତେ ସନ୍ତୋଷ ହୁଅନ୍ତି । ପିଲାଠା ବଡ଼ରୁ ସାନ ପର୍ଯ୍ୟନ୍ତ କେବେ କାହାରି ମନରେ କଷ୍ଟ ଦିଏନି କି କାହାକୁ କଟୁ କଥା କହେନି । ତାକୁ ନଦେଖିଲେ ସମସ୍ତଙ୍କୁ ବଡ଼ ଅଶାନ୍ତି ଲାଗେ ।

ଆଜି ତା' ମନରେ କିଏ କିଛି ଆଘାତ ଦେଲା ? କାହିଁକି ତେବେ ରାଜବାଟୀ ତ୍ୟାଗ କରି କାହାକୁ କିଛି ନକହି ଚାଲିଗଲା ସେ ? ଏହି ଭାବନାରେ ସମସ୍ତେ ବ୍ୟଥିତ ହୋଇଉଠିଲେ । ଟିକିରି ବିଷୟବସ୍ତୁ ପ୍ରତି କାହାରି ଧ୍ୟାନ ରହିଲାନି ।

ରାଜପୁରୀରେ ହଠାତ୍ ଏପରି ବିଷାଦର କଳାଛାଇ ଘୋଟିଯିବା କଥା ଶୁଣି ମନ୍ତ୍ରୀ ଆସି ପହଞ୍ଚିଲେ । ଟିକିଠା ଆମୂଳଚୂଳ ପଢ଼ି କହିଲେ—ମହାରାଜ ! ଆପଣ ଏତେ ଅଧୀର ହେଉଛନ୍ତି କାହିଁକି ? ବୀରପୁତ୍ର ଯାଇଛି ବୀର କର୍ମ କରି ଖ୍ୟାତି ଅର୍ଜନ କରିବାକୁ । ଗୋଟିଏ ମାସ ମାତ୍ର କଣ୍ଟ ଦେଇଛି । ମୋର ଧାରଣା ଯୁବରାଜ ଯେପରି କର୍ମନିଷ୍ଠ ସେ କେବେ ବିଫଳ ମନୋରଥରେ ଫେରିବେନି । ସେ ଯାହା କରନ୍ତି, ଭଲରୂପେ ଭାବି ବିଚାରି କରନ୍ତି । ଯାହା ତାଙ୍କ ଶକ୍ତିର ବହିର୍ଭୂତ କାର୍ଯ୍ୟ, ତାହା ସେ କରିବାକୁ ଇଚ୍ଛା କରନ୍ତିନି । ମୁଁ ଜାଣେ ତାଙ୍କପରି ପ୍ରତ୍ୟୁତ୍ପନ୍ନମନା ଲୋକ ଜଗତରେ କମ୍ ଦେଖା ଯା'ନ୍ତି । ତେଣୁ ଆପଣ ଦୁଃଖ ନକରି ପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ, ତାଙ୍କର ଜୟ ହେଉ । ସେ ହିଁ ଶୁଭରେ ଯଶଖ୍ୟାତି ଅର୍ଜନ କରି ସହସା ଗୃହକୁ ଫେରି ଆସନ୍ତୁ । ମୁଁ ବି ଆଜି ମୋ' ପୁଅ ଚନ୍ଦ୍ରକାନ୍ତକୁ ପଠାଇବି । ସେ ଯାଉ, ତାଙ୍କୁ ଖୋଜି ଖୋଜି, ତାଙ୍କ କାର୍ଯ୍ୟରେ ସହାୟତା କରିବ ।

Digitized by PPRACHIN, SOA

ମନ୍ତ୍ରୀଙ୍କ କଥା ଶୁଣି ରାଜା ରାଣୀ ଟିକିଏ ଆଶ୍ୱସ୍ତ ହେଲେ । ଦାସ ଦାସୀମାନେ ଗଲେ ମହଲର କାର୍ଯ୍ୟରେ ନ୍ୟସ୍ତ ହେବାକୁ । ସାରା ରାଜଗଡ଼ର ଦେବ ଦେବୀମାନଙ୍କ ମନ୍ଦିର ମାନଙ୍କରେ ବ୍ରାହ୍ମଣ ବରଣୀ ଓ ଅଭିଷେକ ଇତ୍ୟାଦି ବରାଦ କରାଗଲା । ଦୁଃଖୀ ଦରିଦ୍ର ମାନଙ୍କୁ ଭୂରିଭୋଜନ ଓ ବସ୍ତ୍ରଦାନ ହେଲା । ସମସ୍ତେ କଲ୍ୟାଣ କଲେ । ରାଜ ତୋରଣରେ ବସିଲା ସାତଟି ପୂର୍ଣ୍ଣକୁମ୍ଭ ।

ମନ୍ତ୍ରୀଙ୍କ ଆଦେଶରେ ତାଙ୍କ ପୁଅ ଚନ୍ଦ୍ରକାନ୍ତ ଗଲା ଗୋଟିଏ ପକ୍ଷୀରାଜ ଘୋଡ଼ାରେ ଚଢ଼ି ଯୁବରାଜଙ୍କ ସନ୍ଧାନ ନେବାକୁ । ରାଜ ନଗରରେ ପ୍ରତିଦିନ ହରିହାଟ, ନିନାଥମେଳା, ଶନିଶ୍ଚର ମେଳା ଓ ନବଗ୍ରହ ଇତ୍ୟାଦିଙ୍କ ମେଳା ଅନୁଷ୍ଠାନ ସଙ୍ଗେ ବାଲ୍ୟଲୀଳା, ସାଧୁସନ୍ଥ ସେବା, ଅଲେଖ-ଭିକ୍ଷା, ମହିମାକୀର୍ତ୍ତନ ଧାରାବାହିକ ସୂତ୍ରେ ଚାଲିଥାଏ ।

× × × ×

ସ୍ୱସ୍ତିକ ଅଶ୍ୱ ସ୍ୱପ୍ନ କୁମାରକୁ ନେଇ ବିଜୁଳି ବେଗରେ ଦଉଡ଼ି ଦଉଡ଼ି ପହଞ୍ଚିଲା ଗୋଟିଏ ହ୍ରଦପାଖରେ । ହ୍ରଦଟି ଦେଖିବା ପାଇଁ ଶ୍ରେଷ୍ଠ ହେଲେ କ'ଣ ହେବ, ଗୁଣ ତା'ର ବହୁତ ।

ହଜାର ହଜାର ସାପଙ୍କର ବାସଭୂମି ସେ । ବିଷଜ୍ୱାଳାରେ ହ୍ରଦଠାରୁ ଆରମ୍ଭ କରି ବହୁଦୂର ପର୍ଯ୍ୟନ୍ତ ଗଛ, ଲତା, ଗୁଳ୍ମ, ତୃଣ ସବୁ ଜଳି ଯାଇଛି । ବନସ୍ତରେ ଥିବା ଜୀବଜନ୍ତୁମାନେ ଭୁଲରେ ଏ ପର୍ଯ୍ୟନ୍ତ ଏହି ବାଟ ଦେଇ ଆସନ୍ତିନି ।

ଦୈବଯୋଗକୁ ସ୍ୱସ୍ତିକ ଯାଇ ସେହିଠାରେ ଦମ୍ ନେଲା । ଦୂର ଦୂରାନ୍ତରୁ ଅଙ୍କା ବଙ୍କା ହୋଇ ସ୍ୱଚ୍ଛ ଝରଣାଟିଏ ହ୍ରଦ କଡ଼େ କଡ଼େ ବହୁଥାଏ । ସାପମାନେ ସେହି ଝରଣାରୁ ଜଳପାନ କରନ୍ତି । ରାତି ସାରା ଯାଆନ୍ତି ଚରା କରିବାକୁ । ପ୍ରଭାତରୁ ଅରୁଣ କିରଣ ପ୍ରକାଶ ହେଲା ମାତ୍ରେ ଖରା ଖାଇବାକୁ ଗଦା ହୁଅନ୍ତି ହ୍ରଦଉପରେ । ଦିନ ପ୍ରହରକ ଯାଏ ସେମାନଙ୍କର ମେଳି ରାଜତ୍ୱ ଚାଲେ । ପୁଣି ଠାଣ

Digitized by PPRACHIN, SOA

ଖବର୍ ହେଲେ ନିଜ ନିଜ କୋରଡ଼ ଉଣ୍ଡି ସମସ୍ତେ ଯାଆନ୍ତି ବିଶ୍ରାମ କରିବାକୁ ।

ସ୍ୱପ୍ନ କୁମାର ଓ ସ୍ୱସ୍ତିକ ପହଞ୍ଚିଲାବେଳକୁ ଦିନ ତିନି ପ୍ରହରରୁ ଗଡ଼ି ଯାଇଥିଲା । ସେତେବେଳେ ସାପମାନେ ନିଦ୍‌ଘୋଡ଼ି ନିଦରେ କୋରଡ଼ରେ ଶୋଇଥିଲେ । ତେଣୁ ଏମାନଙ୍କ ଉପସ୍ଥିତି ଜାଣିବା କଷ୍ଟ । ଏମାନେ ବି ସାପମାନଙ୍କ କଥା କାହିଁକି ଜାଣନ୍ତେ ! ସୁତରାଂ ଆନନ୍ଦରେ ବସି ସେ ସ୍ଥାନର ଶୋଭା ଦେଖୁଥିଲେ । ସ୍ୱସ୍ତିକ ଗଲା ଜଳପାନ କରିବାକୁ ।

ଘୋଡ଼ା ଏବଂ ମଣିଷର ବାସନା ପାଇ ଗୋଟାଏ ଅକାଣ୍ଡ ସାପର ନିଦ ଭାଙ୍ଗିଲା । ପୂର୍ବଦିନ ରାତିରେ ଯାହା କିଛି ଆଧାର ପାଇଥିଲା, ତାହା ଆସି ଜୀର୍ଣ୍ଣ ହେବାକୁ ବସିଥାଏ । ଭୋକ ଶୋଷ ଦେଖାଇ ନଥିଲେ ବି ଜୀବ ମନୁଷ୍ୟ ବାସନା ପାଇ ପେଟ ଡାକ ଛାଡ଼ିଲା । ତେଣୁ ସେ ବାହାରିଲା କୋରଡ଼ ଭିତରୁ ବିରାଟ ରୂପ ଧରି । ମୁଣ୍ଡ ଉପରେ ତାର ଜଳୁଥିଲା ଗୋଟିଏ ଉଜ୍ଜ୍ୱଳ ମଣି ।

ମଣିଟିର ତେଜ ଏତେ ପ୍ରଖର ଯେ, ଦିବସର ସଫେଦ ଆଲୋକକୁ ମଳିନ କରାଇ ମଧ ଦାଉଦାଉ ଦେଖାଯାଉଥାଏ । ଚତୁର ସ୍ୱସ୍ତିକର ଦୃଷ୍ଟି ପଡ଼ିଗଲା ସାପ ଉପରେ । ସାପ ସେତେବେଳକୁ ପୂରାପୂରି କୋରଡ଼ରୁ ବାହାରି ସାରି ନଥିଲା । ତେଣୁ ଆଉ ପାଣି ପିଇବ କ'ଣ ? ବରଂ ପକ୍ଷୀରାଜ ଶର ମାରି ପହଞ୍ଚିଲା ସ୍ୱପ୍ନ କୁମାର ପାଖରେ ।

ହଠାତ୍ ସ୍ୱସ୍ତିକକୁ ଭୟାତୁର ଅବସ୍ଥାରେ ଦେଖି ସ୍ୱପ୍ନ କୁମାର ମନରେ ସନ୍ଦେହ ଆସିଲା । ତେଣୁ ସେ ଘଟଣାଟା ଜାଣିବା ପାଇଁ ଖୁବ୍ ସତର୍କତା ସହିତ ଚତୁର୍ଦ୍ଦିଗକୁ ଲକ୍ଷ୍ୟ କରୁଥାଏ, ଏମିତିବେଳେ ସାପଟା ଗର୍ଜ୍ଜନ ଛାଡ଼ି ଦଉଡ଼ିଲା ଖାଇଯିବାକୁ ।

Digitized by PPRACHIN, SOA

ସାହସୀ ରାଜପୁତ୍ର ତଳେ ମାତ୍ର ବିଚଳିତ ନ ହୋଇ ଲକ୍ଷ୍ୟକଲା ଗୋଟିଏ ତୀକ୍ଷ୍ଣ ମୁନା ଶର । ସେହି ଶରଟି ପ୍ରଚଣ୍ଡ ବେଗରେ ଯାଇ ବାଜିଲା ସାପର ମୁଣ୍ଡ ଉପରେ । ସେତିକିରେ ବିଚାରା ଆଉ ମୁଣ୍ଡଟେକି ପାରିଲାନି । ଏକା ସ୍ଥାନରେ ପଡ଼ି ଖାଲି ବାଡ଼େଇ ପିଟି ହେଲା ।

ସ୍ୱପ୍ନ କୁମାର ବିଜୁଳି ପରି ତା' ପାଖରେ ପହଞ୍ଚି ଖଣ୍ଡାରେ ତାକୁ ଖଣ୍ଡ ଖଣ୍ଡ କରି ହାଣି ପକାଇଲା ଏବଂ ତା' ମୁଣ୍ଡରେ ଥିବା ମଣିଟିକୁ ଘେନି ଆସିଲା ।

ଏଭଳି ଏକ ବିପଦ ସଙ୍କୁଳ ସ୍ଥାନ ଦେଖି ତା'ର ମନେ ପଡ଼ିଲା ଗୋଟିଏ ହିତୋପଦେଶ ।

ସର୍ପ, ବ୍ୟାଘ୍ର ଦୁଷ୍ଟ ଯହିଁ ଥିବେ ବାନ୍ଧି ବସା
ବିବେକୀ ସେ ସ୍ଥାନ ତ୍ୟାଗ କରିବେ ସହସା ।
ବାହାଦୁରୀ ପଣେ ଯେବା ସେ ସ୍ଥାନେ ରହିବ
ଅବଶ୍ୟ ମୃତ୍ୟୁ ତାହାକୁ ଆହ୍ୱାନ କରିବ ॥

ଏହି ଉପଦେଶ ପ୍ରତି ଧ୍ୟାନରଖି ସେଠାରୁ ଚାଲିଯିବା ପାଇଁ ପ୍ରସ୍ତୁତ ହେଲା । ବେଗଗାମୀ ଅଶ୍ୱ ସ୍ୱସ୍ତିକ ପୃଷ୍ଠରେ ସମାସୀନ ହେଲା ମାତ୍ରେ ସେ ଉଡ଼ିଗଲା ବିଜୁଳି ବେଗରେ । ଗୋଟିଏ ଋଷି ଆଶ୍ରମ ପାଖରେ ସନ୍ଧ୍ୟା ଲାଗିଲା ।

ଋଷି ଜଣକ ବୃଦ୍ଧ ନ ହେଲେବି ବାର୍ଦ୍ଧକ୍ୟରେ ପଦାର୍ପଣ କରିବାକୁ ବାହାରିଲେଣି । ମୁହଁରେ ଥିବା ଶ୍ମଶ୍ରୁ ଗୁଚ୍ଛ ପକ୍ୱ ହୋଇ ଆସୁଥାଏ । ଆଖିର ଦୀପ୍ତି ଆଉ ପୂର୍ବପରି ନାହିଁ । ଶ୍ରବଣ ଶକ୍ତି ବି କମି ଆସିଲାଣି । ବର୍ଷ ବର୍ଷ ଧରି ନିବିଡ଼ ଅରଣ୍ୟ ମଧ୍ୟରେ ନିରାପଦ ଅଛନ୍ତି ସେ । କୌଣସି ଖଳଲୋକ କିମ୍ବା ହିଂସ୍ରଜନ୍ତୁ ତାଙ୍କରକେବେ କିଛି ଅନିଷ୍ଟ କରି ନାହାନ୍ତି କି କରିବାକୁ ଚିନ୍ତା କରି ନାହାନ୍ତି ।

ମହା ପୁରୁଷ ସେ । ବିବେକୀଙ୍କ ଚୂଡ଼ାମଣି । ସମ ଦୃଷ୍ଟି ଖେଳାଇ ସମସ୍ତଙ୍କୁ ଆପଣାର କରନ୍ତି । ବିପଦରେ ପଡ଼ି କେହି ତାଙ୍କ

Digitized by PPRACHIN, SOA

ପାଖକୁ ଆସିଲେ ଜୀବନଦେଇ ତାକୁ ସାହାଯ୍ୟ କରନ୍ତି । ନିରାକାର ଭଗବାନଙ୍କ ଚରଣ ଯୁଗଳରେ ମନପ୍ରାଣ ସମର୍ପଣ କରି ସେ ସବୁବେଳେ ଥାଆନ୍ତି ଧ୍ୟାନରେ । ବଚନ ତାଙ୍କର ସିଦ୍ଧିଲାଭ କରିଥାଏ ।

ସେହି ମହା ପୁରୁଷ ଜଣକ ରାଜପୁତ୍ରଙ୍କୁ ସମାଦର କରି ଆଶ୍ରମରେ ସ୍ଥାନ ଦେଲେ ଏବଂ କହିଲେ—"ବଡ଼ କଷ୍ଟ ଦୁଃସାହସ କରିଛ କୁମାର ! ହେଲେ ଭଗବାନ ତୁମର ଅନୁକୂଳ ଅଛନ୍ତି । ମୁଁ ଯୋଗବଳରେ ଜାଣି ପାରୁଛି, ବାଟରେ ତୁମେ ଗୋଟିଏ ମହାର୍ଘ ପଦାର୍ଥ ଲାଭ କରିଛ ?

ସ୍ୱପ୍ନ କୁମାର ସେ ମଣିଟି କଥା ଏବଂ ସାପଟାକୁ ମାରିଥିବା କଥା କହିଲା ।

ଋଷି କହିଲେ—ଯେଉଁ ସାପଟିକୁ ତୁମେ ମାରି ଦେଇଛ, ସେ ହେଉଛି କୁଣ୍ଡଳୀ-ହ୍ରଦ ନିବାସୀ ସାପମାନଙ୍କର ରାଜା । ତା' ମସ୍ତକରେ ମଣିଟି ଥିବାରୁ ସମସ୍ତେ ଆଲୋକ ପାଉଥିଲେ ଏବଂ ଆକସ୍ମିକ ବିପଦ କବଳରୁ ରକ୍ଷା ହୋଇ ପାରୁଥିଲେ । ତୁମେ ତାଙ୍କ ରାଜାକୁ ମାରି ମଣିଟି ନେଇଆସିଥିବାରୁ ସେମାନେ ତୁମ ପଛେ ପଛେ ଛୁଟିଛନ୍ତି । ଆଉ ଘଡ଼ିକ ପରେ ଆସି ଏଠାରେ ଗଣ୍ଡଗୋଳ ଘଟାଇ ଦେବେ ।

କୁମାର ଟିକିଏ ଦବିଯାଇ ପଚାରିଲା—ସେମାନେ ଏକଥା ଜାଣିଲେ କପରି ?

କହିଲେ—ତାଙ୍କ ଭିତରେ ଗୋଟିଏ ବୁଢ଼ା ସାପ ଅଛି । ତାକୁ ତ୍ରିକାଳ କଥା ଜଣାପଡ଼େ । ଏଭଳି ଏକ ଦୁର୍ଘଟଣା ଘଟିଯିବା ପରେ ସେମାନେ ନିଜ ନିଜର ସାଙ୍କେତିକ ଭାଷା ଦ୍ୱାରା କଥାବାର୍ତ୍ତା ହୋଇଛନ୍ତି ।

ପଚାରିଲା—ସାପ ଗୁଡ଼ିକ ଆସି ଏଠାରେ ଗଣ୍ଡଗୋଳ ଆରମ୍ଭ କଲେ ଆପଣ ବି ବିପଦରେ ପଡ଼ିବେ ତ ?

Digitized by PPRACHIN, SOA

କହିଲେ—କିଛି ହେବନି ବାବା କିଛି ହେବନି । ସେମାନଙ୍କର ଶକ୍ତି ଓ ସାହସ କାହିଁ ଆମ ଆଶ୍ରମ ପରିଧିରେ ପଶିବାକୁ ? ଦେଖିବ ସେମାନେ ସ୍ଥାନବାସୀପରି ଦୂରରେ ରହି ପ୍ରାର୍ଥନା କରିବା ଛଡ଼ା କିଛି କରିବେନି ।

ପଚାରିଲି—ମଣିଟିକୁ ଫେରାଇ ଦେବାକୁ ପଡ଼ିବ ?

କହିଲେ—ତା' କିପରି ହେବ ? ପ୍ରଭୁ ତୁମକୁ ଦେଇଛନ୍ତି । ତା' ସାହାଯ୍ୟରେ ତୁମେ ଅବଶ୍ୟ ବହୁତ କିଛି କରିପାରିବ । ପଥକୁ ସଙ୍ଗୀକ ହୋଇ ସେତିକ ମାନ ଅଛି । ଫେରାଇ ଦେଲେ ଚଳିବ କିପରି ?

ପଚାରିଲି—ସାପମାନେ ମଣିଟି ଯୋଗେ ସବୁ କ୍ଷେତ୍ରରେ ଯଦି ଶତ୍ରୁତା କରନ୍ତି ?

କହିଲେ—ତା'ତ କରିବାର କଥା । ହେଲେ ଆମେ ତାଙ୍କୁ ଏହି ସ୍ଥାନରେ ପ୍ରବୋଧ ଦେଇ ଶାନ୍ତ କରାଇ ଦେବା । ସେମାନେ ଖୁସି ମନରେ ଫେରିଯିବେ । ଧନେ ହେଲେ ତୁମପ୍ରତି ଶତ୍ରୁତା କରିବେନି ।

ଏହିପରି କଥାବାର୍ତ୍ତା ହେବାବେଳେ ଦୂରରୁ ସୁ-ସୁ ଗର୍ଜ୍ଜନ ଶୁଣାଗଲା ।

ଋଷି କହିଲେ—ଏହି ଶୁଣ କୁମାର ! ସର୍ପମାନେ କ୍ରୋଧରେ ଗର୍ଜ୍ଜନ କରି କିପରି ଛୁଟି ଆସୁଛନ୍ତି ସେମାନଙ୍କୁ ବାଟରେ ଅଟକାଇ ନ ରଖିଲେ ବଡ଼ କିଛି ଅନିଷ୍ଟ ଘଟିବ । ଏହା କହି ଗୋଟିଏ ମନ୍ଦାରଫୁଲ ମନ୍ତ୍ରଣ କଲେ ଏବଂ କହିଲେ—

ଯା' ଗୁଳିଯା ଧୀରେ ଧୀରେ ଧୀରେ
ଉଗାଳ ଥିବୁ ପୋଖରୀ ତୀରେ ॥
ରଙ୍ଗ ମନ୍ଦାର ତୁ ମାଆଙ୍କ ହାର
ସାପଙ୍କୁ ରଖିବୁ ହୋଇଣ ବାର ॥

Digitized by PPRACHIN, SOA

ଫୁଲ ଧୀରେ ଧୀରେ ଉଡ଼ି ଉଡ଼ି ଯାଇ ପଡ଼ିଲା ପୋଖରୀ କୂଳରେ । ଦେଖୁ ଦେଖୁ ବାଡ଼ ଦେଇପରି ମନ୍ଦାରଫୁଲ ଗଦାହୋଇ ଗଲା ଅଣ୍ଟାଏ ବହଳରେ ।

ଶହ ଶହ ସାପ ଗର୍ଜ୍ଜନ କରି ମାଡ଼ି ଆସୁଥିଲେ ବିଜୁଳୀ ବେଗରେ । ଫୁଲ ଗଦା ପାଖରେ ପହଞ୍ଚି ଯିବାମାତ୍ରେ ସ୍ଥାଣୁପାଲଟି ଗଲେ । ସେମାନଙ୍କ ବଳ ବିକ୍ରମ ସବୁ ଦେଖୁ ଦେଖୁ ଉଭେଇ ଗଲା । ଶୋକେ ହେଲେ ଆଉ ଆଗକୁ ଚଳି ନପାରି ଚେପଟେଇ ପଡ଼ିଲେ ଫୁଲ ଗଦା ଉପରକୁ ।

ନିକୋଳଙ୍କ ଋଷି ସେତେବେଳେ ପ୍ରସାଦ ବାଟୁଳା ସଜାଡ଼ି ରଖିଲେ । ସାପମାନେ ଆସି ଫୁଲ ସ୍ତୂପ ପାଖରେ ଅଟକି ଯିବାରୁ ଧୀରେ ଧୀରେ ଗଲେ ତାଙ୍କ ପାଖକୁ । ସମସ୍ତଙ୍କୁ ଗୋଟିଏ ଗୋଟିଏ ବାଟୁଳା ଖୁଆଇ ମଧୁର କଣ୍ଠରେ କହିଲେ—'ଶାନ୍ତହୁଅ ବାବା ! ଅତି ଦୂଷ୍ଟାମି ଓ ଅବାଧ୍ୟତା ଜୀବ ପକ୍ଷରେ କେବେହେଲେ ଶୋଭନୀୟ ନୁହେଁ । ଯେ ଯାଇଛି ସେ ଗଲା । ତାରି ଯିବା କଥା ଉପରେ ଅଭିମାନ କରି ଆତୁରି ଦଳେ ଯିବା ପାଇଁ ପ୍ରସ୍ତୁତ ହେବାଠାରୁ ଆଉ ମୂର୍ଖତା ଅଛି କ'ଣ ?"

ତୁମମାନଙ୍କ ରଜାଙ୍କ ହତ୍ୟା ଓ ମଣି ହରଣ ହେତୁ କ୍ରୋଧ ହୋଇଛି । ଶତ୍ରୁଠାରୁ ପ୍ରତିଶୋଧ ନେବାପାଇଁ ଦଳବଦ୍ଧ ହୋଇ ଧାଇଁଛ, ମାତ୍ର ବିଚାର କରି ଦେଖି ନାହଁ, ଶତ୍ରୁ ତୁମ ଅପେକ୍ଷା ସବଳ କି ଦୁର୍ବଳ ।

'ଯାହା କଲୁ ହେଉ, ମୋର ଉପଦେଶ ମାନି ତୁମେ ଶାନ୍ତ ହୁଅ । ଆମ ଆଜ୍ଞାରେ ତୁମ ଭିତରୁ ଅନ୍ୟଜଣେ ରଜାହେବ ଓ ତା ମୁଣ୍ଡରେ ଗୋଟିଏ ମଣି ପ୍ରକାଶ ପାଇବ । ଋଷି ଏତିକ କହି ଦେବା ମାତ୍ରେ ସର୍ପମାନଙ୍କ ମଧ୍ୟରେ ଝଲମଲ ହୋଇ ଆଉ ଗୋଟି ଆଲୋକ ଦେଖାଗଲା ।

Digitized by PPRACHIN, SOA

ସବୁ ସର୍ପଯାକ ଏକ ଦୃଷ୍ଟିରେ ଅନାଇ ରହିଲେ ସେହି ଆଲୋକ ଆଡ଼େ ।

ଗୋଟିଏ ପ୍ରକାଣ୍ଡ ସର୍ପ ମସ୍ତକରେ ଆଲୋକଟି ଜଳିବା ଦେଖି ସମସ୍ତେ ମୁହଁ ବୁଲାଇଲେ ଫେରିଯିବା ପାଇଁ ।'

ଋଷି କହିଲେ—ଯାଅ ବାବା ? ତୁମର ମଙ୍ଗଳ ହେଉ ।

ଯେଉଁ ସର୍ପ ମୁଣ୍ଡରେ ମଣି ଜଳୁଥିଲା ଉଠିଲା, ସେହି ସର୍ପଟି ଗଲା ସମସ୍ତଙ୍କ ଆଗରେ । ଅନ୍ୟମାନେ ଧାଡ଼ିବାନ୍ଧି ତା' ପଛେ ପଛେ ଛୁଟିଲେ ।

ଋଷି ଫେରି ଆସିଲେ ସ୍ୱପ୍ନ କୁମାର ପାଖକୁ । କହିଲେ— "ତୁମର ଅରିଷ୍ଟ ଖଣ୍ଡନ ହୋଇଛି । ଆସ ପ୍ରସାଦ ସେବନ କରିବା ।"

ବାଧ ଶିଶୁଟି ପରି ସ୍ୱପ୍ନ କୁମାର ଋଷିଙ୍କ ଆଦେଶ ପାଳନ କଲା । ଆଗେ ସ୍ୱସ୍ତିକ ପାଇଁ ପ୍ରସାଦ ବାଟୁଳା ଦିଆ ଯିବା ପରେ ସ୍ୱପ୍ନ କୁମାରକୁ ଦେଲେ ।

ବାଟୁଳା ପ୍ରସାଦ ହେଲେ କ'ଣ ହେଲା, ତାର ମହାତ୍ମ୍ୟ ବହୁତ ବେଶି । ମହା ମହା ଧନୀ ଓ ବିଳାସୀ ଲାଳସୀ ବ୍ୟକ୍ତିମାନେ ଅଜସ୍ର ଧନ ବ୍ୟୟ କରି, ଯେଉଁ ତାମସିକ ଖାଦ୍ୟ ପ୍ରସ୍ତୁତ କରନ୍ତି, ତାହା ଏ ସାରିକ ବାଟୁଳା ନିକଟରେ କିଛି ନୁହେଁ । ସ୍ୱର୍ଗର ଅମୃତ ବୋଲି ଯେଉଁ ପ୍ରସାଦ ଅଛି, ତାହାର ସାର୍ଥକତା ଏହି ବାଟୁଳା ପ୍ରସାଦରେ । ଚରଣେ ପାଇଲେ ଶାନ୍ତି, ଭରଣେ ପାଇଲେବି ଶାନ୍ତି ।

ସ୍ୱସ୍ତିକ ପଶୁଜୀବ । ପଉଟେ ଖାଦ୍ୟ ନହେଲେ ତା' ତୋଳ ପୂରିବାର ନୁହେଁ । ତଥାପି ସେ ବାଟୁଳା ପାଇ ସନ୍ତୋଷ ହୋଇଛି । ସ୍ୱପ୍ନ କୁମାର ବି ସନ୍ତୋଷ ଲାଭ କରି ସେହି ସାତ୍ତ୍ୱିକ ବାଟୁଳା ପ୍ରସାଦ କଥା ଭାବୁଛି ।

ରାଜପୁଅ ସେ । ଜନ୍ମହେଲା ଦିନୁ କେତେ ହେଲା ବେଳରେ ବଢ଼ି କେତେ ଅମୂଲ୍ୟ ପଦାର୍ଥ ଖାଇଛି, ଫୋପାଡ଼ ଦେଇଛି ।

Digitized by PPRACHIN, SOA

ଘିଅ ମହୁରେ ହାତ ଧୋଇଛି । ସର, ସାକର, କ୍ଷିରି, ପୁରି, ସରପୁଳି, ମାଠପୁଳି, ଅମୃତରସାବଳୀ, ଖଜା, ଗଜା, ଲଡ଼ୁ, ମିଠେଇ, ଛେନା, ପିଠା, ଛେନାଗଜା, ମଣ୍ଡୁଅ, ଆରିସା, କାକରା ଯେତେ ଯାହା ଖାଇଥିଲେ ବ ଋଷି ଆଶ୍ରମର ଏହି ବାଟୁଲା ପ୍ରସାଦ ନିକଟରେ ସବୁ ତୁଚ୍ଛ, ସବୁ ଅସାର ।

ଯାହାହେଉ, ଖିଆ ପିଆ ସାରି ଶୋଇବାକୁ ଯିବା ପୂର୍ବରୁ ଋଷି ପଚାରିଲେ—"ତୁମେ କେଉଁଆଡ଼େ ଯିବ କୁମାର ?

କୁମାର କହିଲା—ସ୍ୱପ୍ନ ସୁନ୍ଦରୀ ସନ୍ଧାନରେ ।

ପଚାରିଲେ—ପାରିବତ ?

କହିଲା—ମନୁଷ୍ୟର ଅସାଧ୍ୟ ଏ ଜଗତରେ କ'ଣ ଅଛି ?

ଋଷି କହିଲେ—"ଧନ୍ୟବାଦ କୁମାର ! ଏ ଜଗତରେ ତୁମପରି 'କର୍ତ୍ତବ୍ୟନିଷ୍ଠ ଯୁବକ ଖୁବ୍ କମ୍ ଥିବେ । ତେଣୁ ମୁଁ ସନ୍ତୋଷ ହୋଇ ଆଶୀର୍ବାଦ କରୁଛି, ଯଶସ୍ୱୀ ହୁଅ ।

ପଚାରିଲା—ଗୋସାଇଁ ! ସ୍ୱପ୍ନ ସୁନ୍ଦରୀର ଗୃହେଟି କଠିନ ପରୀକ୍ଷା ଅଛି । କପରି ସେଥିରୁ ମୁଁ ସଫଳତା ହାସଲ କରିବି, ତାହାର ବାଟ ମୋତେ ବତାଇ ଦିଅନ୍ତୁ ।

ଋଷି ହସିଲେ ଏବଂ କହିଲେ—"ଗୋଟିଏ ଶକ୍ତ ଅଛି । ନାମ ତା'ର ଥୋବଡ଼ା ଯକ୍ଷ । ତୁମେ ଯଦି କୌଣସି ଉପାୟରେ ଯାଇ ତାକୁ ଦେଖାକରି ତା' ମନଟିକୁ ନେଇ ପାରିବ, ତେବେ ନିଶ୍ଚେ କାର୍ଯ୍ୟ ହାସଲ କରି ସ୍ୱପ୍ନ ସୁନ୍ଦରୀକୁ ପାଇବ ।

ପଚାରିଲା—ଥୋବଡ଼ା ଯକ୍ଷ ରହନ୍ତି କେଉଁଠି ?

କହିଲେ—ମଳୟଗିରି ନାମରେ ଗୋଟିଏ ପର୍ବତ ଅଛି । ସବୁ-ବେଳେ ସେଠି ବସନ୍ତ ବହେ । ସବୁ ଋତୁରେ ସବୁପ୍ରକାର ଫୁଲ ଫୁଟେ । ସେଠାରେ ଥିବା କୋଇଲି କଣ୍ଠର ଗଳାପଡ଼େନି । ପ୍ରଚୁର ମଧୁମିଳେ । ସୁପକ୍ୱ କଦଳୀ, ଲେମ୍ବୁ ନାସପାତି ଇତ୍ୟାଦି ନାନାପ୍ରକାର

Digitized by PPRACHIN, SOA

ଫଳମିଳେ । ଯକ୍ଷ ବାଳାମାନେ ନୃତ୍ୟ ଗୀତରେ ଗିରି କନ୍ଦରକୁ ମୁଖରିତ କରୁଥାନ୍ତି । ସେହି ମନୋରମ ସ୍ଥାନଟିରେ ଥୋବଡ଼ାଯକ୍ଷ ରହେ । ବୁଦ୍ଧିମାନ୍, ଯାଦୁକର, ମାୟାବୀ, ପରୋପକାରୀ ଓ ଦରିଦ୍ର ମାନଙ୍କ ବନ୍ଧୁ ସେ । ତା' ସଙ୍ଗେ ସଖ୍ୟତା ସ୍ଥାପନ କଲେ ତୁମେ ନିଶ୍ଚୟ ସ୍ୱପ୍ନ ସୁନ୍ଦରୀଙ୍କୁ ପାଇବ ।

ପଚାରିଲା—ମଳୟ ଗିରିକୁ ଯିବାପାଇଁ ରାସ୍ତାଟା କୁଆଡ଼େ ?

କହିଲେ—ସେଥିପାଇଁ କିଛି ଚିନ୍ତା କରନା । ମୁଁ ଗୋଟିଏ ଅଷ୍ଟଧାତୁ ନିର୍ମିତ ମୁଦ୍ରିକା ଓ ଗୋଟିଏ ମହମର କୁଣ୍ଢେଇ ଦେବି ତୁମେ ସେ ମୁଦ୍ରିକାଟି କୁଣ୍ଢେଇ ଆଖିରେ ଲଗାଇ ପଚାରିବ—ମଳୟ ଗିରିକି ରାସ୍ତା କହ ।

ପଚାରିଲା—କୁଣ୍ଢେଇ କ'ଣ କଥା କହିବ ?

କହିଲେ—ଖାଲି ସେତିକି ନୁହେଁ ଯାହାକିଛି ପଚାରିବ ସବୁ କହିଦେବ ।

ଏତିକି କଥାବାର୍ତ୍ତା ପରେ ଗଲେ ବିଶ୍ରାମ କରିବାକୁ । ସ୍ୱପ୍ନ କୁମାର ଯାଇ ସ୍ୱସ୍ତିକ କପିର ସୁବିଧାରେ ଅଛି କି ଅସୁବିଧା ଭୋଗୁଛି ଦେଖି ଆସିଲା । ତା'ପରେ କୋମଳ ପତ୍ର ଶଯ୍ୟାରେ ଅଙ୍ଗଲତାକୁ ଲମ୍ବାଇ ଦେଲା ।

ଦିନଯାକ ପରିଶ୍ରମ କରି ଥିବାରୁ ଖୁବ୍ ଶୀଘ୍ର ନିଦ୍ରା ଆସିଗଲା ।

ଋଷି ବିଶ୍ରାମ କଲେ କି ନକଲେ ସେକଥା ପ୍ରତି କୁମାରର ଲକ୍ଷ୍ୟ ନଥିଲା । ସେ ନିଦ୍ରାଦେବୀଙ୍କ କୋମଳ ଅଙ୍କରେ ଶୋଇପଡ଼ିଛି ଗାଢ଼ ନିଦ୍ରାରେ । ସଂସାରର ଜ୍ଞାନ ଲିଭ ପ୍ରତି ଚିନ୍ତା ନାହିଁ କି ଦୃଷ୍ଟି ନାହିଁ ।

ବ୍ରହ୍ମ ମୁହୂର୍ତ୍ତ ଆସିବା ମାତ୍ରେ ସ୍ୱପ୍ନ କୁମାରକୁ ଡାକି ଋଷିବର କହିଲେ—"ଉଠବାବା ! ବ୍ରହ୍ମ ମୁହୂର୍ତ୍ତ ଆସିଗଲା । ଆଉ ଶୋଇ ରହିବା ଉଚିତ ନୁହେଁ । କଥାରେ ଅଛି—

Digitized by PPRACHIN, SOA

ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ କରି
ରାମ ନାମ ଗାଇ ମୁଖେ
ସ୍ନାନାଦି ସକଳ ନିତ୍ୟ କର୍ମ ସାରି
ଲିପ୍ତହେବ ସୁଖ ଦୁଃଖେ ।
ସେ ମୁହୂର୍ତ୍ତେ ଜଳ ଘୃତ ସଙ୍ଗେ ସମ
ତହିଁରେ କରିଲେ ସ୍ନାନ
ଶରୀରକୁ ମହା- ହିତ ପ୍ରାପ୍ତ ହୁଏ
କହିଛନ୍ତି ମହାଜନ ॥
ଏ ଶୁଭ ମୁହୂର୍ତ୍ତେ ଅନୁକୂଳ କଲେ
ଯୋଗୀ ରହେ ପୃଷ୍ଟ ଯୋଗେ
ବାଞ୍ଛିତ କରମ ସିଦ୍ଧି ହୁଏ ହେଲେ
ଅଶେଷ ସୁଖ ସମ୍ଭୋଗେ ।
ବ୍ରାହ୍ମ ମୁହୂର୍ତ୍ତକୁ ଧ୍ୟାନ ରଖିଥିବ
ବିସ୍ମର ନଦେଇ ଯେବେ
ଅନାୟାସେ ସର୍ବ କ୍ଷେତ୍ରେ ଜୟୀ ହେବ
ବାଧା ନଆସିବ କେବେ ॥

—✳—

ଋଷି ମହାପ୍ରଭୁଙ୍କ ଉପଦେଶ ପ୍ରତି ଧ୍ୟାନ ରଖି କୁମାର ଶଯ୍ୟା ତ୍ୟାଗ କରି ଶୀଘ୍ର ଶୀଘ୍ର ସମସ୍ତ କାର୍ଯ୍ୟ ବଢ଼ାଇ ନେଲା । ସ୍ୱସ୍ତିକ ଅଳସ ଭଙ୍ଗି ପାଖରେ ଥିବା ଘାସ କୁଣ୍ଠା ଚେଳୁଥାଏ ।

ଋଷି ଆଣି ମୁଦ୍ରିକା ଏବଂ କୁଣ୍ଢେଇଟିଏ ପ୍ରଦାନ କଲେ । କହିଲେ—ଯାଅ ବାବା ! ଆଉ ବିଳମ୍ବ କରନା । ମୁଁ ତୁମ ଲାଗି ପ୍ରଭୁଙ୍କୁ ଜଣାଉଛି ।

କୁମାର ଭକ୍ତି ଏବଂ ପୁଲକ ପ୍ରାଣରେ ଋଷିଙ୍କୁ ପ୍ରଣାମ ଜଣାଇ ସ୍ୱସ୍ତିକ ପୃଷ୍ଠରେ ଆରୋହଣ କଲାମାତ୍ରେ ସେ ଉଡ଼ି ଚାଲିଲା ପବନ ବେଗରେ ।

Digitized by PPRACHIN, SOA

କିଛିଦୂର ପରେ ଦେଖାଗଲା ଗୋଟିଏ ପ୍ରକାଣ୍ଡ ପକ୍କା ଚଉତରା । ସେହି ଚଉତରାରେ ଅନେକ ଲୋକ ବସି କିଛି ନା କିଛି ଗୋଟାଏ ବିଚାର କରୁଥାନ୍ତି । ଘଟଣାଟା କ'ଣ, ଜାଣିବାପାଇଁ କୁମାରର ଇଚ୍ଛା ହେବାରୁ ଅଶ୍ୱର ଗତି ବଦଳାଇ ସେଠାରେ ପହଞ୍ଚିଲା ।

ହଠାତ୍ ଜଣେ ତେଜସ୍ୱୀନ୍ ସମ୍ଭ୍ରାନ୍ତ ବଂଶୀୟ ଯୁବକକୁ ଦେଖି ଲୋକଗୁଡ଼ିକ ସମ୍ମାନ ଦେଖାଇଲେ ଏବଂ ସମାଦର କରି ମଧ୍ୟସ୍ଥଳରେ ବସାଇଲେ ।

କୁମାର ପଚାରିଲା—ଏ ସ୍ଥାନଟିର ନାମ କ'ଣ ?

ଲୋକମାନେ କହିଲେ—ଶ୍ୟାମା ପୀଠ ।

ପଚାରିଲା—କେଉଁ ରାଜ୍ୟ ?

କହିଲେ—ଚନ୍ଦ୍ରଗିରି ଓ ଉଦୟଗିରି ।

ପଚାରିଲା—ତୁମେମାନେ ଏଠାରେ ଏକତ୍ରିତ ହୋଇଛ କାହିଁକି ?

କହିଲେ—ବାବୁ ! ଆଜକୁ ମାସେ ହେଲା ଆମ ରାଜ୍ୟକୁ ଗୋଟିଏ ଅସୁର ଆସି ବଡ଼ କିଛି ଉତ୍ପାତ କଲାଣି । ଲୋକମାନେ ତା' ଭୟରେ ଅସ୍ଥିର ହୋଇ ବସିଛନ୍ତି ଘର ଗୁଡ଼ି ପଳାଇବା ପାଇଁ ।

ପଚାରିଲା—ଅସୁରଟାକୁ ସମସ୍ତେ ମେଳବାନ୍ଧି କ'ଣ ମାରି ପାରୁ ନାହିଁ ?

କହିଲେ—ବାବୁ, ସେ' କ'ଣ ଗୋଟିଏ ଜନ୍ତୁ ତାକୁ ଦେଖିଲେ ପରା ରକ୍ତ ଶୁଖି ଯାଉଛି ! ତାଳଗଛ ପରି ଗୋଡ଼, ନଡ଼ିଆ ଗଛପରି ହାତ, ଓଦର ଭଳି ପେଟ, ହଣ୍ଡା ଭଳିଆ ମୁଣ୍ଡ, ଆଖି ଯୋଡ଼ାକ ଓଡ଼ିଆ ଭଳି ଚକା ଚକା । ବଳେଇ ଆଖି ଅନ୍ଧାର ରାତିରେ ଜକ ଜକ ଦିଶିଲା ପରି ତା' ଆଖି ସବୁବେଳେ ଜକ୍ ଜକ୍ ଦିଶୁଛି । ଦାଢ଼ି ନାଶ ଧରି କୋଡ଼ିଏ ଜଣ ମଣିଷ ଓହଳିଲେ ବି ଗୋଟିଏ ଲୋମ ଛିଣ୍ଡାଇଲେ ଛିଣ୍ଡିବନି । ଆଁ କଲେ ଗାଁ ବଳ ପଡ଼ିବ । କଥା କହୁଛି ଯେ ଫଟା ଢୋଲ ପରି ପାଏ ବାଟକୁ ଶୁଭୁଛି । ନିତି ସକାଳୁ ଆସି ଧରି ନେଉଛି ଖାଲି ପିଲାମାନଙ୍କୁ ।

Digitized by PPRACHIN, SOA

ପଚାରିଲ—ନେଇ ଯାଉଛି ନା ଖାଇ ଯାଉଛି ?

କହିଲେ—ଖାଉନ ଆଜ୍ଞା, କେବଳ ନେଇ ଯାଉଛି । ଏହି ମାସକ ମଧ୍ୟରେ ଆମ ଗାଁଟା ପିଲା ଶୂନ୍ୟ ହୋଇଗଲାଣି । ମାଆମାନେ ଚିନ୍ତାରେ ବସିଲେଣି ଆତ୍ମହତ୍ୟା କରିବାପାଇଁ । ଦିନ ରାତି କାନ୍ଦିବା ଛଡ଼ା ଆଉ ଖିଆ ପିଆ କରୁ ନାହାନ୍ତି କି ଡାକଲେ ଶୁଣୁ ନାହାଁନ୍ତି ।

ବୁଢ଼ା ଗୁଡ଼ିକ ଗଲେ । ତାଙ୍କ ପଛେ ପଛେ ମାଇପେ ବି ମରିବେ । ଆମେ ଗୁଡ଼ାଏ ଭିକ୍ଷ ଜୀବନ ଧରି ଏ ରାଜ୍ୟରେ ପଡ଼ି ରହିବୁ କାହିଁକି ?

ପଚାରିଲା—ତୁମମାନଙ୍କ ରଜା ?

କହିଲେ—ଆଜ୍ଞା, ସେହି ଅସୁର ଗୋଟିଏ ଥାପୋଡ଼ରେ ରଜାକୁ ଓ ଆଉ ଗୋଟିଏ ଥାପୋଡ଼ରେ ଯୁବରାଜଙ୍କୁ ମାରି ମନ୍ତ୍ରୀଙ୍କ ନାକ କାଟି ଦେଲା । ତା' ଉପରେ ସେନାପତି ଲୁଚି ପଳାଇଗଲେ ଜଙ୍ଗଲକୁ । ଆଉ ଆମ ମାନଙ୍କର କିଏ ଭରସା ଅଛି ?

କୁମାର କହିଲା—ତୁମେମାନେ ସମସ୍ତେ ଘରକୁ ଫେରିଯାଅ । ଖୁବ୍ ଗୁଡ଼ାଏ ମିଠେଇ ମଣ୍ଡା ତିଆରି କର । ମୁଁ ଆଜି ଏଇଠି ରହିଲି । ରାତିକି ତୁମେ ଅନ୍ତତଃ କୋଡ଼ିଏ ଗାଡ଼ି ଖଣ୍ଡେ ମିଠେଇ ମଣ୍ଡା ଆଣି ମୋ' ପାଖରେ ଦିଅ । ଗାଁରେ ଯେତେ ବୁଢ଼ା ଅଛନ୍ତି ସେମାନଙ୍କୁ ବି ଆଣ । ସମସ୍ତେ ମୋ' ପାଖରେ ବସି ମିଠେଇ ମଣ୍ଡା ଖାଆନ୍ତୁ । ତୁମେ ସମସ୍ତେ ଏଠାରୁ କିଛି ଦୂର ଗୁଡ଼ି ଲଟାପରି ଉହାଡ଼ରେ ଥାଇ ଦେଖୁଥାଅ । ପାଖରେ ଠେଙ୍ଗା ବାଡ଼ି । ଗାଁ'ଟାକୁ ପୂରା ପୂରି ଜନଶୂନ୍ୟ କରି ଦିଅ ।

ଲୋକମାନେ ପଚାରିଲେ—ତୁମେ କ'ଣ ତାକୁ ପାରିବ ?

କୁମାର କହିଲା—ମୁଁ ପାରେ କି ନପାରେ, ସେକଥା ଜାଣି ତୁମର କିଛି ଲାଭ ନାହିଁ । ମୋଠି ଉପରେ ମନେରଖ, ଅସୁର ଉପରୁ ତୁମମାନଙ୍କୁ ରକ୍ଷା କରିବି ।

Digitized by PPRACHIN, SOA

ସେମାନେ କହିଲେ—ଆମର ବିଶ୍ୱାସ ହେଉନି ।

ଏକଥା ଶୁଣି କୁମାର ଗୋଟିଏ ଶର ମାରିଲା । ଶରଟି ସିଧା ସଳଖ ଯାଇ ଖଣ୍ଡି ଦୂର ଗୁଡ଼ ପୋତି ହୋଇଗଲା ମାଟି ଉପରେ । ତା'ପରେ ମାଇଲା ଗୋଟିଏ ଚକ୍ର । ସେ ଚକ୍ରଟି ଯାଇ ଶର ଉପରେ ରହିଲା ଏବଂ ବିଜୁଳି ବେଗରେ ଘୂରିଲା ।

କୁମାର ଧୀରେ ଧୀରେ ଯାଇ ଠିଆ ହେଲା ସେହି ଚକ୍ର ପାଖରେ । ପ୍ରଥମ କୁଣ୍ଢେଇକୁ ମୁଣ୍ଡରୁ କାଢ଼ି ତା' ଆଖିରେ ଅଷ୍ଟଧାତୁ ମୁଦ୍ରିକା ରଖି ପଚାରିଲା—କହିଲୁ କୁଣ୍ଢେଇ ! ଅସୁରଟା କେଉଁ ଦିଗରେ ଅଛି ?

କୁଣ୍ଢେଇ କହିଲା—ଦକ୍ଷିଣ ଦିଗରେ ଅଛି ଗୋଟିଏ ନଣ୍ଡା ଦେଉଳ । ସେହି ଦେଉଳ ଭିତରେ ସବଂଖିଆ ଡାହୁକ ମୂର୍ତ୍ତି ।

ପଚାରିଲା—ମୂର୍ତ୍ତିଟାର ଆକୃତି କପରି ?

କହିଲା—ଗୋଟାଏ ଶରୀର ଗଡ଼ୁଣିଆ ଓଳଆ ପରି ମୁଣ୍ଡ । ପାଟିଟା କୂଅ ଭଳି ।

ପଚାରିଲା—ତା'ପରେ ?

କହିଲା—ଦେଉଳ ପଛ ପଟକୁ ଲାଗିଅଛି ଗୋଟାଏ ବଡ଼ ଖମା । ସେ ଖମା ମୁହଁରେ ପଟା ଭଳିଆ ଖଣ୍ଡେ ପଥର ଢୋଡ଼ିଆ ହୋଇଛି । ତା'ର ଭିତରେ ବସିଛନ୍ତି ଅନେକ ଛୁଆ । ଆଖି ତାଙ୍କର ଲୁହଭରା । ସମସ୍ତେ ଗୋଟିଏ ଗୋଟିଏ ଫଳ ଧରି ଖାଉଛନ୍ତି ।

ପଚାରିଲା—କହି ପାରିବୁକି କୁଣ୍ଢେଇ ଅସୁରଟା ସେ ପିଲାମାନଙ୍କୁ କ'ଣ କରିବାକୁ ଚାହେଁ ?

କହିଲା—ମାଘ ପୂର୍ଣ୍ଣମୀ ଦିନ ସବଂଖିଆ ଡାହୁକର ଭୋଜନ ପାଳି । ସେ ଖାଲି ଛୁଆ ମଣିଷଙ୍କୁ ଖାଏ । ଏ ଅସୁରଟା ଡାହୁକର ପୂଜାହାରୀ । ତେଣୁ ଆଗରୁ ଛୁଆମାନଙ୍କୁ ଧରି ରଖିଛି । ସେ ଦିନ ସମସ୍ତେ ତା' ପେଟରେ ପଡ଼ି ହଜମ ହେବେ ।

Digitized by PPRACHIN, SOA

ପଚାରିଲ—ତୁଆଧରା ଅସୁରଟା ମରିବ କିପରି ?

କହିଲ—ତୁମର ହାତରେ ତା'ର ମୃତ୍ୟୁହେବ । କୁମାର ଆଉ କିଛି ନ ପଚାରି କୁଣ୍ଢେଇଟିକୁ ରଖିଲ ଏବଂ ଲୋକ ମାନଙ୍କୁ କହିଲ—ଦେଖ ଭାଇ ! ମୁଁ ଈଶ୍ୱରଙ୍କ ଶପଥ ନେଇ କହୁଛି ନିଶ୍ଚେ ଅସୁରକୁ ମାରିବି, ତୁମର ଯେତେ ପିଲଙ୍କୁ ସେ ନେଇ ନେଇଛି, ସେମାନଙ୍କୁ ଆଣି ତୁମ ଜିମା କରିବି । ଏହା କରି ନ ପାରିଲେ ସମସ୍ତଙ୍କ ସାମନାରେ ଅଗ୍ନି ଜଳାଇ ସେଥିରେ ଜୀବନ୍ତ ଦଗ୍‌ଧ ହେବି । ଏତିକି କହି ଘୂରୁଥିବା ଚକ୍ର ଉପରେ ବସି ଘୂରିବାକୁ ଲଗିଲ ।

ଲୋକେ କାବା କାଠ ବନିଗଲେ । ମୋଟେ ବିଶ୍ୱାସ କରୁ ନଥିବା ଲୋକମାନେ ମଧ୍ୟ ବିଶ୍ୱାସ କରି ଫେରିଗଲେ ଗାଆଁକୁ ।

କୁମାର ଚକ୍ର ଉପରେ ବସି ଘୂରୁଥାଏ । ନଜର ଧନୁଶର ଓ ଖଣ୍ଡା ବର୍ଚ୍ଛା ସଜଖୁଥାଏ ।

ସୁସ୍ତିକ ଆଖ ପାଖରେ ବିଚରଣ କରି କଅଁଳିଆ ଦୁବଘାସ ଓ ଲତାପତ୍ର ଟେକୁଥାଏ । ମନହେଲେ ପାଣି ପିଏ, ମନହେଲେ ହସେ । କେତେବେଳେ ଶୋଇ କରି ଗଡ଼ ଗଡ଼ାଏ ।

ସନ୍ଧ୍ୟା ବୁଡ଼ିଲ । ନୀଳ ବର୍ଣ୍ଣ ଆକାଶର ପ୍ରଶାନ୍ତ ବକ୍ଷ ଆଲୋକିତ କରି କୋଟି ନକ୍ଷତ୍ର ଫୁଟି ଉଠିଲେ । ପବନ ଧୀର ମନ୍ଥର ଗତିରେ ବହୁଥାଏ । ଶୃଗାଳ ମାନଙ୍କ ବୁକୁଫଟା ଚିତ୍କାର ସଙ୍ଗେ ପେଚକର ରବ ମିଶି ଗ୍ରାମରେ ଚମକ ସୃଷ୍ଟି କରୁଥାଏ । ଗ୍ରାମର ଲୋକବର୍ଗ ଅଜସ୍ର ମିଠେଇ ମଣ୍ଡା ଗାଡ଼ି ଶଗଡ଼ ବୋଝେଇ କରି କୁମାର ପାଖରେ ପହଞ୍ଚିଲେ ।

କୁମାର କହିଲ—ସବୁ ସେହି ଚୌତରା ଉପରେ ଜମାକର ଓ ପିଲମାନଙ୍କୁ ଗୃହପାଖରେ ବସାଇ ଦିଅ । ସେମାନେ ମନବୋଧ କରି ଖାଆନ୍ତୁ । ତୁମେ ସମସ୍ତେ ଯାଇ ବୃକ୍ଷ ଲତା ଅନ୍ତରାଳରେ ଲୁଚିବସ—

Digitized by PPRACHIN, SOA

ସ୍ୱପ୍ନ କୁମାର ଆଦେଶ ଅନୁସାରେ କାର୍ଯ୍ୟ ହେଲା । ମଣ୍ଡା ମିଠେଇ ଗଦା ଗୃହ ପାଖରେ ପିଲାମାନେ ବସି ଗୋରୁ ଧାନଗଦା ଶେଷ କଲା ପରେ କାମରେ ଲାଗି ପଡ଼ିଲେ । ଲୋକମାନେ ରହିଲେ ଅନ୍ତରାଳରେ ।

କୁମାର ବସି ମଜା ଦେଖୁଥାଏ । ସ୍ୱସ୍ତିକକୁ ଠିଆ କରାଇ ଥାଏ ପାଖରେ । ଶର, ବର୍ଚ୍ଛା, ଖଣ୍ଡା ଇତ୍ୟାଦି ଏପରି ଭାବେ ଶରୀରରେ ଖଞ୍ଜି ରଖିଥାଏ ଯେ, ଆବଶ୍ୟକ ବେଳେ ଯେପରି ଖୋଜିବାକୁ ନଥିବ ।

ରାତି ଅଧରୁ ଗଡ଼ିଲା । ଆକାଶରେ ଦେଖାଗଲା ଖଣ୍ଡେ କଳା ମେଘ ଉଡ଼ିଗଲାପରି ।

କୁମାର ପାଖରେ ଥିବା ମଣିଟିକୁ ପଦାକୁ କାଢ଼ିଲା । ନିଜେ ଚନ୍ଦ ଉପରୁ ଓହ୍ଲାଇ ଅଶ୍ୱ ଉପରେ ବସିଲା । ମଣିଟିକୁ ରଖିଦେଲା ଚନ୍ଦ ଉପରେ ।

ଦେଖୁ ଦେଖୁ ମଣ୍ଡଳ ଆଲୋକିତ ଉଠିଲା ଉଜ୍ଜ୍ୱଳ ଆଲୋକ ରେଖାରେ । ଏପଟକୁ ସୋରିଷ ବୁଣିଦେଲେ ଗୋଟାଇ ହୁଅନ୍ତା ।

ଲୁଚିଥିବା ଲୋକମାନେ କୁମାରର ବିଚିତ୍ର କାର୍ଯ୍ୟ କଳାପ ଦେଖି କାବା ହୋଇଗଲେ । ପିଲାମାନେ ମିଠେଇ ମଣ୍ଡା ଖିଆଖିଆ ଏଣେ ତେଣେ ତଆଁ ତେଉଁ କରୁଥାନ୍ତି ।

ତେଣେ ଅସୁର ଯାଇ ଗାଁ ଭିତରେ ପଶିଲା । ଦେଖିଲା ସବୁ ଘର ଶୂନ୍ୟ ପଡ଼ିଛି । ମାଇପେ, ମରଦ, ପିଲା, ଛୁଆ ଗୋଟିଏ ବୋଲି ଗୋଟିଏ ନାହାନ୍ତି । ତେଣୁ ରାଗରେ ଭୟଙ୍କର ରଡ଼ି ଛାଡ଼ିଲା ।

ଏଣେ ସ୍ୱପ୍ନ କୁମାର ତା'ର ଅଭିପ୍ରାୟ ବୁଝିପାରି କମରରେ ବାନ୍ଧିଥିବା ବୀର-କାହାଳୀ ଫୁଙ୍କିବାକୁ ଆରମ୍ଭ କଲା । କାହାଳୀର ଶବ୍ଦ ଅସୁର କାନରେ ବାଜିବା ମାତ୍ରେ ସେ ଛୁଟି ଆସିଲା ଚୌତରା ଆଡ଼େ ।

Digitized by PPRACHIN, SOA

କୁମାର ଦେଖିଲା ସେ ଉଡ଼ ଆସୁଛି । ତଳେ ଥାଇ ଲକ୍ଷ୍ୟକଲା ଗୋଟିଏ ଶର । ବାଜିଲା ଅସୁର ଗୁଣ୍ଡରେ । ବଡ଼ କଷ୍ଟ ହେଲା । ରକ୍ତ ତା'ର ଛୁଟୁଥାଏ । ତଥାପି ସେ କ୍ରୋଧରେ ଜର୍ଜର ହୋଇ ଛୁଟି ଆସିଲା ତଳ ଆଡ଼କୁ ।

କୁମାର ଘୋଡ଼ାକୁ ଉଡ଼ାଇ ନେଲା ଆକାଶ ଆଡ଼େ । ଅସୁର ତଳେ ନ ପହଞ୍ଚିବାରୁ ପୂର୍ବରୁ ଆଉ ଗୋଟିଏ ଶର ଆସି ପିଠିରେ ବାଜିଲା ।

ପୁଣି ଅସୁର ଉଠିଲା ଉପରକୁ ।

କୁମାର ତଳକୁ ଖସିଲା ଓ ଆହୁରି ଗୋଟିଏ ଶର ମାଇଲା ତା' ପେଟକୁ ।

ବିଷମଖା ଶର । କ୍ରମାନ୍ୱୟ ଗୋଟିକ ପରେ ଗୋଟିଏ ଗୋଟିଏ ତିନୋଟି ବାଜିବା ପରେ ଅସୁରକୁ ବଡ଼ କଷ୍ଟ ହେଲା । ଦେହ ନିର୍ବଳ ଲାଗି ମୁଣ୍ଡ ବୁଲାଇଲା । ଲମ୍ଫ ଦେବାକୁ କି ଉଡ଼ିବାକୁ ଆଉ ବଳ ପାଇଲାନି । ମୃତ୍ୟୁକାଳର ଆର୍ତ୍ତ ଚିତ୍କାର ଛାଡ଼ି ଅଣାୟତ୍ତ ଭାବରେ ଖସି ଆସିଲା ତଳକୁ ।

ଏତିକି ଛିଦ୍ର ପାଇ କୁମାର ଏକା କ୍ଷେପକେ ପହଞ୍ଚିଲା ତା' ପାଖରେ । ଖଣ୍ଡାଧର ଲଗାଇଲା ବେକଟେ । ସେହି ବେକଟରେ ଗଣ୍ଡିରୁ ମୁଣ୍ଡ ଅଲଗା ହୋଇଗଲା ।

ଲୁଚିଥିବା ଲୋକମାନେ ଠେଙ୍ଗା ବାଡ଼ି ଧେନି ଦଉଡ଼ି ଆସିଲେ । ମରି ଦୁ'ଖଣ୍ଡ ହୋଇ ପଡ଼ିଥିବା ଅସୁର ଗଣ୍ଡିକୁ ପ୍ରସ୍ତେ ପିଟା ପିଟି କଲେ ।

କିଏ କହିଲା—ଏହାର ରକ୍ତ ପିଇବି, କିଏ କହିଲା ମାଂସ ଯାକ କଞ୍ଚା ବେଢ଼ିବାଇ ଦେବି । କିଏ କହିଲା ମୁଁ ଯା ଗୋଡ଼ ଦୁ'ଟା ଧରି ଦୁ'ଫାଳ କରି ଚିରି ଦେବି । କିଏ କହିଲା—ତୁମେ ସମସ୍ତେ ଦେଖ, ଏକା ପାହାରକେ ତା' ମୁଣ୍ଡଟାକୁ ଛତୁ କରିଦେବି ।

Digitized by PPRACHIN, SOA

ସମସ୍ତଙ୍କ ବାହାଦୁରୀ ଶୁଣି କୁମାର କହିଲା—ଭାଇମାନେ ! ତୁମେ ସମସ୍ତେ ପହିଲିମାନ । ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଅସୁର କଥା ଛାଡ଼ ମୋʼ ସାଙ୍ଗରେ ଆସ, ହଜିଥିବା ପିଲାମାନଙ୍କୁ ଆଣିବା ।

କଥାଟା ଏକାବେଳକେ ସତ୍ୟ, ତେଣୁ ଲୋକମାନେ ପ୍ରସ୍ତୁତ ହେଲେ ଯିବାପାଇଁ । ଦଳେ ଲୋକ ସେଠାରେ ଥିବା ପିଲାମାନଙ୍କୁ ଓ ସ୍ତ୍ରୀ ଲୋକମାନଙ୍କୁ ନେଇ ଗ୍ରାମରେ ଛାଡ଼ିବାକୁ ଗଲେ । ଆଉ ଦଳେ ଗଲେ କୁମାର ସଙ୍ଗରେ ।

ଲତା ଗୁଳ୍ମ କାଟି କାଟି ଗୋଟିଏ ବାଟ ଖୋଲିଲେ । ସେହି ବାଟେ ପାଟି ତୁଣ୍ଡ କରି କରିକା କୁମାର ପଛେପଛେ ଯାଇ ପହ-ଞ୍ଚିଲେ ନଣ୍ଡା ଦେଉଳ ପାଖରେ । ଖଣା ମୁହଁରୁ ପଥର ଟେକି ଦେଖିଲେ ପିଲାଗୁଡ଼ିକ ବଞ୍ଚିଛନ୍ତି । ଦେହରୁ ରକ୍ତ ମାଂସ ଶୁଖିଗଲାଣି । ବାପମାନେ କାନ୍ଦିଲେ । ପିଲାମାନେ ବି କାନ୍ଦିଲେ । କୁମାର ପ୍ରତି ସମସ୍ତଙ୍କର ଭକ୍ତି ଜାଗି ଉଠିଲା । ଏସବୁ କାର୍ଯ୍ୟ ପରେ ପଡ଼ିଲା ସଂବଖିଆ-ଡ଼ାହୁକ ମୂର୍ତ୍ତିର ପାଳି । କୁମାର ଯାଇ ସେଥିରେ ଅଗ୍ନି ସଂଯୋଗ କରିବାରୁ ସେ ମଣିଷ ପରି କହିଲା—ଯୁବରାଜ ! ତୁମ ଯୋଗେ ମୁଁ ଆଜି ମୁକ୍ତ ପଥର ଯାତ୍ରୀ ।

ଯୁଗ ଯୁଗ ଧରି ଅଭିଶାପ ଫଳରେ ଦେବଲୋକ ଛାଡ଼ି ଏହି ନିବଡ଼ ବନସ୍ତରେ ସ୍ଥାଣୁ ରୂପ ଧରି ପଡ଼ିଥିଲି । ତୁମେ ଆସି ମୋର ପ୍ରଭୂତ ଉପକାର କଲ । ଏଣୁ ତୁମ ନିକଟରେ ଋଣୀହେଲି, ଏଣିକି ମୋʼ ମୁଖରେ ଅଗ୍ନି ସଂଯୋଗ କର । ମୁକ୍ତ ହୋଇଗଲା ପରେ ମୁଁ ଦେଇଯିବି ଖଣ୍ଡିଏ ବଜ୍ରକାଠି । ସେ କାଠିରେ ତୁମେ ସ୍ୱପ୍ନ-ସୁନ୍ଦରୀ ଘଣ୍ଟାକୁ ଥରେ ଆଘାତ କଲେ ସାତଥର ବାଜିବ ।

କଥାଶୁଣି କୁମାରର ମନ ଆନନ୍ଦରେ ଉତ୍ଫୁଲ୍ଲ ହୋଇ ଉଠିଲା । କ୍ଷଣକାଳ ବିଳମ୍ବ ନ କରି ମୂର୍ତ୍ତି ମୁଖରେ, ଅଗ୍ନି

Digitized by PPRACHIN, SOA

ସଂଯୋଗ କରିବା ମାତ୍ରେ ତା’ ଭିତରୁ ବାହାରିଲା ଜଣେ ଦେବ ପୁରୁଷ । କୁମାରଙ୍କୁ ଅଶେଷ କଲ୍ୟାଣ କରି ବଢ଼ାଇ ଦେଲା ଖଣ୍ଡେ ବଜ୍ରକାଠି । ନିଜେ ଚଢ଼ିଗଲା ଉଡ଼ିଗଲା ଆକାଶ ଆଡ଼େ ।”

ଚନ୍ଦ୍ର ଗିରିର ଲୋକମାନଙ୍କୁ ବିଦାୟ ଦେଇ କୁମାର ତା’ ମହମ କୁଣ୍ଢେଇର ପରାମର୍ଶ ଅନୁସାରେ ପୁଣି ଆଗେଇବାକୁ ଆରମ୍ଭ କଲା ।

ଲୋକମାନେ ପିଲାମାନଙ୍କୁ ନେଇ ଲେଉଟି ଗଲେ ଗ୍ରାମକୁ । ବଡ଼ ଭୋଜିର ଆୟୋଜନ ହେଲା । ସମସ୍ତେ ସ୍ୱପ୍ନକୁମାରର ମଙ୍ଗଳ ମନାସି କରି ଗ୍ରାମଦେବୀଙ୍କୁ ମାଜଣା କରିବାରେ ଲାଗିପଡ଼ିଲେ ।

ପୁଅ ଝିଅମାନଙ୍କୁ ପାଇ ମା’ମାନେ ତ୍ରିକାଳ ସନ୍ଧାରେ ପ୍ରଭୁଙ୍କୁ ଜଣାଇଲେ—ବିଦେଶୀ ଯୁବକର ମଙ୍ଗଳ ହେଉ ।”

× × × ×

କଳାହାଣ୍ଡି ମନ୍ତ୍ରୀଙ୍କ ଆଦେଶରେ ତାଙ୍କ ପୁଅ ଚନ୍ଦ୍ରକେତୁ ଛୁଟିଛି ଗୋଟିଏ ଘୋଡ଼ାରେ ଚଢ଼ି । କେତେ ଦେଶ ବିଦେଶ ନଦ, ନଦୀ, ଅଟବୀ, ଭୂଧର ଅତିକ୍ରମ କରି କେତେ ଅଗମ୍ୟ ସ୍ଥାନରେ ସନ୍ଧାନ ନେଲାଣି । ତଥାପି ସ୍ୱପ୍ନକୁମାରଙ୍କ ସନ୍ଧାନ ପାଇନି । ମନରେ ଅପାର ଦୁଃଖ ଶୋକର ମଇଳା ଜମାଟ ବାନ୍ଧିଛି ଅମାବାସ୍ୟା ନିଶିଥିନୀର କଳାରଙ୍ଗ ପରି ।

ସ୍ୱପ୍ନ କୁମାରକୁ ଶ୍ରଦ୍ଧା କରେ ସେ । ଜୀବନ ଦେଇ ଭଲବି ପାଏ । ପିଲାଦିନୁ ଦୁହେଁ ସଙ୍ଗାତ ବସିଛନ୍ତି । ଏକାଠି ଗାଧୁଆ, ଏକାଠି ଖିଆ, ପିଆ, ଖେଳ, କୌତୁକ ସବୁ । ଏକା ସଙ୍ଗରେ ପାଠ ପଢ଼ିଲେ, ଅସ୍ତ୍ର ଶସ୍ତ୍ର ଶିଖିଛନ୍ତି । କିଛି କଥା ହେଲେ ସଙ୍ଗାତକୁ ନ ପଚାରି କରେ ନାହିଁ । ଆଜି ଏପରି ହେଲା କାହିଁକି ?

ସ୍ୱପ୍ନ ସୁନ୍ଦରୀ କ’ଣ ତାଙ୍କୁ ମୋହିନୀ ଲଗାଇ ତାଙ୍କ ପାଣିକଲା ? କାହିଁକି ତେବେ ସେ କିଛିନକହି ନବୋଲି ଏକା ଏକା ଗୃହ ଛାଡ଼ିଲେ ?

Digitized by PPRACHIN, SOA

ଏହିପରି ନାନା କଥା ନାନା ଦୃଷ୍ଟି ଦ୍ୱାରେ ମି ୍ର ପ୍ରମାଣ ହୋଇ ଚନ୍ଦ୍ର-କାନ୍ତ ଚନ୍ଦ୍ରଗିରି ରାଜ୍ୟର ସେହି ଚଉତରା ନିକଟରେ ପହଞ୍ଚିଲା ।

ସେଠାକାର ଲୋକମାନେ ସେଦିନ ବିରାଟ ଭୋଜି କରୁଥାନ୍ତି । କଥା କଥାରେ ଶୁଣାଯାଉଥାଏ ବିଦେଶୀ ଯୁବକର ମଙ୍ଗଳ ହେଉ । ସେ ଭୋଜିସଭାରେ ଚନ୍ଦ୍ରଗିରିର ରାଣୀ ବି ଉପସ୍ଥିତ ଥାଆନ୍ତି ।

ହଠାତ୍ ଚନ୍ଦ୍ରକାନ୍ତକୁ ଦେଖି ଲୋକମାନେ ଚମକି ପଡ଼ିଲେ । କେହି କେହି ସ୍ୱପ୍ନ-କୁମାର ଭ୍ରମରେ ଦଉଡ଼ି ଆସିଲେ ପାଛୋଟି ନେବାକୁ । ଏଭଳି ଘଟଣା ଦେଖି ସେ ଘୋଡ଼ାରୁ ଓହ୍ଲାଇ ଚାଲି ଚାଲିକା ଲୋକ ଗହଳ ମଝିକି ଗଲା ।

ଚନ୍ଦ୍ରଗିରି ରାଣୀ ପଚାରିଲେ—ତୁମେ କିଏ ?

ଚନ୍ଦ୍ରକାନ୍ତ କହିଲା—ମୋ' ଘର କଳାହାଣ୍ଡି ବସ୍ତର । ମୁଁ ସେଠା ମନ୍ତ୍ରୀଙ୍କ ପୁଅ ।

ପଚାରିଲେ—କୁଆଡ଼େ ଯିବ ?

ଚନ୍ଦ୍ରକାନ୍ତ—ସ୍ୱପ୍ନ କୁମାରଙ୍କ ଘରୁ ଆସିବା କଥା ଓ ନିଜେ ତାଙ୍କୁ ଖୋଜି ଆସିବା କଥା ଗୋଟି ଗୋଟି ଜଣାଇଦେଲା ।

ଲୋକମାନେ କାବା କାଠ ହୋଇ ଅନାଇ ରହିଲେ । ଜଣେ ବୁଦ୍ଧିମାନ ଲୋକ—ସେହି କଳାହାଣ୍ଡି ଯୁବରାଜ ଆମ୍ଭମାନଙ୍କୁ ରକ୍ଷା କରିଛନ୍ତି । ଭରି ଦୁନିଆର ଲୋକ ସେ । କାହାରିକି ପରିଚୟ ନ ନେଇ ଏଠାରେ ଗୋଟିଏ ଦିନ ଓ ରାତି କଟାଇଲେ । ଅସୁରକୁ ମାଇଲେ ଆମ ଝିଅ ପିଲାଙ୍କୁ ମୁକ୍ତ କରି ଆମ ଜିମାଦେଇ ଚାଲିଗଲେ ।

ଆମେମାନେ ଦୁର୍ଭାଗା । ହାତ ପାଖରେ ଦେବ ଦୁର୍ଲ୍ଲଭ ଯୁବରାଜଙ୍କୁ ପାଇ ଚର୍ଚ୍ଚା କରି ପାରିଲୁନି । ଏଦେଶରେ ପୂଜ୍ୟ-ପୂଜାର ମହତ୍ତ୍ୱ ନଷ୍ଟ ହେଲା ।

ରାଣୀ ବହୁତ ସନ୍ତପ୍ତା ହେଲେ । ଯୁବରାଜଙ୍କୁ ଆଦର ସମ୍ମାନ ଦେଖାଇ ପାରି ନାହାନ୍ତି । ଏକଥା ଶୁଣିଲେ କଳାହାଣ୍ଡି ରାଜା କ'ଣ କହିବେ ? ଇତ୍ୟାଦି ନାନା କଥା ପଡ଼ିଲା ।

Digitized by PPRACHIN, SOA

ଚନ୍ଦ୍ରକାନ୍ତକୁ ଲୋକମାନେ ଏବଂ ରାଣୀ ବହୁତ ସମାଦର କଲେ । ଅସୁରର ମୃତଶରୀର ଏବଂ ଯବଂଖିଆ ଡାକୁଙ୍କର ଭସ୍ମାବଶେଷ ଦେଖାଇ ପିଲାମାନେ ବନ୍ଦୀହୋଇଥିବା ଖଣ୍ଡା ଦେଖାଇଲେ । ବାଣ କର୍ତ୍ତା ଯୁବକଙ୍କ ଚେହେରା, ତାଙ୍କ ଘୋଡ଼ାର ଚେହେରା ଓ ପିନ୍ଧିଥିବା ଲୁଗାପଟା ପୋଷାକ ପତ୍ରର ବର୍ଣ୍ଣନା କଲାରୁ ଚନ୍ଦ୍ରକାନ୍ତ ସ୍ଥିର ଭାବରେ ଜାଣିଲା—ନିଶ୍ଚୟ ସ୍ୱପ୍ନକୁମାର ଏହି ବାଟେ ଯାଇଛନ୍ତି ।

ଯିବାପାଇଁ ଖୁବ୍ ବ୍ୟଗ୍ର ହେଲା ସେ । ରାଣୀ ଓ ସେଠାକାର ଲୋକେ ଯେତେ ଅଟକାଇଲେ କାହାରି କଥା ରକ୍ଷା କରି ନପାରି କ୍ଷମା ମାଗିଲା । କହିଲା—ଯେତେଦୂର ସମ୍ଭବ ସେ ନିକଟରେ ଥିବେ । ବିଳମ୍ବ ହେଲେ ପୁଣି ବହୁତ ଦୂରକୁ ଚାଲିଯିବେ । ମୁଁ ଖାଲି ଖୋଜି ହେବ ସିନା, ଦେଖାପାଇବା ଅସମ୍ଭବ ହେବ । ଏଣୁ ମୋତେ ମେଲାଣିଦିଅନ୍ତୁ । ଯୁବରାଜଙ୍କୁ ପାଇଲେ ଦୁହେଁ ଏକାସଙ୍ଗରେ ଏହି ବାଟେ ଫେରିବୁ ।

ଲୋକମାନେ ଆଉ ବଳାଇଲେ ନାହିଁ । ଚନ୍ଦ୍ରକାନ୍ତ ତା' ଘୋଡ଼ା ଉଡ଼ାଇ ଉଡ଼ାଇ ଆଗକୁ ଛୋଟିଲା ।

ନିବିଡ଼ ବନସ୍ତ ମଝିରେ ଖଣ୍ଡିଏ ସୁରମ୍ୟ ଅଟ୍ଟାଳିକା । ଅଟ୍ଟାଳିକା ସମ୍ମୁଖରେ ଖଣ୍ଡିଏ ଦିବ୍ୟପୁଷ୍କରିଣୀ । ସେଥିରେ ବତକ, ହଂସ, କାରଣ୍ଡବ ଇତ୍ୟାଦି ଜଳଚର ପକ୍ଷୀମାନେ ସନ୍ତରଣ କରୁଥାନ୍ତି । ଚାରି ପାଖ ବଗିଚାମାନଙ୍କରେ ବିବିଧ ବର୍ଣ୍ଣର ସୁଗନ୍ଧ କୁସୁମ ବିକଶିତ ହୋଇ ସ୍ଥାନଟିର ଶୋଭା ବର୍ଦ୍ଧନ କରୁଥାଏ । ଦିବ୍ୟ ସୁନ୍ଦରୀ ଜଣେ ସ୍ତ୍ରୀଲୋକ ପୁଷ୍କରିଣୀ ପାବଚ୍ଛରେ ବସି ହଂସ ଓ ବତକମାନଙ୍କୁ କଣ୍ଟା ଦେଉଥାଏ ଖାଇବାକୁ ।

ଚନ୍ଦ୍ରକାନ୍ତ ଘୋଡ଼ା ଛୁଟାଇ ପୋଖରୀବାଟେ ଉପରେ ଉଡ଼ିଯାଉଥିଲା । ରମଣୀର ଦୃଷ୍ଟି ତା' ଉପରେ ପଡ଼ିବାମାତ୍ରେ ସେ ଡାକିଲା ତିନୋଟି ମାତ୍ର ଡାକ ।

Digitized by PPRACHIN, SOA

କର୍ଣ୍ଣରେ ନପଡ଼ିତ ହେଲାମାତ୍ରେ ଘୋଡ଼ା ଆଉ ଇଙ୍ଗିତମାନ ଆଗକୁ ନ' ଆଗେଇ ସିଧା ସଳଖ ଖସିଲା ନିମ୍ନ ପ୍ରଦେଶକୁ ।

ଚନ୍ଦ୍ରକାନ୍ତ ଆଶ୍ଚର୍ଯ୍ୟ ହେଲା । ଏଭଳି ନିଭୃତ ଜଙ୍ଗଲରେ ଜଣେ ରମଣୀ ଏକାକିନୀ ବାସ ବାନ୍ଧି ରହିଛି କିପରି ? ଯାଦୁକରୀ ନାଁ ମାୟାବିନୀ ? ରାକ୍ଷସୀ ନାଁ ଡାକିନୀ ? ଏହିପରି ନାନା ଭାବନାରେ ବ୍ୟାପୃତ ଥାଇ ଘୋଡ଼ା ପିଠିରୁ ଓହ୍ଲାଇଲା ବେଳକୁ ଗୋଟିଏ ଫୁଲ ତୋଡ଼ା ହାତରେ ଧରି ରମଣୀ ଠିଆ ହୋଇଛି ।

ପଚାରିଲା—ତୁମେ କିଏ ?

କହିଲା—ମୁଁ ବନବାସିନୀ ।

ପଚାରିଲା—କାହିଁକି ଡାକିଲ ?

କହିଲା—ସେ ଅନେକ କଥା । ଠିଆ ଠିଆ କିଛି କହି ପାରିବିନି, କହିଲେ ବି କଥା ସରିବନି । ତୁମେ ମୋ ଘରକୁ ଆସ । ଆଜି ଦିନକ ମୋର ଆତିଥ୍ୟ ଗ୍ରହଣ କର । ମୁଁ ମୋର ସମସ୍ତ ଦୁଃଖ ହାଲ ତୁମକୁ ଶୁଣାଇବି । ଯଦି ପାର ତ ମୋତେ ସାହାଯ୍ୟ କରିବ, ନ ପାରିବାର ହେଲେ ପ୍ରଭାତରୁ ଉଠି ଚାଲିଯିବ ।

ଚନ୍ଦ୍ରକାନ୍ତ ଭାବିଲା—ବିପଦ ହେଉ କି ସମ୍ପଦ ହେଉ, କଥାଟା ଭଲରୂପେ ବୁଝିଯିବା ଉଚିତ । ଦାମ୍ଭିକ ପଣରେ ଉପେକ୍ଷା କଲେ ବିପଦ ଆସିପାରେ । ଏ ନାରୀ କେବେହେଲେ ସାଧାରଣ ନାରୀ ନୁହେଁ । ଏହା ନିକଟରେ ସାବଧାନ ହୋଇ କଥାବାର୍ତ୍ତା ନକଲେ ଅଡୁଆ ହେବ । କଥାରେ ଅଛି—

ବରଷାକୁ ଦେଖି ଆଡ଼ଦେବ ଛତା
କଥା କହୁଥିବ ଧୀରେ
ଖଳ ଲୋକ ସଙ୍ଗେ ବନ୍ଧୁ ନ ବାନ୍ଧିବ
ନ ଖେଳିବ ସିନ୍ଧୁ ନୀରେ ।

Digitized by PPRACHIN, SOA

ବାର ନାରୀ ଭୁଲେ   ପ୍ରୀତି ନ କରିବ
ନ କହିବ ଗୁପ୍ତ କଥା
ଶତ୍ରୁ ପାଶେ କେବେ   ସ୍ୱାର୍ଥ ମୋହେ ପଡ଼ି
ନୁଆଁଇ ନଦେବ ମଥା ॥
ବିଦେଶକୁ ଗଲେ   ମଧୁର ବଚନେ
ତୋଷଇ ସବୁରି ମନ
ଅତି ଆପଣାର   କରାଇ ପାରିଲେ
କାମନା ହେବ ପୂରଣ ॥
ସମାଦରେ ଯଦି   ଡାକେ କେହି ତାକୁ
ଉପେକ୍ଷା କେବେ ନକର
ଅତି ସାବଧାନେ   ତାର ବାକ୍ୟ ମାନ
ନିଜ ପଥ ନିଜେ ଧର ॥

—:*:—

ଏହି କଥା ନିଜ ବିଚାର ବୁଦ୍ଧିରେ ସ୍ଥିର କରି ରମଣୀ ସଙ୍ଗେ ଯିବା ପାଇଁ ସ୍ୱୀକାର କଲା ।

ରମଣୀ ଜଣକ ଖୁବ୍ ଭଦ୍ରତା ଖାତିରରେ ଚନ୍ଦ୍ରକାନ୍ତକୁ ନେଇ ଗୋଟିଏ ସୁ-ସଜ୍ଜିତ ପ୍ରକୋଷ୍ଠରେ ରହିବାକୁ ନିର୍ଦ୍ଦେଶ କରିବାରୁ ସେ ପଚାରିଲା—ଏ ଘରେ କେହି ମୁରବି ନାହାନ୍ତି । ତୁମେ ଏକମାତ୍ର ନାରୀ । ମୁଁ ଜଣେ ବିଦେଶୀ ପୁରୁଷ । ଏଠାରେ ରହିଲେ ମୋତେ କ'ଣ କହିବ ?

ରମଣୀ ହସିଲା । ତା'ପରେ କହିଲା—ଦେଖୁଛି ତୁମେ ଜଣେ ସନ୍ଦେହୀ ଯୁବକ । ଶାସ୍ତ୍ର କହୁଛି—

ପଥର ପରାୟେ ଦୃଢ଼ ଯାର ମନ
ନହୁଏ କେବେ ସେ ବିପଦେ ପତନ ।
ଚରିତ୍ରରେ ଯେବେ ନାହିଁ ଆବିଳତା
ପ୍ରତିଷେଧେ ତାର ବିଜୟ ସର୍ବଥା ।

Digitized by PPRACHIN, SOA

ମୁଁ ବୁଝିପାରୁଛି ତୁମେ ଜଣେ ଚରିତ୍ରବାନ୍ ଓ ଉଚ୍ଚଭାବାପନ୍ନ ଯୁବକ । ପ୍ରତି କଥାରେ ଏଭଳି ସନ୍ଦେହାନ ହେଉଛ କାହିଁକି ? ତୁମକୁ ସାଦରେ ସମ୍ଭାଷଣ ଜଣାଇ ଆହ୍ୱାନ ଦେଉଛି । ଅତିଥି ରୂପେ ବସାରେ ରଖାଉଛି । ଧର, ଯଦି କେହି ତୁମପ୍ରତି ଅସାଧୁତା ଦେଖାଏ ତେବେ ପ୍ରତିବାଦ କରିବାକୁ କ'ଣ ମୁଁ ନଥିବି ?

ଚନ୍ଦ୍ରକାନ୍ତ ସମ୍ବିତ୍ତ ହୋଇ ନିଜକୁ ବଡ଼ ଲଜ୍ଜିତ ମନେକଲା । ତା' ଅନ୍ତରର ନିଭୃତ କୋଣରେ ଥାଇ ବିବେକ ପୁରୁଷ କହିଲା— 'ଏ ନାରୀ'ର ସ୍ଥାନ ଖୁବ୍ ଉଚ୍ଚରେ । ଚନ୍ଦ୍ରକାନ୍ତ ତାକୁ ହୀନଦୃଷ୍ଟିରେ ଦେଖିବା ନିତାନ୍ତ କାପୁରୁଷଚିତ ହୋଇଛି ।

× × × ×

କ୍ଷଣେ କାଳ ନିମନ୍ତେ ରମଣୀ ଓ ଚନ୍ଦ୍ରକାନ୍ତ ଦୁହେଁ ନୀରବ ହୋଇଗଲେ । ପ୍ରଥମେ କିଏ କାହାକୁ କ'ଣ କହିବ, କିଛି ଭାବିପାରିଲେନି । ଅବଶେଷରେ ସେହି ରମଣୀ ପ୍ରଥମଥର ପାଇଁ ନୀରବତାର ବାତାବରଣ ବଦଳାଇ କହିଲେ—"ଆଉ କ'ଣ ଭାବୁଛ ବିଦେଶୀ ?

ଚନ୍ଦ୍ରକାନ୍ତ କହିଲା—'କିଛି ଭାବୁନି । ଏଥି ପୂର୍ବର ଅଳିକ ଭାବନା ଓ ବିପର୍ଯ୍ୟସ୍ତ ଚିନ୍ତାଧାରା ପାଇଁ ଅନୁତାପ କରୁଛି । ତୁମେ କ'ଣ ଏ ବନର ଦେବୀ ?

ରମଣୀ କହିଲା—"ବହୁତ ପଛରେ ଅଛ ବିଦେଶୀ ! ଦେବୀ କେବେ ସ୍ୱର୍ଗ-ସୁଖର କଳ କଲ୍ଲୋଳ ବର୍ଜ୍ଜନ କରି ନିରାଶାର ମରୁ ପ୍ରାନ୍ତରରେ ଗଡ଼ିବାକୁ ଆସନ୍ତିନି ମୁଁ ତୁମରି ପରି ମାନବ ସମାଜର ଜଣେ ନାରୀ । କଲ୍ୟାଣମୟୀ । ଜନସମାଜର ଆବର୍ଜନା ମଧ୍ୟରେ ଜୀବନ ବିତାଇଛି । ଶତଶତ ଝଡ଼ ଝଞ୍ଜାର ସମ୍ମୁଖୀନ ହୋଇଛି । ମୋ' କାହାଣୀ ଶୁଣିଲେ ତୁମେ ଜଡ଼ ପାଲଟି ଯିବ । ହେଲେ ମଧ୍ୟ ମୁଁ ତୁମକୁ ସେକଥା ଶୁଣାଇବିନି ।

ପଗ୍ଭରିଲା—ଶୁଣାଇଲେ କ୍ଷତି କ'ଣ ?

Digitized by PPRACHIN, SOA

କହିଲେ—କ୍ଷତି ନଥିଲେ ଲାଭ ବି ନାହିଁ । ଯାହା ଚାଲି ଗଲାଣି ତାହା ଯାଉ । ମଣିଷ ଇଚ୍ଛା କରୁ ପୁଣି ଆଗକୁ ଚାଲିବାକୁ । ବୃଥାରେ ପଛ କଥା ଘାଣ୍ଟି ପଛକୁ ପାଦ ଫେରାଇ ଜଟିଳତାର ବାତାବରଣ ମଧ୍ୟରେ ଛଟପଟ ହେବା ଅନୁଚିତ କଥା । ଏଣୁ ମୁଁ ପଛ କଥାମାନ ଛାଡ଼ିବାକୁ ବାଧ୍ୟ ହୋଇଛି ।

ଚନ୍ଦ୍ରକାନ୍ତ ଆଉ କିଛି ବାଦ ପ୍ରତିବାଦ ନ ଉଠାଇ ରମଣୀ ଦେଖାଇଥିବା ପ୍ରକୋଷ୍ଠରେ ଅବସ୍ଥାନ କଲା ।

ରମଣୀ ତା'ର ଦୈନନ୍ଦିନର କାର୍ଯ୍ୟପନ୍ଥା ସମାପନ କରି ରନ୍ଧା ବଢ଼ା କଲା ଓ ଚନ୍ଦ୍ରକାନ୍ତକୁ ଆପଣାର ଲୋକପରି ଖାଦ୍ୟ ପାନୀୟ ପରିବେଷଣ କରି କହିଲା—ଲାଜ ସଙ୍କୋଚ କରନା । ମନବୋଧ କରି ପୁଞ୍ଜିଏ ଖାଅ । ମୁଁ ତୁମର ଅନିଷ୍ଟକାରିଣୀ ନୁହେଁ । ଦେଖିଲି ତୁମେ ଯେଉଁ ପଥରେ ଯାଉଥିଲ, ସେ ପଥଟା ମୃତ୍ୟୁପଥ । ଆଉ ଅଳ୍ପ ସମୟରେ ତୁମେ ଓ ତୁମ ଘୋଡ଼ା ମୃତ୍ୟୁ ମୁଖରେ ପଡ଼ିଥାନ୍ତ ।

ପଚାରିଲା—କିପରି ?

କହିଲା—ଏଠୁ ପାଞ୍ଚ କୋଶ ଅନ୍ତରରେ ଗୋଟିଏ ପର୍ବତ ଅଛି, ତା'ନାଁ ଶୋଷା । ସେହି ଶୋଷା ପର୍ବତରେ ଶୋଷକା ବୋଲି ଗୋଟିଏ ପ୍ରେତିନୀ ଅଛି । ସବୁବେଳେ ଉପରକୁ ଅନାଇ ବସିଥାଏ । ଜୀବ ଜନ୍ତୁ ଯିଏ ଯାଉ ତଳେ ହେଉ କି ଉପରେ ହେଉ, ତା' ଦୃଷ୍ଟି ପଡ଼ିଲେ ଆଉ ଛାଡ଼େନା । ମନ୍ତ୍ରବଳରେ ତାକୁ ଷୋଷି ନେଇ ଗିଳିଦିଏ । ତୁମେ ଆଜି ଯାଉଥିଲ ତା'ର ଆହାର ହେବାପାଇଁ ।

ଚନ୍ଦ୍ରକାନ୍ତ ଚମକି ପଡ଼ିଲା । କଥାଟା ଶୁଣିବାମାତ୍ରେ ଶରୀରର ରକ୍ତ ଜମାଟ ବାନ୍ଧିଗଲା ତା'ର । ଦଣ୍ଡେ ପର୍ଯ୍ୟନ୍ତ ସେ କଥା କହି ନ ପାରି ଅନାଇ ରହିଲା ମୂକ ପ୍ରତିମା ଭଳି ।

Digitized by PPRACHIN, SOA

ରମଣୀ କହିଲା—ଖାଇ ଦିଅ । ବାବା କାଠ ହୋଇ ଅନାଅ ନାଁ । ମୁଁ ତୁମକୁ ଭଲ ବାଟରେ ପଠାଇ ଦେବି । କିନ୍ତୁ ମାତ୍ର ଆପଦ ପଡ଼ିବନି । କେଉଁଠାକୁ ଯିବ ?

ଚନ୍ଦ୍ରକାନ୍ତ ତା'ର ସମସ୍ତ କଥା ଆମୁଳଚୂଳ ବ୍ୟକ୍ତ କଲା । ସେତେବେଳକୁ ସେ ଖାଇ ସାରିଥାଏ ।

ରମଣୀ କହିଲା—ଏଥର ତୁମେ ବିଶ୍ରାମ କର । ମୁଁ ଯାଉଛି ଦଣ୍ଡ ଭୋଗିବାକୁ ।

ପଚାରିଲା—ଦଣ୍ଡ କ'ଣ ?

କହିଲା—ସେ କଥା ଶୁଣି କିଛି ଲାଭ ନାହିଁ ତୁମର । ମୋ ଭାଗ୍ୟଫଳ ମୁଁ ଭୋଗ କରୁଛି । ଏତିକ କହି ସେ ଝଡ଼ ବେଗରେ ସେଠାରୁ ବାହାରିଗଲା ।

ଖଣ୍ଡିଏ ଶ୍ରେଷ୍ଠ ବାଉଁଶ ଖଟିଆ ଉପରେ ଚନ୍ଦ୍ରକାନ୍ତ ବିଶ୍ରାମ କଲା । ପରିଶ୍ରମ ବାଧା ହେତୁ ସଙ୍ଗେ ସଙ୍ଗେ ନିଦ ଆସିଗଲା ତାକୁ । କିନ୍ତୁ ସମୟ ପରେ ହଠାତ୍ ଗୋଟିଏ ନାରୀ କଣ୍ଠର କରୁଣ ବିଳାପ ଆସି ତା କର୍ଣ୍ଣକୁହରକୁ ଥରାଇ ଦେବାରୁ ଲାଗି ଆସୁଥିବା ଘୁଇନିଦରେ ବାଧା ସୃଷ୍ଟି ହେଲା ।

କାନଡ଼େରି ଶୁଣିଲା ସେ । ବେଳକୁ ବେଳ ବିଳାପଟା ବଢ଼ି-ବାକୁ ଲାଗିଛି । କ୍ରନ୍ଦନରତା ଜଣେ ନାରୀ । ବୋଧହୁଏ କେହି ତା ପ୍ରତି ନିଦାରୁଣ ଦଣ୍ଡର ବ୍ୟବସ୍ଥା କରୁଛି । ତା' ନହେଲେ ସେ ବିକଳ ହୋଇ କାନ୍ଦନ୍ତା କାହିଁକି ?

ଚନ୍ଦ୍ରକାନ୍ତକୁ ବଡ଼ କଷ୍ଟ ଲାଗିଲା । ସେ' ଆଉ ବିଶ୍ରାମ ନେବ କ'ଣ ? କାନ୍ଦଣାର ଧ୍ୱନି ଲକ୍ଷ୍ୟ କରି ଚାଲିଲା ସେହି ଦିଗକୁ । ହାତରେ ଧନୁଶର ଓ କମରରେ ଶାଣିତ ଖଡ୍‌ଗ । ବର୍ଚ୍ଛା ଫଳକ ବି ଥାଏ । କ୍ରୋଧାନ୍ଧ କେଶରୀ ପରି ସେ ଯାଇ ପହଞ୍ଚିଲା ଗୋଟିଏ ନିଭୃତ କୋଠରୀ ପାଖରେ ।

Digitized by PPRACHIN, SOA

ଦରୱେଜା ଭିତର ପଟୁ ବନ୍ଦ ଅଛି । ଗବାକ୍ଷ ମୋଟେ ନାହିଁ । ସେହି ଅନ୍ଧକାର କଠୋରୀ ମଧ୍ୟରେ ରମଣୀ ଜଣେ କାନ୍ଦୁଛି । ପୁରୁଷ ଜଣେ ନାନାଦି କଟୁକଥା କହି ତାକୁ ନିଷ୍ଠୁର ପଣରେ ପ୍ରହାର କରି ଚାଲିଛି ।

ଚନ୍ଦ୍ରକାନ୍ତର ରକ୍ତ ଦୁଲକି ଉଠିଲା । ନାସା ରନ୍ଧ୍ରଦେଇ ପ୍ରଖର ଶ୍ୱାସ ପ୍ରଶ୍ୱାସ ପ୍ରବାହିତ ହେବାକୁ ଲଗିଲା । ସମ୍ଭାଳି ନ ପାରି କ୍ରୋଧ ଜର୍ଜ୍ଜରିତ ପ୍ରାଣରେ କବାଟକୁ ଦେଲା ଗୋଟିଏ ପ୍ରଚଣ୍ଡ ଧକ୍‌କା ।

କବାଟଟା ଫିଟିଗଲା । ପ୍ରଳାପ କରୁଥିବା ଆତତାୟୀ ଲୋକଟା ଚେଷ୍ଟା କରୁଥିଲା ପଳାଇ ଯିବାକୁ । ମାତ୍ର ଚନ୍ଦ୍ରକାନ୍ତ ଛାଡ଼ିଲାନ ।

ସେ ଘର ଭିତରୁ ବାହାରି ଦ୍ରୁତ ପଦକ୍ଷେପରେ ବାହାରକୁ ପଳାଇଯିବାବେଳେ ଚନ୍ଦ୍ରକାନ୍ତ ଦାଗି ଦେଲା ଗୋଟିଏ ବିଷମଖା ଶର । ଗଳିଗଲା ତା'ର ପିଠିରେ, ରକ୍ତ କଣା କରି ବାହାରିଗଲା ଆର ପଟେ ।

ସେହିଠାରେ ଲେପଟାଇ ପଡ଼ିଲା ଲୋକଟା । ତାଜା ଗରମ ରକ୍ତରେ ମାଟିରୁ ଅଗଏ ଭିଜିଗଲା । ତା' ପ୍ରତି ଦୃଷ୍ଟି ନଦେଇ ଚନ୍ଦ୍ରକାନ୍ତ ପ୍ରଥମେ ଗଲା ସେହି ଅନ୍ଧକାର ଗୃହ ଭିତରକୁ । ଦେଖିଲା, ତା'ର ପୂର୍ବ ପରିଚିତ ରମଣୀ ଜଣକ ହାତଗୋଡ଼ ବନ୍ଧାହୋଇ ମଝି ଚଟାଣରେ ପଡ଼ିଛି । ଦେହସାରା ତା'ର ଚାବୁକ ମାଡ଼ର ଦାଗ । ଲୁଗା ପଟା ଚିରି ଚୂରି ଅସ୍ତବ୍ୟସ୍ତ ।

ଏଭଳି ଦୁର୍ଘଟଣା ଦେଖି ମନରେ ତା'ର ପ୍ରଚଣ୍ଡ ଆଘାତ ଲାଗିଲା । ସେ ତାକୁ କିଛି ପଚରା ପଚରି ନକରି ଆଗେ ବନ୍ଧନ ରଜ୍ଜୁଟାକୁ କାଟି ପକାଇଲା ଠିକ ଠିକ କରି ।

Digitized by PPRACHIN, SOA

ରମଣୀ ଅଛି ବେହୋସ ଅବସ୍ଥାରେ । ନିକଟରେ ପାଣିର କଳସୀ ଓ ତାଳପତ୍ର ବିଞ୍ଚଣାଖଣ୍ଡେ ଅଛି । ଚନ୍ଦ୍ରକାନ୍ତ ବିଜୁଳି ବେଗରେ ଯାଇ ରମଣୀ ମୁହଁରେ ପାଣି ସିଞ୍ଚା ସିଞ୍ଚି କଲି, ବିଞ୍ଚଣାରେ ବିଞ୍ଚା ବିଞ୍ଚି କରିବାରୁ ଚେତା ଲଭ କଲି ସେ ।

ଦେହସାରା ତା'ର ମାଡ଼ଚିହ୍ନ । ସ୍ଥାନେ ସ୍ଥାନେ ରକ୍ତ ବାହାରିଲି ପରି ହୋଇଛି । ରମଣୀର କଥା କହିବା ଶକ୍ତି ପ୍ରାୟ ନାହିଁ । ଚନ୍ଦ୍ରକାନ୍ତକୁ ଇଙ୍ଗିତରେ ଦେଖାଇ ଦେଲି କାନ୍ଥରେ ଥିବା ଗୋଟିଏ ଠଣା ଆଡ଼କୁ ।

ଚନ୍ଦ୍ରକାନ୍ତ ଯାଇ ଦେଖେତ ସେ ଠଣାରେ ଗୋଟିଏ କାଚ ବୋତଲ ଏବଂ ବୋତଲରେ କିଛି ମାଲିସ ଔଷଧ ଅଛି । ଚତୁର ଯୁବକ ସେ । ଦେଖିଲିମାତ୍ରେ କଥାଟାକୁ ଠଉରାଇ ନେଇ ଔଷଧଟା ଆଣିଲି ଏବଂ ରମଣୀ ଦେହରେ ଚିକ୍‌ଣ କରି ମାଲିସ୍ କରି ଦେଲା ।

ଔଷଧଟିର ଏଭଳି ପ୍ରଖର ଗୁଣ ଯେ, ମାଲିସ୍ କରିଦେବା ମାତ୍ରେ ମାଡ଼ଚିହ୍ନଗୁଡ଼ିକ ଲିଭିଯାଇ ଶରୀରର ସମସ୍ତ କ୍ଲେଶ୍ ଦୂର ହୋଇଗଲି । ଏଥିକି ରମଣୀ ପୂର୍ବର ଶକ୍ତିଲଭ କରି ଉଠି ବସିଲି ଏବଂ କେଶ ବାସ ସୁସଂଯତ କରି ବାହାରକୁ ଆସିବାକୁ ଇଚ୍ଛାକଲି, ଚନ୍ଦ୍ରକାନ୍ତ ବି ଆସିଲି ତା' ସଙ୍ଗେ ସଙ୍ଗେ ।

ଆତତାୟୀ ଲୋକଟା ଯନ୍ତ୍ରଣାରେ ଛଟପଟ ହୋଇ ବାହାରେ ପଡ଼ିଥାଏ । ଶର ବାଜିଥିବା କ୍ଷେତରୁ ଅଜସ୍ର ରକ୍ତ ବୋହି ପୃଥିବୀ ଭିଜି ଯାଉଥାଏ । ରମଣୀ ଦେଖିବା ମାତ୍ରେ କ୍ଷୀଣ କଣ୍ଠରେ କହିଲି ସେ—ଅରୁଣା ! ବର୍ଷ ବର୍ଷ ଧରି ତୋତେ ବହୁତ ତାଡ଼ନା କଲି । ଲୋଭରେ ନିଜ ଜୀବନଟାକୁ ମଧ୍ୟ ନଷ୍ଟ ଭ୍ରଷ୍ଟ କରିଦେଲି । ତଥାପି ମୋ' ବାଞ୍ଛିତ ପଦାର୍ଥ ପାଇବାକୁ ସକ୍ଷମ ହେଲିନି । ଆଜି କର୍ମର ଉପଯୁକ୍ତ ଫଳ ମିଳିଛି । ଏଣିକି ତୁ ଚିରମୁକ୍ତ । ମୁଁ ହେଲି ମୁକ୍ତ

ପଥର ଯାତ୍ରୀ । ଆଉ ବିଶେଷ କିଛି କହିବାର ନାହିଁ । ଜୀବନଟା କ୍ଷଣ ଭଙ୍ଗୁର । ଦି’ଦିନର ଦୁନିଆ । ଏକଥା ଯଦି ଥରେ ମୋ’ ବିବେକ ବିଚାରକୁ ଆସିଥାନ୍ତା, ତେବେ ମୁଁ ଏତେ ଗୁଡ଼ାଏ ଅନ୍ୟାୟ, ଅକର୍ମ କରିବାକୁ ସାହସ କରି ନଥାନ୍ତି । ଆଜ ମୃତ୍ୟୁ ଦେବତାର କରାଳ କବଳରେ ପଡ଼ି ସବୁ କଥା ବୁଝୁଛି । କଠିନ ଅନୁତାପ ବି ଯାହା କରିଗଲେ, ସେଗୁଡ଼ିକ ଘୋର ଅନ୍ୟାୟ । ସେଥିପାଇଁ ପରପାରିରେ ମୋତେ କ୍ଷମା ମିଳିବ ନାହିଁ । କାଳ ଦେବତାର ଅନୁଚରମାନେ କଠୋର ଶାସ୍ତି ଦେବେ । ପ୍ରେତଃ ଜୀବନଟା ମୋର ଯନ୍ତ୍ରଣାରେ ତିଳ ତିଳ ହୋଇ ନିଷ୍ପେଷିତ ହେଲେ ବି କାହାରି ଦୟା ଆସିବା ଅସମ୍ଭବ । ଯାହା କିଛି ହେଉ, ସେଥି-ପାଇଁ ଅନ୍ୟ କେହି ଦାୟୀ ନୁହଁନ୍ତି । ସବୁ ମୁଁ କରିଛି ଏବଂ ସବୁ ମୁଁ ଭୋଗିବି । ଜୀବନର ଏ ଅନ୍ତିମ ଶଯ୍ୟାରେ ତୋ ପ୍ରତି ଏତିକି ଅନୁରୋଧ ଅରୁଣା, ସବୁ ଅନ୍ୟାୟ, ସବୁ ଅତ୍ୟାଚାର ପାଇଁ ମୋତେ କ୍ଷମା ଦେବୁ । ମୁଁ ଚାଲିଲି ବିଶ୍ୱାସିକା ପୃଥ୍ୱୀ ମରୁ ପଥର ନିରାଶ୍ରୟ ଯାତ୍ରୀରୂପେ । ଅନ୍ତିମକୁ ଆହ୍ୱାନ ଦେଇ ଆଲିଙ୍ଗନ କରିବି । ଥା, ମା ! ଏଣିକି ତୁ ଚିର ନିଷ୍କଣ୍ଟକ । କହୁ କହୁ ଲୋକଟିର ପ୍ରାଣ ପ୍ରଦୀପ ନିର୍ବାପିତ ହେଲା ।

ଅରୁଣା ଆଖିରେ ଅଶ୍ରୁର ବନ୍ୟା । ଚନ୍ଦ୍ରକାନ୍ତ ଚକିତ ନୟନରେ ଦେଖୁଥାଏ । ହଠାତ୍ କିଛି କଥା ପଚାରିବା ପାଇଁ ସାହସ ହେଉ ନଥାଏ ତା’ର ।

କିଛି ସମୟ ନୀରବତା ପରେ ଅରୁଣା କହିଲା—ବିଦେଶୀ, ମୋତେ ସାମାନ୍ୟ ସାହାଯ୍ୟ ଦେଲେ ମୃତଶବଟିକୁ ଦାହ କରି ପାରନ୍ତି ।

ଚନ୍ଦ୍ରକେତୁ ସମ୍ମତ ପ୍ରଦାନ କଲାରୁ ଦୁହେଁ ମିଶି ଶବଦାହ କର୍ମ ସମାପ୍ତ କଲେ । ତା’ପରେ ଚନ୍ଦ୍ରକେତୁ ପଚାରିଲା—ଲୋକଟି କିଏ ?

ଅରୁଣା କହିଲା—ସେ ମୋର ଦାଦା ।

Digitized by PPRACHIN, SOA

ଚନ୍ଦ୍ରକେତୁ ଆହୁରି ଆଶ୍ଚର୍ଯ୍ୟ ହେଲା । ଦାଦା ତା'ର ଝିଅଟି ପ୍ରତି ଏଭଳି ନିଷ୍ଠୁର ବ୍ୟବହାର କରୁଥିଲା କାହିଁକି ?

ଅରୁଣା କହିଲା—ସେ ଗୋଟିଏ ପୁରାଣ କଥା । ଶୁଣିଲେ ତମ ମନରେ ଆଘାତ ଲାଗିବ । ତଥାପି ତୁମକୁ ନକହିବାଟା ଯେ ମୋର ଅନ୍ୟାୟ ହେବ, ଏକଥା ମୁଁ ଭଲରୂପେ ଜାଣି କହିବାକୁ ବାଧ୍ୟ ହେଉଛି ।

ମଞ୍ଜୁଷା ରାଜଗଡ଼ରେ ମୋର ଜନ୍ମ । ବାପାମୋର ରାଜା ଥିଲେ । ତାଙ୍କର ଗୋଟିଏ ବୋଲି ପୁଅ ଏବଂ ଗୋଟିଏ ମାତ୍ର ଝିଅ ମୁଁ । ଆଜି ଯେ ପ୍ରାଣତ୍ୟାଗ କଲେ ସେ ମୋର ଦାଦା ହୁଅନ୍ତି । ତାଙ୍କ ନାଁ ହରପ୍ରସାଦ ସିଂହ ।

ଲୋକଟି ମଦ୍ୟପ, ଗୁଣ୍ଡା ଏବଂ ପରଶ୍ରୀକାତରତା ପୂର୍ଣ୍ଣ ଅପଦାର୍ଥଟିଏ । ରାଜଗାଦି ଲୋଭରେ ପଡ଼ି ଭିତରେ ଭିତରେ ଶତ୍ରୁତା କରିବାକୁ ଲାଗିଲେ ବାପାଙ୍କ ସାଙ୍ଗରେ । ହେଲେ ବାପା ସେ କଥାକୁ ଖାତିର କରନ୍ତିନି । ଭ୍ରାତୃସ୍ନେହରେ ସମସ୍ତ କ୍ଷମା ଦିଅନ୍ତି । ଯେତେବେଳେ ତାଙ୍କର ଯାହା ଦର୍କାର ହୁଏ ତାହା ଯୋଗାଇ ଦେବାରେ ତ୍ରୁଟି ବି କରନ୍ତି ନାହିଁ ।

ଦାଦାଙ୍କର ମୋଟେ ଚକ୍ଷୁଲଜ୍ଜା ନଥାଏ । ସେ କେବଳ ଛିଦ୍ରାନ୍ୱେଷଣ କରିବାରେ ଲାଗିଥାନ୍ତି । ସବୁଠାରୁ ତାଙ୍କର ବେଶି ଲୋଡ଼ାଥାଏ ଭଣ୍ଡାର ଘରର ଗୃହ ।

ପଚାରିଲା—"କାରଣ ?"

ଭଣ୍ଡାର ଘର ତଳ ମହଲାରେ ଥାଏ ଗୋଟିଏ ହୀରାର ପ୍ରତିମା, ସେ ପ୍ରତିମାଟିର ମୂଲ୍ୟ କୋଟି କୋଟି ଟଙ୍କା ହେବ । ଦାଦାଙ୍କର ଲୋଭଥିଲା ସେହି ପ୍ରତିମା ଉପରେ । ତେଣୁ ସେ ବିଷ ପ୍ରୟୋଗ କରି ମୋ ଭାଇ, ବାପା, ବୋଉ ଇତ୍ୟାଦି ସମସ୍ତଙ୍କୁ ହତ୍ୟା କଲେ । ଗୋଟିଏ ବୃଦ୍ଧାଦାସୀ ମୋତେ ଭାରି ଭଲ ପାଉଥିଲା । ସେ ତାଙ୍କ ଚକ୍ରାନ୍ତ

Digitized by PPRACHIN, SOA

ବୁଝିପାରି ଭଣ୍ଡାର ଘରଗ୍ଭବିଟିକୁ ହାତକରି ନେଲା ଏବଂ ମୋତେ ଗୁପ୍ତ ଘରରେ ଯେଉଁ ଆସି ପଳାଇ ଆସିଲା ଜଙ୍ଗଲକୁ । ପଇସା ପରରେ ଜଙ୍ଗଲି ଲୋକଙ୍କୁ ହତ୍ୟା କରି ଘର ଖଣ୍ଡିକ ନିର୍ମାଣ କରାଇ ମୋତେ ରଖାଇଲା । ଆମେ ଦିହେଁ ସାଙ୍ଗ ହୋଇ ଗ୍ଭବିଟିକୁ ଗୋଟିଏ ପର୍ବତ ଖୋଲରେ ଲୁଗ୍ଭଇ ରଖିଲୁ । ତା'ପରେ ଏହି ଘରେ ସମୟ କଟାଇଲୁ ।

ଖୋଜା ଖୋଜି କରୁ କରୁ ଦାଦା ଆମମାନଙ୍କ ଅବସ୍ଥାନ ଜାଣି ପାରି ଏଠାକୁ ଆସିଲେ । ମାରୁ ମାରୁ ବୃଦ୍ଧା ଦାସୀଟି ମଧ ଦିନେ ଇହଲୀଳା ତ୍ୟାଗ କଲା ।

ମୁଁ ରହିଲି ଏକାକୀ । ମୋତେ ଫୁସୁଲା ଫୁସୁଲି କରି ଗ୍ଭବିର ସନ୍ଧାନ ନପାଇବାରୁ ଅତ୍ୟାଗ୍ଭର ଆରମ୍ଭ କରିବାକୁ ବାଧ୍ୟ ହୋଇଥିଲେ । ପ୍ରତି ସାତ ଦିନରେ ଥରେ ଆସି ମୋତେ ଏହି-ପରି ମାଡ଼ ଦିଅନ୍ତି ।

ବହୁଦିନ ମାଡ଼ ଖାଇବା ପରେ ମୁଁ ଗୋଟିଏ ଔଷଧ ଆବି-ଷ୍କାର କଲି । ଯାହା ତୁମେ ବୋତଲରୁ ଆଣି ମୋ ଦେହରେ ମାଲିସ କଲାପରେ ଜ୍ୱାଳା ଯନ୍ତ୍ରଣା ଓ ପ୍ରହାର ଚିହ୍ନ ସବୁ ଲୋପ ପାଇଲା ।

ପଗ୍ଭରିଲା—ଗ୍ଭବିଟି କ'ଣ କଲ ?

କହିଲା—ଏପର୍ଯ୍ୟନ୍ତ ଯଥା ସ୍ଥାନରେ ଖୁବ୍ ନିରାପଦରେ ଅଛି ।

ଏଭଳି ଏକ ଲୋମହର୍ଷଣ ବ୍ୟାପାର ଶୁଣି ଚନ୍ଦ୍ରକାନ୍ତ ମନରେ ଗଭୀର ଦୁଃଖ ଓ ଚିନ୍ତା ବି ଆସିଲା । ସେ ଗଭୀରଭାବେ ବିଗ୍ଭର କରି ଭାବିଲା, ଏଭଳି ଗୋଟିଏ ନିରାଶ୍ରୟା ରମଣୀକୁ ସାହାଯ୍ୟ ନ କରି ଗ୍ଭଲିଗଲେ ଭଗବାନ ଅସନ୍ତୋଷ ହେବେ । ତା'ପରେ ପଗ୍ଭରିଲା—ଏଣିକି ତୁମର କର୍ତ୍ତବ୍ୟ କ'ଣ ଜେମା ?

କହିଲା—ଆତ୍ମହତ୍ୟା ଛଡ଼ା ଆଉ କ'ଣ କର୍ତ୍ତବ୍ୟ ?

ଆହୁରି ଦୁଃଖିତ ହେଲା ଚନ୍ଦ୍ରକାନ୍ତ । ନାହିଁ, ନାହିଁ, ସେ ତା' ବାଟରେ ଗ୍ଭଲିଯାଉଥିଲା । ଭଗବାନ ଯେ ନାହିଁକି ତାକୁ ଆଣି ଅରୁଣ

Digitized by PPRACHIN, SOA

ପାଖରେ ପହଞ୍ଚାଇଲେ, ସେ କଥା ସିନା ସେ ଜାଣନ୍ତି । ପୁରୁଷ କ୍ଷେତ୍ରୀୟ ପୁଣି ବୀରଶ୍ରେଷ୍ଠ ହୋଇ ତା'ର କ'ଣ କିଛି କର୍ତ୍ତବ୍ୟ ନାହିଁ ? ଜଣେ ଅବିବାହିତା, ନିରାଶ୍ରୟା, ଅତ୍ୟାଚାର ପ୍ରପୀଡ଼ିତା ରମଣୀ ପାଇଁ ସେ କ'ଣ କିଛି କରିବନି ?

ଯେବେ କରି ନ ପାରିବ, ତେବେ ସେ ଏଠାକୁ କାହିଁକି ଆସିଲା ? କିଏ ଅଣାଇଲା ତାକୁ ? ତା'ର ଉଦ୍ଦେଶ୍ୟ ଏହିପରି ନାନା ପ୍ରକାର ଦୁର୍ଭାବନାରେ ମ୍ରିୟମାଣ ହୋଇ ନୀରବ ହେଲା ଚନ୍ଦ୍ରକାନ୍ତ ।

ଅରୁଣା ତା'ର ନୀରବତା ଓ ବିଷଣ୍ଣତାକୁ ନିରୀକ୍ଷଣ କରି କହିଲା—ତୁମ୍ଭେ ଏତେ ଭାବାନ୍ତର ଗ୍ରହଣ କଲ କାହିଁକି ବିଦେଶୀ ! ଦିବସ ଆସି ଅବସାନ ଉପରେ । ଘର ଭିତରକୁ ଆସ । ଏହା କହି ଚନ୍ଦ୍ରକାନ୍ତର ହାତଟିକୁ ଧଇଲା ।

ତା'ପରେ ଦୁହେଁ ଧୀରେ ପଦ କ୍ଷେପରେ ଯାଇ ନିଜ ନିଜ ପ୍ରକୋଷ୍ଠରେ ପହଞ୍ଚିଲେ ।

× × × ×

ସ୍ୱପ୍ନ କୁମାର ଘୋଡ଼ା ଛୁଟାଇ ସେଦିନ ସନ୍ଧ୍ୟାରେ ପହଞ୍ଚିଲା ଗୋଟିଏ ମନୋରମ ପୁଷ୍କରିଣୀ ତୀରରେ । ପୁଷ୍କରିଣୀ ଖଣ୍ଡିକ ବେଶି ବଡ଼ ନହେଲେ ବି ସୌନ୍ଦର୍ଯ୍ୟରେ ଶ୍ରେଷ୍ଠ ନୁହେଁ । ତା'ର ଚତୁର ପାଖରେ ମନୋରମ ବୃକ୍ଷବଲ୍ଲରୀସମୂହ ଫୁଲଭାରରେ ବିମଣ୍ଡିତ ହୋଇ ଶୋଭା ସମ୍ପଦ ସୃଷ୍ଟି କରୁଥାଏ । ବିବିଧ ବିହଙ୍ଗଙ୍କର ମିଠା ବାହାଡ଼ା କାକଳି ଶ୍ରୋତା ମାନସ ପଟରେ ଖୋଲି ଦେଉଥାଏ ଅଫୁରନ୍ତ ଆନନ୍ଦର ସହସ୍ର ଉତ୍ସାହ । ସ୍ଥାନଟିର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସ୍ୱପ୍ନକୁମାର ସେହିଠାରେ ଅବସ୍ଥାନ କଲା ।

ସ୍ୱସ୍ତିକ ସେତେବେଳକୁ ଶୋଷରେ ଅସ୍ଥିର ହୋଇଥାଏ । ପୁଷ୍କରିଣୀର ସ୍ୱଚ୍ଛ ଜଳରୁ ପେଟେ ପିଇ ଫୁଲ ଗଛରେ ପଡ଼ାଏ ଘଷି

Digitized by PPRACHIN, SOA

ହେଲା ପରେ ଅଳସ ଭାଙ୍ଗିଲା ଓ ପଥୁରିଆ ମାଟିରେ ଗଡ଼େଇ ଗଡ଼େଇ ହେଲା ।

ଆଖ ପାଖରେ ଜଙ୍ଗଲ ନଥାଏ । ଯଦିବା ଥାଏ ତେବେ ଘଞ୍ଚ ନୁହେଁ, କଣ୍ଟାଳିଆ । ହେଲେ ବି ହିଂସ୍ରଜନ୍ତୁ ଭୟ ଯେ ନାହିଁ, ଏକଥା କିଏ କହି ପାରିବ ।

ମନରେ ଟିକିଏ ଭୟ ଆସୁଥାଏ । ଦୈବ ଦୁର୍ବଳେ କଳା ଘାତର କଳା ସୟୂତାମା ମଝିରେ ଯଦି କିଛି ଦୁର୍ଘଟଣା ଘଟେ, ତେବେ ଉପାୟ କଣ ?

ସ୍ୱପ୍ନ କୁମାର ଏହିପାଇଁ ଦୃଢ଼ ଓ ମସ୍ତିଷ୍କ ଚାଳନ କରୁଥାଏ । ମାତ୍ର ହାତ-ପାଖରେ ଉପାୟ ନାହିଁ । ନିକଟରେ ଲୋକାଳୟ ଥିବା କଥା ବି ବିଶ୍ୱାସ ନୁହେଁ । ଦିଗନ୍ତ ପ୍ରସାରି ବନଭୂମି କେଉଁଠାରେ ଘଞ୍ଚ, କେଉଁଠାରେ ବା ପତଳା । କୌଣସି ସ୍ଥାନରେ ଖୋଲାପଡ଼ିଆ ହେଲେ ହେଁ ସବୁ ବନ ଭୂମିର ଅନ୍ତର୍ଗତ । ନିବିଡ଼ ବନ ଭୂମିର ଭୀଷଣତା ଅପେକ୍ଷା ନିର୍ଜ୍ଜନ ପ୍ରାନ୍ତରର ପାଷାଣତା ବହୁତ ବେଶି ।

ସବୁ ଜୀବ ଜନ୍ତୁମାନେ ରଜନୀର ମଧ୍ୟ ଭାଗରେ ବିଚରଣ କରିବାକୁ ଆସନ୍ତି ନିର୍ଜ୍ଜନ ପ୍ରାନ୍ତରକୁ । ମନୁଷ୍ୟ ଯେପରି ଶରୀର ମନ ଫୁର୍ତ୍ତି କରିବାପାଇଁ ନଦୀକୂଳ, ସମୁଦ୍ରକୂଳ ଉଦ୍ୟାନ ଓ ଖୋଲା ସ୍ଥାନ ଦେଖି ବିଚରଣ କରିବାକୁ ଯାଏ, ଜଙ୍ଗଲର ଜୀବ ଜନ୍ତୁ-ମାନେ ସେହି ସ୍ଫୂର୍ତ୍ତି କରିବାକୁ ବାହାରି ପଡ଼ନ୍ତି ।

ସ୍ୱପ୍ନ କୁମାର ସବୁକଥା ଭାବିଲା, ବିଚାର କଲା । ପରି ଶେଷରେ ସାହସ ବାନ୍ଧି ଭରସା ରଖିଲା ଏକମାତ୍ର ଭଗବାନଙ୍କଠାରେ । ତା' ମନ ମନ୍ଦିରର ସହସ୍ର କଳଣୀ ଖୋଲି କିଏ ଜଣେ କହିଲା—

ସବୁ ଲୀଳା ଖେଳା କରେ ଲୀଳାମୟ
ସୁଖୀ ଭବେଯାହା ପ୍ରତି ସେ ସଦୟ ।
ଯା ପ୍ରତି ନଥାଏ କରୁଣା ତାହାର
ନପାଏ ଖୋଜି ସେ କାହିଁ ପ୍ରତିକାର ।

Digitized by PPRACHIN, SOA

ମାରିବାକୁ ଯାକୁ ମନେ ବିଗୃରଇ
ଦଣ୍ଡେ ତାକୁ କେହି ରଖି ନ ପାରଇ ।
ବଞ୍ଚାଇବା ପାଇଁ ଯାହାକୁ ତା'ନାମ
ତାକୁ ଭିଳେ ଦଣ୍ଡି ନପାରେ କେ ଜନ ।
ଧନ୍ୟ ସେ ବ୍ରହ୍ମାଣ୍ଡ ନିୟନ୍ତା ମୁରାରି
ମାରୁ ଅବା ଏ ବିପଦୁ କରୁ ପାରି ।
ଯାହା କରୁ ତାକୁ ସମର୍ପି ଜୀବନ
ସୁଖେ ଏ ସ୍ଥାନରେ କରି ତୁ ଶୟନ ।

—:*:—

ଏହି କଥାକୁ ମିତ୍ରବାକ୍ୟ ମନେ କରି ଦମ୍ଭ ବାନ୍ଧିଲା କୁମାର । ସ୍ୱପ୍ନିକକୁ ଗୋଟିଏ ଗଛ ଗଣ୍ଡିରେ ବାନ୍ଧି ଦେଇ ତା'ରି ପାଖରେ ଶୋଇବାର ବିଧିବଦ୍ଧ କଲା ।

ସେଠାରେ ଗୋଟିଏ ବେତାଳ ବହୁକାଳରୁ ଆଶ୍ରୟ କରିଥାଏ । କାହାରି କିଛି ଅନିଷ୍ଟ କରିବା ତା' ଜାତକରେ ନାହିଁ । ବରଂ ଯଦି କେବେ କେହି ପଥିକ ବିଭ୍ରମ ହୋଇ ପଥ ବଣା ହୁଏ, କି ବିପଦରେ ପଡ଼େ, ତେବେ ସେ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ ତାକୁ ସାହାଯ୍ୟ କରେ । ନିତି ରାତିରେ ପୋଖରୀ ହୁଡ଼ାରେ ଖେଳ କୌତୁକ କରିବା ତା'ର ଗୋଟିଏ ଅଭ୍ୟାସ ।

ସେଦିନ ସ୍ୱପ୍ନକୁମାର ଆସି ସେଠାରେ ବିଶ୍ରାମ କରିଛି, ଏକଥା ତାକୁ ମୋଟେ ଜଣା ନଥାଏ । ତେଣୁ ଅଧ ରାତିରେ ଆସି ଖେଳ ଆରମ୍ଭ କଲା ସେ ।

ଖେଳର ଗତି ତା'ର ଅଦ୍ଭୁତ ପ୍ରକାରର । ମର୍ତ୍ତ୍ୟ ମନୁଷ୍ୟ ପକ୍ଷେ ଯାହା ଅସମ୍ଭବ ତା' ପକ୍ଷରେ ତାହା ସମ୍ଭବ । ଏକା ଡିଆଁକେ ପୋଖରୀଟାକୁ ଡେଇଁ ପଡ଼ିବା ମାଛ ବୋହିବା ପରି ପୋଖରୀଟାକୁ ବୋହି ଶୁଖାଇ ଦେବା, ହଠାତ୍ ତୋଫା ଆଲୁଅ

Digitized by PPRACHIN, SOA

କାଳି ହଠାତ୍ ଅନ୍ଧାର କରି ଦେବା, ଶହଶହ କଂସା ମୋଟା ଏକାଥରକେ ପଥର ଉପରେ କଚାଡ଼ି ଝଣଝାଣ ଶବ୍ଦ ସୃଷ୍ଟି କରିବା, ଘଣ୍ଟ ବଜାଇବା, କାହାଳୀ ଫୁଙ୍କିବା, ଶଙ୍ଖ ବଜାଇବା ଇତ୍ୟାଦି ନାନା ପ୍ରକାର ଖେଳ । ସେଦିନ ରାତିରେ ବି ସେହିପରି ଖେଳ କୌତୁକ ଲଗାଇଲା ।

ସ୍ୱପ୍ନ କୁମାର ଆଉ ନିଶ୍ଚିନ୍ତ ମନରେ ଶୋଇ ପାରିଲାନି । ତା' ଛାତିର ସ୍ପନ୍ଦନ ବଢ଼ିବାକୁ ଲାଗିଲା । ମନ ଭିତରେ ଉଠିଲା ଭୟ । ବିଶାଦର ପ୍ରବଳ ଢେଉ । ଘଟଣା କଣ, ଯେତେ ଚେଷ୍ଟାକଲେ ବି ବୁଝି ପାରିଲାନି । ଭାବିଲା ଗୋଟାଏ ରାକ୍ଷସ ଆସି ମୋତେ ବିପଦରେ ପକାଇବାକୁ ଚେଷ୍ଟା କରୁଛି ।

ସ୍ୱସ୍ତିକ ଆଶଙ୍କାରେ ଜଡ଼ ସଡ଼ ହୋଇ କଲା ଗୋଟିଏ ତୀବ୍ର ଅଟ୍ଟହାସ୍ୟ । ସେ ଶବ୍ଦ ଯାଇ ବେତାଳକାନରେ ପଡ଼ିବାମାତ୍ରେ ଖେଳ କୌତୁକ ବନ୍ଦ କରି ଜଳାଇ ଦେଲା ଗୋଟିଏ ମାୟାର ଆଲୋକ ।

ଆଲୋକର ତେଜରେ ସ୍ଥାନଟା ଦିନପରି ତେଜସ୍ୱୀନ ହୋଇ ଉଠିଲା । ସ୍ୱପ୍ନକୁମାର ଓ ସ୍ୱସ୍ତିକକୁ ବେତାଳ ଦେଖି ପାରିଲା ପରିଷ୍କାର ଭାବେ । ତା' ମନରେ ବି ସନ୍ଦେହର ଗ୍ଳୁୟୂପାତ ହେଲା ।

ଅନ୍ଧାର ରାତି । ନିର୍ଜ୍ଜନ ବନ ପ୍ରଦେଶରେ ଗୋଟିଏ ଯୁବକ ଅଶ୍ୱ,ଟିଏ ଦେନ କାହିଁକି ସେଠାରେ ଅଟକିଛି ? କି ବିପଦ ତା'ର ? ଅଥବା ପଥ ବଣା ହୋଇ ଏଠାରେ ରହିବାକୁ ବାଧ୍ୟ ହୋଇଛି ? ଏହିପରି ନାନା କଥା ଭାବି ମନଟା ତା'ର ସନ୍ଧିହାନ ହୋଇ ଉଠିବାରୁ ଧୀରେ ଧୀରେ ପହଞ୍ଚିଲା ଯାଇ ସ୍ୱପ୍ନକୁମାର ପାଖରେ । ମଧୁରକଣ୍ଠରେ ପଚାରିଲା—କିଏ ତୁମେ ଯୁବକ ! କାହିଁକି ଏ ଶ୍ୱାପଦସଙ୍କୁଳ ଅରଣ୍ୟ ମଧ୍ୟରେ ଏକାକୀ ଅଟକି ଯାଇଛ ?

ସ୍ୱପ୍ନ କୁମାର କହିଲା—ମୋ' ଠାରୁ ଦୁଃଖୀ ବୋଧହୁଏ ସଂସାରରେ କେହି ନଥିବେ । ଦୈବାତ୍ ଏସ୍ଥାନଟିକୁ ନିରାପଦମନେ କରି ମୁଁ ବିଶ୍ରାମ ନେଉଥିଲି ସତ୍ୟ, ମାତ୍ର ତୁମେ ଆସି ଏପରି ଭୟ

Digitized by PPRACHIN, SOA

ଦେଖାଇବ ବୋଲି ଭାବି ନଥିଲି । ବର୍ତ୍ତମାନ ମୁଁ ତୁମ ଉପରେ ଭୟାତୁର ହୋଇଛି । ଦୟାକରି କହି ପାରିବକି ତୁମେ କିଏ ?

ବେତାଳ କହିଲା—ସବୁ କହିବି । କିନ୍ତୁ ତୁମେ ପ୍ରଥମେ ନିର୍ଭୟ ହୋଇ ଗୁଳି ଦମ୍ଭ କରି ବସ । ତାପରେ ସମସ୍ତ ବିଷୟ କଥା ବାର୍ତ୍ତା କରିବା । ମୁଁ ତୁମର କେବେହେଲେ ଅନିଷ୍ଟ କରିବିନି ।

କୁମାର କହିଲା—ତୁମ ପରିଚୟ ନ ପାଇବା ପର୍ଯ୍ୟନ୍ତ ମୋ' ମନରୁ କେବେହେଲେ ଭୟ ଦୂର ହେଉନି ମହାଶୟ ।

ବେତାଳ ହସିଲା ଏବଂ କହିଲା—ଆରେ ଭାଇ ! ମୁଁ ଗୋଟାଏ ବେତାଳ । ବହୁକାଳରୁ ଏସ୍ଥାନରେ ବସାବାନ୍ଧି ରହିଛି । କାହାରି ଅନିଷ୍ଟ କରିବା ମୋ' ଜାତକରେ ନାହିଁ । ଯେତେଦୂର ପାରେ ସୁସ୍ଥ ମସ୍ତିଷ୍କରେ ଭାବି ବିଚାରି ପରର ଉପକାର କରିବା ମୋ' ଜୀବନର ବ୍ରତ ।

ଏକଥା ଶୁଣି କୁମାର ମନରେ ଟିକିଏ ଦମ୍ଭ ଆସିଲା । ତହୁଁ ଥଙ୍ଗ ଥଙ୍ଗ ହୋଇ କହିଲା—ମୋର ନମସ୍କାର ଗ୍ରହଣ କର ବେତାଳ ଭାଇ !

ବେତାଳ ଖୁସି ହୋଇ କଲ୍ୟାଣ ଛଳରେ କହିଲା—ତୋର ସବୁ ସ୍ଥାନରେ ଜୟ ହେବ ।

କୁମାର କହିଲା—ସତେ ତୁମ କଲ୍ୟାଣ ମୋତେ ଧାର୍ଯ୍ୟହେବ

ବେତାଳ କହିଲା—ବେତାଳ କଥା କେବେ ଅନ୍ୟଥା ହୁଏନି । ଆଚ୍ଛା ବିଦେଶି ! ତୁ କିଏ, କୁଆଡ଼େ ଆସିଛୁ, କୁଆଡ଼େ ଯିବୁ, କଣ କାମ, ମୋତେ ଟିକିଏ କହ ।

କୁମାର ସବୁ କଥା କହି ଯିବାରୁ ବେତାଳ କହିଲା ଏତ ଅତି ସାମାନ୍ୟ । ଏକଥା ଗୁଡ଼ାକ ମୋତେ ଜଳ ବଳ ହୋଇ ଦେଖା ଯାଉଛି । ଆଚ୍ଛା, ଏଥିରୁ ଗୋଟିଏ କାମ ମୁଁ କରିଦେବି ।

ପଚାରିଲା—"କେଉଁ କାମଟି ?"

Digitized by PPRACHIN, SOA

କହିଲା—ବଗୁଲିଆ ଘୋଡ଼ା ପିଠିରେ ତୋତେ ବସାଇ ସାତ ଦେଶ ଦଉଡ଼ାଇବ । ସେ କଦମ୍ବ ସ୍ଥରେ କଦମ୍ବ ପକାଇ ଠିକ୍ ପରୀକ୍ଷା ଦେବ ।

ପଚାରିଲା—ଅନ୍ୟ ଦୁଇଟି ପରୀକ୍ଷା ?

କହିଲା—ପଞ୍ଚ ବେତାଳ ବିଦ୍ୟାବଳରେ ମୁଁ ଜାଣିପାରୁଛି, ଜଣେ ଯକ୍ଷ ତୋତେ ବାଟ ଅନାଇ ଜଗିବସିଛି । ତାର ବେଶି ଇଚ୍ଛା ସ୍ୱପ୍ନସୁନ୍ଦରୀ କିପରି ବଶହେବ ।

ପଚାରିଲା କାରଣ ?

କହିଲା—ସୁନ୍ଦରୀ ବହୁଦିନ ହେଲା ଯକ୍ଷବ୍ରତ କରି ମନ-ଲାଖି ଗୋଟିଏ ବର ପ୍ରାର୍ଥନା କରୁଥିବାରୁ ସେ ଯକ୍ଷଟି ତାପ୍ରତି ସନ୍ତୋଷ ଅଛି । ଦେବତା ହୋଇଥିଲେ ବର ଦେଇପାରିଥାନ୍ତା । ଜାତିରେ ଯକ୍ଷ ହେତୁ ବରଦେଇ ନପାରି ପ୍ରକାରାନ୍ତରେ ଚେଷ୍ଟା କରୁଛି ସୁନ୍ଦରୀର ଅଭିଳାଷ ପୂରଣ କରିବା ପାଇଁ ।

ପଚାରିଲା—ମୁଁ ତାଙ୍କୁ ପାଇବି କିପରି ?

କହିଲା—"ସେଥିପାଇଁ ଭାବନା କରିବା ମୋଟେ ଦରକାର ନାହିଁ । ତୁ ଗୋଟାଏ ଏପରି ବେଳା ଧରି ଅନୁକୂଳ କରିଛୁ ଯେ ତୋର ସମସ୍ତ କାର୍ଯ୍ୟ ଅନାୟାସରେ ସିଦ୍ଧି ହେବାର ଯୋଗପାଇଛି ବାଟେ ବାଟେ ସବୁ ସୁବିଧା ଯୁଟିଯିବ । ତୁ ଗୋଟାଏ କପାଳିଆ ।

ପଚାରିଲା—ତୁମେ କିପରି ଘୋଡ଼ାକୁ ଆୟତ କରାଇବ ?

କହିଲା—ମୋ ପାଖରେ ଘୋଡ଼ା ଗଦା ଅଛି । ସେ ଗଦାରୁ ଖଣ୍ଡେ ନେଇଯା । ତା ଉପରେ ଚଢ଼ିଲା ବେଳେ ଥରେ ତାକୁ ଶୁଙ୍ଘାଇ ଦେବୁ । ଏତିକି କଲା ପରେ ସେ ଆଉ ମୋଟେ ବଗୁଲିଆ ହେବନି । ତୁ ତାକୁ ଯେମିତି ଭାବେ ଚଳାଇବାକୁ ଚାହିଁବୁ, ସେ ସେଇମିତି ଭାବେ ଚାଲିବ । ଏହା କହି ଗଦା ଖଣ୍ଡିଏ ଦେଲା ଏବଂ

Digitized by PPRACHIN, SOA

କହିଲା—ଯା, ରାତି ପାହି ଆସିଲାଣି । ଆଉ ହେଲା କରିବା ଉଚିତ ନୁହେଁ । ମୁଁ ମୋ କାମରେ ଯାଉଛି ।

ବେତାଳ ଅନ୍ତର୍ଦ୍ଧାନ ହେଲା । ତେଣେ ରଜନୀର ଅବସାନ ଜାଣି ବଣ କୁକୁଡ଼ା ଡାକଦେଲା ଜୀବଜନ୍ତୁ ମାନଙ୍କୁ—ରାତିପାହିଲା ଉଠରେ ଉଠ ।

ସ୍ୱସ୍ତିକ ଶଯ୍ୟାଗ୍ରୁଡ଼ି ଅଳସ ଭାଙ୍ଗିଲା ।

କୁମାର ମୁହଁ ହାତ ଧୂଆ ଧୋଇ କରି ଠିକ୍ ବ୍ରାହ୍ମ ମୁହୂର୍ତ୍ତରେ ସେଠାରୁ ଅନୁକୂଳ କଲା । ବାଟ ପାଞ୍ଚକୋଶ ଆଗେଇ ଗଲା ପରେ ଗୋଟିଏ ଜାଗାରେ ଦେଖାଗଲା ଖଣ୍ଡେ ବଗିଚା । କଦଳୀ, ଅଙ୍ଗୁର, ବେଦନା, ଲେମ୍ବୁ, ନାସପାତି ଓ ଲିଚୁ, ଆତ, ସେଓ୍ୟା ଇତ୍ୟାଦି ଅନେକ ଫଳ ପାଚି ପଡ଼ିଥାଏ । ସ୍ୱସ୍ତିକର ମନ ହେଲା ଖାଇବାପାଇଁ । ତେଣୁ ସେ ବଙ୍କେଇ ବଙ୍କେଇ କୁମାର ମୁହଁକୁ ଅନାଉଥାଏ ।

ବୁଦ୍ଧିମାନ କୁମାର ତା' ବାହନଟିର ମନ କଥା ବୁଝିପାରିଲା । ତାକୁ ବି କ୍ଷୁଧା ଲାଗୁଥାଏ । ତେଣୁ ସେ ନିର୍ଦ୍ଦେଶକଲା ଓହ୍ଲାଇବାକୁ । ସ୍ୱସ୍ତିକ ଆଉ ହେଲା କରନ୍ତା କାହିଁକି ? ଧୀରେ ଧୀରେ ତଳକୁ ଖସିଲା ।

ପ୍ରାକୃତିକ ଫଳ ବଗିଚା । ତା'ର କେହି ରକ୍ଷକ ନାହିଁ । ଯୁଗ ଯୁଗ ଧରି ସେ ପଡ଼ିଛି, ଫଳାଧରୁଛି ପାଚୁଛି, ଝଡ଼ୁଛି । ଯିଏପାରିଲା ନେଲା, ଖାଇଲା । ନନେଲାତ ସଡ଼ି ପଚି ଗନ୍ଧ ଗ୍ରୁଡ଼ିଲା । ସବା ଶେଷରେ ମାଟିରେ ମିଶି ଖତ ହେଲା । ଗୋସାଇଁ ଅଛି ନାଁ ଖସମ ଅଛି ? ନଟଗୋଇଁଆ ଫଳ ବଗିଚା । ଜଗୁଆଳ ନାହିଁ କି ରଖୁଆଳନାହିଁ ।

କୁମାର ଇଚ୍ଛା ଅନୁସାରେ ପକ୍ୱଫଳ ତୋଳି ଆଗେ ସ୍ୱସ୍ତିକକୁ ଖୁଆଇଲା । ପରେ ନିଜେ ଖିଆ ପିଆ କରି ଯିବାକୁ ଉଦ୍ୟତ ହେଲା ବେଳେ ଦେଖାହେଲା ଜଣେ ବାଙ୍ଗରା ଯୁବକ ।

Digitized by PPRACHIN, SOA

ବଳଣା ବଳଣା ପରି ଗୋଡ଼ ହାତ । ସୁଗଠଣ ମୁଖାରବିନ୍ଦ । ସବୁବେଳେ ହର୍ଷ, ସବୁବେଳେ ସ୍ଫୂର୍ତ୍ତି । ପରିଧେୟ ଖଣ୍ଡେ ମଠାଲୁଗା ଆଉ ଖଣ୍ଡେ ଉତ୍ତରୀ । କାନ୍ଧଠାରୁ କାଖତଳ ବାଟଦେଇ ଦେହରେ ପଡ଼ିଥାଏ । ସେ ପହଞ୍ଚିଲାମାତ୍ରେ ଅତି ପରିଚିତ ଲୋକପରି କୁମାରକୁ କହିଲା—ନମସ୍କାର ଭାଇ, ନମସ୍କାର । ତୁମର ସବୁ ଭଲ୍ ତ ?

ଆଶ୍ଚର୍ଯ୍ୟ ହେଲା ସ୍ୱପ୍ନକୁମାର । ପଚାରିଲା—ତୁମେ ?

କହିଲା—ମୁଁ ? ଏ ବଗିଚା ଜଗୁଆଳ । ଯେଉଁମାନେ ଏଥିରୁ ଫଳ ଖାଇବାକୁ ଆସନ୍ତି, ସେମାନଙ୍କଠାରୁ ମୂଲ୍ୟ ଆଦାୟ କରେ ।

ବଡ଼ ଅଡୁଆରେ ପଡ଼ିଲା କୁମାର । ସେ କେବେହେଲେ ଭାବି ନଥିଲା ଯେ ନିଘୋଡ଼ ବଣ ମଝିରେ ବଗିଚା । ସେଥିରେ ପୁଣି ଜଗୁଆଳ ଅଛି । ସେ ପୁଣି ଫଳ ବିକ୍ରୟ କରି ମୂଲ୍ୟ ଆଦାୟ କରେ । ଯାହାହେଉ, ପାଖରେ ଅର୍ଥନାହିଁ । କ'ଣ ବା ଦେଇପାରିବ । ଏହି ପ୍ରଶ୍ନ ତାକୁ ବଡ଼ କଷ୍ଟ ବିବ୍ରତ କରି ପକାଇଲା । ସୁତରାଂ କଥାର ମୋଡ଼ ଫେରାଇ ଅନିଚ୍ଛା ସତ୍ତ୍ୱେ ଖାଲି ପଚାରିଦେଲା—ମୂଲ୍ୟ ବାବଦକୁ କ'ଣ ପାଇଲେ ତୁମେ ଖୁସି ହେବ ?

କହିଲା—ଏହି ଘୋଡ଼ାଟିକୁ ମୋତେ ଦିଅ । ତୁମେ ଘରକୁ ଗଲେ ଆଉ ଗୋଟିଏ କିଣିବ ।

କୁମାର ମୁଣ୍ଡରେ ଯତେ ଯେପରି କେହି ସହସ୍ର ବଜ୍ର ଏକା ଥରକେ କଚଡ଼ିଦିଏ, ସେହିପରି ଯନ୍ତ୍ରଣା ଅନୁଭବକଲା ଆସିଲା । ଉତ୍ତର ଦେବାକୁ ମୁହଁ ଖୋଲିଲାନି ।

ତାକୁ ନିର୍ବାକ ନିସ୍ତବ୍ଧ ଅବସ୍ଥାରେ ବସିବା ଦେଖି ଯୁବକ ଟିକିଏ ହସି ଦେଲା ଏବଂ ପଚାରିଲା—ତୁମେ କେଉଁଠାକୁ ଯିବାକୁ ବାହାରିଛ ?

କୁମାର ତା'ର ସମସ୍ତ କଥା ଶୁଣାଇ ଦେଲା ତାକୁ ।

Digitized by PPRACHIN, SOA

ଯୁବକ କହିଲା—ଆଚ୍ଛାଭାଇ ! ଏ କାର୍ଯ୍ୟରେ ମୁଁ ଯେବେ ତୁମକୁ ସାହାଯ୍ୟ କରେ ଓ ତୁମେ ଅନାୟାସରେ ସ୍ୱପ୍ନ ସୁନ୍ଦରୀକୁ ବାହାହୋଇ ଘରକୁ ଯାଅ, ମୋତେ କ'ଣ ଦେବ ?

କୁମାର କହିଲା—ଅନ୍ତରର ସ୍ନେହ ଓ ହୃଦୟର କୃତଜ୍ଞତା ।

ଯୁବକ କହିଲା—ଆଗେ ସେ ସ୍ନେହରୁ ଟିକିଏ ଦିଅ ।

କୁମାର ତାକୁ ଆଲିଙ୍ଗନ କରି କହିଲା—ତୁମେ ମୋର ଭାଇ ।

ଯୁବକ ହସିଦେଇ କହିଲା—କଳାହାଣ୍ଡି ତୁମର । ବସ୍ତରଟା ମୋର ।

ଚମକି ପଡ଼ିଲା ସ୍ୱପ୍ନକୁମାର । ଯୁବକ ଜଣକ ମଣିଷ କି ଦେବତା, କିଛି ସ୍ଥିର କରି ନପାରି ପଚାରିଲା—ଆପଣ ଛଦ୍ମ-ବେଶରେ କିଏ ?

ପଚାରିଲା—ଏକଥା କାହିଁକି ପଚାରିଲ ?

କହିଲା—କଳାହାଣ୍ଡି ବସ୍ତର କଥା ଜାଣିଲ କିପରି ଏବଂ ମୋତେ ଚିହ୍ନିଲ କିପରି ?

ଯୁବକ ହସିଲା ଏବଂ କହିଲା—ସ୍ୱପ୍ନ ସୁନ୍ଦରୀକୁ ଜାଣିଥିବା ଲୋକ କଳାହାଣ୍ଡି ଯୁବରାଜକୁ ଜାଣିବା କ'ଣ ବଡ଼ କଥାଟାଏ । ଛାଡ଼, ସେ କଥାରେ କିଛି ଲାଭ ନାହିଁ । ବର୍ତ୍ତମାନ କଥା ହେଉଛି ମୋତେ ଟିକିଏ ସାଥିରେ ନେଇ ପାରିବ କି ?

ସ୍ୱପ୍ନ କୁମାର କହିଲା—କେଉଁଠାକୁ ।

ଯୁବକ କହିଲା ସ୍ୱପ୍ନସୁନ୍ଦରୀ ନିଳୟକୁ ।

କୁମାର କହିଲା—ଯେ ପର୍ଯ୍ୟନ୍ତ ମୋର ଥୋବଡ଼ା ଯକ୍ଷଙ୍କ ସାଙ୍ଗରେ ଦେଖା ନ ହୋଇଛି, ସେ ପର୍ଯ୍ୟନ୍ତ ମୁଁ ସ୍ୱପ୍ନ-ସୁନ୍ଦରୀ କଥା ଚିନ୍ତା କରୁନି ।

Digitized by PPRACHIN, SOA

ଯୁବକ ପଚାରିଲା—ଥୋବଡ଼ା ଯକ୍ଷଙ୍କ ଘର ଠିକଣା ଜାଣ ?

କହିଲି—ତାଙ୍କ ଘର ମୋ ଅନ୍ତର ମନ୍ଦିରରେ ।

ପଚାରିଲା—ମୋତେ ଦେଖାଇ ଯାଇବ ?

କୁମାର ତା' ଧାରୁଆ ଖଣ୍ଡାରେ ନିଜ ପେଟ ଚିରିବାକୁ ଉଦ୍ୟତ ହେଲା । ଏ କଥା ଦେଖି ଯୁବକ କହିଲା—ଅପେକ୍ଷାକର ସ୍ୱପ୍ନ କୁମାର ! ଥୋବଡ଼ାଯକ୍ଷ ତୁମ ସାମନାରେ ।

ଅସ୍ଥିର ହୋଇ ପଚାରିଲା—କାହାନ୍ତି ?

କହିଲି—ଯାହା ସଙ୍ଗେ ଏକଥା କହୁଛ ?

ନମସ୍କାର କଲି ସ୍ୱପ୍ନ କୁମାର । କହିଲି—ଆଶ୍ରିତ ଲୋକ ପ୍ରତି ଏ କପଟତା କ'ଣ ଶୋଭା ପାଏ ?

ଯୁବକ କହିଲା—ପାଏନି ପୁଣି ପାଏ । ସେକଥା ସବୁ ପଛକୁ ପକାଇ ଦେଇ ଘୋଡ଼ାକୁ ହାତରେ ଧର । ମୋ ପଛେ ପଛେ ଚାଲି ଆସ ।............ ସେଇକଥା ହେଲା ।

× × × ×

ଚନ୍ଦ୍ରକାନ୍ତ ଅରୁଣା ପାଖରୁ ବିଦାୟ ନେଇ ପାରିନି । ମନ ତା'ର କଳ୍ପନା ଗଗନରେ ପରିଭ୍ରମଣ କରୁଛି ନିଜର ଭବିଷ୍ୟତ ଚିନ୍ତାରେ । ଅରୁଣା ରାଜକନ୍ୟା, ବିଦୂଷୀ, ଯୁବତୀ ଏବଂ ସୁନ୍ଦରୀ । ଚରିତ୍ରରେ ତା'ର ଅବିଳତା ମୋଟେ ନାହିଁ । ସାରା ଜୀବନ ଧରି ସେ ନିବିଡ଼ ଅରଣ୍ୟରେ ନିଷ୍ପ୍ରାଣ ବୃକ୍ଷ ଉପରେ ସମୟ ବିତାଉଛି ସନ୍ନ୍ୟାସିନୀ ପରି । ଉଚ୍ଛୁଳା ଯୌବନଟା ବ୍ୟର୍ଥ ହୋଇ ଯାଉଥିଲେ ବି ମନରେ ବିକାର ନାହିଁ । ହୃଦୟରେ ଜ୍ୱାଳା ନାହିଁ । ସେ କେବେ ଯୁବକର ନିବିଡ଼ ଆଲିଙ୍ଗନ ମଧ୍ୟରେ ନିଜକୁ ହଜାଇ ଦେବାକୁ ଚେଷ୍ଟା କରିନି । ଭଦ୍ରତାରେ କଥା କହି ଜାଣେ । ଧୈର୍ଯ୍ୟ କ୍ଷମାଦ୍ରୀ ତା'ର କେତେ ଉଚ୍ଚ ତାହା ବି ସେ ସଙ୍ଗେ ନିଭେଇଛି । ସାହସର ପରୀକ୍ଷା ଅନ୍ତର ନାହିଁ । ଏପରି ଏକ ଯୁବତୀ ରାଜକନ୍ୟାକୁ ସାହାଯ୍ୟ ନକରି କପରି ଚାଲି-

Digitized by PPRACHIN, SOA

ଯିବ ସେ ? ସଂସାରର ଲୋକେ ଶୁଣି ତାକୁ କ'ଣ ବା କହିବେ ? ସେ କ'ଣ ଭୀରୁ, ଦୁର୍ବଳ, ମାଇଚିଆ ?

ନାଁ, ନାଁ, ସେ ମାଇଚିଆ ନୁହେଁ । କଳାହାଣ୍ଡି ମନ୍ତ୍ରୀଙ୍କ ପୁତ୍ର । ଓଡ଼ିଆ, ତା'ର ବଂଶ ପରମ୍ପରା ଓଡ଼ିଆ । ଜଗତରେ ତା'ର ବୀର ଓଡ଼ିଆ ବୋଲି ଖ୍ୟାତି ଅଛି । ଯେଉଁ ଜାତି ମାରିଜାଣେ, ତାରିଜାଣେ, ନିଜର ଜୀବନ ଦେଇ ପରର ହିତସାଧନକରେ, ଦରିଦ୍ର ପାଇଁ ମୁଣ୍ଡ ବିକି ଦିଏ, ଦେଶପାଇଁ ସର୍ବହରା ହେବାକୁ ଆଗେଇ ଚାଲେ, ସେହି ଜାତି, ସେହି ଦେଶ ସେହି ଦେଶର ପାଣି ପବନରେ ବଢ଼ି ଚନ୍ଦ୍ରକାନ୍ତ କ'ଣ ଘୃଣକାର୍ଯ୍ୟ ହେବ ? ନାଁ, ଏଭଳି ଦୁର୍ନାମକୁ ବରଣ କରିବନି ସେ । ଦର୍କାର ପଡ଼ିଲେ ଅରୁଣା ପାଇଁ ଜୀବନଟା ଉତ୍ସର୍ଗ କରିଦେବ । ହଁ, ହଁ, ଅରୁଣା ପାଇଁ ତା'ର ମନ,ପ୍ରାଣ,ସବୁ କିଛି ଉତ୍ସର୍ଗକରିବ ।

ଚନ୍ଦ୍ରକାନ୍ତ ଏପରି ଭାବନାରେ ବ୍ୟାପୃତ ଥାଇ ଆକାଶ ପାତାଳ ଚିନ୍ତା କରୁଥିଲାବେଳେ ଅରୁଣା ଆସି ଡାକିଲା—କିଛି ଖାଦ୍ୟ ପାନୀୟ ଧର ।

ବାଧ୍ୟ ପିଲାଟି ପରି ଚନ୍ଦ୍ରକାନ୍ତ ଯାଇ ଖାଦ୍ୟ ପାନୀୟ ତକ ନିଃଶେଷ କଲା ।

ଅରୁଣା ପାଖରେ ବସିଥାଏ । ମୁଖ ଓ ଆଖି ତା'ର ଥାଏ ନିମ୍ନକୁ । ମନ ଭିତରେ ଜମାଟ ବାନ୍ଧିଛି ଭାବନାର ସହସ୍ର ବାଦଲ । ମନ ହେଉଛି ଚନ୍ଦ୍ରକାନ୍ତକୁ ତା' ପାଦଧରି କହିବ ହତଭାଗିନୀ ମୁଁ । ଅରଣ୍ୟ ମାଳତୀ ପରି ଅରଣ୍ୟରେ ଝଡ଼ି ପଡ଼ୁଛି । ତୁମେ ସୁଯୋଗ୍ୟ ଅଳି ଭାବରେ ଦେଖା ଦେଇଛ ଯଦି ତେବେ ଭରସା ଦିଅ । ଜୀବନ ମୋର ଚରିତାର୍ଥ ହେଉ । ମୁଁ କଳଙ୍କିନୀ ନୁହେଁ । ଜୀବନରେ କେବେ ଅନ୍ୟାୟ ଅକାର୍ଯ୍ୟ ପ୍ରତି ମନ ବଳାଇନି । ଯଦି ବିଶ୍ୱାସ ନ କରିବେ, ତେବେ ଅନଳ ପରୀକ୍ଷା ନିଅ । କହୁ କହୁ ତା' ଆଖିରେ ଦେଖାଗଲା ଦୁଃଖ ଅଶ୍ରୁର ଅବାରିତ ଝରଣା ।

Digitized by PPRACHIN, SOA

ଚନ୍ଦ୍ରକାନ୍ତ ତାକୁ ସାନ୍ତ୍ୱନା ଦେବା ଛଳରେ କହିଲା—ଆଶ୍ୱସ୍ତ ହୁଅ ଦେଖ ! ତୁମ ଆଖିର ଅଶ୍ରୁ ମୋ ଜୀବନର ପ୍ରତି କ୍ଷେତ୍ରରେ ପ୍ରଳୟ ଝଡ଼ର ସୂଚନା ଦେଉଛି ।

ତା' କଥାରେ ବାଧା ଦେଇ ଅରୁଣା କହିଲା—ମୁଁ ଦେଖ ନୁହେଁ । ତୁମେ ମୋତେ ଝରଣା ବୋଲି ଡାକ ବିଦେଶୀ ! ତୁମ ମୁଖରୁ ସେହି ଡାକଟି ଶୁଣିଲେ ମୋ' ଜୀବନର ନିଦାଘ ମରୁ ପ୍ରାନ୍ତରେ ସୁଶୀତଳ ମନ୍ଦାକିନୀ ଧାରାର ସୂତ୍ରପାତ ହେବ ।

ଚନ୍ଦ୍ରକାନ୍ତ କହିଲା—ମୁଁ ତୁମକୁ ବଚନ ଦେଲି ଅରୁଣା । କାୟମନୋବାକ୍ୟରେ ତୁମକୁ ସାହାଯ୍ୟ କରିବି । ସମାଜର ସମସ୍ତ ଶୃଙ୍ଖଳା ଯଦି ମୋ' ବିରୁଦ୍ଧରେ ଏକତ୍ରିତ ହୋଇ ଉଠେ, ତଥାପି ମୁଁ ସାହାଯ୍ୟ କରିବି ।

ଅରୁଣା କହିଲା—ବର୍ତ୍ତମାନ ମୁଁ ନିଜକୁ ଚରିତାର୍ଥ ମନେ କରୁଛି ବନ୍ଧୁ । ଏ ଜୀବନ, ଯୌବନ, ଧନ, ମନ ସବୁ ତୁମର । ତୁମେ ମାର, ଅବା ତା'ର, ଯାହା କିଛି କର, ତୁମ ଛଡ଼ା ମୋର ଆଉ ଅନ୍ୟଗତି । କହୁ କହୁ ଚନ୍ଦ୍ରକାନ୍ତର ପାଦ ଯୋଡ଼ିକ ଧରି ତଳେ ଲୋଟି ପଡ଼ିଲା ।

ଚନ୍ଦ୍ରକାନ୍ତ ତାକୁ ଉଠାଇ ଆଉଜାଇ ନେଲା ତା' ପ୍ରଶସ୍ତ ଛାତି ଉପରକୁ ।

ଅରୁଣା ତାର କୋମଳ ବାହୁ ଯୁଗଳରେ ଚନ୍ଦ୍ରକାନ୍ତ ଗଳାକୁ ଛନ୍ଦି ଜଡ଼ାଇ ଧରିବା ଯୋଗେ ଉଭୟଙ୍କ ପ୍ରାଣରେ ଖେଳିଗଲା ନବୀନ ଶିହରଣ ।

ଛାତିର ସ୍ପନ୍ଦନ ପ୍ରଖର ହୋଇ ଉଠିବା ସଙ୍ଗେ ସଙ୍ଗେ ଶ୍ୱାସ ପ୍ରଶ୍ୱାସର ଗତି ବ ଢ଼ି ଚାଲିଥାଏ । କାହାରି ମୁଖରେ ଭାଷା ନାହିଁ । ଦୁହେଁ ନୀରବ ନିସ୍ପନ୍ଦ । ଦୁହିଁଙ୍କ ମନର ଉତ୍ତାପ କ୍ରମେ ବୃଦ୍ଧି ପାଉଛି, ଏତିକବେଳେ ଚନ୍ଦ୍ରକାନ୍ତ କୌଣସି ବାଛ ବିଚାର ପ୍ରତି ଦୃଷ୍ଟି

Digitized by PPRACHIN, SOA

ନିରଖି ଅରୁଣାର ନବନୀତ ରଙ୍ଗିମା ଅଧରରେ ଆଙ୍କିଦେଲା ଗୋଟିଏ ପ୍ରେମର ଚୁମ୍ବନ । ଅରୁଣାର ସାରା ଶରୀରରେ ଖେଳିଗଲା ଗୋଟିଏ ଅଜଣା ପୁଲକ । ଲଜ୍ଜାରେ ସେ ଆଖି ମୁଦିଲା ।

ଚନ୍ଦ୍ରକାନ୍ତ ଆଦ୍ରର ନିବଡ଼ ଭାବେ ଟାଣି ନେଲା ତାକୁ ନିଜ କୋଳକୁ । ଯୋଡ଼ିଏ ପ୍ରାଣ ତଟିନୀ ଶ୍ରାବଣୀ ବନ୍ୟା ପରି ଦୁଇକୂଳ ବୁଡ଼ାଇ କ୍ଷଣକ ପାଇଁ ପ୍ରବାହିତ ହେଲା ମନ୍ଦ୍ରାନନ୍ଦରେ । ତା' ପରେ ସବୁ ନିସ୍ତବ୍ଧ । ନିରନ୍ଧ୍ର କଳା ରାତିର କଳା ପରଦା ମଧ୍ୟରେ ସତ୍ତା ଲୋପ ପାଇଲା ଉଭୟଙ୍କର ।

ପରଦିନ ପ୍ରତ୍ୟୁଷରୁ ଦୁହେଁ ଦୁହିଁଙ୍କ ମନ ଗହନରି ସନ୍ଧାନ ପାଇଲେ । ପରିଚୟ ହେଲା । ଅରୁଣା ଯେଉଁ ଗୁପ୍ତ ଧନ ଭଣ୍ଡାର ଯୋଗେ ବାପ, ମା, ଭାଇ ଓ ପରିଜନଙ୍କୁ ହରାଇ ନିଜେ ସନ୍ୟାସିନୀ ଜୀବନ ଧରି ନୀବଡ଼ ବନାନୀର ନୀବଡ଼ତା ମଧ୍ୟରେ ନିଜକୁ ନୀବଡ଼ ଭାବେ ହଜାଇ ଦେଇଛି, ସେହି ଭଣ୍ଡାରରଗୃହୀ ଚନ୍ଦ୍ରକାନ୍ତ ହାତକୁ ବଢ଼ାଇ ଦେଇ କହିଲା—ମୁଁ ଆଜି ଚିରମୁକ୍ତ ।

ଚନ୍ଦ୍ରକାନ୍ତ କହିଲେ—ଆଜିଠାରୁ ତୁମ ସ୍ନେହକାରାଗାରରେ ମୁଁ ଆଜୀବନ ବନ୍ଦୀ ଅରୁଣା ।

ତା'ପରେ— ।

ସ୍ୱପ୍ନ କୁମାର କଥା ପଡ଼ିଲା । ସ୍ୱପ୍ନ ସୁନ୍ଦରୀ କଥା ବି ପଡ଼ିଲା । ଚନ୍ଦ୍ରକାନ୍ତ ସ୍ୱପ୍ନ କୁମାରର ସଖା । ପିତାଙ୍କ ଆଦେଶରେ ଆସିଛି ତାଙ୍କ ସନ୍ଧାନ ନେବାକୁ । ତେଣୁ ଯେତେ ଦୁଃଖ ପଡ଼ିଲେ ବି ସନ୍ଧାନ ନ ପାଇବା ପର୍ଯ୍ୟନ୍ତ ଜୀବନରେ ଶାନ୍ତି ନାହିଁ । ଏକଥା ଅରୁଣା ଜାଣିଲା ।

ଚନ୍ଦ୍ରକାନ୍ତକୁ ପାଖରୁ ଛାଡ଼ିବାପାଇଁ ମନ ହେଉ ନଥିଲେ ମଧ୍ୟ ପିତାଦେଶ ଓ ବନ୍ଧୁସ୍ନେହ ରକ୍ଷା କରିଯିବା ଉଚିତ ବୋଲି ମୁକ୍ତ କଣ୍ଠରେ କହିଲା ସେ—ତୁମେ ଯାଅ, ବନ୍ଧୁଙ୍କ ସନ୍ଧାନ କରି ଆସ, ମୁଁ ତୁମ ଅପେକ୍ଷାରେ ରହିଲି । ଯଦି ଫାଙ୍କିଦେବ, କି ନିରାଶ କରିବ

Digitized by PPRACHIN, SOA

ତେବେ ଜାଣିବ, ଏହି ନିର୍ଜ୍ଜନ ଗୃହରେ ଅରୁଣାର ସମାଧି ହୋଇଛି । ଚନ୍ଦ୍ରକାନ୍ତ ଅନୁକୂଳ କଲା ସ୍ୱପ୍ନକୁମାର ପାଇଁ ।

× × × ×

ସ୍ୱପ୍ନପୁରୀର ସେହି ଅପୂର୍ବ ପୁଷ୍କରିଣୀ ତୀରରେ ପହଞ୍ଚି ସାରିଛି ସ୍ୱପ୍ନ କୁମାର । ପଥଦ୍ରଷ୍ଟା ତା'ର ଥୋବଡ଼ା ଯକ୍ଷ । ଯୋଡ଼ିଏ ଲକ୍ଷ୍ୟ ହେଲ ସେ ଆଜ ସ୍ୱପ୍ନକୁମାରର ସଖା ସଜାଇଛି ।

ପ୍ରଥମ ଲକ୍ଷ୍ୟ ତା'ର ସ୍ୱପ୍ନ-ସୁନ୍ଦରୀ ପୂଜା ବନମଯୂରେ ତାକୁ ପ୍ରତିଦାନ କରିବା ଏବଂ ଦ୍ୱିତୀୟ ହେଲ ସ୍ୱପ୍ନ ସୁନ୍ଦରୀ ଏଠାରୁ ଚାଲି-ଯିବା ପରେ ପବିତ୍ର ସ୍ୱପ୍ନପୁରୀଟିକୁ ନିଜ ଦଖଲକୁ ଆଣିବା ।

ଆଜ ତାର ସୁଦିନ ଉପସ୍ଥିତ ହୋଇଛି । ଯୋଡ଼ିକଯାକ ଲକ୍ଷିତ ଏକ ସମୟରେ ହାସଲ ହେବ । ତେଣୁ ମନଟା ଖୁବ୍ ଆନନ୍ଦ ହେଉଥାଏ ।

ମନସ୍ତ୍ରେର ବସନ୍ତର ନରମ ସକାଳ । କମ୍ର ସବୁଜ ଦୁର୍ବାଦଳର ଆସ୍ତରଣ ମଧ୍ୟରେ ସ୍ୱପ୍ନ କୁମାର ବସିଛି ପଦ୍ମାସନ କରି । ଡାହାଣ ପଟେ ସେହି ଯୁବକ । ସେ'କ ଥୋବଡ଼ା ଯକ୍ଷର କପଟ ରୂପଧାରୀ ।

ସ୍ୱପ୍ନିକ ମନ ସାଗରରେ ବିଚରଣ କରି ଗୋଟିଏ ଗୋଟିଏ ଦୁର୍ବାଦଳର କୋମଳ ଡଙ୍କ ଛିଣ୍ଡାଇ ଖାଉ ଖାଉ ଅଣ୍ଟା ପିଠିସାରି ଅଳସ ଭାଙ୍ଗୁଥାଏ । କେତେବେଳେ କପଟ ମନକୁ ମନ କ'ଣ ଭାବି ହିଁଃ ହିଁଃ ହୋଇ ହସୁଥାଏ ।

ଯୁବକ କହିଲା—ଆଉ ହେଲା କାହିଁକି କୁମାର ! କାହାଳୀ ବଜାଇ ସଙ୍କେତ ଦିଅ । ସ୍ୱପ୍ନସୁନ୍ଦରୀ ଶୁଣି ପାରିଲେ ଅନୁଚରମାନଙ୍କୁ ପଠାଇବ ।

କୁମାର କାହାଳୀ ମୁଖରେ ଚୁମ୍ବନ ଦେଲା । ତିନଥର ଘନ ଘନ ଧ୍ୱନି ପରେ ସ୍ୱପ୍ନସୁନ୍ଦରୀର ମନରେ ଚମକ ଜାଗିଲା । ସେ ଆଉ କ୍ଷଣକାଳ ମାତ୍ର ବିଳମ୍ବ ନ କରି ଜଣେ ଅନୁଚରକୁ ଡାକିଲା ପାଖକୁ ।

Digitized by PPRACHIN, SOA

କହିଲା—ଦେଖ ଦେଖି, ବାହାରେ କିଏ କି ଅଭିପ୍ରାୟରେ ଅପେକ୍ଷା କରୁଛି ?

ଅନୁଚରଟି ଦ୍ରୁତ ପଦରେ ବାହାରକୁ ଯାଇ ସ୍ୱପ୍ନ କୁମାର ପ୍ରଭୃତିଙ୍କୁ ପଚାରିଲା—ତୁମେ କିଏ ଏବଂ କାହିଁକି ଆସିଛ ?

ଯକ୍ଷ ଯୁବକ କହିଲେ—କଳାହାଣ୍ଡି ଯୁବରାଜ ଆସିଛନ୍ତି ପରୀକ୍ଷା ଦେବାକୁ ।

ଅନୁଚର ହସିଲା । କହିଲା ଏ ମଧ୍ୟରେ ଶହେ ସାତଟି ଆସି ବନ୍ଦୀ ହେଲେଣି । ବାକି ଏ ଜଣକ ମିଶିଲେ ଅଷ୍ଟୋତ୍ତର ଶତ ହେବେ ।

କଥା ଶୁଣି ଯକ୍ଷ ଯୁବକ କ୍ରୋଧାନ୍ଧ ହୋଇ ଦେଲା ଗୋଟିଏ ଥାପଡ଼ ବସାଇ । କହିଲା—ଅବାଧ, ତୁ ସ୍ୱପ୍ନସୁନ୍ଦରୀର ଭୃତ୍ୟ ହୋଇ ଆଜିପର୍ଯ୍ୟନ୍ତ ଶିଷ୍ଟାଚାର ଶିଖିନାହୁଁ ? ଯା' ନିମକ ହାରାମ । ପଣ ଏବଂ ସତ୍ୟ ଅନୁସାରେ କାର୍ଯ୍ୟକର । ତା' ନହେଲେ ସ୍ୱପ୍ନ-ପୁରୀର ସତ୍ତ୍ୱ ଲୋପ ହେବ ।

ତା'ର କ୍ରୋଧଦୀପ୍ତ ମୁଖ ମଣ୍ଡଳର ଭୀଷଣତା ସନ୍ଦର୍ଶନରେ ଅନୁଚରଟି ଭୀତତ୍ରସ୍ତ ହୋଇ ପଳାଇ ଗଲା ସ୍ୱପ୍ନସୁନ୍ଦରୀ ପାଖକୁ । କାନ୍ଦ କାନ୍ଦ ସମସ୍ତ ଘଟଣା ବ୍ୟକ୍ତ କଲା ।

ଠିକ୍ ନିକଟ ଭବିଷ୍ୟତରେ ସୁମଙ୍ଗଳରେ ଆଶା ରଖି ଗୋଟିଏ ଭୃତ୍ୟକୁ ପଠାଇଲା । କହିଲା—ଯା, ଆଗନ୍ତୁକ ମାନଙ୍କୁ ସମାଦର କରି ଘେନି ଆସିବୁ ।

ଭୃତ୍ୟ ଯାଇ ସ୍ୱପ୍ନକୁମାର ଓ କପଟ ଯୁବକଙ୍କୁ ସମାଦର କରି ଭିତରକୁ ଆଣିଲା । ଅନ୍ତରାଳରେ ଥାଇ ସ୍ୱପ୍ନସୁନ୍ଦରୀ ଦେଖୁ-ଥାଏ ମନରେ କାହିଁକି ଦୟା କ୍ରୋଧ ଜାଗି ଉଠିଲା ସ୍ୱପ୍ନକୁମାର ପ୍ରତି ।

Digitized by PPRACHIN, SOA

ପ୍ରଭୁଙ୍କୁ ନମସ୍କାର କରି ମନେ ମନେ ପ୍ରାର୍ଥନା କଲି ସେ— "ମହାପ୍ରଭୁ ! ଏ ଯୁବକଙ୍କ ଗଳାରେ ଜୟମାଳ୍ୟ ଅର୍ପଣକରି ମୋତେ ସୁଖିନୀ କରାଅ । ହଠାତ୍ ଗୋଟିଏ ସଖୀ ଆସି ପହଞ୍ଚିଲା ସ୍ୱପ୍ନ କୁମାର ଆଗରେ । ହସି ହସି କହିଲା—

ଯଦି ହୋଇଥିବ ନୃପ କୁମାର
ମୁଖେ ନ ବୋଲିବ କାଳ ।
ଛୁଇଁ ଫୁଲାଇଣ ପଣ ଶେଷକରି
ଲଭିବ ବରଣ ମାଳ
ଯଦି ହୋଇଥିବ ଫସର ଫଟା
କଇଦି ଖାନାରେ କରିବ ବଟା ।

—ଃ॰ଃ—

ସ୍ୱପ୍ନ କୁମାର କହିଲା—

ହୋଇଥିବ ଯେବେ ସ୍ୱପ୍ନସୁନ୍ଦରୀ
କଥାରେ ମୋହିବ ମନ
ନ ପାରିଲେ ଏହି ସୁନ୍ଦର ନଗରୀ
ମୋ' ବାଣେ ହେବ ଦହନ
ସଖୀଯାକ ସବୁ ନେବି ମୁଁ ବାନ୍ଧି
ସାରା ଜୀବନକୁ ମରିବ କାନ୍ଦି ॥

—ଃ॰ଃ—

କଥା ଶୁଣି ସଖୀଟିର ମୁହଁପାଣି ମୁହଁରେ ମଲା । ଆଉ ବା କ'ଣ କହିଥାନ୍ତା । କିନ୍ତୁ ଦେଖିଲା ସ୍ୱପ୍ନକୁମାର ଛୁଉଁବା ପିଲା ନୁହେଁ । ତେଣୁ ନୀରବରେ ଗୋଟିଏ ପ୍ରକୋଷ୍ଠ ଦେଖାଇ ଦେଲା ବସିବାକୁ ।

ସ୍ୱପ୍ନକୁମାର ସେହି ପ୍ରକୋଷ୍ଠ ଭିତରେ ଗୋଟିଏ ଆସନରେ ବସିଲା । ସ୍ୱସ୍ତିକ ବନ୍ଧା ହେଲା ସେହି ପ୍ରକୋଷ୍ଠର ଦୁଆର ମୁହଁରେ ।

Digitized by PPRACHIN, SOA

କାଚ ଘର ଖଣ୍ଡିଏ । ମଝିରେ କାନ୍ଥ ଦେଇ ଘର ଖଣ୍ଡିଏ ପ୍ରକାଣ୍ଡ କାଚ ସଂଲଗ୍ନ କରାଯାଇଛି । ସେହି ପ୍ରକୋଷ୍ଠଟିର ବିଭାଗ ମଧ୍ୟରେ ସ୍ୱପ୍ନ କୁମାର ଓ ସ୍ୱପ୍ନ ସୁନ୍ଦରୀଙ୍କର ଦେଖା ସାକ୍ଷାତ ଏବଂ କଥୋପ କଥନ ହେଲା । ଦୁହେଁ ଦୁହିଁଙ୍କ ରୂପରେ ବି ମୁଗ୍ଧ ହୋଇ ପରସ୍ପରକୁ ପାଇବା କାମନାରେ ଉତ୍ତେଜିତ ହୋଇ ଉଠିଲେ । ଯୌବନର ତନ୍ତ୍ରୀ ଉତ୍ତେଜନାରେ ଛନ୍ଦହେଲା ପରି ଲାଗିଲା । ଗ୍ରହ୍ମର ସ୍ପନ୍ଦନ କୌଣସି ଧାରା ଉପଧାରା ମାନିବାକୁ ବାଧ୍ୟ ହେଲାନି ।

କୁମାର ଭାବିଲା—ଏ ଲାବଣ୍ୟ ବୟସୀ ଧବଳାଙ୍ଗୀ ଯୋଷାର ବନ୍ଧୁଲୀ ଅଧରରେ ଉଷ୍ମ ଚୁମ୍ବନ ପରେ ଚୁମ୍ବନ ଆଙ୍କି ଦେଇ ପ୍ରେମ ମଧୁ ପାନ କରିବାକୁ ।

ସୁନ୍ଦରୀ ଭାବିଲା—କନ୍ଦର୍ପ ଜିଣା ରୂପ ସମ୍ପଦଧାରୀ ଏହି ଯୁବକର ବାହୁ ବେଷ୍ଟନୀ ମଧ୍ୟରେ ନିଜର ଅଙ୍ଗଲତାକୁ ସମର୍ପଣ କରି ପ୍ରଶସ୍ତ ବୁକୁ ତଳୁ ଉପରେ ଶୋଇ ମଧୁର କଥା ଶୁଣିବାକୁ ।

ଦୁହିଁଙ୍କର ଆସକ୍ତି ବୃଦ୍ଧି ପାଇ ଅନାଶକ୍ତ ଭାବରେ ଅବସାନ ଘଟିଲା । ଦଣ୍ଡକ ପର୍ଯ୍ୟନ୍ତ ନିଜ ନିଜକୁ ଭୁଲିଗଲେ ! ତୁଣ୍ଡ ଖୋଲି କେହି କାହାକୁ ପଚାରି ପାରିଲେନି ।

ଏମାନଙ୍କ ମନର ଗତି ଠଉରାଇ ନେଇ କପଟେ ଯୁବକ କହିଲା—ପ୍ରକାଶ କର ସ୍ୱପ୍ନ ସୁନ୍ଦରୀ ! ଆମ ଯୁବରାଜ କି କି ପରୀକ୍ଷା ଦେଲା ପରେ ତୁମ ପାଣିଗ୍ରହଣ ହକ୍‌ଦାର ହେବେ ?

ସୁନ୍ଦରୀ ତା' ଗୃହେରଟିଯାକ ପଣ କଥା ଗୋଟି ଗୋଟି କରି ବୁଝାଇ ଦେଲା ।

ପ୍ରଥମ ପଣ ପ୍ରକାଣ୍ଡ ଲୌହ ଘଣ୍ଟା ବଜାଇ ଶବ୍ଦ ବାହାର କରିବା ।

କୁମାର ପ୍ରସ୍ତୁତ ହେଲା । ଅନୁଚରମାନେ ତାକୁ ଘଣ୍ଟା ପାଖକୁ ନେଇଗଲେ । ଦେଖିଲା, ଆଶ୍ଚର୍ଯ୍ୟ ହେଲା । ଏଭଳି ପର୍ବତାକାର

Digitized by PPRACHIN, SOA

ଗୋଟାଏ ଲୌହ ଦାନବକୁ ଆଘାତ କଲେ ଯେ ଶବ୍ଦ ହୁଅନ୍ତା, ଏହା ଏକ ଅସମ୍ଭବ କଥା । ତଥାପି ସେ କାଠି ଖଣ୍ଡେ ପାଇଛି । ଯାହାର ନାମ ବଜ୍ରକାଠି । ତାକୁ ଦେଇଛି ଯେ, ସେ ଜଣେ ଦେବ ପୁରୁଷ । ତା' କଥା କେବେ ମିଥ୍ୟା ହେବନି । ଏହିକଥା ଭାବି ଇଷ୍ଟ ଦେବଙ୍କୁ ନମସ୍କାର କଲା ଏବଂ ବଜ୍ର କାଠିରେ ଆସ୍ତେ ଠୁକେଇ ଦେଲା ଘଣ୍ଟାଟିକୁ ।

ସତକୁ ସତ ସାତଥର ବାଜିଲା ଘଣ୍ଟା ଢଂ, ଢଂ, ଢାଂ, ଢାଂ, ଢିଂ, ଢିଂ, ଠୁଂ । ତା' ଶବ୍ଦର ପ୍ରଳୟଙ୍କରୀ ବନ୍ୟା ବ୍ୟାପିଗଲା କୋଶ କୋଶ ଧରି ବହୁ ଦୂର ଦୂରାନ୍ତକୁ । ବନ ଜୀବମାନେ ଭୟରେ ଗୋଧା କୋରଡ଼ ଓ ଗିରିଦରୀମାନଙ୍କରେ ଆଶ୍ରୟ ଗ୍ରହଣ କଲେ । ଉଡ଼ୁଥିବା ବିହଙ୍ଗକୂଳ ଭୟରେ ବାହୁଡ଼ି ଆସିଲେ ନୀଡ଼ ଭିତରକୁ ।

ଉପରେ ଉଡ଼ି ଆସୁଥିବା ଚନ୍ଦ୍ରକାନ୍ତର ଘୋଡ଼ା କାନରେ ସେ ଶବ୍ଦଟା ବାଜିଲା । ବିଗୁର ଭୟରେ ଏତେ ଅସ୍ଥିର ହୋଇ ଉଠିଲା ଯେ ମୂର୍ଚ୍ଛା ହୋଇ ଖସି ପଡ଼ିଲା ତଳକୁ ।

× × × ×

ପ୍ରଥମ ପରୀକ୍ଷାରେ ବିଜୟୀ ହୋଇ କୁମାର ଗୃହିଲା । ଦ୍ୱିତୀୟ ପରୀକ୍ଷା ଦେବା ପାଇଁ ।

ସ୍ୱପ୍ନ ସୁନ୍ଦରୀ ବଗୁଲିଆ ଘୋଡ଼ାଟିକୁ ଅଣାଇଲା । କହିଲା— ଏହା ଉପରେ ସବାର ହୋଇ କିଛି ବାଟ ବୁଲାଇ ଆଣି ନପାରିଲେ ପରାସ୍ତ ହେଲ ବୋଲି ଧରି ନିଆଯିବ ।

କୁମାର ଦେଖିଲା ପ୍ରକାଣ୍ଡ ଘୋଡ଼ା । ମଣିଷକୁ ଦେଖି ଦ୍' ଗୋଡ଼ରେ ଠିଆ ହେଉଛି ଏବଂ କାମୁଡ଼ି ଗୋଡ଼ାଉଛି । ତା'ର ଗୋଟିଏ ଗୋଟିଏ ସହଜ ଲହରୀ ସତ୍ରୁ ଦଣ୍ଡେ ଗୃଲିଯାଉଛି । ଭୟରେ ତାକୁ ପାଳିଥିବା ସଇଶଟି ଛଡ଼ା ତା' ପାଖକୁ ଅନ୍ୟମାନେ ଯାଉ ନାହାନ୍ତି । ଏକଥା ଦେଖି କପଟ ଯୁବକ ମନରେ ଟିକିଏ

Digitized by PPRACHIN, SOA

ସନ୍ଦେହ ଆସିଲା । ସେ ତେଣୁ ଗୋପରେ ପଚାରିଲା—ସ୍ବାଙ୍କୁ ପାରିବତ କୁମାର ?

କୁମାର କହିଲା—ଇଲମ ଅଛୁ ।

କପଟ ଯୁବକ କହିଲା—ଚଲାଅ ଗାଡ଼ି । ପରବାଏ କଣ ?

ବେତାଳ ଦେଇଥିବା ଗଦ ଖଣ୍ଡିକ ସାବଧାନରେ ଧରି ଆଗେଇଲା ଘୋଡ଼ା ପାଖକୁ । କୁମାରକୁ ଦେଖି କାମୁଡ଼ିବା ପାଇଁ ଘୋଡ଼ାଟା ମୁହଁ ବଢ଼ାଇ ଦେଲା ବେଳକୁ ସେ ତାକୁ ଗଦ ଶୁଙ୍ଘାଇ ଦେଲା ।

ଗଦ ପ୍ରଭାବରେ ସାପ ଯେମିତି କୋଚଆ ହୋଇଯାଏ, ଘୋଡ଼ା ବିଚାରି ସେମିତି ହୋଇଗଲା । ତା'ର ସେ ବଳ ବହପ କୁଆଡ଼େ ଉଭେଇ ଗଲା । ସେ ବିଚାରି ଆଉ ଆଣ୍ଠୁ ଗୁଣ୍ଠି ନ ଦେଖାଇ ଠିଆ ହେଲା ସୁନା ପିଲାଟିଏ ପରି ।

କୁମାର ଓର ଉଣ୍ଡି ଏକା କ୍ଷେପାକେ ଚଢ଼ିଗଲା ତା' ପିଠି ଉପରକୁ । ଥିରକରି ଚାବୁକରେ ପାହାରଟିଏ ଠୁକେଇ ଦେଲା ମାତ୍ରେ କଦମ୍ବ ପକାଇ ନାଚିଲା ସେ । ସମସ୍ତେ କହିଲେ ହେଲା, ହେଲା । ଅସାଧ ଘୋଡ଼ା ଏଥର ସାଧକୁ ଆସିଲା ।

ଚିତ୍କାର ଶୁଣି ସ୍ୱପ୍ନସୁନ୍ଦରୀ ଦଉଡ଼ି ଆସି ଦେଖିଲା କୋଟି କନ୍ଦର୍ପକୁ ଜିଣି ରୂପଜ୍ୟୋତି ବିକାଶି ଉଠୁଛି କଳାହାଣ୍ଡି ଯୁବରାଜର । ଘୋଡ଼ା ଉପରେ ଗୁଡି ଫୁଲାଇ ବସିଛି । ଭ୍ରାନ୍ତ କରୁଛି ନାହିଁ ।

ମନେ ମନେ ପ୍ରଭୁଙ୍କୁ ନମସ୍କାର କରି ଜଣାଇଲା ସେ । ମହା ପ୍ରଭୁ ! ପ୍ରତି ପରୀକ୍ଷାରେ ଯ୍ବାକୁ ବିଜୟୀ କରାଅ । ମୁଁ ମୋ ଜୀବନରେ ଏହିପରି ଜଣେ ସ୍ୱାମୀ ପାଇବାକୁ କାମନା କରୁଥିଲି ।

ଯେତେବେଳକୁ ଦିନ ଆସି ଅବସାନ ହୋଇଥାଏ । ଆଉ ପରୀକ୍ଷା ଦେବାର ସମୟ ନ ଥିବାରୁ ସ୍ୱପ୍ନସୁନ୍ଦରୀ କହିଲା—ଆଜି ଏତିକିରେ ବନ୍ଦଥାଉ । ରାଜକୁମାର ରାତି ବିଶ୍ରାମ ନେଲାପରେ ଅନ୍ୟ ପରୀକ୍ଷା ଯୋଡ଼ିକ କାଲିକ କରାଯିବ ।

Digitized by PPRACHIN, SOA

ସ୍ୱପ୍ନ କୁମାର କ ରାଜା ହୋଇଗଲା । ଝାଡ଼ା ଝପଟ ଇତ୍ୟାଦି ନିତ୍ୟକର୍ମ ବଢ଼ାଇବାକୁ କପଟ ଯୁବକ ଓ ସେ ଦୁହେଁ ଗଲେ ବାହାରକୁ । ଘୋଡ଼ା ଦଉଡ଼ ପରିଶ୍ରମ ହେତୁ ଦେହଟା ଟିକିଏ ଗରମ ହୋଇ ଯାଇଥିଲା । ତେଣୁ ବାହାରର ମୁକ୍ତବାୟୁ ଭରି ଆରାମ ଲାଗୁଥାଏ । ଦୁହେଁ ବୁଲି ବୁଲି କରୁ କରୁ ଟିକିଏ ଦୂରକୁ ଚାଲିଗଲେ ।

ଗୋଟିଏ ନିକାଞ୍ଚନ ସ୍ଥାନରେ କପଟ ଯୁବକ କୁମାରକୁ ପଚାରିଲା—କୁମାର, ଏ ଦୁଇଟି ପରୀକ୍ଷା ତ ସରିଗଲା । ଅନ୍ୟ ଦୁଇଟି ପାଇଁ ତୁମେ ପ୍ରସ୍ତୁତ ଅଛତ ?

କୁମାର କହିଲା—ତୁମ ଉପରେ ମୋର ସମ୍ପୂର୍ଣ୍ଣ ଭରସା । ତେଣୁ ମଳୟ ଗିରିକି ଯିବାପାଇଁ ଇଲମ ସଂଗ୍ରହ କରି ରଖିଛୁ । ଦୈବାତ୍ ଅନାହୂତ ଭାବରେ ତୁମେ ଦେଖାଦେଇ ମୋତେ ସାହାଯ୍ୟ କରୁଛ ଯେତେବେଳେ, ସେତେବେଳେ ମୋର ଭୟ ଆଉ କ'ଣ ?

ପଚାରିଲା—ଧର, ସେ ଉପାୟ ଯଦି ମୁଁ ନ କହେ ?

କହିଲା—ତଥାପି ଚେଷ୍ଟା କରିବ ।

ପଚାରିଲା—ନପାରିଲେ ?

କହିଲା – ଅନ୍ୟମାନଙ୍କ ପରି ବନ୍ଦୀଦଣ୍ଡ ସହିବ ।

କପଟ ଯୁବକ ହସିଲା ଏବଂ କହିଲା – ଦେଖ କୁମାର ! ଏ ବିବାହର ସୂତ୍ରପାତ ହୋଇଛି ମୋରିଦ୍ୱାରା । ତେଣୁ ମୁଁ ଶେଷ ପର୍ଯ୍ୟନ୍ତ ତୁମକୁ ସାହାଯ୍ୟ କରିବ । ସ୍ୱପ୍ନ-ସୁନ୍ଦରୀ ମୋତେ ଭକ୍ତିକରେ, ତା'ର କାମନା ଗୋଟିଏ ଯୋଗ୍ୟ ପତି ପାଇବାକୁ । ହେଲେ କଥାଟା ପ୍ରାଚୀର ଅନ୍ତରାଳରୁ କାହାରି କର୍ଣ୍ଣଗୋଚର ହୋଇ ପାରୁ ନଥିଲା । କୌଶଳ କ୍ରମେ ମୁଁ ତାର ସମ୍ବାଦ ବାହାରକୁ ପଠାଇଛି ।

ସେହି ସମ୍ବାଦ ପାଇ ପହିଲି ମେଘରେ ଝିଙ୍କାପୋକ ଭଳି ଅନେକ ଆସିଲେ । ପରାସ୍ତ ହୋଇ ଭୋଗିଲେ ବନ୍ଦୀ ଦଣ୍ଡ । ତୁମେ

Digitized by PPRACHIN, SOA

ଆସିବ, ଏକଥା ବି ମୁଁ ଜାଣେ । ଯକ୍ଷଜାତି ଆମେ । ଆମ ସାତ ପୁରୁଷରୁ ନାନାପ୍ରକାର ଅଦ୍ଭୁତ ବିଦ୍ୟା ଶିକ୍ଷା କରିବା ଜାତିଗତ ଧର୍ମ । ତେଣୁ ମୋତେ ତିନିକାଳ କଥାଜଣା । ତୁମେ ଯେପରି ଯେଉଁ ଯେଉଁ ବାଟ ଦେଇ ଆସିଛ, ଯାହା ପାଇଛ, ମୋତେ କିଛି ଅଜଣା ନାହିଁ । ଯାହାହେଉ, ବର୍ତ୍ତମାନ କାଳ ପାଇଁ ତୁମକୁ ପ୍ରସ୍ତୁତ କରାଇବାକୁ ପଡ଼ିବ ।

ପଦ୍ମରଲ୍—ହାତୀ ପରୀକ୍ଷାରେ କିପରି କ'ଣ କରାଯିବ ?

କହ୍ନଲ୍—ଦେଖ, ହାତୀଟା ମସ୍ତ ପାଗଳ । କାହା କଥା ବୋଲ ମାନେନା । ଫିଟିଲେ ମଣିଷ ମାରି ପକାଏ । ତା'ର ଏକ-ମାତ୍ର କାରଣ, ତା' ମଗଜ ଭିତରେ ଯେଉଁ ମୋତିଟି ଅଛି, ସେଇଟା ପାଗଳ ହୋଇଛି । ସେଥିପାଇଁ ଠିକଏ ଉପଚାର ଗୃହ । ତୁମ ପାଖରେ ଯେଉଁ ସର୍ପ ମଣିଟି ଅଛି ତା'ର ଏକମାତ୍ର ଉପଚାର ସେହି ।

ପଦ୍ମରଲ୍—କିପରି ?

କହ୍ନଲ୍—ତୁମେ ତା' ପାଖରୁ ଦଶହାତ ଦୂରରେ ଠିଆହୋଇ ମଣିଟିକୁ ଦେଖାଇବ । ମଣିର ତେଜ ତା' ଆଖିରେ ଲାଗିଲେ ସେ ଏକ ଦୃଷ୍ଟିରେ ଅନାଇ ରହିବ । କିଛି ସମୟ ଅନାଇଲା ପରେ ମଣି ତେଜରେ ତା' ମୁଣ୍ଡର ମୁକ୍ତାଟି ଧୀରେ ଧୀରେ ପାଗଳ ହୋଇଗଲେ ସେ ଶୁଣ୍ଢ ଉଠାଇ ତୁମକୁ ଜଣାଇବ ଅଭିନନ୍ଦନ ।

ସେତିକିବେଳେ ତୁମେ ତା' ପାଖକୁ ଯାଇ ଆଉଁସା ଆଉଁସି କରିବ । ତେଣିକି ସେ ଖୁସିହୋଇ ତା' ଶୁଣ୍ଢରେ ଟେକି ତୁମକୁ ବସାଇବ ତା' ପିଠି ଉପରେ ।

ଜଗୁଆଳମାନଙ୍କୁ ଡାକି କହିଦେବ, ତା'ର ବନ୍ଧନ ଖୋଲି ଦେବାକୁ । ତେଣିକି ହାତୀ ଶାନ୍ତ ମନରେ ତୁମକୁ ପିଠିରେ ବସାଇ ମହଲ ସାରା ବୁଲାଇବ । ସ୍ୱପ୍ନସୁନ୍ଦରୀ କହିବ ହେଲା, ହେଲା ।

ପଦ୍ମରଲ୍—କୁଣ୍ଢେଇଟା କିପରି ଆସିବ ?

Digitized by PPRACHIN, SOA

କହିଲା—ତୁମ ପାଖରେ ଅଛି ଗୋଟିଏ କଥାକୁହା ମହମ କୁଣ୍ଢେଇ । ତା' ଆଖିରେ ଯେଉଁ ମୁଦ୍ କାଟି ଦିଅ, ସେହି ମୁଦ୍ କାଟି ଦେଇ କହିବ—ଡାକ କୁଣ୍ଢେଇ ଡାକେଲୋ

ସଙ୍ଗୀ ତୋର ଆର ପାଖେ ଲୋ ।

ପଗ୍ଭରିଲା—ତା'ପରେ ହେବ କ'ଣ ?

କହିଲା । ଯାହା ହେବାର କଥା ସେଇଯା ହେବ । ସେପାଖ କୁଣ୍ଢେଇ ଏ ପାଖକୁ ଉଡ଼ିଆସିବ । ତା'ପରେ ତୁମର ଜଯ୍ ସ୍ୱପ୍ନ-ସୁନ୍ଦରୀ ପାଣି ଗ୍ରହଣ, ଛିଣ୍ଡି, ପିଠା, ଭୋଜିଭାତ ସବୁ, ଆଉ କ'ଣ ?

ହଠାତ୍ ନିକଟରୁ ଶୁଣାଗଲା ଜଣେ ମନୁଷ୍ୟର କ୍ରନ୍ଦନ ଶବ୍ଦ । ଦୁହେଁ ଚମକି ଉଠିଲେ ଘଟଣାଟା କ'ଣ ଜାଣିବା ପାଇଁ କେଇ ପାହୁଣ୍ଡ ମାତ୍ର ଆଗେଇ ଯିବା ପରେ ଦେଖିଲେ ଗୋଟିଏ ଘୋଡ଼ା ଓ ଜଣେ. ମନୁଷ୍ୟ ଅର୍ଦ୍ଧମୃତ ଅବସ୍ଥାରେ ପଡ଼ି କୁନ୍ଥାଉଛନ୍ତି । ଅନ୍ଧକାର ହେତୁ ଠିକ୍ ଚିହ୍ନି ନପାରି କୁମାର ମଣିର ସାହାଯ୍ୟ ନେଇ ଯାହା ଦେଖିଲା, ସେଥିରେ ବିସ୍ମୟ ହୋଇ ହଠାତ୍ ତା' ପାଟିରୁ ବାହାରି ପଡ଼ିଲା—ସଙ୍ଗାତ !

ଲୋକଟିର ଯେତେ ଯନ୍ତ୍ରଣା ହେଉଥିଲେ ମଧ ଚିତ୍କାର କରିବାକୁ ଲାଗିଲା—ପାଇଛି, ପାଇଛି, ପାଇଛି ।

ଯକ୍ଷ ପଗ୍ଭରିଲା—ଏ କିପରି କଥା ?

ସ୍ୱପ୍ନ କୁମାର ଚନ୍ଦ୍ରକାନ୍ତର ପରିଚୟ ଦେଲା । ଶୁଣିସାରି ଯକ୍ଷ ଗୋଟିଏ ଗଛର ଚେର ଆଣି ଏ ମୁଣ୍ଡରୁ ଖଣ୍ଡେ କାଟି ଚନ୍ଦ୍ରକାନ୍ତକୁ ଓ ସେ ମୁଣ୍ଡ ଖଣ୍ଡିକ ତା' ଘୋଡ଼ାକୁ ଖୁଆଇ ଦେବାରୁ ସେମାନେ ଆରୋଗ୍ୟ ଲଭକରି ଝାଡ଼ିଝୁଡ଼ି ହୋଇ ବସିଲେ ।

ଦୁଇବନ୍ଧୁ ଗୋଟିକଠୁ ଶେଷଟି ପର୍ଯ୍ୟନ୍ତ ପ୍ରତ୍ୟେକ କଥାବାର୍ତ୍ତା ହେଲା ପରେ ଫେରିଗଲେ ସ୍ୱପ୍ନ ସୁନ୍ଦରୀ ମାଳଯ୍‌କୁ ।

Digitized by PPRACHIN, SOA

ଅତିଥି ଚର୍ଚ୍ଚା ପାଇଁ ସୁନ୍ଦରୀ ବିପୁଳ ଆୟୋଜନ କରିଥାଏ । ପ୍ରକାରକୁ ପ୍ରକାର ଖାଦ୍ୟ, ପ୍ରକାରକୁ ପ୍ରକାର ପାନୀୟ । ଶୋଇବା ପାଇଁ ଦନ୍ତୀ ଦନ୍ତ ପଲ୍ୟଙ୍କରେ ଦୁଗ୍ଧଫେନନିଭ ସୁକୋମଳ ଶଯ୍ୟା । ଉପାଧାନମାନଙ୍କରେ ସୁବାସ ପଦ୍ମର ସିଞ୍ଚା ହୋଇଥାଏ । ବ୍ୟଜନ କରିବା ପାଇଁ ପ୍ରତ୍ୟେକ ପଲ୍ୟଙ୍କ ନିକଟରେ ଦାସୀମାନେ ଠିଆ ହୋଇଥାନ୍ତି । କର୍ପୂର, ଚନ୍ଦନ ଓ କସ୍ତୁରୀର ଗୋଳା ପିଚକାରୀ ରୌପ୍ୟପାତ୍ରରେ ସଜଡ଼ା ହୋଇଥାଏ । ଇଚ୍ଛାଦେଲେ ଅତିଥି-ମାନେ ଦେହରେ ମର୍ଦ୍ଦି ହେବେ । ଏହିପରି ନାନା କଥା ।

ବର୍ତ୍ତମାନ ଆଉ ଗୋଟି ନୂଆ ଅତିଥି ଯୋଗଦେଇ ଥିବାରୁ ଆଉ ଗୋଟିଏ ପଲ୍ୟଙ୍କ ସଜାଡ଼ ହେଲା । ସମସ୍ତେ ଖାଦ୍ୟପେୟ କାର୍ଯ୍ୟ ବଢ଼ାଇ ନିଦ୍ରାଦେବୀଙ୍କ କୋମଳ ଅଙ୍କରେ ବିଶ୍ରାମ ନେଲେ ।

ପରଦିନ ପ୍ରଭାତରୁ ନିତ୍ୟ ନୈମିତ୍ତିକ କାର୍ଯ୍ୟ ସମାପନାନ୍ତେ ପୁନର୍ବାର ପରୀକ୍ଷା ଆରମ୍ଭ ହେଲା । ସ୍ୱପ୍ନକୁମାର ପଚାରିଲା—କୁହ, ବର୍ତ୍ତମାନ କ'ଣ ପରୀକ୍ଷା ଦିଆଯିବ ।

ସ୍ୱପ୍ନସୁନ୍ଦରୀ କହିଲା—ମୋର ଏହି ପାଗଳ ହାତୀଟିକୁ ଶାନ୍ତ କରାଇ ତା' ପୃଷ୍ଠରେ ଆରୋହଣ କର ।

କୁମାର କପଟ ଯୁବକର ପରାମର୍ଶ ଅନୁସାରେ ମଣିଟି ନେଇ ପାଗଳ ହାତୀ ଆଗରେ ଦେଖାଇଲା । ହାତୀ ଧୀରେ ଧୀରେ ଶାନ୍ତ ହୋଇ ଆସୁଥିବାରୁ ଆସି ଯିବାରୁ ତା' ପୃଷ୍ଠରେ ଆରୋହଣ କରିବାକୁ ବେଶି କିଛି ଅସାଧ୍ୟ ହେଲାନି ।

ପରେ ଦେଖାଗଲା ବାଧ୍ୟ ଭୃତ୍ୟଜନ ସଦୃଶ ହାତୀ କୁମାରକୁ ପୃଷ୍ଠରେ ବସାଇ ମହଲ ସାରା ବିଚରଣ କଲା ଏବଂ ଆଦେଶ ମାନି ବସିଲା, ଉଠିଲା, ଶୋଇଲା ଓହ୍ଲାଇଲା ଇତ୍ୟାଦି ।

ସ୍ୱପ୍ନସୁନ୍ଦରୀ କହିଲା—ହୋଇଛି ।

ଏହାପରେ କୁମାର ପଚାରିଲା—ଆଉ କ'ଣ ଅଛି କୁହ ।

Digitized by PPRACHIN, SOA

ସୁନ୍ଦରୀ କହିଲା—ଏହି ତତଲା ମରୁ ପ୍ରାନ୍ତର ଆର ପାଖରେ ଥିବା ଗୁର କୁଣ୍ଢେଇଟି ଆଣି ମୋ' ହାତକୁ ଦେଇ ପାରିଲେ ପରୀକ୍ଷା ଶେଷ ହେବ ।

କୁମାର ସଙ୍ଗେ ସଙ୍ଗେ ହଂସ ଯୁବକର ପରାମର୍ଶ ଅନୁସାରେ ମହମ କୁଣ୍ଢେଇ ଆଖିରେ ମୁନ୍ଦ୍ରକାରେ ଲଗାଇ ଦେଲା । ତତଲା ମରୁ ବାଲି ପ୍ରାନ୍ତରର ଏ ପାଖରେ ବସି ତାକୁ କହିଲା—

ଯେବେ ହୋଇଥିବୁ ମନ୍ତ୍ରର କୁଣ୍ଢେଇ
ନାଶ କରିବୁ ମୋ ଦୁଃଖ
ତୋ ଡାକରେ ଆସି — ହୀରା କୁଣ୍ଢେଇଟି
ଉକୁଟାଇବ ମୋ ସୁଖ ॥

—ঃ✳ঃ—

ମହମ କୁଣ୍ଢେଇ ହସି ହସି ବେଦମ ହୋଇଗଲା ଏବଂ କହିଲା—ମନଟାକୁ ଦମ୍ଭକର ରଜାପୁଅ । ମୁଁ ଡାକିଲା ମାତ୍ରେ ହୀରା କୁଣ୍ଢେଇ ତରଂମାର ପାଖକୁ ପଳାଇ ଆସିବ । ତୁ ଟିକଏ ଥୟ ଧର ଦେଖୁଥା—ଏହା କହି ଡାକିଲା ସେ—

'ହୀରା-କୁଣ୍ଢେଇଲୋ ହୀରା କୁଣ୍ଢେଇ
କାଳେ କାଳେ ମୋ'ର ଅଛୁ ତୁ ସଙ୍ଗୀ
ମୋ ଡାକ ଶୁଣି ତୁ ଚାଲି ଆସିବୁ
ରଜାପୁଅ କୋଳେ ହସି ବସିବୁ ତୁ
ବାଘଘର ଡାଲି ଭାତ
ଖାଇ ଖାଇ ପେଟ ମନ ଯିବ ପୂରି
ଚାଟୁଥିବୁ ଖାଲିହାତ ।

—ঃ✳ঃ—

ସୁ ସୁ ହୋଇ ହୀରା କୁଣ୍ଢେଇ ଉଡ଼ିଆସି ପହଞ୍ଚିଲା ସ୍ୱପ୍ନକୁମାର ପାଖରେ । କହିଲା—ଚାଲ ରଜାପୁଅ ଚାଲ, ବାଘ ହେବାପାଇଁ ବାଟ ଫିଟିଗଲା ।

Digitized by PPRACHIN, SOA

କପଟି ଯୁବକ କହିଲା—ହରି ବୋଲ ଭାଇ
ଗୋବିନ୍ଦ ବୋଲ
ଭାସିଲା ପଟି
ବୁଡ଼ିଲା ଖୋଲ ।
ଆସିଲା ଚଇତ ବାଆ
କୁଆ କରେ କାଆ କାଆ
କୋଇଲି ପିଇଲା ମହୁ
ଏବେ ବାହାଘର ହଉ

—ଃ*ଃ—

ସ୍ୱପ୍ନକୁମାର ହସ ହସ ମୁଖରେ ପହଞ୍ଚିଲା ସ୍ୱପ୍ନସୁନ୍ଦରୀ ପାଖରେ ।

କହିଲା—ହୀରାକୁଣ୍ଡେଇଟି ନେବ
ହୀରାମାଳା ଗଳେ ଦେବ
ତୁମେ ହୋଇବ ମୋ ପତି
ମୁଁ ହୋଇବି ପ୍ରିୟବତୀ ।
କୁମାର କହିଲା—ଜୀବନର ମାୟା ତେଜି
ତୁମର ପୀରତି ହେଜି
ଆସିଥିଲି ଏତେ ପଥ
ପୂର୍ଣ୍ଣହେଲା ମନୋରଥ ।
କପଟି ଯୁବକ କହିଲା—ମୁଁ-କରୁଅଛି ଆଶୀର୍ବାଦ
ମେଣ୍ଟୁ ତୁମ ମନୋରଥ ।

—ଃ*ଃ—

ଏମିତି ଏମିତି ନାନାଖେଳ କୌତୁକ ଓ ଠାଟ୍ଟା ଥାପରା ମଧ୍ୟ-
ଦେଇ ବରଣମାଳା କାର୍ଯ୍ୟ ସରିଗଲା । ସ୍ୱପ୍ନସୁନ୍ଦରୀ ହୀରା ମାଳାଟିଏ

Digitized by PPRACHIN, SOA

ସ୍ୱପ୍ନକୁମାର ଗଳାରେ ଦେଇ ପଦଧୂଳି ଗ୍ରହଣ କରୁ କରୁ ସେ ତାକୁ ଟେକି ଉଠାଇ ବନ୍ଧନ କଲା ନିବିଡ଼ ବାହୁ ପାଶରେ ।

ସୁନ୍ଦରୀ ତା' ସୁକୋମଳ ତନୁ ଲତାଟିର ଭାର କୁମାର ଉପରେ ଅଜାଡ଼ି ଦେଇ କହିଲା—ତୁମେ ମୋ ଜୀବନର ଦେବତା ।

କୁମାର ତା' ଚିବୁକଟି ହାତରେ ହଲାଇ ଦେଇ କହିଲା— ତୁମେ ପରି ମୋ ଆଶା କାନନର ନନ୍ଦନ ପାରିଜାତ ।

ସଖୀମାନେ ହୁଳହୁଳି ଦେଇ ଅର୍ଘ୍ୟଥାଳୀ ନେଇ ପହଞ୍ଚିଗଲେ । ନବ ଦମ୍ପତିଙ୍କୁ ବନ୍ଦାପନା କରି ନେଇ ଗଲେ କେଳି ମନ୍ଦିରକୁ ।

ଅଳ୍ପ ଲୋକଙ୍କ ପାଇଁ ଶ୍ରେଷ୍ଠକାଠର ଗୋଟିଏ ଭୋଜି ହେଲା । ସମସ୍ତେ ଶାନ୍ତିରେ ଖିଆ ପିଆ କରି ସେ ରାତିଟି ସେଠାରେ କଟାଇଲେ । ପରଦିନ ପ୍ରତ୍ୟୁଷରୁ ହାତୀ, ଘୋଡ଼ା, ଯାନ, ବାହନ ଧନଦ୍ରବ୍ୟ ନେଇ ବାହାରିଲେ କଳାହାଣ୍ଡି ଯିବାକୁ ।

ଥୋବଡ଼ା ଯକ୍ଷ ନିଜର ପରିଚୟ ଦେଇ ଖୁସି ମନରେ ବିଦାୟ ସମ୍ବର୍ଦ୍ଧନା ଜଣାଇଲା ।

ସ୍ୱପ୍ନପୁରୀ ରହିଲା ଥୋବଡ଼ା ଯକ୍ଷ ଦଖଲରେ । ଯିବା ବାଟରେ ଅରୁଣାକୁ ସଙ୍ଗରେ ନେଇ ଚନ୍ଦ୍ରକାନ୍ତ ବି ରହିଲା । ତା' ଗୁପ୍ତଧନ ଭଣ୍ଡାର ଗୁଡ଼ିଗଲେ ପରେ ନେବାପାଇଁ ।

ଶୁଭଯୋଗ ଓ ଶୁଭବେଳରେ ଯୋଡ଼ିକ ଯୋଡ଼ି ପୁଅବୋହୂ ଯେତେବେଳେ ଧନ ଦୌଲତ ଓ ଯାନବାହନ ନେଇ କଳାହାଣ୍ଡିରେ ପହଞ୍ଚିଗଲେ, ସେତେବେଳେ ରଜା, ମନ୍ତ୍ରୀ, ରାଣୀ ଓ ମନ୍ତ୍ରିଆଣୀଙ୍କ ଆନନ୍ଦ-ପର୍ବତରେ ପକ୍ଷୀ କଅଁଳିଗଲା । ସେ ଖାଲି ଉଡ଼ିଲେ କି ପଡ଼ିଲେ ।

ପ୍ରଜା ପାଠକ ଓ ଦାସ ଦାସୀମାନେ ଦାବି କଲେ ଭୋଜିଭାତ ଖାଇବାକୁ । ସେମାନଙ୍କ କଥା ରହିଲା । ସମସ୍ତେ ଭୋଜିଖାଇ ଜୟ ଜୟକାର କଲେ । ମୋ କଥାଟି ସରିଗଲା ।

Digitized by PPRACHIN, SOA

ଓଡ଼ିଶା ଦେଶର କାହାଣୀ ଏହିଲେ ଓଡ଼ିଆ ଜାତିର ଝାଣ
ଯେ ଓଡ଼ିଆ ପୁଏ ଦେଶ ଦଶ ପାଇଁ ତୁଚ୍ଛ କରିଥିଲେ ପ୍ରାଣ ।
ଯେଉଁ ଓଡ଼ିଶାର ଜୟ ବୈଜୟନ୍ତୀ ଗଙ୍ଗାଠାରୁ ଗୋଦାବରୀ
ବିରାଟ ଭୂଖଣ୍ଡେ ଉଡୁଥିଲା ଦିନେ ବଇରିଙ୍କ ଦର୍ପ ହରି ।
ସେହି ଓଡ଼ିଶାର ପବିତ୍ର କୀରତି ଶୁଣାଇଲି ଆଜି ତୋତେ
ଚଡ଼ା ଉତ୍ତରରେ ଶୁଣାଇବାକୁ ଗପ ଆରଖଣ୍ଡେ ପୁଣି ମୋତେ ।

ଏଇଠି ଥାଉଲେ—ଏଇଠି ଥାଉ
ରଙ୍ଗୀ କରିଥିଲା କୋଳଥ ଯାଉ ।
ବନ୍ଧୁ ଦେଲ ନେଇ ହରି କଂସାରେ
ଉଡ଼ିଗଲା ତେଣେ ରମ୍ଭା ହଂସାରେ
ଧଡ଼ିଆ କହୁଛି ଗଡ଼ିଆ କଥା
ବାଇଆଣୀ ତେଣେ ପିଟିଲା ମଥା

ମୟୂର ମୟୂରୀଙ୍କର
ପ୍ରଥମ ଭାଗର କାହାଣୀ ସରିଲା
ପୂରିପୂରି ରବିବାର ।
ସୋମରେ ଦ୍ୱିତୀୟ ଭାଗ ରଚନା
ଶ୍ରୋତା ବର୍ଗ ନ କରନ୍ତୁ ଶୋଚନା
ଏ ଖଣ୍ଡିକ ସାରି ସେ ଖଣ୍ଡିକ ଧର
ଚିତ୍ତ ମନ ଶ୍ରମ ବିଷାଦ ହର—ଏ
କାହାଣୀ ରସରସିଆ
ଯେତେ ପଢୁଥିଲେ ମନ ନ ଛୁଡ଼ିବ
ରସରେ ମଧୁମାସିଆ ।

—ସ ମା ପ୍ତ—

ମୁଦ୍ରାକର—ଶ୍ରୀ ନାରାୟଣ ବେହେରା, "ଚଣ୍ଡୀମାତା ପ୍ରିଣ୍ଟର୍ସ"
ଅଲିଶା ବଜାର, କଟକ-୭୫୩୦୦୨

Digitized by PPRACHIN, SOA

ସୁଧୀବର୍ଗଙ୍କୁ ପଦେ

ନାରଦ ପଞ୍ଚରାତ୍ର ହିନ୍ଦୁମାନଙ୍କର ଗୋଟିଏ ଅମୂଲ୍ୟ ରତ୍ନ ଅଟେ । ବିଶେଷତଃ ଏହା ବୈଷ୍ଣବମାନଙ୍କର ପ୍ରଧାନ ଧର୍ମଗ୍ରନ୍ଥ । ଏଥିରେ ଶ୍ରୀ ଶ୍ରୀ ମହାଦେବ, ଭକ୍ତଶ୍ରେଷ୍ଠ ଦେବର୍ଷି ନାରଦଙ୍କୁ ପଞ୍ଚରାତ୍ରରେ ପରମତତ୍ତ୍ୱ ଜ୍ଞାନ ଓ ପୂଜାବିଧି ଭକ୍ତିରସ ଶ୍ରବଣ କରାଇଅଛନ୍ତି । ଏଥିରେ ଶ୍ରୀକୃଷ୍ଣଙ୍କର ଆରାଧନା, ପୂଜାବିଧି, କବଚ, ସ୍ତୋତ୍ର, ଅଷ୍ଟୋତ୍ତର ଶତନାମ ଓ ସହସ୍ର ନାମ ବର୍ଣ୍ଣିତ ଅଛି । ଆହୁରି ମଧ୍ୟ ଗୋପାଳ ସ୍ତୋତ୍ର, ଗୋପାଳ ସହସ୍ର ନାମ, ରାଧିକାଙ୍କର ସହସ୍ର ନାମ, ତହିଁର ଫଳଶ୍ରୁତି, ତାହାଙ୍କର ସର୍ବରକ୍ଷାକର କବଚ ଓ କୃଷ୍ଣଙ୍କର ମନ୍ତ୍ରାଦି ରହସ୍ୟ ବର୍ଣ୍ଣନ, ଯୋଗ, ମହାନ୍ୟାସ, ନ୍ୟାସକ୍ରିୟା, ଧ୍ୟାନ, ଧାରଣାଦି, ହୋମବିଧି, ପ୍ରକାରାନ୍ତରେ ଯୋଗ ଇତ୍ୟାଦି ବିଶଦରୂପେ କଥିତ ହୋଇଅଛି । ଅତଏବ ଏ ଗ୍ରନ୍ଥ ବୈଷ୍ଣବମାନଙ୍କର ଅବଶ୍ୟ ପାଠ୍ୟ । ଏହା ଉତ୍କଳ ଭାଷାରେ ଅବଧି ପ୍ରକାଶିତ ହୋଇ ନଥିବାରୁ ଆମ୍ଭେ ଶ୍ରୀ କାର୍ତ୍ତିକଚନ୍ଦ୍ର ଦେବ ଶର୍ମା ରାୟଚୌଧୁରୀ ବହୁ ଯତ୍ନରେ, ସଂସ୍କୃତ ଭାଷାନଭିଜ୍ଞ ବ୍ୟକ୍ତିମାନଙ୍କର ବୋଧଗମ୍ୟ ହେବାଲାଗି, ସରଳ ଉତ୍କଳ ଭାଷାରେ ଚତୁର୍ଦ୍ଦଶାକ୍ଷରୀ ଛନ୍ଦରେ ଅନୁବାଦ କରି ପ୍ରକାଶ କଲୁଁ । ଏହାଦ୍ୱାରା ଯେବେ ଅଣୁମାତ୍ର 'ହରିଭକ୍ତି' ସର୍ବସାଧାରଣଙ୍କ ମନରେ ଜାତ ହୁଏ, ତାହାହେଲେ ଆମ୍ଭର ପରିଶ୍ରମ ସାର୍ଥକ ବୋଧ କରିବୁଁ ।

ନାରଦ ପଞ୍ଚରାତ୍ର ବୈଷ୍ଣବଗଣଙ୍କର ଏକ ପ୍ରାମାଣିକ ଗ୍ରନ୍ଥ । ଏହାର ବିଧି ବିଧାନ ଦ୍ୱାରା ବୈଷ୍ଣବମାନଙ୍କର ସେବାପୂଜା ଆରାଧନା ନିୟନ୍ତ୍ରିତ । ଏହାର ଉପାଦେୟତା ଉପଲବ୍ଧି କରି ଓଡ଼ିଆ ବୈଷ୍ଣବଗଣଙ୍କର ଅଭାବ ପୂରଣ ନିମିତ୍ତ ଲେଖକ ସଂସ୍କୃତରୁ ଏହାର ଉତ୍କଳ ଅନୁବାଦ ସନ ୧୯୦୯ରେ କରିଥିଲେ ମଧ୍ୟ ସନ ୧୯୧୦ ମସିହାରୁ ଏହା ବଜାରରେ ଦୁଷ୍ପ୍ରାପ୍ୟ । ବୈଷ୍ଣବ ସୁଧୀବର୍ଗଙ୍କ ବାରମ୍ବାର ତାଗିଦା ଦ୍ୱାରା ଆମ୍ଭେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବାକୁ ବାଧ୍ୟ ହେଲୁ । ବୈଷ୍ଣବ ଭକ୍ତ ସୁଧୀବର୍ଗଙ୍କର ଅଭାବ ପୂରଣ ହେଲେ ଆମ୍ଭ ଶ୍ରମ ସାର୍ଥକ ହେବ । ଇତି ।

ରଘୁନାଥ କୀର୍ତ୍ତନ ପେଟି ଟ ୨୨୦.୦୦ ପାରାଶର ହୋରା ଟ ୧୫୦.୦୦
ରହସ୍ୟମୟ ଶ୍ରୀଜଗନ୍ନାଥ ଟ ୨୫.୦୦ ଓଡ଼ିଆ ସାହିତ୍ୟର ନିର୍ଗୁଣଧାରା ଟ ୬୫.୦୦ ।

ପ୍ରାପ୍ତିସ୍ଥାନ **ଧର୍ମଗ୍ରନ୍ଥ ଷ୍ଟୋର**

ଅଲିସା ବଜାର କଟକ- ୨

Digitized by PPRACHIN, SOA